ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ, ୨୦୧୯ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍‌ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଶିବରାତ୍ରୀ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | | ୧୪ |
| କାହାଣୀ ବିଭାଗ | | ୩୧ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୨ |
| ସେଦିନ ବି ଏମିତି ଏକ ବର୍ଷାରାତି ଥିଲା | ଅନସୂୟା ପଣ୍ଡା | ୪୦ |
| ମୃତ୍ୟୁଦୂତ | ସୁଷମା ପରିଜା | ୫୦ |
| ବୋଉ ଆସୁଛି | ଗଦାଧର ବଳ | ୫୮ |
| ବେପରୁଆ ମଣିଷ | ପ୍ରଦୀପ ବନ୍ଧ | ୬୨ |
| ଧରମଭାଇ | ନାରାୟଣ ଚନ୍ଦ୍ର ସେନାପତି | ୬୮ |
| ଉଜାଣି ମୁହଁରେ କବି ଚକ୍ରଧର | ତ୍ରିଲୋଚନ ଦାସ | ୭୪ |
| ଭିନ୍ନ ଏକ ପ୍ରାୟଶ୍ଚିତ | ଭାଗିରଥୀ ସେଠୀ | ୮୦ |
| ଭଙ୍ଗାନୀଡ଼ | ଦୀପକ ଷଡ଼ଙ୍ଗୀ | ୮୯ |
| ଫୋନ | ସ୍ନିଗ୍ଧା ଶୁଭ୍ରଜ୍ୟୋତି ରାଉତ | ୯୪ |
| ନିରୀହ ପ୍ରଜାପତି | ଲିନାରାଣୀ ଧଳ ମଙ୍ଗରାଜ | ୯୭ |
| ପୁଅ | ସୁଧାଂଶୁଶେଖର ଦ୍ୱିବେଦୀ | ୯୮ |

 Magazine Downloaded from www.aahwaan.com


| | | |
|---|---|---|
| ଦୁଇଟି ମିନିଗଳ୍ପ | ଆଶୁତୋଷ ବରାଳ | ୧୦୧ |
| ଭାଲେଣ୍ଟାଇନ୍ ଏକ ପ୍ରେମକଥା | ପ୍ରିୟଙ୍କା ସାହୁ | ୧୦୩ |
| ନାଲି ମିଠା | ରାମ ପ୍ରସାଦ ସିଂହ | ୧୦୭ |
| ସ୍ୱପ୍ନ ରହସ୍ୟ | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୦୮ |
| କବିତା ବିଭାଗ | | ୧୧୨ |
| ଭକତକୁ ଧରି ରଖେ | ବି. ନିରୁପମା | ୧୧୩ |
| ମୋ ନୀରବତା | ଶୁଭଲକ୍ଷ୍ମୀ ଦାସ | ୧୧୪ |
| ଆଉ ଡାକିବିନି ତତେ | ସନାତନ ସରକାର | ୧୧୬ |
| ମୁଁ | ତ୍ରିନାଥ ବେହେରା | ୧୧୭ |
| ଯନ୍ତ୍ରଣା | ସୁବ୍ରତ ଜେନା | ୧୧୮ |
| ଏକାଠି ରହିବା ଆସ | ଶିଶିର କୁମାର ପଣ୍ଡା | ୧୨୦ |
| କଳାପଟା | ସୌମ୍ୟରଞ୍ଜନ ପାଲ | ୧୨୧ |
| କେମିତି | ପ୍ରିୟବ୍ରତ କର | ୧୨୨ |
| କାକର କାଖରେ ମକର | ସନ୍ତୋଷ ପଟ୍ଟନାୟକ | ୧୨୩ |
| ଜୀବନ | ଭବାନୀ ଚରଣ ମିଶ୍ର | ୧୨୪ |
| ଆସିବକି ତୁମେ ସତରେ କୁହ | ଡମ୍ବୁରୁଧର ବାଗ୍ | ୧୨୫ |

 Magazine Downloaded from www.aahwaan.com


| | | |
|---|---|---|
| ଜୟ ଯୁବ ସଂଘ | ମହେଶ୍ୱର ସାହୁ | ୧୨୬ |
| ଛୋଟ ସେବାଟିଏ | ଅଙ୍କିତା ପାଢ଼ୀ | ୧୨୮ |
| ନବବର୍ଷ | ପ୍ରଦୀପ ବନ୍ଧ | ୧୩୦ |
| ମନର ଗହନ କଥା | ଆଶୁତୋଷ ମେହେର | ୧୩୨ |
| ଝାଳ | ହିତେଶ୍ ମହାପାତ୍ର | ୧୩୩ |
| ବର୍ଷା ଓ ବିରହ | ଅର୍ପିତା ରଣା | ୧୩୪ |
| ହେ ସମୟ | ଭଗବାନ ବେହେରା | ୧୩୫ |
| ତଥାପି | ଜୟଶ୍ରୀ ମହାରଣା | ୧୩୬ |
| ଫୁଲ୍ ଗଡ଼ବଡ଼ | କେ ନିର୍ମଳ | ୧୩୭ |
| ଲୋକଟା ଭଲ ନୁହେଁ | ନୂତନ କୁମାର ବେହେରା | ୧୩୯ |
| ସାଧାରଣତନ୍ତ୍ର ଦିବସରେ | ଅରୂପ କୁମାର ବିଶ୍ୱାଳ | ୧୪୧ |
| ସ୍ମୃତିର ଆଇନାରେ | କସ୍ତୁରୀ ଚରଣ ରାଉତ | ୧୪୨ |
| ନୂତନଭାରତର ସୂର୍ଯ୍ୟୋଦୟ | ମନୋରମା ହାତୀ | ୧୪୩ |
| ପରିବର୍ତ୍ତନଶୀଳ ଏ ସଭ୍ୟତା | ଶୁଭସ୍ମିତା ବେହେରା | ୧୪୫ |
| ଅମର ପ୍ରେମ | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୬ |
| ଅନ୍ତରୀକ୍ଷର କାହାଣୀ | ଲକ୍ଷ୍ମୀନାରାୟଣ ପଟ୍ଟନାୟକ | ୧୪୭ |

 Magazine Downloaded from www.aahwaan.com


| | | |
|---|---|---|
| କାଳେ ତମେ ଆସିଯିବ ବୋଲି | ରଜୀତ ଦାସ | ୧୪୮ |
| ଦୁନିଆ | ଜ୍ୟୋତିରଞ୍ଜନ ମହାରଣା | ୧୪୯ |
| ବାଦୁଆ ଶୀତ | ଶ୍ରୀମତି ଅହଲ୍ୟା ଖଟୁଆ | ୧୫୦ |
| ମନେ ପଡ଼େ | ଜ୍ଞାନରଞ୍ଜନ ମହାରଣା | ୧୫୧ |
| ରାଧା ଆସିଛି ନୀଳାଚଳ | ରାହାସ କୁମାର ବେହେରା | ୧୫୨ |
| ସଂପର୍କ | ସ୍ୱାବିତ କୁମାର ପାତ୍ର | ୧୫୫ |
| ମୋ ଗାଆଁ | ହରେରାମ ପଣ୍ଡା | ୧୫୬ |
| ଭକ୍ତର ଆବେଗ | ଅବିନାଶ ବେହେରା | ୧୫୭ |
| ମିଛ ଏ ଦୁନିଆ | ରଞ୍ଜନ କୁମାର | ୧୫୯ |
| ଶୁଭ ପରିଣୟ | ପ୍ରଶାନ୍ତ କୁମାର ପଧାନ | ୧୬୦ |
| ସ୍ମାର୍ଟ୍ ସିଟି ଝିଅ | ଅଭିଷେକ ପାଢ଼ୀ | ୧୬୧ |
| ପ୍ରତୀକ୍ଷା | ଦେବବ୍ରତ ଜେନା | ୧୬୨ |
| ଏ କି କଲ ତୁମେ | ଅଜୟ କୁମାର ବେହେରା | ୧୬୪ |
| ଜାନୁଆରୀ ଛବିଶ | ମନୋଜ ମହାନନ୍ଦ | ୧୬୫ |
| ସେଇ ଆମ ଜଙ୍ଗଲ | କ୍ଷମାନିଧି ସାହୁ | ୧୬୬ |
| ନିଦାଘେ ଚିଲିକା | ତପନ ଦୀକ୍ଷିତ (ବେଳାଭୂମି) | ୧୬୭ |

 Magazine Downloaded from www.aahwaan.com


| | | |
|---|---|---|
| ସ୍ୱପ୍ନର ମହଲ | ଚିନ୍ମୟ ଶୁଭ୍ରାଂଶୁ | ୧୬୮ |
| ମୁଁ ଜାଣିଥିଲି କି ? | ତୁଷାରକାନ୍ତ ପ୍ରସାଦ | ୧୬୯ |
| ବହି | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୭୦ |
| ଉଡ଼ିଯାଏ ମଣିଷର ମନ | ପୂଜାଶ୍ରୀ ପାତ୍ର | ୧୭୧ |
| ଆସିଲା ପରୀକ୍ଷା ମାସ | ପ୍ରଦ୍ୟୁତ କୁମାର ମହାକୁଡ଼ | ୧୭୨ |
| ଜୀବନ | ଚିତ୍ତରଞ୍ଜନ ସାହୁ | ୧୭୩ |
| ଘର | ରାଜେଶ ପୂଝାରୀ | ୧୭୪ |
| କଠୋର ସତ୍ୟ | ରୋଜା ପଣ୍ଡା | ୧୭୬ |
| ମୁକୁଳାଙ୍କୁର | ଡା ବିଶ୍ୱରଞ୍ଜନ କର | ୧୭୮ |
| ଧ୍ରୁବ ସତ୍ୟ | ବନଜ୍ୟୋତ୍ସ୍ନା ପଣ୍ଡା | ୧୮୦ |
| ଝିଅର ଦଇନି | ପ୍ରେମଶିଳା ରାଉତ | ୧୮୧ |
| ଚିଠି | କାର୍ତ୍ତିକ ପାଣିଗ୍ରାହୀ | ୧୮୩ |
| ସମ୍ପର୍କର ସନ୍ଧିପତ୍ର | ଅନୁସୂୟା ମିଶ୍ର | ୧୮୪ |
| ମମତାମୟୀ ମା ତାରିଣୀ | ଶିବାଶିଷ ନାଏକ | ୧୮୬ |
| ମରୀଚିକା | ନାରାୟଣ ଚନ୍ଦ୍ର ସେନାପତି | ୧୯୧ |
| ବସନ୍ତର ଆଗମନ | ସାଗର ପ୍ରଧାନ | ୧୯୩ |

 Magazine Downloaded from www.aahwaan.com


| | | |
|---|---|---|
| ଆହ୍ୱାନ | ରୋହିତ ମାଝୀ | ୧୯୪ |
| ସପନ ସୁନ୍ଦରୀ | ଧିରେନ୍ ବାଗ୍ | ୧୯୫ |
| ଏକ | ଯଶସ୍ୱିନୀ ସାହୁ | ୧୯୬ |
| ପ୍ରେମ ପତର | ବିଭୁତି ଭୂଷଣ ସାମଲ | ୧୯୭ |
| ଜାନୁଆରୀ ୨୩ର ଦୁଇ ଓଡ଼ିଆ ବୀର | ଶ୍ରୀ ରମା କାନ୍ତ ମିଶ୍ର | ୧୯୯ |
| ତୁମ ସାଥେ | ଜିତେନ୍ଦ୍ର କୁମାର କହଁର | ୨୦୨ |
| ଲୋହିତ ଜାହ୍ନବୀ | ଜ୍ୟୋତିରଞ୍ଜନ ସାହୁ | ୨୦୫ |
| ଏମିତି କାହିଁକି ହୁଏ | ଶୟନ ନାୟକ | ୨୦୭ |
| ବାସ୍ତବ ରଙ୍ଗମଞ୍ଚର ଏକ ଅଭିଶପ୍ତ ନାୟକ | ସୌମ୍ୟରଞ୍ଜନ ପାତ୍ର | ୨୦୮ |
| ଅମର ତୁମେ ଅଟଳ | ମନୋରଞ୍ଜନ ମୁଦୁଲି | ୨୧୦ |
| ଫେରିବକି ଆଉ ଫେରିବକି | ରବୀନ୍ଦ୍ରନାଥ ମହାରଣା | ୨୧୧ |
| ମେସେଜ୍ | ବେବିସ୍ମିତା କର | ୨୧୨ |
| ତୁମେ ଆଉ ମୁଁ | ଜୟନ୍ତ କୁମାର ସାହୁ | ୨୧୩ |
| ପରିବର୍ତ୍ତନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୧୪ |
| ରାଷ୍ଟ୍ରସେବକ | ଗୌରୀ ପଣ୍ଡା | ୨୧୫ |
| ବସନ୍ତ ପବନ | ରମେଶ ରୋହିଦାସ | ୨୧୬ |

 Magazine Downloaded from www.aahwaan.com


| | | |
|---|---|---|
| ଜାତିର ସଂକଳ୍ପ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୧୭ |
| ମୁଁ କବିତାର ନଈ | ଶ୍ରୀମତି ପୁଷ୍ପାଞ୍ଜଳୀ ପଟ୍ଟନାୟକ | ୨୨୦ |
| ପଙ୍କଜ | ପଙ୍କଜ କୁମାର ମାହାନା | ୨୨୧ |
| ଗୋଲାପ | ଆଲୋକ କୁମାର ରାୟ | ୨୨୩ |
| ଅବଳାର ଅନ୍ତରବ୍ୟଥା | ପ୍ରିୟଙ୍କା ସାହୁ | ୨୨୪ |
| ଝଙ୍କଡ଼ବାସିନୀ ବିଦ୍ୟାଦାୟିନୀ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୨୨୫ |
| ଅସ୍ପଷ୍ଟ ଜୀବନ | ଦିଲ୍ଲୀପ କୁମାର ସାମଲ | ୨୨୬ |
| ପ୍ରେମ | ଚନ୍ଦ୍ରଶେଖର ଗୋ | ୨୨୮ |
| ସପନ ନାୟିକା | ବସନ୍ତ କୁମାର ପ୍ରଧାନ | ୨୨୯ |
| ଧାମନିଧି ସ୍ତୁତି | ହୃଦୟାନନ୍ଦ ପଧାନ | ୨୩୧ |
| ଏମିତି ଏ ପ୍ରେମ | ସୁଧାଂଶୁ ଶେଖର ମଣ୍ଡଳ | ୨୩୨ |
| ଶ୍ୟାମସୁନ୍ଦର | ଶ୍ରୀରାଜଶେଖର ସି ଚିମା | ୨୩୩ |
| ତୋ ପ୍ରେମ | ଅନନ୍ୟା ଅନ୍ୟତମା ମହାନ୍ତି | ୨୩୪ |
| ବାହା ହୋଇଅଛି | ରମେଶ ଚନ୍ଦ୍ର ବେହେରା | ୨୩୫ |
| ମୁଁ ଓଡ଼ିଆ | ସୁଶାନ୍ତ କୁମାର ଧଳ | ୨୩୬ |
| ଅଗ୍ନିକନ୍ୟା | ଏମ୍ ବିଜୟ କୁମାର | ୨୩୭ |

 Magazine Downloaded from www.aahwaan.com


| | | |
|---|---|---|
| କରମର ଫଳ ପାଉଛି | ଶିଶିର କୁମାର ପଣ୍ଡା | ୨୩୯ |
| **ସମ୍ବଲପୁରୀ ବିଭାଗ** | | **୨୪୦** |
| କାଏଁଥିର୍ ଲାଗି | ପ୍ରସନ୍ନ ପ୍ରୟାସ ଭୁଏ | ୨୪୧ |
| ଅମୂଲ୍ୟ ଝି | କବି ପ୍ରସାଦ | ୨୪୩ |
| ବୈଶାଳୀ | ମନୋଜ ମହାନନ୍ଦ | ୨୪୫ |
| ଫଗୁନ୍ ଆର କେତେ ଦୂର | ଫିରୋଜ କୁମାର ପଟେଲ୍ | ୨୪୬ |
| ଟୀନ୍ ଟୀନ୍ ବଏସେ | ଏମ୍ ବିଜୟ କୁମାର | ୨୪୭ |
| ମନର ବଲ | ନାରେନ୍ ପଂଚଭାୟା | ୨୪୯ |
| ଝି | ନାରେନ୍ ପଂଚଭାୟା | ୨୫୦ |
| ବେଟି ପଢ଼ାଓ ବେଟି ବଚାଓ | ସୁବାଷ ଭୁଏ | ୨୫୧ |
| ଦଏବ ଦେଇଛେ ଯୁଖି | ଶଙ୍ଖସିନ୍ଧୁ ପୁରୋହିତ | ୨୫୩ |
| ମହେନ୍ଦ୍ର କେତେ କଥା କହେସି | ଯୋଗେଶ୍ୱର ସାହୁ | ୨୫୪ |
| ଝେର୍ ଭିଜା ଶୀତ୍ ଦିନରେତ୍ | ଚନ୍ଦ୍ରଶେଖର ଗୋ | ୨୫୫ |
| **ପ୍ରବନ୍ଧ ବିଭାଗ** | | **୨୫୬** |
| ସାବରୀମାଲା ପ୍ରସଙ୍ଗ ଓ ସହିଷ୍ଣୁ ହିନ୍ଦୁ ସଂସ୍କୃତି | ପ୍ରତିଭା ପ୍ରିୟଦର୍ଶିନୀ | ୨୫୭ |
| କୈବଲ୍ୟ | ପ୍ରମୋଦ କୁମାର ପଣ୍ଡା | ୨୬୨ |

 Magazine Downloaded from www.aahwaan.com


| | | |
|---|---|---|
| ନେତାଙ୍କର ନେତା ନେତାଜୀ | ନାରାୟଣ ଚନ୍ଦ୍ର ସେନାପତି | ୨୬୭ |
| ଅଧ୍ୟବସାୟୀ ଓ ଅଧ୍ୟବସାୟ | ସତ୍ୟପ୍ରକାଶ ସେଠୀ | ୨୭୧ |
| ମୋ ବିଲେଇ ମୋତେ ମ୍ୟାଉଁ | ସୁବଳ ମହାପାତ୍ର | ୨୭୯ |
| ରାଜ୍ୟ ବଜେଟ୍ ସମୀକ୍ଷା | ରତ୍ନେଶ୍ୱର ସାହୁ | ୨୮୩ |
| ବିଶେଷ ଅନୁରୋଧ | | ୨୮୮ |
| ବିଶେଷ ସୂଚନା | | ୨୮୯ |


**ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ, ପ୍ରକାଶନ ହେତୁ ଗ୍ରହଣ କରାଯିବ ନାହିଁ । ଧନ୍ୟବାଦ**

ଚଳିତ ସଂସ୍କରଣ ନିମନ୍ତେ ଶେଷ ତାରିଖ ପର୍ଯ୍ୟନ୍ତ ମିଳିଥିବା ସମସ୍ତ ଲେଖା ପତ୍ରିକାରେ ପ୍ରକାଶିତ କରାଯାଇଛି, ଯେଉଁମାନଙ୍କର ଲେଖା ପ୍ରକାଶିତ ହୋଇନାହିଁ, ସେମାନେ ପୁଣିଥରେ ପଠାଇ ପାରିବେ । ପ୍ରତ୍ୟେକ ମାସରେ ପ୍ରକାଶିତ ହୁଏ ଆହ୍ୱାନ ଇ-ପତ୍ରିକା, ତାହେଲେ ଆପଣ କେବେ ବି ବିଳମ୍ବ ହେବେ ନାହିଁ । ଚଳିତ ମାସରେ ନ ହେଲେ ଆପଣ ଆଗାମୀ ମାସରେ ପତ୍ରିକାରେ ସ୍ଥାନ ପାଇବେ ।

**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ମାର୍ଚ୍ଚ ମାସର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଫେବୃଆରୀ ମାସର ସଂସ୍କରଣ ଆପଣଙ୍କୁ ଉପହାର ଦେଉଥିବା ବେଳେ ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି । ଏହାର କାରଣ ହେଉଛି, ଆହ୍ୱାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ଫେବୃଆରୀ ମାସ, ୨୦୦୬ ମସିହାରେ ପ୍ରକାଶିତ ହୋଇଥିଲା । ସରସ୍ୱତୀ ପୂଜାରେ ଉନ୍ମୋଚିତ ଆହ୍ୱାନ ହୋଇଥିଲା ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା । ବର୍ତ୍ତମାନ ଆମେ ଏହି ଇ-ପତ୍ରିକାର ଚତୁର୍ଦ୍ଦଶ ବର୍ଷରେ ପଦାର୍ପଣ କରିଲୁ । ଏହା ସହ ସଂଶ୍ଳିଷ୍ଟ ସମସ୍ତ ଲେଖକ, ଲେଖିକା, ପାଠକ, ପାଠିକା ଏବଂ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ କୃତଜ୍ଞତା ଜ୍ଞାପନ କରୁଛି । ଭଗବାନଙ୍କ ନିକଟରେ ଆପଣ ସମସ୍ତଙ୍କ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନର କାମନା କରୁଛି । ଆପଣଙ୍କ ସହାୟତା ଏବଂ ଶୁଭେଚ୍ଛା ଏହି ପତ୍ରିକାର ପ୍ରକାଶନରେ ସର୍ବଦା ପ୍ରୋତ୍ସାହନ ଭଳି କାର୍ଯ୍ୟ କରିଛି ଏବଂ ଆଗାମୀ ଦିନରେ ମଧ୍ୟ କରୁଥିବ ବୋଲି ଆଶାବାନ ଅଛି ।



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

'ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା'ର ମନ୍ତ୍ରରେ ଦୀକ୍ଷିତ ଆହ୍ୱାନ ଇ-ପତ୍ରିକା ସମସ୍ତ ଓଡ଼ିଆବାସୀଙ୍କ ପାଇଁ ପ୍ରେରଣାର ଉତ୍ସ

 Magazine Downloaded from www.aahwaan.com

ହେଉ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ହେତୁ ସମସ୍ତେ ପ୍ରଯତ୍ନଶୀଳ ହୁଅନ୍ତୁ । ଆମ ଭାଷାର ବୈଭବ ଅତ୍ୟନ୍ତ ପ୍ରାଚୀନ ତଥା ସମୃଦ୍ଧ, ଅନ୍ୟ କୌଣସି ଭାଷାର ପ୍ରଭାବରେ ଆମ ଭାଷା ମଳିନ ପଡ଼ିଯାଇ ନ ପାରେ । ଯେଉଁ ଭାଷାକୁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କବି ଚନ୍ଦ୍ର କାଳିଚରଣ, କଥାକାର ଫକିର ମୋହନ ସେନାପତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରକୃତିକବି ଗଙ୍ଗାଧର ମେହେର ଇତ୍ୟାଦି ସମୃଦ୍ଧ କରିଯାଇଛନ୍ତି ସେହି ଭାଷା ସର୍ବାଦୌ ପ୍ରଶଂସନୀୟ ଏବଂ ସମ୍ମାନୀୟ । ଆସନ୍ତୁ ଆମେ ସମସ୍ତେ ଆମ ମାତୃଭାଷାର ସମ୍ମାନ ପାଇଁ ଯତ୍ନବାନ ହେବା । ଆଜି ମାତୃଭାଷା ଦିବସରେ ଆମେ ସମସ୍ତେ ଶପଥ ନେବା ଆମେ ଆମ ମାତୃଭାଷାକୁ ସର୍ବଦା ସ୍ନେହ ଓ ସମ୍ମାନ ଦେବା ।

ଆହ୍ୱାନ ଇ-ପତ୍ରିକାର ପ୍ରକାଶନ ହେବାପରେ ଅନେକ ନବୀନ ଏବଂ ପ୍ରବୀଣ କବି ତଥା ଲେଖକ ନିଜର ଲେଖନୀଦ୍ୱାରା ଏହି ପତ୍ରିକାକୁ ପ୍ରତ୍ୟକ୍ଷଭାବେ ଏବଂ ଆମ ଭାଷା ସାହିତ୍ୟକୁ ପରୋକ୍ଷଭାବେ ସମୃଦ୍ଧ କରିଛନ୍ତି । ପ୍ରତ୍ୟେକ ମାସରେ ଅନେକ କବି ଓ ଲେଖକ ଏହି ପତ୍ରିକାରେ ନିଜର ସୃଜନୀକୁ ପ୍ରକାଶନ ହେତୁ ଉପସ୍ଥାପନ କରୁଛନ୍ତି । ଆମେ ପ୍ରାୟତଃ ସମସ୍ତ ଲେଖକ ଓ ସାହିତ୍ୟିକଙ୍କୁ ସମ୍ମାନ ଦେଇ ସେମାନଙ୍କ ଲେଖା ପ୍ରକାଶ କରୁଛୁ । କାରଣ ଏହାଦ୍ୱାରା ସେମାନେ ଉତ୍ସାହିତ ହୋଇ ଅଧିକରୁ ଅଧିକ ଲେଖାଲେଖି କରିବେ ଏବଂ ଭବିଷ୍ୟତରେ ଆମ ସାହିତ୍ୟ ହିଁ ସମୃଦ୍ଧ ହେବ । ପ୍ରତ୍ୟେକ ପ୍ରତିଷ୍ଠିତ ଏବଂ ବ୍ୟବସାୟିକ ପତ୍ରପତ୍ରିକା କେବଳ ପ୍ରବୀଣ ଲେଖକ ମାନଙ୍କ ଲେଖା ହିଁ ପ୍ରକାଶ କରିବାକୁ ଇଚ୍ଛା ପ୍ରକଟ କରନ୍ତି । ନୂତନ ଲେଖକ ମାନଙ୍କ ଲେଖାକୁ ଅନେକ ପତ୍ରପତ୍ରିକା ଗ୍ରହଣ କରନ୍ତି ନାହିଁ, ଏହା ଫଳରେ ନୂତନ ଭାବେ ଓଡ଼ିଆରେ ଲେଖାଲେଖି କରୁଥିବା ଅନେକ ବ୍ୟକ୍ତିବିଶେଷ ହତୋତ୍ସାହିତ ହୋଇଯାଆନ୍ତି, ଏବଂ ଅନେକ ଲେଖନୀ ଲେଖିବା ପୂର୍ବରୁ ମୌନ ହୋଇଯାଏ ।

 Magazine Downloaded from www.aahwaan.com

ଆମେ ଚାହୁଁଛୁ ଅଧିକରୁ ଅଧିକ ବ୍ୟକ୍ତି ଓଡ଼ିଆରେ ଲେଖାଲେଖି କରନ୍ତୁ ଏବଂ ଆମ ଭାଷା ଅଧିକରୁ ଅଧିକ ଆଦୃତ ହେଉ ।

ଏହି ସଂସ୍କରଣ ସହ ଆହ୍ୱାନ ଇ-ପତ୍ରିକା ଚତୁର୍ଦ୍ଦଶ ବର୍ଷରେ ପ୍ରବେଶ କରିଲା । ଆଶା କରୁଛି ଏହାର ସଂସ୍କରଣ ବର୍ଷପରେ ବର୍ଷ ଏମିତି ହେଉଥାଉ । ସମସ୍ତଙ୍କୁ ଧନ୍ୟବାଦ । ଚଳିତ ସଂସ୍କରଣରେ ପ୍ରକାଶିତ ଆଲେଖ୍ୟ ସବୁକୁ ପଢ଼ିବା ପୂର୍ବରୁ ଆସନ୍ତୁ ଦୃଷ୍ଟି ପକାଇବା ବିଗତ ମାସରେ ଘଟିଥିବା କିଛି ପ୍ରମୁଖ ଘଟଣାବଳୀ ଉପରେ ।

## ୧. ମମତା ଦିଦିଙ୍କ ଦାଦାଗିରି

ଚଳିତ ମାସରେ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦଗାର୍ କରି ଏକ ଧାରଣା ଦେଇ ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲେ । ସୂଚନାଯୋଗ୍ୟ ଯେ ଅନେକ ବର୍ଷ ପୂର୍ବେ ହୋଇଥିବା ଶାରଦା ଚିଟଫଣ୍ଡ କେଲେଙ୍କାରୀ ଏବଂ ରୋଜଭ୍ୟାଲି କାଣ୍ଡର ତଦନ୍ତ ଭାର ସିବିଆଇ ଉପରେ ନ୍ୟସ୍ତ ଥିଲା, ଏବଂ ଏହାର ତଦନ୍ତ ଭାର ସୁପ୍ରିମକୋର୍ଟ୍ ନିର୍ଦ୍ଦେଶରେ ହେଉଥିଲା, କିନ୍ତୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଗୋଷ୍ଠୀ (ଏସ୍ଆଇଟି) ସୃଷ୍ଟି କରିଥିଲେ ଏବଂ ପୋଲିସ କମିସନର ରାଜୀବ୍ କୁମାର ଏହାର ମୁଖ୍ୟ ଭାବରେ ନିଯୁକ୍ତି ପାଇଥିଲେ ।

ରାଜୀବ କୁମାର ସଂଗ୍ରହ କରିଥିବା ସମସ୍ତ ସାକ୍ଷ୍ୟପ୍ରମାଣକୁ ସିବିଆଇକୁ ପ୍ରଦାନ କରିବାପାଇଁ ତାଙ୍କୁ କୁହାଯାଇଥିଲା, କିନ୍ତୁ ସେ ସେପରି କରିନଥିଲେ ଏବଂ ସେସବୁକୁ ସେ ନଷ୍ଟ କରିଦେଇଥିଲେ । ଏଥିପାଇଁ ତାଙ୍କୁ ସିବିଆଇ ତରଫରୁ ଦୁଇଥର ସମନ କରାଯିବା ପରେ ବିଗତ ସପ୍ତାହରେ ରବିବାର ସନ୍ଧ୍ୟାରେ ତାଙ୍କ ବାସଗୃହ ପାଖରେ ସିବିଆଇ ଅଧିକାରୀ ପ୍ରଶ୍ନୋତ୍ତର ପାଇଁ ପହଞ୍ଚିବାପରେ ପଶ୍ଚିମ ବଙ୍ଗ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ୍

 Magazine Downloaded from www.aahwaan.com

ସିବିଆଇ ଦଳର ସଦସ୍ୟାଙ୍କୁ ଗିରଫ କରିଥିଲେ ଏବଂ ରାଜୀବ କୁମାର ସମର୍ଥନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜୀବ କୁମାରଙ୍କ ଘର ସାମନାରେ ଧାରଣାରେ ବସିଥିଲେ । କେନ୍ଦ୍ର ସରକାର ଜାଣିଶୁଣି ଏପରି କରୁଛନ୍ତି ଏବଂ ଏହି ସବୁ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ତାଙ୍କର ମନ୍ତ୍ରୀମଣ୍ଡଳଙ୍କ ଆଦେଶରେ ହେଉଛି ବୋଲି କହି ସେ କହିଥିଲେ ଯେ ମୋଦୀ ସରକାର ଲୋକତନ୍ତ୍ରକୁ ହତ୍ୟା କରୁଛି । ଏହାପରେ ମମତା ବାନାର୍ଜୀଙ୍କ ସପକ୍ଷରେ ତେଲୁଗୁଦେଶମ୍ ପାର୍ଟି ପ୍ରମୁଖ ଏନ୍ ଚନ୍ଦ୍ରବାବୁ ନାଇଡୁ, ଲାଲୁ ଯାଦବ, ଅଖିଳେଶ ଯାଦବ ଆଦି ନେତାମାନେ ଆଗକୁ ଆସିଥିଲେ । ଏହାପରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଅନେକେ ଏହାକୁ ମମତାଙ୍କ ଶକ୍ତିପ୍ରଦର୍ଶନ ବୋଲି କହିଥିଲେ । ୨୦୧୯ ସାଧାରଣ ନିର୍ବାଚନ ପୁର୍ବରୁ ନିଜକୁ ପ୍ରଧାନମନ୍ତ୍ରୀ ପଦବୀର ଦୃଢ଼ ଦାବିଦାର ଭାବରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ସେ ଏଭଳି କରିଥିବା ବୁଦ୍ଧିଜୀବି ମତ ଦେଇଥିଲେ । ପରେ ସୁପ୍ରିମ କୋର୍ଟ୍ ସମୁଦାୟ ଘଟଣାର ସଂଜ୍ଞାନ ନେଇ ରାଜୀବ କୁମାରଙ୍କୁ ସିବିଆଇ ପାଖରେ ହାଜର ହୋଇ ତଦନ୍ତରେ ସହାୟତା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ସମୁଦାୟ ଘଟଣାକ୍ରମରେ ଦୃଷ୍ଟିଦେବାପରେ ମମତା ବାନାର୍ଜୀ କାହିଁକି ଧାରଣା ଦେଲେ ତାହା ସ୍ପଷ୍ଟ ନ ହେଉଥିବା ବେଳେ ଜଣେ ପୋଲିସ୍ ଅଧିକାରୀଙ୍କ ସମର୍ଥନରେ ସେ ଧାରଣା ଦେବା ଅନେକାଂଶରେ ନିଜର କୌଣସି ଦୁର୍ବଳତାକୁ ଲୁଚାଇବା ଭଳି ମନେ ହେଉଥିଲା । ସେ କେଉଁଥି ପାଇଁ ଏତେ ଭୟଭୀତ ହୋଇଥିଲେ ଯେ ଜଣେ ପୋଲିସ କର୍ମଚାରୀଙ୍କ ପାଇଁ ନିଜେ ଧାରଣା ଦେବାକୁ ଆଗେଇ ଆସିଲେ ? ବିଭିନ୍ନ ରାଜନୈତିକ ଦଳ ଏହାର ଭିନ୍ନ ଭିନ୍ନ ମତ ଦେଇଛନ୍ତି ।

ଶେଷ ସୂଚନା ମୁତାବକ ରାଜୀବ କୁମାର ମେଘାଳୟର ସିଲିଂ ସ୍ଥିତ ସିବିଆଇର

 Magazine Downloaded from www.aahwaan.com

କେନ୍ଦ୍ରରେ ବିଗତ ଦୁଇଦିନ ହେବା ଜେରାର ସମ୍ମୁଖୀନ ହେଉଛନ୍ତି ଏବଂ ମମତା ବାନର୍ଜୀଙ୍କ ଧାରଣାରେ ସହଯୋଗ କରିଥିବା ପାଞ୍ଚଜଣ ପୋଲିସ ଅଧିକାରୀଙ୍କ ବିରୋଧରେ କେନ୍ଦ୍ର ସରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଚିନ୍ତା କରୁଛନ୍ତି ।

## ୨. ରାଫେଲ୍ ପାଇଁ ରାହୁଲ ନିନ୍ଦିତ

ରାଫେଲ୍ ବିମାନ କିଣା ଦୁର୍ନୀତି ହୋଇଛି ବୋଲି ବାରମ୍ବାର ଗଣମାଧ୍ୟମରେ ଭାଷଣ ଦେଇ ରାହୁଲ ଗାନ୍ଧୀ ଅନେକାଂଶରେ ନିନ୍ଦିତ ହୋଇଛନ୍ତି ଏବଂ ପରୋକ୍ଷରେ ଉପହାର ପାତ୍ର ହେଉଥିବା ସତ୍ତ୍ୱେ ସେ ରାଫେଲ୍ ମନ୍ତ୍ର ଛାଡ଼ିବାକୁ ନାରାଜ । ଦୁଇଦିନ ତଳେ ପ୍ରତିଷ୍ଠିତ ସମ୍ବାଦପତ୍ର ହିନ୍ଦୁରେ ପ୍ରକାଶିତ ଏକ ଖବରର ଦୃଷ୍ଟାନ୍ତ ଦେଇ ସେ କହିଥିଲେ ଯେ ରାଫେଲ କିଣାରେ ଦୁର୍ନୀତି ହୋଇଛି ଏବଂ ଚୌକିଦାର ଚୋର ଅଟେ ।

ଏହି ଖବର ପ୍ରକାଶ ହେବାର ମାତ୍ର କେଇ କ୍ଷଣପରେ ଖବର ସରବରାହ ସଂସ୍ଥା ଏଏନ୍ଆଇ ଏହାକୁ ଖଣ୍ଡନ କରି ପ୍ରମାଣ କରିଥିଲେ ଯେ ହିନ୍ଦୁ ଖବର କାଗଜରେ ପ୍ରକାଶିତ ସମ୍ବାଦ ଏବଂ ଛବି ଅସଂପୂର୍ଣ୍ଣ ଏବଂ ଏହାର ରାଫେଲ୍ କିଣା ସହିତ କୌଣସି ସମ୍ପର୍କ ନାହିଁ । ଯେଉଁ ଅଧିକାରୀ ଏହି ପତ୍ର ଲେଖିଥିଲେ ସେ ରାଫେଲ୍ କିଣାପାଇଁ ସଂଗଠିତ ଗୋଷ୍ଠୀର ସଦସ୍ୟ ନଥିଲେ ଏବଂ ସେ କରିଥିବା ଅଭିଯୋଗର ଉତ୍ତର ତତ୍କାଳୀନ ରକ୍ଷାମନ୍ତ୍ରୀ ମନୋହର ପାରିକର ସେଇ ଚିଠିର ତଳେ ଦେଇଥିଲେ ଯାହାକୁ ଖବରକାଗଜରେ ଛପା ଯାଇନଥିଲା ।

ଏହା ସମ୍ପୂର୍ଣ୍ଣଭାବେ ଏକ ଷଡ଼ଯନ୍ତ୍ର ବୋଲି ବିଜେପି ତରଫରୁ କୁହାଯାଇଥିଲା ଏବଂ ରାହୁଲ ଗାନ୍ଧୀ ମିଥ୍ୟା କହିଥିବା ହେତୁ ସେ କ୍ଷମା ମାଗନ୍ତୁ ବୋଲି ଦାବୀ କରାଯାଇଥିଲା ।

## ୩. ମମତାଙ୍କ ଭୟ କାହିଁକି

ବିଜେପି ଦ୍ୱାରା ପଶ୍ଚିମ ବଙ୍ଗରେ ରାଜନୈତିକ ରଥଯାତ୍ରା ପାଇଁ ଘୋଷଣାପରେ ରାଜ୍ୟ

 Magazine Downloaded from www.aahwaan.com

ସରକାର ଏହାକୁ କରାଇ ନ ଦେବା ଉଦ୍ଦେଶ୍ୟରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ ଏବଂ ମାମଲା ସୁପ୍ରିମ୍ କୋର୍ଟ୍ ପର୍ଯ୍ୟନ୍ତ ଯାଇଥିବା ପରେ ବିଜେପିକୁ ରାଜ୍ୟରେ ସଭା କରିବାକୁ ଅନୁମତି ମିଳିଥିଲା । କିନ୍ତୁ ମମତା ବାନର୍ଜୀ ସରକାର ବିଜେପିର ସଭାକୁ ଭଣ୍ଡୁର କରିବାପାଇଁ ସବୁପ୍ରକାର ଚେଷ୍ଟା କରି ଆସୁଛନ୍ତି ।

ସୂଚନାଯୋଗ୍ୟ ଯେ ବିଜେପି ସଭାପତି ଅମିତ୍ ଶାହଙ୍କ ରାଲିରେ ହୋଇଥିବା ଜନଗହଳିକୁ ଦେଖିବାପରେ ଅନ୍ୟ କୌଣସି ବିଜେପି ନେତାଙ୍କ ସଭାକୁ ସେ କରାଇ ଦେବାକୁ ଚାହାନ୍ତି ନାହିଁ ବୋଲି ପରୋକ୍ଷରେ ଜଣାଇଛନ୍ତି । ଏଥିପାଇଁ ମୋଦୀଙ୍କ ସାଧାରଣ ସଭା ପୂର୍ବରୁ ତାଙ୍କର ହେଲିକପ୍ଟରକୁ ଓହ୍ଲାଇବା ଅନୁମତି ନ ଦେବା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟରକୁ ଓହ୍ଲାଇବା ଅନୁମତି ନ ଦେବା ଇତ୍ୟାଦି ଅନ୍ତର୍ଭୂକ୍ତ ।

ବିଜେପି ଏହାକୁ ନେଇ ଉତ୍ସାହିତ ହୋଇ ଅଧିକ ପ୍ରଚାର କରୁଥିବା ବେଳେ ମମତା ସରକାର ଏହାକୁ ନେଇ କେଉଁପ୍ରକାରର ଗଣିତ କରୁଛନ୍ତି ତାହା ଦେଖିବାକୁ ରହିଲା ।

## ୪. କଂଗ୍ରେସକୁ ପ୍ରିୟଙ୍କା ଗାନ୍ଧୀ ଭରସା

ଚଳିତ ମାସରେ କଂଗ୍ରେସରେ ନୂଆ ଭାବରେ ସାଧାରଣ ସମ୍ପାଦକ ପଦବୀ ଶ୍ରୀମତି ପ୍ରିୟଙ୍କା ଗାନ୍ଧୀ ଭଦ୍ର ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପ୍ରଦାନ କରାଯାଇଛି । ପ୍ରିୟଙ୍କା ଗାନ୍ଧୀ ଭଦ୍ର ଅନେକ ବର୍ଷରୁ ସକ୍ରିୟ ରାଜନୀତିରେ ଯୋଗଦେବେ ବୋଲି ହେଉଥିବା ସମସ୍ତ ଆଲୋଚନାକୁ ସେ ସତ୍ୟ କରିଛନ୍ତି । ରାଜନୀତିରେ ଯୋଗ ଦେଇ ସେ କଂଗ୍ରେସର ସାଧାରଣ ସମ୍ପାଦକ ପଦବୀ ପାଇଛନ୍ତି ।

ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଜାରୀ ରହିଛି । ତାଙ୍କୁ ଉତ୍ତରପ୍ରଦେଶରେ ଦଳକୁ ସୁଦୃଢ଼ କରିବା ଦାୟିତ୍ୱ ଦିଆଯାଇଛି । ପ୍ରିୟଙ୍କା ଗାନ୍ଧୀ ଭଦ୍ରଙ୍କ ରାଜନୀତି ପ୍ରବେଶ

 Magazine Downloaded from www.aahwaan.com

ପରେ କଂଗ୍ରେସ ଦଳ ୨୦୧୯ ନିର୍ବାଚନରେ କୌଣସି ମ୍ୟାଜିକ୍ କରିବା ଆଶାରେ ଆଶାବାନ ହୋଇଥିବା ବେଳେ ରାଷ୍ଟ୍ରୀୟ ରାଜନୈତିକ ବୁଦ୍ଧିଜୀବି ମହଲରେ କିନ୍ତୁ ଏହାଦ୍ୱାରା କଂଗ୍ରେସକୁ କୌଣସି ଲାଭ ହେବନାହିଁ ବୋଲି କୁହାଯାଉଛି ।

ସୂଚନାଯୋଗ୍ୟ ଯେ କଂଗ୍ରେସ ମହାସଚିବ ରାହୁଲ ଗାନ୍ଧୀଙ୍କ ଛବି ବର୍ତ୍ତମାନ ସ୍ପଷ୍ଟ ହେଇପାରୁନାହିଁ । ଅନେକ ରାଷ୍ଟ୍ରୀୟ ସ୍ତରର ରାଜନୈତିକ ସମୀକ୍ଷକ ମତପୋଷଣ କରନ୍ତି ଯେ ରାହୁଲଙ୍କ କାନ୍ଧରେ ଭାରତୀୟ ଗଣତନ୍ତ୍ରର ସାଧାରଣ ନିର୍ବାଚନ ଭାର ଦେବା ମୁର୍ଖତା ହୋଇପାରେ । ଅପରପକ୍ଷରେ ମୋଦୀ ବିରୋଧୀ ମହାଗଠବନ୍ଧନରେ ସଂପୃକ୍ତ ବାଇଶିଟି ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ଦଳ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ମାନିବାକୁ ହୁଏତ ରାଜି ନ ହୋଇପାରନ୍ତି । ଏହାର ସୂଚନା ଉତ୍ତର ପ୍ରଦେଶରେ ହୋଇଥିବା ବିଏସ୍‌ପି ଏବଂ ଏସ୍‌ପି ନିର୍ବାଚନୀ ସିଟ୍ ବଣ୍ଟନ ପରେ ଜଣାପଡିଛି ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ଅନେକ ନେତା ନିଜକୁ ପ୍ରଧାନମନ୍ତ୍ରୀ ଭାବରେ ଉପସ୍ଥାପନ କରି ପାରନ୍ତି, ସେଇଥିପାଇଁ ହୁଏତ କଂଗ୍ରେସକୁ ମହାଗଠବନ୍ଧନ ଠାରୁ ଦୂରରେ ରଖାଯାଇଛି ।

ଚଳିତ ସମୟରେ ମହାଗଠବନ୍ଧନରେ ମାୟାବତୀ ଓ ମମତାଙ୍କ ପ୍ରାବଲ୍ୟତାକୁ ଦୃଷ୍ଟିରେ ରଖି ହୁଏତ ପ୍ରିୟଙ୍କା ଗାନ୍ଧୀଙ୍କୁ ରାଜନୀତିକୁ ଅଣାଯାଇଥିବ ବୋଲି ମନେ ହେଉଛି । ଯଦି ୨୦୧୯ରେ କୌଣସି ନିର୍ଣାୟକ ଭୋଟ୍ ଫଳାଫଳ ନ ମିଳେ ତା'ହେଲେ ସେତେବେଳେ ରାହୁଲଙ୍କ ସ୍ଥାନରେ ପ୍ରିୟଙ୍କାଙ୍କୁ ହୁଏତ ଗଠବନ୍ଧନ ସ୍ୱୀକାର କରି ପାରନ୍ତି ।

ପ୍ରିୟଙ୍କା ଗାନ୍ଧୀ ଭଦ୍ରଙ୍କ ଚେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ସହ ମିଶୁଥିବାରୁ ଏହାକୁ ନେଇ ପ୍ରଚାର କରାଯାଉଛି ଏବଂ କଂଗ୍ରେସ୍ ଆଶାବାଦୀ ହେଉଛି

 Magazine Downloaded from www.aahwaan.com

ଯେ ଏହାଦ୍ୱାରା ନିଶ୍ଚୟ ଭାବରେ କଂଗ୍ରେସକୁ ସଫଳତା ମିଳିପାରିବ ।

## ୫. ମୋଦୀଙ୍କ ବଜେଟରେ ଉପହାରର ବର୍ଷା

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସଂସଦରେ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ କାମଚଳା ବଜେଟ୍ ଆଗତ କରିଛନ୍ତି । ଏହା ଅନ୍ତରୀଣ ବଜେଟ ହୋଇଥିଲେ ମଧ୍ୟ ସରକାର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି କେତେକ ଲୋଭନୀୟ ଘୋଷଣା କରିଛନ୍ତି । ବିଶେଷକରି ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସରକାର ପ୍ରଥମେ ଦେଶର କୃଷକମାନଙ୍କୁ ପ୍ରଲୋଭିତ କରିବା ପାଇଁ ଉଦ୍ୟମ କରିଛନ୍ତି । ଯେଉଁ କୃଷକଙ୍କ ୨ ହେକ୍ଟର ଜମି ଥିବ ସେମାନଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ମିଳିବ । ତାହା ସମ୍ପୃକ୍ତ କୃଷକଙ୍କ ଜମାଖାତାରେ ସିଧାସଳଖ ଜମା ହେବ ବୋଲି ଆଜି ବଜେଟ୍ ଉପସ୍ଥାପନ ଅବସରରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ୩ଟି କିସ୍ତିରେ ଏହି ଟଙ୍କା ଯୋଗାଇ ଦିଆଯିବ । । ପିଛିଲା ଭାବେ ଏହି ବ୍ୟବସ୍ଥା ୨୦୧୮ ଡିସେମ୍ବର ୧ ତାରିଖରୁ ଲାଗୁ ହେବ । ଏଥିରେ ମୋଟ୍ ୧୨ କୋଟି କୃଷକ ଉପକୃତ ହେବେ । ସେହିପରି ଗୋବଂଶ ରକ୍ଷା ପାଇର୍ ଜାତୀୟ କାମଧେନୁ ଯୋଜନା ମଧ୍ୟ ଆରମ୍ଭ ହେବ ବୋଲି ଶ୍ରୀ ଗୋୟଲ ଘୋଷଣା କରିଛନ୍ତି । ବଜେଟ ଅଭିଭାଷଣ ଅବସରରେ ଶ୍ରୀ ଗୋୟଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଏକ ସ୍ୱଚ୍ଛ ସରକାର ଦେଇଛନ୍ତି । ଭାରତର ଅର୍ଥବ୍ୟବସ୍ଥା ବର୍ତ୍ତମାନ ସବୁଠାରୁ ଦୃତଗତିରେ ଅଭିବୃଦ୍ଧି କରୁଥିବା ଅର୍ଥ ବ୍ୟବସ୍ଥା । ୨୦୨୨ ସୁଦ୍ଧା ନୂଆ ଭାରତ ନିର୍ମାଣ ହେବ । ସରକାର ଏକ ୨୦୨୨ ସୁଦ୍ଧା ସମସ୍ତଙ୍କୁ ସରକାର ଗୃହ ଯୋଗାଇ ଦେବେ । ସରକାର ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୪ ମାସର ଖର୍ଚ୍ଚ ତୁଲାଇବା ପାଇଁ ଲେଖାନୁଦାନ ଆଗତ କରୁଛନ୍ତି । ନିର୍ବାଚନ ପରେ ନୂଆ ସରକାର ଗଠନ ହେଲେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବେ । ସାଧାରଣ ବଜେଟ୍

 Magazine Downloaded from www.aahwaan.com

ସହିତ ରେଳ ବଜେଟକୁ ମିଶାଇ ଦିଆଯାଇଥିବାରୁ ରେଳ ବିଭାଗର ବ୍ୟୟବରାଦ ନେଇ ଅନ୍ତରୀଣ ବଜେଟରେ ଘୋଷଣା କରାଯାଇଛି ।

## ୬. କାଳିଆ କରୁଛି କିମିଆ

ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା କୃଷକ ସହାୟତା ଯୋଜନା 'କାଳିଆ' ବର୍ତ୍ତମାନ ଚର୍ଚ୍ଚାରେ । ରାଜ୍ୟର ବିଭିନ୍ନ ଜିଲ୍ଲାରେ କୃଷକମାନଙ୍କୁ ସହାୟତା ହେତୁ ପ୍ରାଥମିକ ଭାବରେ ପାଞ୍ଚ ହଜାରଟଙ୍କାର ସହାୟତା ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି । ଶୁଣାଯାଉଛି କେନ୍ଦ୍ର ସରକାର କୃଷକମାନଙ୍କୁ ସହାୟତା ପାଇଁ ଯେଉଁ ଘୋଷଣା କରିଛନ୍ତି ତାହା ମଧ୍ୟ କାଳିଆ ଯୋଜନା ଦ୍ୱାରା ପ୍ରଭାବିତ ହୋଇପାରେ । ଓଡ଼ିଶା ସରକାର ଅଧିକ ପରିମାଣର ଅନୁଦାନ ଘୋଷଣା କରିଥିବା ବେଳେ କେନ୍ଦ୍ର ସରକାର ବାର୍ଷିକ ଛଅ ହଜାର ଟଙ୍କାର ଘୋଷଣା କରିଛନ୍ତି । ଭୂମିହୀନ କୃଷକ ମାନଙ୍କ ପାଇଁ ମଧ୍ୟ କାଳିଆ ଯୋଜନାରେ ସହାୟତା ଘୋଷଣା କରାଯାଇଛି ।

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ସବୁ କାର୍ଯ୍ୟକ୍ରମ କରି ନବୀନ ସରକାର ଲୋକପ୍ରିୟତା ପାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି । ବିରୋଧୀ ମାନଙ୍କ ସମସ୍ତ ପ୍ରକାର ଆକ୍ରମଣ ସତ୍ତ୍ୱେ ବିଗତ ଏକ ବର୍ଷରେ ନବୀନ ସରକାରଙ୍କ ସମସ୍ତ ଯୋଜନା ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି । ବିଜୁ ଯୁବ ବାହିନୀ ଗଠନ ହେଉ ବା କାଳିଆ ଯୋଜନା ହେଉ ଅଥବା ପିଠା କାର୍ଯ୍ୟକ୍ରମ । ଲୋକମାନେ ଉତ୍ସାହିତ ହୋଇ ଏହି ସବୁ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ଏବଂ ଭଲ ଅନୁଦାନ ପାଉଛନ୍ତି ମଧ୍ୟ । ରାଜ୍ୟର ଋଣଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହିଭଳି ମାଗଣା ଅନୁଦାନ ରାଜ୍ୟର ଅର୍ଥନୀତିକୁ ଅଧିକ ଦୁର୍ବଳ କରିଦେବ ଏଥିରେ ଦ୍ୱିମତ ନାହିଁ ।

 Magazine Downloaded from www.aahwaan.com

## ୭. ଗୁଜ୍ଜର ଆରକ୍ଷଣ ଦଙ୍ଗା ବ୍ୟାପିଲା

ଆଶ୍ଚର୍ଯ୍ୟର ବିଷୟ ରାଜସ୍ଥାନରେ ପୁଣିଥରେ ଗୁଜ୍ଜର ସଂପ୍ରଦାୟର ଲୋକମାନେ ସଂରକ୍ଷଣ ଦାବୀରେ ଆନ୍ଦୋଳନ କରିବା ଆରମ୍ଭ କରି ଦେଇଛନ୍ତି । ଅନେକ ଦିନରୁ ସେମାନେ ଏହି ସଂରକ୍ଷଣ ପାଇଁ ଦାବୀ କରି ଆସୁଥିଲେ କିନ୍ତୁ ତତ୍କାଳୀନ ସରକାର ଏହା ବିଷୟରେ କୌଣସି ପଦକ୍ଷେପ ନେବାପାଇଁ ଇଚ୍ଛା ପ୍ରକଟ କରିନଥିଲେ । ଚଳିତ ବିଧାନ ସଭାରେ କଂଗ୍ରେସ ଶାସନରେ ପୁଣିଥରେ ଆନ୍ଦୋଳନ ଆରମ୍ଭ ହୋଇଛି ଏବଂ ଏହା ହିଂସାତ୍ମକ ହେବାରେ ଲାଗିଛି ।

ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଚାକିରୀ କ୍ଷେତ୍ରରେ ଅତିରିକ୍ତ ପାଞ୍ଚ ପ୍ରତିଶତ ସଂରକ୍ଷଣ ଦାବୀ ନେଇ ରାଜସ୍ଥାନର ଗୁଜ୍ଜର ସଂପ୍ରଦାୟ ଆନ୍ଦୋଳନ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସତ୍ତ୍ୱେ ସେମାନେ ଏହି ଆନ୍ଦୋଳନ କରୁଛନ୍ତି ଏବଂ ଅନେକ ସ୍ଥାନରେ ହିଂସାକାଣ୍ଡ ଏବଂ ସଂପତ୍ତି ନଷ୍ଟ କରିବା ଭଳି ଖବରମାନ ଆସିବାରେ ଲାଗିଛି ।

ସୂଚନାଯୋଗ୍ୟ ଯେ ଚଳିତ କେନ୍ଦ୍ର ଶାସନରେ ଆର୍ଥିକ ରୂପରେ ଦୁର୍ବଳ ସ୍ୱଚ୍ଛଳ ବର୍ଗର ଲୋକଙ୍କ ପାଇଁ ସରକାର ଅତିରିକ୍ତ ଦଶ ପ୍ରତିଶତ ସଂରକ୍ଷଣର ଘୋଷଣା କରିଛନ୍ତି, ଏହା ସତ୍ତ୍ୱେ ଏହି ଆନ୍ଦୋଳନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମନେ ହେଉଛି ।

## ୭. ଲଣ୍ଡନରେ ଇଭିଏମ୍ ମେସିନ ସମୀକ୍ଷା

ବିଗତ ମାସରେ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଲଣ୍ଡନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତରେ ନିର୍ବାଚନ ସମୟରେ ବ୍ୟବହାର ହେଉଥିବା ଇଭିଏମ୍ ମେସିନକୁ ହ୍ୟାକ୍ କରିହେବା ଭଳି ଚାଞ୍ଚଲ୍ୟକର ତଥ୍ୟର ଘୋଷଣା କରାଯାଇଥିଲା । ପରିଚୟ ପ୍ରକାଶ ନ କରି ଆମେରିକାରେ ଥିବା ଜନୈକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅନଲାଇନ୍ ରହି ଘୋଷଣା

 Magazine Downloaded from www.aahwaan.com

କରିଥିଲେ ଯେ ସେ ଇଭିଏମ୍ ମେସିନ୍ ହ୍ୟାକ୍ କରି ପାରିବେ । ଏବଂ ସେ କହିଥିଲେ ଯେ ସେ ଇଭିଏମ୍ ମେସିନ୍ ତିଆରି ସମୟରେ ଗବେଷଣା ଓ ପରୀକ୍ଷଣ ଦଳରେ ଥିଲେ । ଏହି କାର୍ଯ୍ୟକ୍ରମକୁ ଏକ ସ୍ୱାଧୀନ ସଂଗଠନ ଆୟୋଜିତ କରିଥିବା ବେଳେ କଂଗ୍ରେସର ବରିଷ୍ଠ ସଦସ୍ୟ କପିଲ୍ ଶିବଲ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଦେଶକୁ ବିଦେଶ ମାଟିରେ ଅପମାନିତ କରାଯାଉଛି ବୋଲି ବିଜେପି ତରଫରୁ ମତ ଦେଇଥିଲେ । ଏହାର ତଦନ୍ତ କରିବା ପରେ ଭାରତୀୟ ସଂସ୍ଥାନ ତରଫରୁ କୁହାଯାଇଥିଲା ଯେ ଏହି ସଭାରେ ଯେଉଁ ବ୍ୟକ୍ତି ଦାବୀ କରିଥିଲେ ଯେ ମେସିନ୍ ହ୍ୟାକ୍ କରିହେବ, ସେ ନାମର କୌଣସି ବ୍ୟକ୍ତି ଏହି ମେସିନ୍ ନିର୍ମାଣ ସମୟରେ କାର୍ଯ୍ୟରତ ନଥିଲେ ।

## ୮. ପ୍ରବୀଣ ତୋଗାଡ଼ିଆଙ୍କ ନୂଆ ଦଳ

ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ନେତା ଓ ସଦସ୍ୟ ପ୍ରବୀଣ ତୋଗାଡ଼ିଆ ଏକ ନୂତନ ରାଜନୈତିକ ଦଳର ଘୋଷଣା କରିଛନ୍ତି । ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣରେ ବିଜେପିର ଅପାରଗତାକୁ ଦର୍ଶାଇ ସେ ହିନ୍ଦୁସ୍ଥାନ୍ ନିର୍ମାଣ ଦଳ ନାମରେ ଏକ ରାଜନୈତିକ ଦଳ ଆରମ୍ଭ କରିଛନ୍ତି ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି । ଗରୀବି, ବେରୋଜଗାରୀ ଓ କୃଷକ ସମସ୍ୟାକୁ ପ୍ରାଥମିକତା ଦେବା ତାଙ୍କ ଦଳର ପ୍ରମୁଖ ନୀତି ରହିବ ଏବଂ ଏହି ଦଳ ଆଗାମୀ ସର୍ବସାଧାରଣ ନିର୍ବାଚନ ସମୟରେ ଅଂଶ ଗ୍ରହଣ କରିବ ।

ସୂଚନାଯୋଗ୍ୟ ଯେ ଶ୍ରୀ ତୋଗାଡ଼ିଆ ଏକଦା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବନ୍ଧୁ ତାଲିକାରେ ଥିଲେ କିନ୍ତୁ ଧିରେ ଧିରେ ଦୁଇଜଣଙ୍କ ମଧ୍ୟରେ ମନାନ୍ତର ହୋଇଥିଲା ଏବଂ ସେ ଅନେକ ସମୟରେ ମୋଦୀ ସରକାରଙ୍କ ବିରୋଧରେ ଖୋଲାଖୋଲି ମନ୍ତବ୍ୟ ଦେଇ

 Magazine Downloaded from www.aahwaan.com

ଆସୁଥିଲେ ।

## ୯. ମାର୍ଚ୍ଚ ୩୧ରୁ ଝାରସୁଗୁଡ଼ା ବିମାନବନ୍ଦର କାର୍ଯ୍ୟକ୍ଷମ ହେବ

ଆସନ୍ତା ମାର୍ଚ୍ଚ ୩୧ରୁ ଝାରସୁଗୁଡା ବିମାନ ବନ୍ଦର ନିୟମିତ ଭାବେ ବିମାନ ଚଳାଚଳ କରିବେ । ସ୍ପାଇସ୍ ଜେଟ କର୍ତ୍ତୃପକ୍ଷ ଶନିବାର ଝାରସୁଗୁଡା ବିମାନ ବନ୍ଦର ପରିଦର୍ଶନ କରିଥିଲେ । ବିମାନ ବନ୍ଦରରେ ଥିବା ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା ସହିତ ଯାତ୍ରୀଙ୍କ ଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏଥି ସହିତ ବିମାନ ବନଦରର ନିର୍ଦ୍ଦେଶକ ଏସକେ ଚୌହାନ ସ୍ପାଇସ୍ ଜେଟ କର୍ତ୍ତୃପକ୍ଷଙ୍କୁ ଉଡାନ ସମ୍ପର୍କରେ ସବିସେସ୍ ବିବରଣୀ ପ୍ରଦାନ କରିବା ସହିତ ବିମାନ ବନଦରରେ ଉପଲବ୍ଧ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ବିମାନ ବନ୍ଦର ପରିଦର୍ଶନ ପରେ ଏହି ଟିମର ପଦାଧିକାରୀ ମାନେ ସୂଚନା ଦେଇଥିଲେ ଆସନ୍ତା ମାର୍ଦ୍ଦ ୩୧ ତାରିଖରୁ ଏଠାରି ବିମାନ ସେବା ଚଳାଚଳ କରିବ । ସ୍ପାଇସ ଜେଡ ବିମାନ ସଭା ସେବା ପେଇଁ ଦେଶର ୩ଟି ବଡ ସହର ନୂଆ ଦିଲ୍ଲୀ , କୋଲକତା, ହାଇଦ୍ରବାଦ ମଧ୍ୟରେ ବିମାନ ଚଳାଚଳ ପାଇଁ ବେସାମରିକ ମିଶନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ସବୁଜ ସଂକେତ ମିଳିଛି ।

## ୧୦. ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବରେ ମୋଦୀଙ୍କ ଜୋଶ୍

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନେକଗୁଡ଼ିଏ ଟୁଇଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି: “ଭାରତର ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ସରକାର ସଦାବେଳେ ଲୋକମାନଙ୍କ ଆଶା ଆକାଂକ୍ଷା ପ୍ରତି ସଂବେଦନଶୀଳ ରହି ଆସିଛି । ଏଥିରେ ଦୁର୍ନୀତିର କୌଣସି ସ୍ଥାନ ନାହିଁ ।

 Magazine Downloaded from www.aahwaan.com

ସଂସଦରେ ଏହି ଆଲୋଚନାରେ ଅନେକ ମାନ୍ୟବର ସଦସ୍ୟ ଅଂଶ ଗ୍ରହଣ କରିଛନ୍ତି । ମୁଁ ସେମାନଙ୍କୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ୨୦୧୯ ମସିହା ସାଧାରଣ ନିର୍ବାଚନରେ ଯେଉଁମାନେ ପ୍ରଥମ ଥର ପାଇଁ ମତଦାନର ସୁଯୋଗ ପାଇ ଭୋଟ ଦେବେ ସେମାନଙ୍କୁ ସମସ୍ତଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଯେଉଁମାନେ ୨୧ଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଏବେ ସେମାନେ ସାବାଳକ ଭୋଟର ହେବାକୁ ଯାଉଛନ୍ତି, ସେମାନେ ଭାରତର ପ୍ରଗତି ଧାରାକୁ ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ । ଏହା ଆସ୍ଥା ଓ ସକାରାତ୍ମକ ଭାବନାର ପ୍ରତିଫଳନ ଯାହାକି ଆମର ରାଷ୍ଟ୍ରକୁ ଆଗକୁ ଆଗେଇ ନେଇଯିବ । ଆମେ ସେଭଳି ଲୋକ ନୋହୁ ଯିଏ ଚାଲେଞ୍ଜକୁ ଡ଼ରି ପୃଷ୍ଠଭଙ୍ଗ ଦେବ । ଆମେ ସଦାବେଳେ ସବୁ ପ୍ରକାର ଚାଲେଞ୍ଜକୁ ସାମ୍ନା କରିଆସିଛୁ ଏବଂ ଲୋକମାନଙ୍କ ଆଶା ଆକାଂକ୍ଷା ପୂରଣ କରିବା ଦିଗରେ କାର୍ଯ୍ୟକରୁଛୁ । କଂଗ୍ରେସ ଦଳର ଆବର ବନ୍ଧୁମାନେ ଦୁଇଟି ସମୟର କାର୍ଯ୍ୟଧାରାକୁ ଦେଖିପାରୁଥିବେ- ଅର୍ଥାତ୍, ବିସି- ବିଫୋର୍ କଂଗ୍ରେସ (କଂଗ୍ରେସ ଶାସନ ପୂର୍ବର) ଯେତେବେଳେ କିଛି ପ୍ରଗତି ଘଟୁନଥିଲା ଏବଂ ଏଡ଼ି -ଆଫଟର ଡ଼ାଇନେଷ୍ଟି (ବଂଶାନୁକ୍ରମିକ ଶାସନ ପରେ) ପରବର୍ତ୍ତୀ ସମୟରେ ଯେତେବେଳେ କି ସବୁକିଛି ପ୍ରଗତି ଘଟିଛି । ଗତ ଚାରି ବର୍ଷ ଭିତରେ ଭାରତରେ ଉଲ୍ଲେଖନୀୟ ପ୍ରଗତି ଘଟିଛି । ନିବେଶଠାରୁ ନେଇ ଷ୍ଟିଲ୍ ସେକ୍ଟର, ଷ୍ଟାର୍ଟ ଅପ୍, ଦୁଗ୍ଧ ଉତ୍ପାଦନଠାରୁ ନେଇ କୃଷି, ବିମାନ ଚଳାଚଳ, ଭାରତର ପ୍ରଗତି ଅଭୂତପୂର୍ବ ରହିଛି । ମୋଦୀଙ୍କୁ ଘୃଣା କରିବା କ୍ରମରେ ବିରୋଧୀଦଳ ମାନେ ଏବେ ରାଷ୍ଟ୍ରକୁ ଘୃଣା କରିବା ଆରମ୍ଭ କରିଛନ୍ତି । ସେଇଥିପାଇଁ ସେମାନଙ୍କ ନେତାମାନେ ଲଣ୍ଡନ ଯାଉଛନ୍ତି ଏବଂ ଭାରତକୁ ହୀନ ଦୃଷ୍ଟିରେ ଦେଖିବାକୁ ସାମ୍ବାଦିକ ସମ୍ମିଳନୀମାନେ ଆୟୋଜନ କରୁଛନ୍ତି । ସେମାନଙ୍କ ଦୃଷ୍ଟିରେ ମୋର ଅପରାଧ କ'ଣ ଆପଣମାନେ ତାହା ଜାଣନ୍ତି ? ତାହା ହେଲା ଏଇଆ ଯେ ଗରିବ ପରିବାରରେ ଜନ୍ମ ହୋଇଥିବା ଜଣେ ବ୍ୟକ୍ତି ସୁଲତାନ ବଂଶକୁ ଚାଲେଞ୍ଜ

 Magazine Downloaded from www.aahwaan.com

କରୁଛି । ସେମାନଙ୍କର ୫୫ ବର୍ଷର ଶାସନକାଳ ଭିତରେ ପରିମଳ ବ୍ୟବସ୍ଥା ମାତ୍ର ୩୮% ଛୁଇଁଥିଲା ଏବଂ ଆମର ୫୫ ମାସର ଶାସନକାଳରେ ତାହା ଏବେ ୯୮%ରେ ପହଞ୍ଚିଛି । ଗ୍ୟାସ ସଂଯୋଗ କ୍ଷେତ୍ରରେ ସେମାନଙ୍କ ୫୫ ବର୍ଷର କ୍ଷମତା ଦଖଲ ଭିତରେ ତାହା ମାତ୍ର ୧୨ କୋଟି ଥିଲା ଏବଂ ଆମର ୫୫ ମାସର ଶାସନ କାଳରେ ତାହା ୧୩ କୋଟି ହୋଇପାରିଛି । ଆମେ ଆମ ପାଞ୍ଚ ବର୍ଷର ଶାସନକାଳରେ ବିକାଶ ଦିଗରେ ଦ୍ରୁତ ଗତିରେ କାର୍ଯ୍ୟ କରିଛୁ । ଏକଥା ଥରେ ଚିନ୍ତା କରି ଦେଖନ୍ତୁ, କଂଗ୍ରେସ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲା । କିନ୍ତୁ ସମାଲୋଚନା କରାଯାଉଛି ମୋଦୀ ଗଣତାନ୍ତ୍ରିକ ଅନୁଷ୍ଠାନକୁ କାଳେ ଧ୍ୱଂସ କରିଦେଉଛି । କଂଗ୍ରେସ ସେନାକୁ ଅପମାନିତ କଲା, ସ୍ଥଳସେନାଧ୍ୟକ୍ଷଙ୍କୁ ଗୁଣ୍ଡା ବୋଲି କହିଲା, କିନ୍ତୁ ମୋଦୀ ଦେଶର ଗଣତାନ୍ତ୍ରିକ ଅନୁଷ୍ଠାନକୁ ମାରି ଦେଉଛି ବୋଲି ନାରା ଉଠିଛି । କଂଗ୍ରେସ ନେତାମାନେ ମନଗଢ଼ା କଥାମାନ ପ୍ରଚାର କଲେ ଯେ ସେନା ବିଦ୍ରୋହ ରଚନା କରୁଛି .... କିନ୍ତୁ ମୋଦୀ କାଳେ ଗଣତନ୍ତ୍ର ଭଳି ଅନୁଷ୍ଠାନକୁ ଗଳାଚିପି ହତ୍ୟା କରୁଛି ! କଂଗ୍ରେସ ନିର୍ବାଚନ କମିଶନ ଓ ଇଭିଏମକୁ ନେଇ ପ୍ରଶ୍ନ ଉଠାଇଛି କିନ୍ତୁ ମୋଦୀ ଅନୁଷ୍ଠାନକୁ ଭାଙ୍ଗିଚାଲିଛି, କଂଗ୍ରେସ ନ୍ୟାୟପାଳିକାକୁ ଡ଼ରାଉଛି କିନ୍ତୁ ମୋଦୀ ଅନୁଷ୍ଠାନକୁ ଭାଙ୍ଗି ଚାଲିଛି । କଂଗ୍ରେସ ଯୋଜନା ଆୟୋଗକୁ ପଞ୍ଚାଏ ଜୋକର ବୋଲି ଅଭିହିତ କରିଥିଲା ....କିନ୍ତୁ ମୋଦୀ ଗଣତାନ୍ତ୍ରିକ ଅନୁଷ୍ଠାନକୁ ନାଶ କରୁଛି ବୋଲି ଅଭିଯୋଗ କରାଯାଉଛି । କଂଗ୍ରେସ ସମ୍ବିଧାନର ଧାରା ୩୫୬କୁ ଅନେକ ଥର ଅପବ୍ୟବହାର କରିଛି କିନ୍ତୁ ମୋଦୀ ଅନୁଷ୍ଠାନଗୁଡ଼ିକର କାଳେ ବିନାଶ କରିଚାଲିଛି । ଭାରତର ଜନସାଧାରଣ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଥିବା ଏକ ସରକାରର କାର୍ଯ୍ୟାବଳୀକୁ ଦେଖି ଆସଛନ୍ତି । ସେମାନେ ଏନଡ଼ିଏ ସରକାରର କାର୍ଯ୍ୟକୁ ଭଲଭାବେ ଦେଖିଛନ୍ତି । ସେମାନେ କଦାପି ଏକ ମହାମିଳାବଟ ସରକାର ଚାହିଁବେ ନାହିଁ ଯେଉଁଥିପାଇଁ କୋଲକାତାରେ ସେମାନଙ୍କର ମେଳି

 Magazine Downloaded from www.aahwaan.com

ହୋଇଥିଲା । ସିଡ଼ବ୍ଲୁଜି ୨୦୧୦ ବେଳେ ଆମର ଖେଳାଳୀମାନେ କଠିନ ଭାବେ ପରିଶ୍ରମ କରି ଖେଳିଥିଲେ ଏବଂ ସେମାନେ ଭାରତ ପାଇଁ ମେଡ଼ାଲ ଜିଣିଥିଲେ । କିନ୍ତୁ, କଂଗ୍ରେସ ଦଳର କତିପୟଙ୍କ ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଥିଲା ବ୍ୟକ୍ତିଗତ ସଂପତ୍ତି ଠୁଳ କରିବାର ଏକ ମଉକା । ୟୁପିଏ ଶାସନ କାଳର ଫୋନ ବ୍ୟାଙ୍କିଙ୍ଗ୍ କଥା ଏବେ ସେହିଦଳର ନେତାମାନଙ୍କ ବନ୍ଧୁଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି । ଏଭଳି ପ୍ରିୟାପ୍ରିତିତୋଷଣ କାରଣରୁ ଆମର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଏବେ ଏତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ମୁଁ କେବଳ ସଂସଦରେ ଏତିକି ସୂଚାଇବାକୁ ଚାହେଁ ଯେ ଭାରତୀୟ ଜାତୀୟ କଂଗ୍ରେସ ଚାହେଁନାହିଁ ଯେ ଆମର ସଶସ୍ତ୍ର ସେନାବଳ ସୁଦୃଢ଼ ହେଉ । ସେମାନେ ଚାହାନ୍ତିନାହିଁ ଯେ ଆମର ସୁରକ୍ଷା ବ୍ୟବସ୍ଥା ମଜଭୁତ ହେଉ । ସେମାନେ କେଉଁ କମ୍ପାନୀ ପାଇଁ ନିଲାମୀ ଚାହୁଁଛନ୍ତି ଯେଉଁମାନେ ଅତି ଲଜ୍ଜାଜନକ ଭାବେ କାର୍ଯ୍ୟ କରୁଥିଲେ ? ଡ଼କ୍ଟର ବାବା ସାହେବ ଆମ୍ବେଦକର ସଦାବେଳେ ନିଜ ସମୟ ଠାରୁ ଆଗୁଆ ଚିନ୍ତା କରୁଥିଲେ । ସେ କହିଥିଲେ ଯେ କଂଗ୍ରେସରେ ଯୋଗଦେବା ଅର୍ଥ ଆତ୍ମହତ୍ୟା କରିବା ସଙ୍ଗେ ସମାନ । ବିଦେଶରୁ ହଜାର ହଜାର ସଂସ୍ଥା ପାଣ୍ଠି ଓ ଅନୁଦାନ ପାଇ ଆସୁଥିଲେ । ଆମେ ସେ ବ୍ୟବସ୍ଥାରେ ସ୍ୱଚ୍ଛତା ଚାହିଁଲୁ ଏବଂ ଏହି ପ୍ରକ୍ରିୟାରେ ସେହି ସବୁ ସଂଗଠନ ଆପେ ଆପେ ବନ୍ଦ ହୋଇଗଲା । ଏଭଳି ଉତ୍ତରଦାୟିତ୍ୱ ନଥିବା ଅର୍ଥ କାହିଁକି ଦେଶକୁ ଆସୁଥିଲା ? ଦରଦାମ ବୃଦ୍ଧି ଓ କଂଗ୍ରେସ ଗୋଟିଏ ଶବ୍ଦ । ଯେତେବେଳେ ବି କଂଗ୍ରେସ କ୍ଷମତାକୁ ଆସେ, ସବୁ ସାମଗ୍ରୀର ଦରଦାମ ଆପେ ଆପେ ବଢ଼ିଯାଏ । ଏନଡ଼ିଏ ସରକାର ଦରଦାମ ବୃଦ୍ଧିକୁ ରୋକିବା ଦିଗରେ କଠିନ ଶ୍ରମ ସ୍ୱୀକାର କରିଛି । ଏହାର କାରଣ କ'ଣ ହୋଇପାରେ ଯେ ୟୁପିଏ ସରକାରଙ୍କ ଅମଳରେ ଏଲଇଡ଼ି ବଲବର ଦାମ ଏତେ ଅଧିକ ଥିଲା ? ଆମ ସରକାର ଭାରତର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ଦିଗରେ କାର୍ଯ୍ୟ କରିଆସୁଛି । ସେଥିପାଇଁ ଷ୍ଟେଣ୍ଟର ମୂଲ୍ୟ, ଆଣ୍ଠୁ ଅସ୍ତ୍ରୋପଚାରର

 Magazine Downloaded from www.aahwaan.com

ମୂଲ୍ୟ ଏବଂ ଜୀବନ ରକ୍ଷାକାରୀ ଔଷଧପତ୍ରର ମୂଲ୍ୟ ହ୍ରାସ ପାଇଛି । ଏହା ଦରିଦ୍ରରୁ ଦରିଦ୍ରତମ ଲୋକଙ୍କ ପାଇଁ ବିଶେଷ ସହାୟକ ହୋଇଛି । ସେପ୍ଟେମ୍ବର ୨୦୧୭ ଠାରୁ ନଭେମ୍ବର ୨୦୧୮ ପର୍ଯ୍ୟନ୍ତ ପାଖାପାଖି ୧୫ ମାସ ଭିତରେ ପ୍ରାୟ ୧ କୋଟି ୮୦ ଲକ୍ଷ ଲୋକଙ୍କର ପ୍ରଥମ ଥର ପାଇଁ ପ୍ରୋଭିଡ଼େଣ୍ଟ ଫଣ୍ଡରେ ପଇସା କଟା ଆରମ୍ଭ ହୋଇଛି । ଏଥିରେ ସାମିଲ ହୋଇଥିବା ସମସ୍ତ ଲୋକଙ୍କ ଭିତରୁ ୬୪% ଲୋକଙ୍କ ଆୟୁ ୨୮ ବୟସ ସୀମା ଭିତରେ । ଏହା ବ୍ୟତୀତ ଆଉ ଗୋଟିଏ ତଥ୍ୟ ମୁଁ ଆପଣମାନଙ୍କୁ ଦେବାକୁ ଚାହେଁ । ତାହା ହେଲା ଆମ ଦେଶରେ ମାର୍ଚ୍ଚ ୨୦୧୪ରେ ପାଖାପାଖି ୬୫ ଲକ୍ଷ ଲୋକଙ୍କୁ ନେସନାଲ ପେନସନ୍ ବ୍ୟବସ୍ଥା (ଏନପିଏସ)ରେ ପଞ୍ଜିକୃତ କରାଯାଇଛି । ଗତ ବର୍ଷ ଅକ୍ଟୋବର ମାସରେ ଏ ସଂଖ୍ୟା ବୃଦ୍ଧିପାଇ ପାଖାପାଖି ୧ କୋଟି ୨୦ ଲକ୍ଷ ହୋଇଛି । ଏହାକୁ କ'ଣ କୌଣସି ଚାକିରୀ ବିନା କରାଯାଇଛି ବୋଲି କୁହାଯିବ ? ଆଉ ଏକ ପରିସଂଖ୍ୟାନର ଉଦାହରଣ ମୁଁ ଦେଉଛି । ପ୍ରତି ବର୍ଷ ଆୟକର ରିଟର୍ଣ୍ଣ ଦାଖଲ ସମୟରେ ନନ୍ କର୍ପୋରେଟ ଟିକସଦାତା ବି ନିଜ ଆୟ ଘୋଷଣା କରିଥାନ୍ତି । ସେମାନଙ୍କୁ ନିଜକୁ ବେତନ ମିଳେନାହିଁ । କିନ୍ତୁ ସେ ଲୋକମାନେ ସେଠାରେ ନିଯୁକ୍ତ ଲୋକଙ୍କୁ ବେତନ ଦେଇଥାନ୍ତି । ଗତ ଚାରି ବର୍ଷ ଭିତରେ ଦେଶରେ ଏଭଳି ୬ ଲକ୍ଷ ୩୫ ହଜାର ନୂତନ ପ୍ରଫେସନାଲଙ୍କୁ ଯୋଡ଼ାଯାଇଛି । ଆପଣମାନଙ୍କୁ କ'ଣ ଲାଗୁଛି ଯେ ଜଣେ ଡ଼ାକ୍ତର ନିଜର କ୍ଲିନିକ କିମ୍ବା ନର୍ସିଂ ହୋମ ଖୋଲିଛନ୍ତି ଏବଂ ସେଠାରେ କେବଳ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରିଛନ୍ତି ? କିମ୍ବା ଜଣେ ଚାର୍ଟାର୍ଡ଼ ଏକାଉଣ୍ଟାଣ୍ଟ କେବଳ ଜଣେ ବ୍ୟକ୍ତିଙ୍କୁ ଚାକିରୀରେ ରଖି ନିଜ କାର୍ଯ୍ୟାଳୟ ଚଳାଉଛନ୍ତି ? ହଜାର ହଜାର କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ପରିଯୋଜନାଗୁଡ଼ିକୁ ପୂରଣ କରାଯାଉଛି । ଭାରତ ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନର ବନ୍ଧୁ ରାଷ୍ଟ୍ର ହୋଇ ରହିବାକୁ ଚାହେଁ । ସେହିଭଳି ଭାରତ ସାଉଦି ଆରବ ଏବଂ ଇରାନ ସହ ସମାନ ଭାବେ

 Magazine Downloaded from www.aahwaan.com

ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାକୁ ଇଚ୍ଛୁକ । ଆମର ବିଦେଶ ନୀତି ଏଭଳି ହୋଇଛି ଯେ ଭାରତର ସ୍ୱର ବିଶ୍ୱ ଦରବାରରେ ଦିନକୁ ଦିନ ଦୃଢ଼ତର ହେଉଛି । ଆମେ ଭାରତର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ ସଦାବେଳେ ଚେଷ୍ଟିତ ରହିଛୁ । ସେମାନଙ୍କର ଅହଂକାର ସେମାନଙ୍କୁ ୪୦୦ରୁ ଆଣି ୪୪ରେ ପହଞ୍ଚାଇ ଦେଇଛି । ରାଷ୍ଟ୍ରପ୍ରତି ଆମର ପ୍ରତିବଦ୍ଧତା ଏବଂ କଠିନ ଶ୍ରମ ଆମକୁ ୨ରୁ ନେଇ ୨୮୨ରେ ପହଞ୍ଚାଇଛି ।

ମୁଁ ଆପଣମାନଙ୍କୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିବାକୁ ଚାହେଁ ଯେ ଯେଉଁମାନେ ଏ ଦେଶକୁ ଲୁଟ କରିଛନ୍ତି ସେମାନେ ସମସ୍ତେ ନରେନ୍ଦ୍ର ମୋଦୀଙ୍କୁ ଭୟ କରିବେ ।

“ସୂର୍ଯ୍ୟ ଅସ୍ତ ଯିବେ ତ କେଉଁଠି
ତାଙ୍କୁ ସେଇଠି ରହିବାକୁ ହେବ
ଆମର ନିଃଶ୍ୱାସରେ
ଆମର ଶରୀରରେ
ଆମ ସଂକଳ୍ପରେ
ତୁମେ ଉଦାସ ହୁଅନାହିଁ
ଏବେ କୌଣସି ସୂର୍ଯ୍ୟଙ୍କୁ ଅସ୍ତ ହେବାକୁ ଦେବିନାହିଁ ।”

(ସୌଜନ୍ୟ ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ)

ଆହ୍ୱାନର ଚଳିତ ମାସର ସଂସ୍କରଣ ଆପଣଙ୍କୁ ନିଶ୍ଚୟ ଭାବରେ ଭଲ ଲାଗିବ, ଏହି ଆଶା ସହିତ ଆପଣଙ୍କୁ ଉପହାର ଦେଉଛି ଆହ୍ୱାନ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ବୁଲା ସିଂହର ଆକ୍ରମଣ

ଏମିତି ଦେଖୁ ଦେଖୁ ସେମାନେ ଟିକିଏ ବଡ ହୋଇଗଲେ । ଏକ ଛୋଟ ବୁଲା କୁକୁର ଭଳି ଆକାର ହୋଇଗଲାଣି । ସବୁବେଳେ ଆଉ ଦଳ ଭିତରେ ବାନ୍ଧି ହୋଇ ରହିବାକୁ ଚାହୁଁ ନଥିଲେ । ବେଳେ ବେଳେ କଥା ନମାନି ଏଣେ ତେଣେ ବୁଲିଚାଲି ଯାଆନ୍ତି । ଏମିତି ଥରେ ଦୌଡା ଦୌଡି ହୋଇ ଏହି ଛୁଆ ଦୁଇଭାଇ ନିଜ ଦଳରୁ ବାହାରି ଟିକିଏ ଦୂରକୁ ଚାଲିଗଲେ । ଦଳର ଅନ୍ୟ ସଦସ୍ୟମାନେ ଦେଖାଯାଉ ନଥିଲେ । ଗିର ଜଙ୍ଗଲରେ ସିଂହ ମାନେ ନିଜ ନିଜ ଯାଗା ଦଖଲ କରି ନେଇଛନ୍ତି ଆଉ ନିଜ ଅଂଚଳର ନିର୍ଦ୍ଧାରଣ କରି ନେଇଛନ୍ତି । ସେମାନେ ଅଜାଣତରେ ନିଜ ଦଳର ସୀମା ଠାରୁ ଟିକିଏ ଦୂରକୁ ଚାଲିଗଲେ ।  ଏକ ତରୁଣ ସିଂହ ମନରେ ଅଦମ୍ୟ ଇଚ୍ଛା ଥାଏ । ନୂଆ ଦୁନିଆ ଦେଖିବା ପାଇଁ ଇଚ୍ଛା ।

ଦୌଡିବାକୁ ଯିବୁ ବିଜୟ୍ - ଜୟ୍ ପଚାରିଲା ।

କହିବାର ଅଛି - ବିଜୟ୍ କହୁଥିଲା ।

ଦୁହେଁ ଆଗକୁ ଅନାଇଲେ । ଖୁବ ଜୋରରେ ଦୌଡିହେବ । ମଝିରେ ମଝିରେ ସେମାନେ ଏମିତି ଦୌଡା ଦୌଡି କରନ୍ତି । ପ୍ରତି ଅଙ୍ଗରେ ଏବେ ଶକ୍ତି ଭରି ହେଲା ଭଳି ଲାଗୁଛି ।

ପାଗ ବହୁତ ଭଲ ଥିଲା । ଯାଗାଟା ସମତଳ । ମଝିରେ ମଝିରେ କିଛି ଛୋଟ ବୁଦା

 Magazine Downloaded from www.aahwaan.com

ଅଛି । ଦଳ କଂଟାଥିବା ଆକାଶିଆ ଗଛ ତଳେ ଶୋଇଥିଲେ । ଏ ଗଛଗୁଡାକରେ ପତଳା ପତ୍ର । ପବନ ସହଜରେ ତଳକୁ ବୋହିଆସେ । ଆଉ ପାଖରେ କିଛି ବଡ ଗଛ ନଥିଲା । ସେମାନଙ୍କ ଦଳରେ କିଛି କରିବାର ନଥିଲା । ଅପରାହ୍ନରେ ସମସ୍ତେ ବିଶ୍ରାମ କରୁଥିଲେ । କିନ୍ତୁ ଏ ଛୁଆ ଦୁଇଭାଇ ଆଉ ବେକାର ଶୋଇବାକୁ ଚାହୁଁ ନଥିଲେ । ମନରେ ଉତ୍ସାହ ଭରି ରହିଛି ।

ଚାଲ ସେ ବଡ ପଥର ପାଖକୁ ଦୌଡିବା । – ଜୟ କହିଲା ।

ସେହି ବଡ ପଥର ଅନେକ ଦୂରରେ ଥିଲା । ତା'ପରେ କିଛି ଦେଖାଯାଉ ନଥିଲା । ସେମାନେ ତାପରେ କଣ ଅଛି ଜାଣିବାକୁ ଚାହୁଁଥିଲେ ।

ତାପରେ ସେମାନେ ଦୌଡିବାକୁ ଆରମ୍ଭ କଲେ । ଏ ଦୌଡିବା ଏକ ପ୍ରତିଯୋଗିତା ନଥିଲା । ଖେଳିଲା ବେଳେ ଯେଉଁ ଭାବରେ ଦୌଡନ୍ତି, ସେମିତି ଭାବରେ ଦୌଡୁନଥିଲେ । ସେମାନେ ସାଥିହୋଇ ସାଧାରଣ ଭାବରେ ଦୌଡୁଥିଲେ । ସିଂହମାନେ ଖୁବ ଜୋରରେ ଚାଲିପାରନ୍ତି । କେହି ସେମାନଙ୍କୁ ମନା କରୁନଥିଲା । ମା ନିଦରେ ଶୋଇ ରହିଥିଲା । ସେମାନେ ଏତେ ଦୂର ଯିବେ ବୋଲି କେହି ଭାବି ନଥିଲା ।

ସେମାନେ ସେମିତି ଦୌଡିବା ଆରମ୍ଭ କଲେ । ଦୌଡିବା ସମୟରେ ଜଣେ ଜଣଙ୍କ ଛୁଇଁ ଦେଉଥିଲେ । ସେମାନଙ୍କୁ ବଡ ମଜା ଲାଗୁଥିଲା । କେତେବେଳେ ଜୟ ଆଗୁଆ ହୋଇ ଯାଉଥିଲା ତ କେତେବେଳେ ବିଜୟ । ଜଣେ ଆଗୁଆ ହେଲେ ଆଉ ଜଣେ ତାର ଲାଙ୍ଗୁଡ ଟାଣି ତଳେ ପକାଇ ଦେଉଥିଲା । ସେମାନେ ଟିକିଏ ଗଡାଗଡି ହେଉଥିଲେ । ତାପରେ ପୁଣି ଉଠି ଦୌଡୁଥିଲେ । ଏମିତି ଦୌଡି ଦୌଡି ସେମାନେ ସେହି ବଡ ପଥର ପାଖରେ ପହଂଚି ଗଲେ ।

 Magazine Downloaded from www.aahwaan.com

ଆଗକୁ ଦେଖ ଜୟ - ବିଜୟ ଆଗକୁ ଉହୁଙ୍କି ପଡିଲା । ଦୁହେଁ ଧଇଁ ସଇଁ ହୋଇ ଯାଉଥିଲେ । ଦୁଇଜଣ ଯାକ ଏକ ଖୁବ ବଡ ପଥର ପାଖରେ ପହଂଚି ଯାଇଥିଲେ । ସେ ବଡ ପଥର ଉପରୁ ସେମାନଙ୍କ ଦଳ ବହୁତ ଦୂରରେ ଦେଖାଯାଉଥିଲା ।

ଆଗରେ ଆଉ ଏକ ନୂଆ ଭୂମି ଥିଲା । ଏକ ଲମ୍ବା ପଡିଆ ଆଗକୁ ଲମ୍ବି ଯାଇଥିଲା । ଏମିତିଆ ଘାସୁଆ, ଅଳ୍ପ ଗଛଥିବା ଯାଗା ଗିରରେ ବହୁତ ଅଂଚଳରେ ଏମିତିଆ ଯାଗା ଅଛି । ସେମିତି ବହୁତ ବଡବଡ ଗଛରେ ସ୍ଥାନ ଭରି ଯାଇ ନଥିଲା । କିଛି ଜୀବଜନ୍ତୁ ଦେଖା ଯାଉ ନଥିଲେ । ସିଂହ ଥିବା ଅଂଚଳରେ ହରିଣପଲ ସାବଧାନରେ ଥାଆନ୍ତି । ଏମିତିଆ ଅଂଚଳରେ ଦୌଡିବାକୁ ମଜା ଲାଗିବ ।

ସେମାନେ କୁଦରୁ ତଳକୁ ଓହ୍ଲାଇ ଗଲେ । କୁଦ ତଳୁ ସେମାନଙ୍କ ଦଳ ମୋଟେ ଦେଖା ଯାଉ ନଥିଲା । ସେମାନେ କିନ୍ତୁ ସେ କଥା ଭାବିଲେ ନାହିଁ । ଦଳପାଖରୁ ଦୂରକୁ ଯିବା ବିପଦର କଥା । ଏ କିଶୋର ସିଂହଦୁହେଁ ମୋଟେ ଜାଣି ନଥିଲେ । ଖେଳିବା ନିଶା, ନୂଆ ଯାଗା ଦେଖିବା ନିଶାରେ ସବୁ ବିପଦ ଭୁଲି ଯାଇଥିଲେ । ସବୁ କିଶୋର ମାନଙ୍କର ଭୁଲି ଯିବା ଏକ ବଡ ଗୁଣ । ବାଳକ ସିଂହ ଦୁହେଁ କିଛି ଅଲଗା ନଥିଲେ ।

ତାଙ୍କ ଦଳର ଗନ୍ଧ ଆଉ ନଥିଲା । କିନ୍ତୁ ଏହି ବାଳୁତ ସିଂହମାନେ କିଛି ଜାଣି ପାରିଲେ ନାହିଁ । ଏମାନେ ଆଉ ଏକଦମ ଶିଶୁ ନହୁନ୍ତି କିନ୍ତୁ ଶରୀରରେ ଏତେ ଶକ୍ତି ଆସିନି । ମନ କିନ୍ତୁ କିଛି ବାଧା ମାନୁନି । ଏହି କିଶୋର ସିଂହ ଦୁଇ ଭାଇଙ୍କୁ ନୂଆ ଜଙ୍ଗଲ ଖୁବ ଭଲ ଲାଗୁଥିଲା । ସବୁଠାରୁ ବଡ ଥିଲା ସେମାନଙ୍କୁ ଆକଟ କରିବାକୁ କେହି ମା ବା ମାଉସୀ ନଥିଲେ ।ତେଣୁ ସେମାନେ ଖୁସିରେ ବୁଲୁଥିଲେ ।

ଦୌଡୁ ଦୌଡୁ ଜୟ ହଠାତ୍ ରହିଗଲା ଯେମିତି କି ଏକ ବଡ ଗାଡିରେ ଜୋରରେ ବ୍ରେକ

 Magazine Downloaded from www.aahwaan.com

ଲଗାଇ ଦିଆଯାଏ । ବିଜୟ ତା ପାଖରେ ଆସି ରହିଗଲା । ସେମାନଙ୍କ ଆଖି ଖୁବ ଜୋରରେ ଫୁଲି ଉଠିଲା । କିନ୍ତୁ ନିଃଶ୍ୱାସ ବନ୍ଦ ହୋଇ ଆସୁଥିଲା । ଗୋଡରୁ ଶକ୍ତି କେମିତି ହରି ଯାଉଥିଲା ।

ଜୟ, ବିଜୟର ଶ୍ୱାସ ଫୁଲି ଉଠୁଥିଲା । ସେମାନଙ୍କର କିଛି କରିବାର ଉପାୟ ନଥିଲା । ସେମାନଙ୍କ ଛଡା ଆଉ କିଏ ଥିଲା ।

ଏକ ଜଳନ୍ତା ଆଖି ସେମାନଙ୍କୁ ଅନାଇଥିଲା । ସେମାନେ ସେହି ଆଖିକୁ ଦେଖି ପାରି ନଥିଲେ । ଗଛ ଆଢୁଆଳରୁ ଏକ ଲମ୍ବା ସିଂହ ବାହାରି ଆସିଲା । ସେ ସିଂହଟି ଏକୁଟିଆ ବୁଲା ସିଂହ । ଏ ବୁଲାସିଂହ ଗୁଡାକ ମାରଣା ଷଣ୍ଢ ଭଳି । କିଛି କାରଣ ନଥାଇ ଅନ୍ୟକୁ ଆକ୍ରମଣ କରନ୍ତି ଆଉ ମାରି ବି ଦିଅନ୍ତି । ଏମାନଙ୍କର କେଉଁ ଦଳ ନଥାଏ । ନିଜର ଅଂଚଳ ଭଳି କିଛି ନଥାଏ । ସମସ୍ତେ ଏମାନଙ୍କୁ ତଡୁଥାନ୍ତି । ଏଣୁ ଏ ସିଂହଗୁଡା ଏକଦମ ଉତ୍ୟକ୍ତ ହୋଇଥାନ୍ତି ଆଉ କେଉଁ  ଛୋଟ ସିଂହକୁ ଦେଖିଲେ ମାରିଦେବା ପାଇଁ ତତ୍ପର ଥା'ନ୍ତି ।

ଭୁଲରେ ଆସିଗଲେ । ଜୟ କହୁଥିଲା । ଦୁଇଭାଇ ବୁଲି ପଡି ପଳେଇବାପାଇଁ ବାଟ ଖୋଜୁଥିଲେ । ସେମାନଙ୍କ ଛାତି ଧଡପଡ୍ କରୁଥିଲା ।

ଖୋଲା ଯାଗା, କିଛି ଛୋଟ ଛୋଟ ବୁଦା ଅଛି । ଘାସ ସେମିତି ବଡ ନୁହେଁ । ଅନେକ ଦୂରକୁ ଦେଖାଯାଉଛି । ନୁଆ ସିଂହର ଆକାର ଏମାନଙ୍କର ଆକାର ଠାରୁ ଅନେକ ଅନେକ ବଡ । ତା କେଶର ଗୁଡିକ ମୋଟା ଆଉ ଲମ୍ବା । ସେ ଏପଟ ସେପଟ ଅନେଇଲା । କେଉଁ ଆଡେ କିଛି ଦେଖା ଯାଉନି । ଏ ପିଲାମାନେ ତାର କିଛି କାମରେ ଆସିବେନି । ଏମାନେ ତା'ଠାରୁ ଅନେକ ଛୋଟ ଏଣୁ ସାଥି ହେବାକୁ ଯୋଗ୍ୟ ନୁହଁନ୍ତି । ସେ ନିଶ୍ଚିତ ହୋଇଗଲା ଯେ ସିଂହ ଛୁଆମାନେ ଦଳଛାଡି ଆସିଯାଇଛନ୍ତି । ଏହି ଛୁଆମାନଙ୍କୁ ଗାଢେଇ କରି ଅନାଇଲା ।

 Magazine Downloaded from www.aahwaan.com

ଚାଲ ପଳେଇଚାଲ । - ଦୁଇଭାଇ ଏକା ସାଙ୍ଗେ କହି ଉଠିଲେ । ଜଣେ ଆଉ ଜଣକୁ ଉପଦେଶ ଦେଉଥିଲା ।

ନୂଆ ସିଂହ ମୁହଁରେ ଘୃଣା ଆଉ ଚରମ ରାଗ । ତାକୁ କେଉଁ ଦଳରେ ସ୍ଥାନ ମିଳି ନଥିଲା । ସବୁବେଳେ ନିଜ ଖାଇବା ଆଉ ରହିବା ପାଇଁ ତାକୁ ଯୁଦ୍ଧ କରିବାକୁ ପଡୁଛି । ମନରେ ତାର ଖାଲି ଘୃଣା ଆଉ ଡର ଭରି ରହିଥିଲା । ବଡ ସିଂହମାନେ ତାକୁ ବହୁତ ଆଘାତ ଦେଇଛନ୍ତି । ତେଣୁ ସେହି ଘୃଣାକୁ ଏହି ଛୁଆଙ୍କ ଉପରେ ଦେଖାଇବାକୁ ଚାହିଁଲା । ଏ ଛୁଆଗୁଡା କେଉଁ ବଡ ସିଂହର ଛୁଆ । ଏମାନଙ୍କୁ ମାରି ଦେଇ ନିଜ ମନର ରାଗ ଶୁଝାଇବାକୁ ଚାହୁଁଥିଲା ।

କିଛି କାରଣ ନଥାଇ ସେ ଏମାନଙ୍କ ଆଡକୁ ତଡି ଆସିଲା । ଦୁଇ ଭାଇ ଭୟରେ ସାଙ୍କୁଡି ହୋଇଗଲେ । ସେମାନଙ୍କ ଗୋଡ ଗୁଡିକ ଯାକି ହୋଇଗଲା, ଲାଙ୍ଗୁଳ ସବୁ ତଳୁଆ ହୋଇଗଲା । ଏପର୍ଯ୍ୟନ୍ତ ଦଳରେ କେହି ସେମାନଙ୍କୁ ଡରେଇ ନଥିଲା ବା କ୍ଷତି କରି ନଥିଲା । କିନ୍ତୁ ଏ ବୁଲା ସିଂହ କିଛି କଥା ନଥାଇ ସେମାନଙ୍କୁ ତଡୁଅଛି । ସେମାନେ ଖୁବ ଡରିଗଲେ । ସେମାନେ ନିଜ ପିତା ମୁଖ୍ୟ ସିଂହ ଛଡା ଆଉ ବଡ ସିଂହ ଦେଖି ନଥିଲେ । ସେମାନେ ଡରରେ ଗର୍ଜନ କରିବାକୁ ଲାଗିଲେ । ବୁଲା ସିଂହଟା ରାଗରେ ଗୁରୁ ଗୁରୁ ହୋଇ ସେମାନଙ୍କୁ ଅନାଇଥିଲା ଆଉ ଚାରିପାଖେ ବୁଲୁଥିଲା । ଏମାନେ ସବୁବେଳେ ସେହି ସିଂହ ଆଡକୁ ବୁଲି ପଡୁଥିଲେ । ବୁଲା ସିଂହଟି ସେମାନଙ୍କୁ କାମୁଡି ମାରିଦେବା ପାଇଁ ମୌକା ଦେଖୁଥିଲା । ଥରେ ତା ମୁହଁରେ ଆସିଗଲେ ଗୋଟାଏ କାମୁଡାରେ ଏମାନଙ୍କ ଦଫାରଫା ହୋଇଯିବ । ସେମାନେ ବୁଲିଯାଉଥିଲେ କିନ୍ତୁ ଡରରେ ଗର୍ଜ୍ଜନ କରୁଥିଲେ ।

ସେମାନଙ୍କ ବିପଦର ଡାକ ଦଳ ପଯ୍ୟନ୍ତ ପହଂଚିଗଲା । ଦଳ ପ୍ରାୟ ଅଧ କିଲୋମିଟର

 Magazine Downloaded from www.aahwaan.com

ଭିତରେ ଥିଲେ । ମଝିରେ ଥିବା କିଛି ପଥୁରିଆ ଅଂଚଳ ପାଇଁ ଦଳ ଦିଶୁ ନଥିଲା । ଏ ଗର୍ଜନ ସେମାନଙ୍କର ପିତା ମୁଖ୍ୟ ସିଂହ ଶୁଣି ପାରିଲା । ସେ ଖୁବ୍ ଜୋରରେ ସେ ଆଡକୁ ଦୌଡି ଆସିଲା ।  ଛୁଆ ଦୁହେଁ ଏକଦମ ଜାକି ହୋଇ ଯାଇଥିଲେ । ବୁଲା ସିଂହ ସେମାନଙ୍କୁ ଆକ୍ରମଣ କରିବାକୁ ଲାଗିଲା । ଆଉ ଟିକକରେ କାମୁଡି ଦେଇଥାନ୍ତି । ସେମାନଙ୍କ ପିତାର ବିରାଟ ମୁହଁ ପଥର ଉପରୁ ବାହାରି ଆସିଲା । ସେ ରାଗରେ ଥରି ଯାଉଥିଲା । ଏକେତ ତା ଅଂଚଳର ଏତେ ପାଖରେ ଏକ ବୁଲା ସିଂହ ବୁଲୁଛି ଆଉ ବଡ କଥା ହେଲା ତା ଛୁଆ ମାନଙ୍କୁ ମାରି ଦେବାକୁ ଚେଷ୍ଟା କରୁଛି । ସେ ଖୁବ ଜୋରରେ ମାଡି ଆସିଲା । ତାକୁ ଘାସ ବୁଦା କିଛି ଦେଖା ଯାଉ ନଥିଲା । ତାର କେଶର ସବୁ ଠିଆ ହୋଇଥିଲା । ଲାଙ୍ଗୁଡର ବାଳ ସବୁ ଯେମିତି ଚକ୍ର ଭଳି ଘୁରୁଥିଲା । ସେ ଗର୍ଜନ କରି ମାଡି ଆସୁଥିଲା । ଛୁଆ ମାନେ ବାପର ଏ ରୂପ ଦେଖି ଆଶ୍ୱସ୍ତ ହେଲେ । ସେମାନେ ଏବେ ବାପ ଭଳି କ୍ରୋଧରେ ଗର୍ଜ୍ଜନ କରିବାକୁ ଆରମ୍ଭ କଲେ । ବୁଲା ସିଂହ ଏମିତି ବିଶାଳ ସିଂହକୁ ଦେଖି ଅଟକି ଗଲା । ତାର ଖୋଜ ଆଉ ଛୁଆ ମାନଙ୍କ ଆଡକୁ ଆସୁ ନଥିଲା । ସେ ଧରେ ଧିରେ ଖୋଜ ପଛକୁ କଲା । ଏଣେ ଏ ଛୁଆ ଦୁହେଁ ତା ଆଡକୁ ମାଡି ଆସିଲେ କିନ୍ତୁ ତାର କାମୁଡା ଦାନ୍ତଠୁ ଦୂରରେ ଥା'ନ୍ତି । ଆଉ ବୁଲା ସିଂହର ସାହାସ ନଥିଲା । ସେ କିଛି ଗର୍ଜ୍ଜନ ନକରି ବିଶାଳ ସିଂହର ଆକୃତି ଦେଖି ଡରି ପଳାୟନ କଲା । ତା ଶରୀର ତଳୁଆ ହୋଇଯାଉଥିଲା । ନିଜର ଯେତେ ବଳଥିଲା ସେତେ ବଳରେ ଦୌଡି ପଳାଇଲା । ବାପ ଆଉ ଛୁଆ ଦୁହେଁ ଅନେକ ବାଟ ତାକୁ ତଡିଲେ ।

ପିତାର ଏ ସାହାସ ଦେଖି ସେମାନେ ଖୁବ ଖୁସି ହୋଇଯାଇଥିଲେ । ବାପ ପାଖରେ ମଣିଷ ଛୁଆ ଭଳି ସିଂହର ଛୁଆମାନେ ଖୁସିରେ ବୀର ଦର୍ପରେ ଠିଆ ହୋଇଗଲେ । ଯାହା ହେଉ ସେମାନେ ବିଜୟ ଲାଭ କରିଛନ୍ତି । ବିଜୟ କାହାକୁ ଭଲ ଲାଗେନାହିଁ । କି ମଣିଷ, କି

 Magazine Downloaded from www.aahwaan.com

ସିଂହ ସମସ୍ତଙ୍କ ପାଇଁ ବିଜୟ ଆନନ୍ଦ ଆଣେ । ସେମାନେ ଏକ କୁଦ ଉପରକୁ ଚାଲିଗଲେ ଆଉ ସେଇଠୁ ଦୂରକୁ ଅନାଇଲେ । ବୁଲା ସିଂହର ଆଉ କିଛି ସୋରଶବ୍ଦ ନଥିଲା । ଭୀରୁ ଭଳି ପଳାୟନ କରି କେଉଁଠି ଲୁଚି ଯାଇଥିଲା । ଅନେକ ଦୂରରେ ସେମାନଙ୍କ ଦଳ ଥିଲା । କିଛି ସିଂହୀ ସେମାନଙ୍କ ଆଡକୁ ଆସୁଥିଲେ । ସମସ୍ତେ ଠିଆ ହୋଇଥିଲେ । ସମସ୍ତଙ୍କ ମୁହଁରେ ଆଶଙ୍କା । ନିଜ ପରିବାର ଉପରେ ବିପଦ ଆସିଲେ ଘରର ସବୁ ସଦସ୍ୟଙ୍କ ମୁହଁରେ ଆଶଙ୍କା ଆସେ । ପିତା ଆଉ ଛୁଆ ଦୁହେଁ ବୀର ଦର୍ପରେ ଚାଲି ଚାଲି ନିଜ ଦଳ ପାଖକୁ ଆସିଲେ । ଦଳର ସିଂହୀମାନେ ସେମାନଙ୍କୁ ଦେଖିଲେ । କାହାର କିଛି କ୍ଷତି ହୋଇନାହିଁ । ସେମାନେ ପୁଣି ତଳେ ଶୋଇ ପଡିଲେ । ଏ ଛୁଆ ଦୁହେଁ ମା ପାଖକୁ ଦୌଡିଗଲେ ଆଉ ମା ପିଠିରେ ଘଷି ହେଲେ । ମା ସେମାନଙ୍କୁ ଟିକିଏ ଚାଟିଲା । ମା ତଳେ ପେଟେଇ ପଡିଲା ଆଉ ସିଂହ ଛୁଆ ଦୁହେଁ ମାର ଦେହରେ ଘଷି ହୋଇ ବସି ପଡିଲେ । ସମସ୍ତେ ବହୁତ ଆଶ୍ୱସ୍ତ ଥିଲେ ।

ଜୀବନର ଏକ ବିରାଟ ବିପଦ ଟଳିଯାଇଥିଲା । ଏକ ଶିକ୍ଷା ପାଇଲେ । ଦଳଠାରୁ ଏତେ ଦୂରକୁ ଯିବା ବିପଦଜନକ ।

ସେମାନଙ୍କ ବିଶ୍ରାମ ନେବା ସ୍ଥାନ ଟିକିଏ ଉପରେ ଥିଲା । ସେଠୁ କିଛି ଦୂର ଯାଏଁ ଦେଖାଯାଉଥିଲା । ଏମିତି କିଛି ଖାଲି ଯାଗାରେ । ହଠାତ୍ କୋକିଶିଆଳିଟି ଡେଇଁ ଡେଇଁ କେଉଁଠୁ ଆସିଗଲା । କୋକିଶିଆଳି ଗୁଡିକ ଖୁବ୍ ମଜାଳିଆ ଜନ୍ତୁ । ପ୍ରାୟେ ଡେଇଁ ଡେଇଁ ଚାଲନ୍ତି । କୋକିଶିଆଳିଟି ଛୋଟ ଆକାରର । ତାର ଧୂସର ଧଳା ଶରୀର ପତଳା, ଗୋଡ ଗୁଡିକ ପତଳା । ତାର ଲମ୍ବା କାନ ଗୁଡିକ ଠିଆ ହୋଇଯାଇଥିଲା । ଟିକିଏ ଧୂସର କଳା ରଙ୍ଗରମୁଣ୍ଡଟି ସାମାନ୍ୟ ଗୋଲାକାର କିନ୍ତୁ ଶେଷ ଆଡକୁ ଖୁବ୍ ଗୋଜିଆ ହୋଇ ଆଗକୁ

 Magazine Downloaded from www.aahwaan.com

ବାହାରି ଆସିଛି । ଆଖି ଗୁଡାକ ସଜେଇ ଦେଲା ଭଳି ଲାଗୁଥିଲା । କୋକିଶିଆଳି ନିଜର ଆଗ ଦୁଇ ଗୋଡକୁ ଦୃଢ଼ କରି ରଖିଥାଏ । ପଛ ଦୁଇ ଗୋଡରେ ନିଜ ଓଜନକୁ ସମ୍ଭାଳି ଥାଏ । ତାର ଏକ ମୋଟା ଲାଙ୍ଗୁଡ ତଳକୁ ଝୁଲି ଆସିଥିଲା । ଦେହକୁ ଆଉ ଲାଙ୍ଗୁଡ ଦେଖିଲେ ଟିକିଏ ଅସ୍ୱାଭାବିକ ଲାଗେ । ଲାଂଜ ଦେହ ଆକାରଠୁ ଅନେକ ମୋଟା, ଏଥିରେ ସୁନ୍ଦର ହଳଦିଆ, କଳା, ଧଳା, ବାଳ ଥାଏ । ଶେଷ ଆଡକୁ ବାଳଗୁଡିକ କଳା ହୋଇ ଆସିଥାଏ ।

କୋକିଶିଆଳିଟି ଏପଟ ସେପଟ ଅନାଇ ମୁଣ୍ଡ ବୁଲାଇ ଅନାଉଥାଏ । ତା କାନଟି ସବୁ ପ୍ରକାର ଶବ୍ଦକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥାଏ । ଜନ୍ତୁଟିର ମୁଣ୍ଡ ତୁଳନାରେ ଖୁବ୍ ଲମ୍ବା କାନ । ଆଖି ଗୁଡିକ ଅସ୍ୱାଭାବିକ ଭାବେ କାନର ବହୁତ ତଳେ ଥାଏ । ଅନ୍ୟ ପ୍ରାଣୀ ମାନଙ୍କର ଯଥା ତୃଣଭୋଜୀ ଜୀବମାନଙ୍କର ଆଖିଟା ମୁଣ୍ଡର ଉପରେ ଥାଏ । କିନ୍ତୁ ଏ ମାଂସାସୀ ଜୀବର ଆଖି ଅନେକ ତଳେ ଥାଏ । ଏ କୋକିଶିଆଳିଟି ସବୁଜ ବନରେ ଠିଆ ହୋଇ ରହିଥିଲା । ତଳେ ନରମ ଘାସ । କେଉଁଠି କେଉଁଠି ମୋଟା ଗଛ ଗୁଡିକ ଏପଟ ସେପଟ ହୋଇ ଉପରକୁ ବଢିଯାଇଥିଲେ । କୋକିଶିଆଳିଟି ସେମିତି ବହୁ ସମୟ ଧରି ଅନାଇ ଠିଆ ହୋଇ ପୁଣି ଡେଇଁ ଡେଇଁ ନିଜର ଗନ୍ତବ୍ୟ ସ୍ଥଳକୁ ଆଗକୁ ଚାଲିଲା । ଏଣେ ସିଂହମାନେ ଆଶ୍ୱସ୍ତିରେ ଶୋଇଗଲେ । ପାଖରେ ଆଉ କେଉଁ ଦୁଷ୍ଟ ସିଂହ ନାହିଁ ।

 Magazine Downloaded from www.aahwaan.com

# ସେଦିନ ବି ଏମିତି ଏକ ବର୍ଷାରାତି ଥିଲା



ଅନସୂୟା ପଣ୍ଡା

ବାହାରେ ଭୀଷଣ ବର୍ଷା । ସଂଧ୍ୟା ବେଳଠୁ ଆରମ୍ଭ ହୋଇଯାଇଛି । ବଡ଼ ବିଚିତ୍ର ଦିଲ୍ଲୀର ଜଳବାୟୁ । 'ନୟନ' ଶୋଇପଡ଼ିଛି । ଦିନସାରା କେୟାରଟେକର୍ ସ୍ତ୍ରୀ ଲୋକ ପାଖେ ରହି ରହି, ସଂଧ୍ୟାରେ ମା'ର ସାନ୍ନିଧ୍ୟ ଟିକେ ପାଇଲେ ଖୁବ୍ ଶୀଘ୍ର ଶୋଇପଡ଼େ । ବେଳେ ବେଳେ ଡରିଯାଏ 'ସମୀକ୍ଷା' । ଦେଢ଼ବର୍ଷର ପିଲାଟିକୁ ଜଣେ ଅଜଣା ସ୍ତ୍ରୀଲୋକଟା ପାଖରେ ଦିନସାରା ଛାଡ଼ିଦେଇ ଯିବାକୁ । ହେଲେ ଅନ୍ୟ କୌଣସି ଉପାୟ ତ ନାହିଁ । 'ନୟନ'ର ବି ଗୋଟେ ଅଭ୍ୟାସ ହୋଇଗଲାଣି, କି ସେ ମା'ର ଅସୁବିଧା ବୁଝେ କେଜାଣି ?

ଅନ୍ୟମନସ୍କ ହୋଇ ବାହାରକୁ ଚାହିଁ ରହିଥିଲା ସମୀକ୍ଷା । ବର୍ଷା ଦେଖୁଥିଲା ଝରକା ଦେଇ । ବର୍ଷା ଆସିଲେ କାହିଁକି କେଜାଣି ସେ ଏମିତି ଅନ୍ୟମନସ୍କ ହୋଇଯାଏ । ଅବଶ୍ୟ ଆଜି ତା'ର ଅନ୍ୟମନସ୍କର କାରଣ ବର୍ଷା ନୁହେଁ । ୟୁନିଭର୍ସିଟିରୁ ଫେରିବା ବେଳଠୁ ସେ ଏମିତି ଗୁମ୍‌ସୁମ୍ ହୋଇ ଭାବୁଛି । ଆଜି ପର୍ଯ୍ୟନ୍ତ ସେ ଭାବୁଥିଲା ସେ କିଛି ଭୁଲ କରିନି । ସମୀକ୍ଷା ପାଢ଼ୀ କେବେ ଭୁଲ କରି ପାରେନା, କାରଣ ସେ ଯାହା ଠିକ୍ ଭାବେ ତାହା କରେ, ତେଣୁ ପଶ୍ଚାତାପ ବି ସେ କରିପାରେନା । ହେଲେ ଆଜି ଭାବୁଛି, ସତରେ ସେ ଭୁଲ କରିଦେଇଛି । ଏତେ ବଡ଼ ଭୁଲ ଯାହାର ପ୍ରାୟଶ୍ଚିତ ନାହିଁ । କେମିତି ସେ କରିପାରିଲା... । ବୋଧହୁଏ ଏଇ କଥା ସତ ଯେତେବେଳେ ମଣିଷ ଭୁଲରେ ସେତେବେଳେ ସେ ଜାଣିପାରେନି । ଆଉ ଯେତେବେଳେ ଜାଣେ ସେତେବେଳକୁ ଆଉ କିଛି ନଥାଏ ସଜାଡ଼ିବାକୁ, ସମୟ ହାତମୁଠାରୁ ଚାଲି ଯାଇଥାଏ ।

 Magazine Downloaded from www.aahwaan.com

ଆଜି ତାକୁ ବହୁତ ଏକୁଟିଆ ଲାଗୁଛି । ଖୁବ୍ ଅସହାୟ ହୋଇ ପଡୁଛି ସେ ବାପାବୋଉଙ୍କ କଥା ଖୁବ୍ ମନେ ପଡୁଛି । ନିଜର ଗୋଟିଏ ଜିଦ୍ ପାଇଁ ସେ ସେମାନଙ୍କୁ ବହୁତ ଦୁଃଖ ଦେଇଛି । ବହୁତ ଅପମାନିତ କରିଛ ସମାଜ ଆଗରେ । ଏକମାତ୍ର ଗେହ୍ଲାଝିଅର ଏତେବଡ଼ ପଦକ୍ଷେପକୁ ବାପା ଆଜିଯାଏ ବି କ୍ଷମା ଦେଇ ପାରିନାହାନ୍ତି । କେହିବି ଦେଇ ପାରିବେନି । କାରଣ ଏବେ ବି ଲୋକଙ୍କ ପ୍ରଶ୍ନର ଉତ୍ତର ତାଙ୍କ ପାଖରେ ନାହିଁ ।

ସମୀକ୍ଷା ଭାବୁଥିଲା ସମୟ ସହ ସବୁ ଠିକ୍ ହୋଇଯିବ । 'ଅସୀମ' ଫେରି ଆସିବେ । ତାକୁ ସହିବାକୁ ପଡ଼ିଥିବା ସବୁ ଦୁଃଖ, ଲାଞ୍ଛନାର ପରିସମାପ୍ତି ଘଟିବ ।

ଆଜି ଅସୀମ ଫେରି ଆସିଛନ୍ତି । ଏକା ନୁହେଁ, ସସ୍ତ୍ରୀକ । ଦୀର୍ଘ ଅଢ଼େଇ ବର୍ଷର ପ୍ରତୀକ୍ଷା ଯେ ଏମିତି ପାଣି ବୁନ୍ଦାପରି ମିଳେଇଯିବ ସେ ଭାବିନଥିଲା । ଏ ସମୟ ସବୁ ତା ପାଇଁ ପରୀକ୍ଷାର ସମୟ ଥିଲା । ତପସ୍ୟାର ଏ କଠୋର ଦିନ ସବୁ, ତାପାଇଁ ଖାଲି ଅସୀମଙ୍କ ଭଲ ପାଇବାକୁ ସାହାରା କରି ବଞ୍ଚିବାକୁ ପଡ଼ିଛି । ସେଇଥିପାଇଁ ଯେତେ ବାଧାବିଘ୍ନ, ଅପମାନ ଆସିଲେବି ସମୀକ୍ଷା ଭାଙ୍ଗି ଯାଇନଥିଲା । ସବୁବେଳେ ଭାବୁଥିଲା । ଅସୀମଙ୍କ ଭଲ ପାଇବା ତା ସହ ଅଛି, ଅସୀମ ଅଛନ୍ତି । ଏଇ ଗଭୀର ବିଶ୍ୱାର କରି ତାକୁ ବଞ୍ଚାଇ ରଖିଥିଲା । ହେଲେ ଆଜି ସେ ସମ୍ପୂର୍ଣ୍ଣ ନିଃସ୍ୱ, ଅସହାୟ... । ତାକୁ ଲାଗୁଛି ଯେମିତି ସେ ଗୋଟେ କଣ ବଡ଼ ଜିନିଷ ହରାଇ ଦେଇଛି । ଯେତିକି ଦୁଃଖ ସେ ସବୁଦିନ ପାଇଁ ଘର ଛାଡ଼ି ପାଇନଥିଲା, ଆଜି ସେତିକି ନୁହେଁ ତାଠାରୁ ଅଧିକ ଦୁଃଖ ତାକୁ ଲାଗୁଛି ।

ସତରେ ସମୟ ସହିତ କେତେ ବଦଳି ଯାଆନ୍ତି ଲୋକମାନେ । କେମିତି ବଦଳି ପାରନ୍ତି ? ଦେଇଥିବା କଥା ଭୁଲିଯାଆନ୍ତି । ଗୋଟେ ବଡ଼ ସିଦ୍ଧାନ୍ତ ନେବା ଆଗରୁ ପଛକୁ ଫେରି ଚାହାନ୍ତିନି, ଥରେ ଭାବନ୍ତିନି ଏ ସିଦ୍ଧାନ୍ତଟି ଅନ୍ୟ କୌଣସି ଲୋକର ଜୀବନରେ ତ

 Magazine Downloaded from www.aahwaan.com

କିଛି ବଡ଼ କ୍ଷତିର ଚିହ୍ନ ଆଣିବନି ?

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଆଜି ଡଃ ଅସୀମ ତ୍ରିପାଠୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲା । ନିଜର ବକ୍ତବ୍ୟରେ ପ୍ରଗଳ୍‌ଭଙ୍କ ପରି କହିଯାଉଥିଲେ ଅସୀମ ନିଜ ଭାରତୀୟ ବଂଶୋଦ୍ଭବ (ବିଦେଶରେ ଜନ୍ମିତ ଓ ପାଳିତ) ପତ୍ନୀ ଏଲିନା ମଜୁମଦାରଙ୍କ ବିଷୟରେ ।

"ସବୁ ସଫଳ ପୁରୁଷଙ୍କ ପଛରେ ଏକ ନାରୀର ପ୍ରେରଣା ଲୁଚି ରହିଥାଏ । ମୋର ସବୁ ସଫଳତା ପଛରେ ମୋ ପତ୍ନୀ ଏଲିନାଙ୍କ ଅବଦାନ ଅବର୍ଣ୍ଣନୀୟ, ଅବ୍ୟକ୍ତ । ସେହି ମୋର ପ୍ରେରଣା, ମୋ ଜୀବନରେ ଆଲୋକ, ମୋର ପ୍ରେମ... ମୋର ପୂଜା... ।

ଆଗକୁ ଆଉ ଶୁଣିବାର ଧୈର୍ଯ୍ୟ ନଥିଲା ସମୀକ୍ଷାର ।

କେତେ ଶୀଘ୍ର ତା ଭଲ ପାଇବାକୁ ଭୁଲିଗଲେ ଅସୀମ ଆଉ ଆପଣାର କରିନେଲେ ଏଲିନାକୁ । ଖୁବ୍ ଖୁସିରେ ମଧ୍ୟ ଅଛନ୍ତି ଏଲିନା ସହ ।

ହେଲେ ସମୀକ୍ଷା ଗୋଟିଏ ବି ମୁହୂର୍ତ୍ତ ଭୁଲିନି ତାଙ୍କୁ । ବୋଧହୁଏ ମଣିଷ ଚାହିଁଲେ ବି ଭୁଲିପାରେନି ସେ ସମୟ ସବୁକୁ । କାରଣ ସେ ସମୟ ତାକୁ ଦିନେ ଭଲ ଲାଗିଥିଲା, ସେ ଉପଭୋଗ କରିଥିଲା କିଛି ସମୟ ପାଇଁ ।

ସମୀକ୍ଷାକୁ ଲାଗୁଥିଲା ସମୟ ସହ ସବୁ ବଦଳି ଯାଇପାରେ ହେଲେ ଅସୀମ ନୁହନ୍ତି । ଅସୀମଙ୍କ ଭଲ ପାଇବା ନୁହେଁ । ଯେଉଁ ସ୍ମୃତିଟିକୁ ସେ ଏତେଦିନ ଧରି ନିଜଭିତରେ ସାଇତି ରଖି ପୂଜା କରୁଥିଲା । ଆଜି ଘୃଣା କରିବାକୁ ଇଚ୍ଛା ହେଉଛି । ଆଉ ସବୁଠୁ ବେଶୀ ଘୃଣା ନିଜ ଉପରେ ଆସୁଛି । କାହିଁକି ସେ ଅନ୍ଧଭଳି ଅସୀମଙ୍କୁ ବିଶ୍ୱାସ କରି ନିଜର ସର୍ବସ୍ୱ ହରାଇଲା ? ଯେଉଁ ଭଲ ପାଇବାକୁ ସେ ଚାହିଁ ରହିଥିଲା, ଆଜି ସେ ଭାବୁଛି, ଅସୀମ ନ ଫେରି ଆସିଥାନ୍ତେ କି ? ଫେରିଥିଲେ ଅନ୍ୟ କେଉଁଠିକୁ ଫେରି ଥାଆନ୍ତେ ଯାହା ସେ ଜାଣି ପାରିନଥାନ୍ତା । ତେବେ

 Magazine Downloaded from www.aahwaan.com

ସବୁଦିନ ତା ଭଲପାଇବା ଜୀବିତ ହୋଇଥାନ୍ତା କାରଣ ଅସୀମ ଯାହା ହୁଅନ୍ତୁ ନା କାହିଁକି, ଯେତେ ପରିସ୍ଥିତି ସହ ବଦଳନ୍ତୁ ନା କାହିଁକି, ମୁଁ ତ ବଦଳି ଯାଇନି, ମୋ ଭଲପାଇବା ତ ବଦଳିନି । ମୁଁ ତାଙ୍କୁ ଦିନେ ନିଛକ ଭଲ ପାଇଥିଲି । ସେଥିରେ ମଳିନତା ନଥିଲା ।

ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର କୃତିଛାତ୍ରୀ ଥିଲା ସମୀକ୍ଷା । ଏମିତି କୌଣସି ବିଭାଗ ରହିଯାଇନଥିଲା ଜୀବନରେ ଯାହା ସମୀକ୍ଷା ଛୁଇଁ ପାରିନଥିଲା । ବକ୍ତୃତା, ପ୍ରବନ୍ଧଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ପର୍ଯ୍ୟନ୍ତ ସବୁଥିରେ ପ୍ରଥମ । କୌଣସିଥିରେ ଊଣା ନଥିଲା ତାର । ବହୁତ ପୁଅ ତା ପ୍ରେମର ଟିକିଏ କଣିକା ପାଇଁ ବ୍ୟାକୁଳ ଥିଲେ ହେଲେ ସମୀକ୍ଷା କେଜାଣି କେମିତି ଅସୀମଙ୍କ ପ୍ରେମରେ ବନ୍ଧାଥିଲା । ଅସୀମ ସେତେବେଳେ ରିସର୍ଚ୍ଚ ସ୍କଲାର ରୂପେ କାମ କରୁଥିଲେ ।

ସମୀକ୍ଷା ଲାଗୁଥିଲା ଦୁନିଆରେ ଅସୀମ ହିଁ ତାକୁ ବୁଝିପାରନ୍ତି । ତାର ସବୁ ଦୁର୍ବଳତା ଜାଣିମଧ୍ୟ ତାକୁ ଗ୍ରହଣ କରିପାରନ୍ତି ଆଉ ସବୁ ମାନଅଭିମାନର ପାଚେରୀ ଯେକୌଣସି ସମୟରେ ଡେଇଁ ସେ ତା ପାଖକୁ ଫେରି ଆସିପାରିବେ ।

ଷଷ୍ଠ ବର୍ଷର ପରୀକ୍ଷା ସରିଯାଇଥାଏ ସମୀକ୍ଷାର । ଜେଆର୍ଏଫ୍ ପରୀକ୍ଷା ପାଇଁ ପ୍ରସ୍ତୁତିରେ ଅସୀମ ତାକୁ ସାହାଯ୍ୟ କରୁଥିଲେ । ସେଥିପାଇଁ ସେ ରହିଯାଇଥିଲା ହଷ୍ଟେଲରେ, ପରୀକ୍ଷାପରେ ଘରକୁ ନ ଯାଇ । ଦିନସାରା ପରୀକ୍ଷାର ପ୍ରସ୍ତୁତି ପରେ ସଂଧ୍ୟାରେ ଅସୀମଙ୍କ ସହ ମନ ଖୋଲି ବିଶ୍ୱବିଦ୍ୟାଳୟର ମୁକ୍ତ ବାତାବରଣରେ ଟିକେ ବୁଲି ଆସିଲେ ଦିନସାରାର କ୍ଳାନ୍ତି ଦୂର ହୋଇଯାଏ ତାର । କହିବାକୁ ଗଲେ ଏ ସବୁର ଅଲଗା ମଜା ଥିଲା ସେ ସବୁ ଦିନରେ ।

ଏ ଭିତରେ ଜେଆର୍ଏଫ୍ ପରୀକ୍ଷ ତାର ସରିଯାଇଥାଏ । ଅସୀମଙ୍କ ଗବେଷଣା ମଧ୍ୟ ଅନ୍ତିମ ପର୍ଯ୍ୟାୟରେ । ଅସୀମ ତିନିମାସ ପାଇଁ ଲଣ୍ଡନ ଯିବେ, ତାଙ୍କ ଗବେଷଣାର ବିଷୟ

 Magazine Downloaded from www.aahwaan.com

ଉପରେ ସନ୍ଦର୍ଭ ପାଠ କରିବାକୁ ଅକ୍ସଫୋର୍ଡ୍ ୟୁନିଭର୍ସିଟିରେ । ଖୁବ୍ ଗୌରବ କଥା । ଖୁବ୍ କମ ଲୋକଙ୍କୁ ଏ ସୁଯୋଗ ମିଳିଛି । ଯିବା ପାଇଁ ସବୁ ଠିକ୍ ହୋଇଯାଇଥିଲା । ଆସନ୍ତାକାଲି ଅସୀମ ବିଶ୍ୱବିଦ୍ୟାଳୟ ଛାଡୁଛନ୍ତି । ଏମିତି ଗପ କରୁ କରୁ ଅସୀମଙ୍କ ରୁମରେ ରାତି ଅନେକ ହୋଇଯାଇଥିଲା । ଆଉ ରାତିର ବଢ଼ିବା ସଙ୍ଗେ ସଙ୍ଗେ ବର୍ଷା ବି ବଢ଼ିବାରେ ଲାଗିଥାଏ । କେଜାଣି କେମିତି ସେ ଅସୀମଙ୍କ କଥା ଟାଳିପାରିଲାନି ଆଉ ତାଙ୍କ ରୁମରେ ରହିଗଲା । ବିଚ୍ଛେଦ ଓ ମିଳନର ସେ ରାତି ଯେ ତା ପାଇଁ ଏତେ ଭାରି ପଡ଼ିଯିବ ସେ ଜାଣିପାରିଲାନି । ବର୍ଷାବିଦୁର ସେ ଅନ୍ଧକାର ରାତିରେ ସମୀକ୍ଷାପରି ବିଚାରବନ୍ତ ଝିଅ ଏତେ ବଡ଼ ଭୁଲ କରିଦେଲା ! ଅସୀମଙ୍କୁ ନିଜର ସର୍ବସ୍ୱ ଦାଅ କରିଦେଇ କେଜାଣି ସେଦିନ ସେ ଏତେ ଦୁଃଖ କରିନଥିଲା । ତିନିମାସ ପରେ ସେ ଫେରି ଆସିବେ, ଘରେ ତାଙ୍କର ବିବାହ ପାଇଁ ଅରାଜି ହେବାର କିଛି ନଥିଲା । ତେଣୁ ବିବାହ ସୁନିଶ୍ଚିତ, ଏଇ ବିଶ୍ୱାସର ମାଳି ପିନ୍ଧାଇ ଅସୀମ ଲଣ୍ଡନ ଗଲେ ନିଜର ଉନ୍ନତ ଭବିଷ୍ୟତ ପାଇଁ । ସମୀକ୍ଷା ଅପେକ୍ଷା କରି ରହିଗଲା । ଅସୀମଙ୍କ ଫେରିବା ବାଟକୁ ଓ ତା ପରୀକ୍ଷାର ଫଳାଫଳକୁ ।

ସମୟ ପାଖେଇ ଆସୁଥିଲା ଅସୀମଙ୍କର ଫେରିବାର । କେବେ ଫେରିବେ ସେ ତାରିଖ ପୁରା ଜଣାଇ ନଥିଲେ ଅସୀମ । ତଥାପି ଏକ ନିଶ୍ଚିନ୍ତ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିବାରେ ବ୍ୟସ୍ତ ଥିଲା ସେ ।

ହଠାତ୍ କେଜାଣି କେମିତି ଅସୀମ ଚୁପ୍ ହୋଇଗଲେ । ନା ଚିଠି ନା ଫୋନ୍ । ଏପଟୁ ସମୀକ୍ଷା ଯେତେ ଚେଷ୍ଟା କଲେ ବି ସେପଟୁ କୌଣସି ଉତ୍ତର ନଥିଲା । ୟୁନିଭର୍ସିଟିରୁ ସେ ଅନୁପସ୍ଥିତ, ଅନୁପସ୍ଥିତର ଉତ୍ତର । ଏ କଣ... ? ତେବେ କଣ ଅସୀମ ଫେରି ଆସିଲେଣି, ଅଥଚ ତାକୁ ସରପ୍ରାଇଜ୍ ଦେବେ ବୋଲି ଜଣାଉନାହାନ୍ତି ? ନା, ସେ ଘରକୁ ଫେରି ନାହାନ୍ତି ? ତେବେ କଣ କିଛି ଅସୁବିଧା ହେଲାକି ? ନା କୌଣସି ବିଦେଶିନୀକୁ ବିବାହ କରି ସେ

 Magazine Downloaded from www.aahwaan.com

ସେଠାରେ ରହିଗଲେ ? ନା ନା ଅସୀମ କେବେ ଏକଥା କରି ପାରିବେନି । ତେବେ କୁଆଡ଼େ ଗଲେ ସେ... ?

ଏ ସବୁ ଚିନ୍ତା ଭିତରେ ଦିନେ ସେ ଜାଣିଲେ ସେ ଅସୀମଙ୍କ ପିଲାର ମା' ହେବାକୁ ଯାଉଛି । ମାନେ ଅବିବାହିତ ମାତୃତ୍ୱ ? କଣ ସେ କରିବ ? କେମିତି କାହାକୁ କହିବ ? ଏ ତ ଲୁଚି ରହିବା କଥା ନୁହେଁ । ତା ମୁଣ୍ଡ ଖରାପ ହୋଇ ଯାଉଥାଏ । ଧିରେ ଧିରେ ସମସ୍ତେ ଜାଣିବେ । କଣ କହିବେ ? ବହୁତ ଚିନ୍ତା କରି ସେ ତା ବୋଉ ଆଗରେ କହିଲା ଅସୀମଙ୍କ କଥା । ତା'ପରେ ପରିସ୍ଥିତି ଅସମ୍ଭାଳ । ଆଉ ଏ ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଏ ଏବେ ଅସୀମ ନଥିଲେ । ସେ କଣ କରିବ ? ଘରେ ସମସ୍ତେ କହିଲେ ଭୃଣହତ୍ୟା, ଏହି ଏକମାତ୍ର ଉପାୟ ବଞ୍ଚି ରହିବାର ନହେଲେ ନିଜେ ବିଷ ପିଇ ମରିଯା, କି ଘରୁ ବାହାରି ଯା । ତା ବାପାଙ୍କର ଏ କଠୋର ନିର୍ଦ୍ଦେଶ । ତୁ ଆମକୁ ବଞ୍ଚିଥାଉ ଥାଉ ମାରିଦେଲୁ । ହେଲେ ସମୀକ୍ଷା, କେବେ ବି ଅସୀମଙ୍କ ଭଲ ପାଇବାର ଫୁଲକୁ ମକଚି ଦଳି ଦେବାକୁ ଚାହୁଁନଥିଲା । ସେ ଦୃଢ଼ ହୋଇଗଲା । ନିଜ ଭଲପାଇବା ପାଇଁ, ଘର ସହ, ସମାଜ ସହ ଲଢ଼ିବାକୁ ନିଜ ଭିତରେ ଶକ୍ତି ସଂଚୟ କଲା । ନା ସେ ଏ ପିଲାକୁ ଜନ୍ମ ଦେବ । ଅସୀମ ଆସିବାଯାଏଁ ଅପେକ୍ଷା କରିବ । ଅସୀମ ନିଶ୍ଚେ ଫେରିବେ, ଏ ଦୃଢ଼ ବିଶ୍ୱାସ ତା'ର ଥିଲା । ଧିରେ ଧିରେ କଥା ଘରୁ ବାହାରକୁ ଗଲା । ଘରଲୋକ ମୁଣ୍ଡଟେକି ଚାଲି ପାରିଲେନି ।

ଏ ସମୟରେ ତାକୁ ଦିଲ୍ଲୀର ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ପାଇଁ ମିଳିଯିବାଟା ଏକ ବରଦାନ ସ୍ୱରୂପ ହୋଇଗଲା । ସେ ତ ଦିଲ୍ଲୀ ପଳାଇ ଆସିଲା, ହେଲେ ତା ଆସିବାପରେ କଣ ଉତ୍ତର ଦେଇଥିବେ ତା ବୋଉ ଲୋକମାନଙ୍କୁ ସେ କଥା ସେ ଭାବି ପାରୁନଥିଲା । ଚିରଦିନ କଳଙ୍କ ତା ନାଁରେ, ତା ଘର ଲୋକଙ୍କ ନାଁରେ ଲାଗିଗଲା ।

ତଥାପି ସେ ଭାଙ୍ଗି ଯାଇନଥିଲା । ଅସୀମଙ୍କର ଆସିବାକୁ ଉତ୍କଣ୍ଠାର ସହ ଅନାଇ

 Magazine Downloaded from www.aahwaan.com

ରହିଲା । ହେଲେ କେମିତି ଜାଣିବ ସେ କେଉଁଠି ଅଛନ୍ତି ? ସେ ଫେରିଥିଲେ ବି ସେ କେମିତି ଜାଣିବେ ଯେ ସେ ଦିଲ୍ଲୀରେ ଅଛନ୍ତି ? ଏ ସବୁ ଚିନ୍ତାର ବାହାରେ ଥିଲା ତା ପାଇଁ ।

ନୟନ, ତା ପୁଅ, ଦିଲ୍ଲୀର ଏ ରିସର୍ଚ୍ଚସ୍କଲାର୍ ପାଇଁ ଉଦ୍ଦିଷ୍ଟ ଫ୍ଲାଟରେ ଜନ୍ମ । ଲୋକଙ୍କର ପ୍ରଶ୍ନିଳ ଆଖିର ସମ୍ମୁଖୀନ ହୋଇଛି ସମୀକ୍ଷା, ଉତ୍ତର ଦେବାପାଇଁ ହଡ଼ବଡ଼ ହୋଇଛି । ତଥାପି କେବେ ଭାବିନି ଯେ ସେ ଭୁଲ କରିଦେଇଛି । ସମାଜରେ ଆମେ ରହୁଛେ, ଗୋଟେ ଝିଅ ପାଇଁ ସବୁ କିଛି ଆଗକୁ ପଛକୁ ଚାହିଁ କରିବା ଉଚିତ । ସେ ଠିକ୍ କରିନଥିଲା ସେତେବେଳେ, ଏକଥା ସେ ଆଜି ଜାଣିପାରୁଛି । ଗୋଟେ ଭୁଲ ଲୋକକୁ ବିଶ୍ୱାସ କରିବାର ଦଣ୍ଡ ସେ ଆଜି ପାଉଛି ।

ଭଗବାନଙ୍କ ନିଷ୍ଠୁର ନିର୍ଦ୍ଦେଶ ଦେଖ, ଅସୀମ ଅଢ଼େଇ ବର୍ଷପରେ ଲଣ୍ଡନରୁ ଫେରିଛନ୍ତି, ପୁଣି ଏଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ହିଁ ଯୋଗ ଦେଇଛନ୍ତି । ତା' ଭିତରେ ଆଉ ଶକ୍ତି ନାହିଁ, ଏ ସବୁକୁ ସାମନା କରିବାକୁ । କେଉଁଠିକି ବା ସେ ଯିବ ?

ବର୍ଷା ବଢ଼ିବାରେ ଲାଗିଛି । ଆଉ ଏତେ ରାତି ହେଲାଣି, ନୟନକୁ ଉଠାଇ କିଛି ଖାଇବାକୁ ଦେବ । ଏବେ ଧିରେ ଧିରେ କଥା କହିବା ଆରମ୍ଭ କରିଛି ନୟନ । କଣ ତାର ଭବିଷ୍ୟତ କିଏ ଜାଣେ ?

ସେ ଉଠିଲା, ନୟନ ପାଇଁ ଖାଇବା ପ୍ରସ୍ତୁତ କରିବାକୁ । ବାହାରେ କିଏ ଡାକୁଛି ! ଏତେ ରାତିରେ, ପୁଣି ବର୍ଷାର ତୁହାକୁ ତୁହା ମାଡ଼ । କିଏ ହୋଇପାରେ ? ସେ ଡରିଗଲା । କି ହୋଲ୍ ପଟେ ଦେଖିଲା... ଚମକି ପଡ଼ିଲା ସେ । ରେନକୋର୍ଟ୍ ପିନ୍ଧି ଅସୀମ ଛିଡ଼ା ହୋଇଛନ୍ତି । କେମିତି ସେ ଏଠି ? ଇଚ୍ଛା ହେଲା ତା'ର, ସେ କବାଟ ବିଲକୁଲ୍ ଖୋଲିବନି, ସେମିତି ସେ ଫେରିଯାଆନ୍ତୁ ।

ହେଲେ, ନା ସେ ଭାବିଲା ଥରେ ତାଙ୍କୁ ପଚାରିବ, କାହିଁକି ସେ ମୋ ସହ ଏମିତି

 Magazine Downloaded from www.aahwaan.com

କଲେ ? ଆଜି ପଚାରିବ, ମୋତେ ଫେରାଇ ଦିଅ ଅସୀମ, ମୋର ସେ ସମୟ ତକ ଯାହା ମୁଁ ତୁମ ସହ କଟାଇଥିଲି । ମୋତେ ମୁକ୍ତି ଦିଅ, ମୁଁ ଆଉ ରହିପାରୁନି । ମୋ ଭିତରେ ଆଉ ଏତେ ଧୈର୍ଯ୍ୟ ନାହିଁ, ସବୁ ନିଜ ଭିତରେ ଚାପି ରଖିବାକୁ ।

ଯନ୍ତ୍ରବତ ହୋଇ କବାଟ ଖୋଲିଲା ସେ । ନିଜ ଘରପରି ପଶି ଆସିଲେ ଅସୀମ, ବିନା ସଂକୋଚରେ । ଏହି ସମୟରେ ନୟନର କାନ୍ଦ ଭିତରୁ ଶୁଭିଲା । ଅସୀମଙ୍କୁ ବସିବାକୁ କହି ସମୀକ୍ଷା ଭିତରକୁ ଗଲା । ମାତ୍ର ଅସୀମ ତା ପଛେ ପଛେ ଭିତରେ, ନୟନକୁ କୋଳକୁ ନେଇ ସେ ଚୁପ୍ କରାଇବା ବେଳେ, “ଏ ଆମ ପୁଅ ନା ?” ଦମ୍ଭର ସହ ପଚାରିଲେ ଅସୀମ । “ନା, କେବଳ ମୋ ପୁଅ ।” ଖୁବ୍ ବିଶ୍ୱାସ ମୋ ଉପରେ ଯେ ମୁଁ ବାହା ନ ହୋଇ ତୁମକୁ ଅପେକ୍ଷା କରିଥିବି ଆଉ ତୁମେ ତିନିମାସ କହି ଅଢ଼େଇ ବର୍ଷ ପରେ ବାହା ହେଇ ଫେରୁଛ ? ତେବେ କୁହ ମୋ ସହ ଏମିତି କାହିଁକି କଲ ? ନା ସବୁ କରିବାପରେ ତମ ମନ ଛାଡ଼ିଗଲା ?” ଯେମିତି ସାଧାରଣ ନାରୀଟିଏ ଅସହଣୀ ହୋଇ କହିଯାଏ ସେମିତି କହିଗଲା ସମୀକ୍ଷା । ଟିକେ ବି ଭାବିଲାନି କଣ ଭାବୁଥିବେ ଅସୀମ ।

ତା ପରେ ଉଭୟ ନିରବ । ନୟନକୁ ସେ ସମୀକ୍ଷା କୋଳରୁ ନେଇ ଧରିଥାନ୍ତି । ଅସୀମ କହିଲେ, “ମୁଁ ତୁମ ଯାଗାରେ ଥିଲେ ବି ଏଇଆ କହିଥାନ୍ତି । ହେଲେ ପ୍ରକୃତ କଥା କହିବାକୁ ମୁଁ ଆଜି ଆସିଛି । ଏ କଥା ନ କହିଲେ ତୁମେ କଣ, ମୁଁ ମଧ୍ୟ ନିଜକୁ କ୍ଷମା ଦେଇ ପାରିବିନି ।”

ସେଦିନ ମୁଁ ମୋର ସନ୍ଦର୍ଭ ପତ୍ରର ନକଲ ଦେଇ, ପ୍ରମାଣ ପତ୍ର ଆଣିଲି । ମୋ ସନ୍ଦର୍ଭ ପାଠ ବି ଏତେ ଆଦୃତ ହୋଇଥିଲା ତୁମେ କଳ୍ପନା କରି ପାରିବନି । ମୁଁ ଖୁସିହୋଇ ଫେରୁଥାଏ । ମୋ ଗାଇଡ଼ ଡଃ ମଜୁମଦାର ବି ମୋର ଏ କୃତିରେ ବହୁତ ଖୁସିଥିଲେ । ଘରକୁ ଫେରିବାର ଓ ତୁମକୁ ଏ ଖବର ଶୁଣାଇବାର ଖୁସି ମୋତେ ଖୁବ୍ ପାଗଳ କରି ଦେଇଥିଲା । ମୁଁ ଅନ୍ୟମନସ୍କ ହୋଇ ଆସୁ ଆସୁ ଗୋଟେ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହେଲି ।

 Magazine Downloaded from www.aahwaan.com

ଚେତାଫେରିବା ପରେ ନିଜକୁ ଡାକ୍ତରଖାନାର ଖଟିଆରେ ପାଇଲି । ପାଖାର ମୋ ଗାଇଡ଼ ଡଃ ମଜୁମଦାର ଓ ତାଙ୍କ ଝିଅ ଏଲିନା । ଗୋଟେ ଶବ ପରି ମୁଁ ପଡ଼ିରହିଛି ଦୀର୍ଘ ଦୁଇବର୍ଷରୁ ଅଧିକ । ମୁଁ ଯେ ଚାଲିପାରିବି ପୁଣି ପୂର୍ବ ଅବସ୍ଥାକୁ ଫେରିପାରିବି, ଏ ବିଶ୍ୱାସ ମୋର ନଥିଲା । ସର୍ବାଙ୍ଗ ଶରୀର ମୋର କ୍ଷତବିକ୍ଷତ, ହାଡ଼ ଖଣ୍ଡଖଣ୍ଡ ।

ଦିନରାତି ଏଲିନା ମୋ ପାଖରେ ଥିଲା । ଆଉ ଡଃ ମଜୁମଦାର ପୁଅଠାରୁ ମଧ୍ୟ ଅଧିକ ମୋତେ ସ୍ନେହ ଦେଇଛନ୍ତି । ବାରମ୍ବାର ଅପରେସନ, ପ୍ଲାଷ୍ଟର... ମୁଁ ନିଜେ ହିଁ ମନା କରିଦେଇଥିଲି ମୋ ବିଷୟରେ ଘରେ କିମ୍ବା ତୁମକୁ କିଛି ଜଣାଇବାକୁ । ମୁଁ ଭାବିନଥିଲି ମୋ ପୂର୍ବ ଚେହେରା ମୁଁ ପୁଣି ଫେରି ପାଇବି ! ସେ ଯାହା ହେଉ ଭଗବାନଙ୍କ ଆଶୀର୍ବାଦ, ତୁମ ଭଲ ପାଇବା ଆଉ ଏଲିନାର ସେବା ହେତୁ ମୁଁ ଆଜି ଭାରତ ଫେରିବାକୁ ସକ୍ଷମ ହୋଇଛି । ଡଃ ମଜୁମଦାର ତାଙ୍କର ସେ ଉଦାରତା ପାଇଁ, ସେ ସମୟୋପଯୋଗୀ ଉପକାର ପାଇଁ ମୋତେ କିଛି ମାଗି ନାହାନ୍ତି ।

କିନ୍ତୁ ହଠାତ୍ ଦିନେ ଡଃ ମଜୁମଦାର ହୃଦଘାତରେ ମୃତ୍ୟୁବରଣ କଲେ । ଏଲିନା ଏକା ହୋଇଗଲା । ମୃତ୍ୟୁ ପୂର୍ବରୁ ସେ କେବଳ ଏତିକି କହି ଯାଇଥିଲେ ଏଲିନାର ଆଉ କେହି ନାହାନ୍ତି । ମୁଁ ଭାବିଥିଲି ଏଲିନାକୁ ତା ଇଚ୍ଛା ମୁତାବକ ବିବାହ ଦେବାପରେ ଭାରତ ଫେରି ଆସିବି । ହେଲେ ଯେତେବେଳେ ଜାଣିଲି ଏଲିନା ଏଚ୍ଆଇଭି ପଜିଟିଭରେ ଆକ୍ରାନ୍ତ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏକଥା ଡଃ ମଜୁମଦାର ମଧ୍ୟ ଜାଣିନଥିଲେ । ଏଲିନା କେଉଁ ବିଦେଶୀ ପ୍ରେମୀଠାରୁ ଏତିକି ଗ୍ରହଣ କରିଥିଲା । ମୁଁ କିଛି ଭାବି ପାରୁନଥିଲି । ଗୁରୁଙ୍କ ଋଣ ଶୁଝିବାର ଉପାୟ କିଛି ଦେଖି ପାରିଲିନି । ଏଲିନାର ଦାୟିତ୍ୱ ନେବାପାଇଁ ଅନ୍ୟ କେହି ନାହିଁ । ଆଉ ତା ପରି ଦୁଃଖୀ ଝିଅଟିକୁ ମୁଁ ଏକା ଛାଡ଼ି ଆସି ପାରିଲିନି । ମୁଁ ଭାବିଲି ମୁଁ ହିଁ ତାକୁ ବିବାହ କରିଦେବି ଆଉ ଦୁନିଆଯାକର ଖୁସି ଦେବି । ମୁଁ ଜାଣେ ସେ ଖୁବ୍ କମ୍ ଦିନର ଅତିଥି ଏ

 Magazine Downloaded from www.aahwaan.com

ଦୁନିଆରେ । ମୋର ତୁମ ଉପରେ ଗଭୀର ବିଶ୍ୱାସ ଥିଲା ସମୀକ୍ଷା ତୁମେ ମୋତେ କ୍ଷମା ଦେବ । ମୁଁ ଭାରତ ଫେରିବା ପରେ ତୁମ ବିଷୟ ତୁମ ଘରେ ପଚାରି ଜାଣିଲି, ତୁମେ ଏଠି ଅଛ । ତେଣୁ ମୁଁ ଏଇଠି ହିଁ ଜଏନ୍ କରିଲି । ତୁମକୁ କଷ୍ଟ ଦେବାପାଇଁ ନୁହେଁ, କାରଣ ମୁଁ ତୁମକୁ ବହୁତ ଭଲପାଏ, ସମ୍ମାନ କରେ, ଆଉ ଚାହେଁ ତୁମ ଆଗରେ ମୁଁ ଛୋଟ ହୋଇନଯାଏ ।" କହିସାରି ଚୁପ୍ ହୋଇଗଲେ ଅସୀମ ।

କାଠ ହୋଇ ଅସୀମଙ୍କ କଥା ଶୁଣୁଥିଲା ସମୀକ୍ଷା । କଣ କହିବ, କଣ କରିବ ଭାବୁ ଭାବୁ ସେ କହିଲେ, "ମୋ ପାଇଁ ତୁମେ ବହୁତ ଲଜ୍ଜିତ ହୋଇଛ, ଲାଞ୍ଛିତ ହୋଇଛ, ସବୁକିଛି ହରାଇଛ, ମୁଁ କ୍ଷମାର ମଧ୍ୟ ଯୋଗ୍ୟ ନୁହେଁ ।"

ନୟନ ଭୋକରେ ମଧ୍ୟ ଅସୀମଙ୍କ କୋଳରେ ଗଭୀର ନିଦରେ ଶୋଇଯାଇଥାଏ । ଆଉ ସମୀକ୍ଷା ବାହାର ବର୍ଷାକୁ ଚାହିଁ ଭାବୁଥାଏ । ସେଦିନ ବି ଏମିତି ଏକ ବର୍ଷା ରାତିରେ ସେ ଗୋଟେ ଭୁଲ କରି ଦେଇଥିଲା । ନା, ସବୁ ଜାଣି ସାରିଲାପରେ ସେ ଏହାକୁ ଭୁଲ ବୋଲି କହିବନି କାରଣ ସମୀକ୍ଷା କେବେ ଭୁଲ ହିଁ କରେନି ।

 Magazine Downloaded from www.aahwaan.com

# ମୃତ୍ୟୁଦୂତ



ସୁଷମା ପରିଜା

ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲର ସ୍ପେଶାଲ ୱାର୍ଡରୁ ବାହାରୁଥିଲା ସରିତା, ମା'ର କାନ୍ଧରେ ଭରା ଦେଇ, ଅନ୍ୟ ହାତରେ ଶାଶୁ ଶାନ୍ତି ଦେବୀଙ୍କର ହାତ ଧରି । ଆଜି ଏକ ମାସ ଉଣେଇଶ ଦିନ କଟକ ବଡ ଡାକ୍ତରଖାନାରେ ପଡି ଚିକିତ୍ସିତ ହେଲା ପରେ ପ୍ରଥମ ଥର ଲାଗି ବାହାରକୁ ପାଦ ବଢାଉଛି ସିଏ । ପାଦ ଟଳମଳ ହେଉଛି, ଏପଟ ସେପଟ ହୋଇ ପଡୁଛି, ସତେ କି କିଏ ତା'ର ସବୁ ବଳକୁ ନିଃଶେଷ କରି ଶୂନ୍ୟେ ଶୁନ୍ୟେ ଭିଡି ନେଉଛି । ମୁଣ୍ଡ ଉଠାଇ ଚାହିଁଲା ସରିତା । ଆଗରେ ଚାଲିଛନ୍ତି ଶଶୁର, ତାଙ୍କ ପଛକୁ ଚାଲିଛନ୍ତି ବାପା, ମୁଣ୍ଡ ଝୁଙ୍କାଇ ଧୀର ପଦପାତରେ । ପାଖରେ ଚାଲିଛନ୍ତି ବେଶ୍ କିଛି ଲୋକ, ଯେଉଁମାନେ କିଛି ପଚାରି ପଚାରି ଚାଲିଛନ୍ତି ବାପାଙ୍କୁ । ୱାର୍ଡ ବାହାରେ ବହୁତ ଲୋକଙ୍କ ଭିଡ, କିଛି ପୋଲିସ୍ ମଧ୍ୟ ଅଛନ୍ତି, ଦଳ ଦଳ ହୋଇ ଲୋକମାନେ ଛିଡା ହୋଇଛନ୍ତି, ସେଥିରୁ ଗୁଡିଏ କାନ୍ଧରେ କ୍ୟାମେରା ପକାଇଛନ୍ତି । ସରିତା ବାରଣ୍ଡାରେ ପାଦ ଦେବା କ୍ଷଣି ମିଡିଆ ବାଲାଙ୍କର ମାଇକ୍‌ର ବୁମ୍ ଗୁଡିକ ମାଡି ଆସିଲା ତା'ଆଡକୁ । କେଇଜଣ ସାମ୍ବାଦିକ ଚଢା ମଡା ହୋଇ ଧାଇଁଲେ ତା'ଆଡକୁ । ପ୍ରଶ୍ନବାଣରେ ଜର୍ଜରିତ କରି ପକାଇଲେ ତାକୁ । ସେ ଏବେ କୁଆଡେ ଯିବ ଶାଶୁ ଘରକୁ ନା ବାପ ଘରକୁ ? ସେ ଦିନର ଦୁର୍ଘଟଣା ପଛରେ କାହାର ହାତ ଅଛି ? ତା'ର କାହା ସହିତ ଆଗରୁ ଶତ୍ରୁତା ଅଛି କି ? ସେ ଏହି ଘଟଣାରେ କାହାକୁ ସନ୍ଦେହ କରୁଛି କି ? ଏକାବେଳକେ ଏତେ ଲୋକଙ୍କ ଏତେ ଗୁଡ଼ାଏ ପ୍ରଶ୍ନ ଶୁଣି ହଡବଡେଇ ଗଲା ସରିତା । ପଛକୁ

 Magazine Downloaded from www.aahwaan.com

ଘୁଞ୍ଚିଯାଇ ପଡି ଯାଉଯାଉ ମାଆଙ୍କ କାନ୍ଧରେ ଆଉଜି ପଡିଲା ସେ । ତା'ର ମୁଣ୍ଡ ପୁଣି ଥରେ ଘୁରାଇବାକୁ ଆରମ୍ଭ କରିଥିଲା । ତା'ର ଏମିତି ଅବସ୍ଥା ଦେଖି ଭିଡ କାଟି ଆଗେଇ ଆସିଲେ ଜଣେ ମହିଳା ପୋଲିସ ଇନିସପେକ୍ଟର । ସରିତାକୁ ଆଢୁଆଳରେ ରଖି ବର୍ଷିଗଲେ ସାମ୍ବାଦିକ ମାନଙ୍କ ଉପରେ । କହିଲେ, "ଆପଣମାନେ ମଣିଷ ନା ପଶୁ । ଜଣେ ମହିଳା ଏତେ ବଡ ଗୋଟାଏ ଦୁର୍ଘଟଣାରେ ତା'ର ସର୍ବସ୍ୱ ହରାଇ ମାସାଧିକ କାଳ କୋମାରେ ପଡି ପଡି ଟିକିଏ ସୁସ୍ଥ ହୋଇ ଘରକୁ ଫେରୁଛି, ଆଉ ଆପଣମାନେ କ'ଣ କରୁଛନ୍ତି ? ଆପଣଙ୍କର ନିଜ ନିଜ ଚ୍ୟାନେଲ୍‌ର ଟିଆରପି ବଢେଇବା ଲାଗି ତା'ର ପୋଡା ଘା'ରେ ଚୂନ ମାରୁଛନ୍ତି ? ଇଏ କଣ ମଣିଷ ପଣିଆ ? ହଟନ୍ତୁ, ହଟନ୍ତୁ ଆପଣମାନେ ।" ସେ ତାକୁ ସେମିତି ଆଢୁଆଳରେ ଧରି ଧରି ନେଇ ରାସ୍ତାଉପରେ ଠିଆ ହୋଇଥିବା ତାଙ୍କ ଗାଡିରେ ବସାଇ ଦେଲେ । ଗାଡି ଭିତରେ ବସି ଲମ୍ବା ନିଶ୍ୱାସଟିଏ ନେଲା ସରିତା । ବାପାଙ୍କ ଆଦେଶରେ ଗାଡି ଗଡି ଯାଇଥିଲା ତା'ର ଗନ୍ତବ୍ୟ ମାର୍ଗରେ । ଗାଡି ଭିତରେ ବସି ପଛ ସିଟ୍‌ରେ ମୁଣ୍ଡ ଆଉଜାଇ ଶୋଇଗଲା ସରିତା ।

ଆଖିପତା ମୁଦିଲା କ୍ଷଣି ମନଭିତରେ ଭାସି ଉଠୁଥିଲା ଶୁଭାଶିଷଙ୍କର ହସ ହସ ମୁହଁ । ବର ବେଶରେ କେଡେ ସୁନ୍ଦର ଦିଶୁଥିଲେ ଶୁଭାଶିଷ । ଠିକ୍ ରାଜକୁମାରଟିଏ ଭଳି । ସେଦିନ ବୋହୂ ବେଶରେ ସେ ବି କିଛି କମ୍ ସୁନ୍ଦର ଦେଖାଯାଉ ନଥିଲା । ବର ଦୁଆର ମୁହଁରେ ପହଞ୍ଚିଲା ବେଳକୁ ବରଣୀ ଦେଖିବାକୁ ସମସ୍ତେ ତାକୁ ଏକୁଟିଆ ଛାଡି ଧାଇଁଲେ ଦାଣ୍ଡ ଦୁଆରକୁ । ସେତିକି ବେଳେ ତା'ର ପ୍ରିୟ ବାନ୍ଧବୀ ସିଲୁ ତାକୁ ଟାଣି ନେଇଥିଲା ଝରକା ପାଖକୁ । ମଜା କରି କହିଥିଲା ଆଲୋ ଦେଖି ନେ । ଜୀବନରେ ଆଉ କେବେ ଏମିତି ସୁଯୋଗ ମିଳିବନି ତୋ ବରକୁ ବର ବେଶରେ ଦେଖିବାକୁ । ଲାଜ ଲାଜ ହୋଇ କଣେଇ ଚାହିଁଲା ସରିତା ଝରକାଦେଇ । ଘିଅ ରଙ୍ଗର ଶେରଓ୍ୱାନୀ ଆଉ ସୁନେଲି ଜରି ଦିଆ ଖଇର

 Magazine Downloaded from www.aahwaan.com

ରଙ୍ଗର ପଗଡିରେ ଝଲସି ଉଠୁଥିଲା ଶୁଭାଶିଷଙ୍କ ଚେହେରା । ଡିଜେର ତାଳେ ତାଳେ ବରଯାତ୍ରୀଙ୍କ ଉଦଣ୍ଡ ନାଚରେ କମ୍ପି ଉଠୁଥିଲା ସାରା ସହର । ବାଣ ରୋଶଣୀରେ ଚମକି ଉଠୁଥିଲା ସାରା ସହର । ନାନାରଙ୍ଗର ପ୍ରାକୃତିକ ଫୁଲରେ ସୁସଜ୍ଜିତ ଗୋଟିଏ ସୁନ୍ଦରରଥ ଉପରେ ବସି ଶୁଭାଶିଷ ଆସିଥିଲେ ତାଙ୍କ ଘରକୁ ବରବେଶ ହୋଇ । ଆନନ୍ଦରେ ଉଲୁସି ଉଠୁଥିଲା ସରିତାର ମନ ।

ଶୁଭାଶିଷର ବାପା ଆଉ ସରିତାର ବାପା ଥିଲେ ପାରିବାରିକ ବନ୍ଧୁ ଓ ପରିବାରବର୍ଗଙ୍କ ସହମତିରେ ଏହି ବିବାହ ପ୍ରସ୍ତାବ ସ୍ଥିରୀକୃତ ହୋଇଥିଲା । ପିଲାଟି ଦିନରୁ ଶୁଭାଶିଷକୁ ଜାଣି ଥିଲେବି ନିଜର ଭାବି ସ୍ୱାମୀ ରୂପେ କେବେ କଳ୍ପନା କରି ନଥିଲା ସରିତା । ଯେଉଁ ଦିନଠାରୁ ଏ ବାହାଘର ସ୍ଥିର ହୋଇଥିଲା ସେହିଦିନ ଠାରୁ ତାଙ୍କୁ ନେଇ ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଥିଲା ସେ । କେମିତି ତାଙ୍କର ମନ କିଣିନେବ, କେଉଁଠିକି ସେମାନେ ହନିମୁନ୍‌ରେ ଯିବେ ଏଇ ସବୁ ଭାବନାରେ ତା'ର ଦିନ କଟୁଥିଲା । ଉଭୟଙ୍କ ପରିବାର ଥିଲେ ଆର୍ଥିକ ସ୍ୱଚ୍ଛଳ ତେଣୁ ଏହି ବାହାଘରଟିକୁ ଭବ୍ୟ ଢଙ୍ଗରେ କରିବା ଲାଗି ତତ୍ପର ହୋଇ ଉଠିଥିଲା ଉଭୟଙ୍କ ପରିବାର । ପଇସା ପାଣିପରି ଖର୍ଚ୍ଚ ହେଉଥିଲା, ଆଡମ୍ବର ସହକାରେ ପାଳନ ହୋଇଥିଲା ସମସ୍ତ ବିଧିବିଧାନ । ଆଧୁନିକ ରୀତିରେ ପାଳିତ ହୋଇଥିଲା ସଂଗୀତ, ହଳଦୀ, ମେହେନ୍ଦୀ କାର୍ଯ୍ୟକ୍ରମ । ନାଚ, ଗୀତ, ଖାନା, ପିନା କେଉଁଥିରେ ବି ଟିକିଏ କମ୍ କରିନଥିଲେ କେହି । ତିନିଶହ ବରଯାତ୍ରୀଙ୍କୁ ଭୋଜିଭାତରେ ଖୁବ୍ ଆପ୍ୟାୟିତ କରିଥିଲେ ସରିତାର ବାପା ।

ଶୁଭାଶିଷ ଆଉ ସରିତା ଉଭୟ ଥିଲେ ନିଜ ନିଜ ପରିବାରର ଏକମାତ୍ର ସନ୍ତାନ । ସରିତାର ବାପା ରବି ନାରାୟଣ ଦାସଙ୍କର ଥିଲା ଲୁଗାପଟା ବ୍ୟବସାୟ । ଏକ ମାତ୍ର ଝିଅଟିକୁ ସେ ଏମବିଏ ପଢାଇଥିଲେ । ଶୁଭାଶିଷର ବାପା ନବ କିଶୋର ମହାପାତ୍ରଙ୍କର ଥିଲା ଚାଉଳ

 Magazine Downloaded from www.aahwaan.com

ଗୋଦାମ । ନିଜର ଏକ ମାତ୍ର ସନ୍ତାନକୁ ସେ ବ୍ୟବସାୟୀ କରିବା ଲାଗି ଚାହୁଁନଥିଲେ । ତେଣୁ ତାକୁ କମ୍ପ୍ୟୁଟର ବିଜ୍ଞାନ ପଢାଇ ଇଞ୍ଜିନିୟରଟିଏ କରିବା ଲାଗି ସବୁ ବ୍ୟବସ୍ଥା କରିଥିଲେ । ପାଠପଢା ସାରି କମ୍ପ୍ୟୁଟର୍ ଇଞ୍ଜିନିୟର ଭାବେ ଶୁଭାଶିଷ ଯୋଗ ଦେଇଥିଲା ବେଙ୍ଗାଲୁରୁର ଗୋଟିଏ କମ୍ପାନୀରେ ତିନିବର୍ଷ ତଳେ । ବାହାଘରର ପ୍ରସ୍ତାବ ସ୍ଥିରୀକୃତ ହେଲାପରେ ଛୁଟି ନେଇ ଆସିଥିଲା ମାସକ ପାଇଁ ।

ବାହାଘର ପରେ ଯଥାରୀତିରେ ଝିଅ ଜ୍ୱାଇଁଙ୍କୁ ବିଦା କରିଥିଲେ ରବି ନାରାୟଣ । ବାପଘରକୁ ଛାଡି ଆସିବାର ଦୁଃଖ ତ ଥିଲା କିନ୍ତୁ ଶୁଭାଶିଷଙ୍କ ପରିବାରର ସ୍ନେହ ଶ୍ରଦ୍ଧା ସେ ଦୁଃଖକୁ ବେଶୀ ସମୟ ରହିବାକୁ ଦେଇନଥିଲା । ଶୁଭାଶିଷଙ୍କର ଛୋଟ ଛୋଟ ଦୁଷ୍ଟାମି ସରିତାକୁ ଖୁବ୍ ଭଲ ଲାଗୁଥିଲା । ଯେମିତି କି ବାହାବେଦୀରେ ହାତଗଣ୍ଠି ପଡିଲା ବେଳେ ତା'ର ହାତକୁ ଦାବି ଦେବା, ବିଦା ହୋଇ ଆସିଲାବେଳେ ଆଞ୍ଜୁଳି ଦେବା ବାହାନାରେ ତାକୁ ଛାତିରେ ଚାପି ଧରିବା, ପାଣି ପିଇବାର ବାହାନା କରି ବାରମ୍ବାର ସେ ବସିଥିବା ଘରକୁ ଆସିବା, କେହି ନଦେଖଲା ବେଳେ ତାକୁ ଆଖିମିଟିକା ମାରିବା ଇତ୍ୟାଦି ଇତ୍ୟାଦି । ଚତୁର୍ଥୀ ହୋମ ସରିବା ପରେ ସଜବାଜ କରି ଘର ଲୋକେ ତାକୁ ବସେଇ ଦେଇଥିଲେ ଭୋଜିଭାତ ହେବାକୁ ଥିବା ହଲ୍‌ର ମଣ୍ଡପ ଉପରେ । ସନ୍ଧ୍ୟାରେ ଥିଲା ସେମାନଙ୍କର ବାହାଘରର ରିସେପସନ୍ । ହଜାରରୁ ଅଧିକ ଲୋକଙ୍କୁ ଭୋଜିକୁ ନିମନ୍ତ୍ରଣ କରିଥିଲେ ଶଶୁର । ଭୋଜିଭାତ ସରୁ ସରୁ ରାତି ବାରଟା ହେଲା ।

ସେଠାରୁ ଉଠିଲା ପରେ ଶୁଭାଶୀଷଙ୍କର ର ଭାଉଜ ଜଣେ ସରିତାକୁ ଆଣି ଛାଡି ଦେଇଗଲେ ବାସର ଘରେ । ଖୁବ୍ ଥଟ୍ଟା ମଜା କରି ଅନେକ କଥା କହି ଦେଇଥିଲେ ତା'କୁ । କେମିତି ପ୍ରଥମରାତିରୁ ସ୍ୱାମୀକୁ ବଶ କରି ରଖିହେବ, କେମିତି ଶାଶୁ ଶଶୁରଙ୍କ ଦେଖାଶୁଣା

 Magazine Downloaded from www.aahwaan.com

କରିବାକୁ ହେବ କେମିତି ବୋହୂପଣିଆ କରି ଶାଶୁଘରକୁ ବାପଘରରେ ପରିବର୍ତ୍ତିତ କରିହେବ ଇତ୍ୟାଦି ଇତ୍ୟାଦି । ଲାଜ ଆଉ ଏକ ନୂତନ ଭୟରେ ଛାତି ଧଡ ଧଡ ହେଉଥିଲା ସରିତାର । ମୁଣ୍ଡରେ ଓଢ଼ଣା ଟାଣି ବାସର ଶେଜ ଉପରେ  ବସି  ରହିଥିଲା ସେ । ପ୍ରାୟ ଘଣ୍ଟାକ ପରେ ଖିଲି ଖିଲି  ହସ ସହିତ କବାଟ ବନ୍ଦ ହେବାର ଶବ୍ଦ ଶୁଣି ପାରିଲା ସରିତା । ବୋଧହୁଏ ଭାଉଜମାନେ ଶୁଭାଶିଷଙ୍କୁ ଛାଡି କବାଟ ବନ୍ଦ କରିଗଲେ । ଗୋଟା ପଣେ ଝାଳରେ ବୁଡିଗଲା ସରିତା । ପଛକୁ ଘୁଞ୍ଚିଯାଇ ଆଉ ଟିକିଏ ଓଢ଼ଣା ଲମ୍ବାଇ ଖଟଉପରୁ ତଳକୁ ଓହ୍ଲେଇ ଶୁଭାଶିଷଙ୍କୁ  ମୁଣ୍ଡିଆ ମାରିବା ପାଇଁ ନଇଁ ପଡ଼ିଲା ସେ । ଶୁଭାଶିଷ ତଳୁ ଉଠାଇ ଆଣି ଛାତିରେ  ଭିଡି ଧରିଲେ ସରିତାକୁ । କେଉଁ ଏକ ସୁଖଦ ଆନନ୍ଦରେ ଉଲ୍ଲସି ଯାଉଥିଲା ତାର ସର୍ବାଙ୍ଗ । ଆଖି ବନ୍ଦ କରି ସଂପୂର୍ଣ୍ଣ ଭାବେ ନିଜକୁ ସମର୍ପଣ କରି ଦେଇଥିଲା ସେ ।

ତହିଁ ଆର ଦିନ ଭୋର୍‌ରୁ ଉଠି ନିତ୍ୟକର୍ମ ସାରି ଠାକୁର ଘରେ ପଶିଲା ସରିତା । ଠାକୁର ପୂଜାପରେ ରୋଷେଇ ଘରକୁ ପଶି ଚାହା ତିଆରି କରି ଶାଶୁ ଶଶୁରଙ୍କୁ ଦେଲା ଆଉ ଗୋଟିଏ କପ୍ ଚା'ଧରି ପହଞ୍ଚିଲା ଶୁଭାଶିଷଙ୍କ ପାଖରେ । ସେତେବେଳକୁ  ଶୁଭାଶିଷ ଶୋଇ ରହିଥିଲେ ସେମିତି ବିଛଣାରେ । ମୁଁହରେ ତାଙ୍କର ଲାଗି ରହିଥିଲା ଗଭୀର ଆତ୍ମ ତୃପ୍ତିର ହସଧାରେ, କେମିତି ଗୋଟାଏ ଶିଶୁ ସୁଲଭ ଚପଳତା ଖେଳି ଯାଇଥିଲା । ତାଙ୍କ ମୁହଁକୁ ଚାହିଁଲା ସରିତା । ମୁଣ୍ଡ ଝୁଙ୍କାଇ ଧୀର କରି ଚୁମ୍ବନଟିଏ ଆଙ୍କି ଦେଲା ତାଙ୍କ କପାଳରେ । ତଳଘରୁ ଶାଶୁଙ୍କର ପାଟି ଶୁଭିଲା । "ଶୁଭକୁ ଟିକେ  କହିଦେ" ତ ମାଆ, ଏଠି ଏ ଉପହାର ଗୁଡ଼ିକ ଗଦା ହୋଇ ପଡ଼ି ରହିଛି, ସେଗୁଡିକ  ଦେଖା ଦେଖି କରି ସଜାଡି ରଖିଦେବ । ଆସୁଛି କହି ଧଡପଡ ହୋଇ ଗାଧୁଆ ଘରକୁ ପଶିଲେ ଶୁଭାଶିଷ । ଗାଧୁଆପାଧୁଆ ସାରି ତଳଘରେ

 Magazine Downloaded from www.aahwaan.com

ବସି ରିସେପ୍‌ସନରେ ମିଳିଥିବା ଉପହାର ଗୁଡ଼ିକ ଖୋଲିବାକୁ ଲାଗି ପଡିଲେ । ଅନେକ ଗୁଡିଏ ଉପହାର ମିଳିଥିଲା ତେଣୁ ଶାଶୁ ଡାକ ପକାଇଲେ ଆରେ ମା'ତୁ ବି ଆସୁନୁ ଏଠିକି । ଦି'ଜଣ ମିଶି ପ୍ୟାକେଟ୍ ଗୁଡିକ ଖୋଲିଦିଅ ଶୀଘ୍ର ସରିଯିବ । ତା'ପରେ ଅନ୍ୟ କାମ କରିବା । ଆଇଶାଶୁ ଶୋଇଥିଲେ ଆରପଟ ଘରେ । ସେ ମଧ୍ୟ ଆସି ସେମାନଙ୍କ ପାଖରେ ବସିଲେ । ଅନେକ ଗୁଡିଏ ଛୋଟ ବଡ ପ୍ୟାକେଟ୍‌ରେ ଭର୍ତ୍ତି ହୋଇଥିଲା ଘରସାରା । ସେଇଥିରୁ ସବୁଠାରୁ ବଡ ପ୍ୟାକେଟ୍‌ଟିକୁ ଉଠାଇଆଣି ଖୋଲିବାକୁ ଲାଗିଗଲେ ଶୁଭାଶିଷ ।

ଉପହାରଟି ଆସିଥିଲା ବଲାଙ୍ଗୀରରୁ । ଖୁବ୍ ସୁନ୍ଦର ଭାବରେ ପ୍ୟାକ୍ କରାଯାଇଥିବା ସେଇ ପ୍ୟାକେଟ୍‌ଟି ତିନି ଚାରି ପରସ୍ତ ଜରିଦିଆ ହୋଇ ସିଲ୍ କରାଯାଇଥିଲା । ତାକୁ ଛୁରୀ ଧରି କାଟିବାକୁ ଲାଗିଲା ସେ । କେହି କିଛି ବୁଝିବା ପୂର୍ବରୁ ବଜ୍ରପାତ ହେଲା ଭଳି ଏକ ପ୍ରଚଣ୍ଡ ଶବ୍ଦ ଶୁଭିଲା । ସରିତା ଚମକି ଉଠି ଦେଖିଲା ବେଳକୁ ଶୁଭାଶିଷର ଶରୀରଟା ଶୂନ୍ୟେ ଶୁନ୍ୟେ ଉପରକୁ ଉଠି ପୁନର୍ବାର ତଳକୁ ଖସି ପଡିଥିଲା ଖଣ୍ଡ ଖଣ୍ଡ ହୋଇ । ଘରକାନ୍ଥ ଫାଟି ଦି ଖଣ୍ଡ ହୋଇ ଯାଇଥିଲା, ନିଆଁ ହୁଳାଟାଏ ଘର ଭିତରେ ଘୁରି ବୁଲୁଥିଲା । ପୃଥିବୀଟା ଫାଟିଗଲା ଯେମିତି । "ମା ଲୋ" ବୋଲି ବିକଟାଳ ରଡିଟାଏ କରି ଟଳି ପଡିଲା ସରିତା । ତା ଆଖି ଆଗରେ ଅନ୍ଧକାର ଘୋଟିଗଲା ।

ତା ପରର ଘଟଣା ଇତିହାସ ହୋଇ ରହିଗଲା । କେମିତି କିଏ ଖବର ଦେଲା କେଜାଣି, ଆମ୍ବୁଲାନ୍‌ସ କୁ, ପୋଲିସକୁ, ସରିତାର ଘରକୁ ସେ ସମ୍ପର୍କରେ ସରିତାର କିଛି ମନେ ନାହିଁ । କାରଣ ଛତିଶି ଦିନ ପରେ ତା'ର ଚେତନା ଫେରିଲା ବେଳକୁ ତା' ସଂସାର ଉଜୁଡ଼ି ଯାଇଥିଲା । ତା' ନିଜ ଶରୀରର ଅଧିକାଂଶ ଭାଗ ଅକାମୀ ହୋଇ । ଯାଇଥିଲା । ପୋଲିସ୍ ତା'ର ତଦନ୍ତ ଜାରି ରଖିଥିଲେ ମଧ୍ୟ କିଛି ଠୋସ୍ ପ୍ରମାଣ ପାଉ ନଥିଲା । କେତେବେଳ

 Magazine Downloaded from www.aahwaan.com

କହୁଥିଲା ଶୁଭାଶିଷର କେହି ପୁରାତନ ପ୍ରେମିକା ପ୍ରତାରଣାର ପ୍ରତିଶୋଧ ନେବାକୁ ଏ କାଣ୍ଡ କରିଛି ତ କେତେବେଳେ କହୁଥିଲା ସରିତାକୁ ଏକତରଫା ପ୍ରେମ କରୁଥିବା କୌଣସି ପାଗଳ ପ୍ରେମିକ ଏମିତି କାଣ୍ଡ କରିଛି । ନିଜର ଅସଫଳତାକୁ ଘୋଡାଇବାକୁ ଯାଇ ପୋଲିସ୍ ଖାଲି କଟାଘାଆରେ ଚୂନ ଦେଲା ଭଳି ତାଙ୍କ ପରିବାରର ବଦନାମ କରିବାରେ ଲାଗିଥିଲା । ରାଜ୍ୟର ସମସ୍ତ ସମ୍ବାଦପତ୍ରର  ଶିରୋନାମାରେ ରହୁଥିବା ଏଇ ମର୍ମନ୍ତୁଦ ଦୁର୍ଘଟଣାଟି ସରକାରଙ୍କ ନିଦ ହଜାଇ ଦେଇଥିଲା । ରାଜ୍ୟ  ପୋଲିସ୍‌ର ଏମିତି ମନଗଢା ରିପୋର୍ଟରେ ଅସନ୍ତୁଷ୍ଟ ହୋଇ ସିବିଆଇକୁ ତଦନ୍ତ ଭାର ଦେଇଥିଲେ ସରକାର । ପ୍ରତି ଦିନ ନୂଆ ନୂଆ ନୂଆ କଥା ଆଖିକୁ ଆସୁଥିଲା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର । ଚୂଡାନ୍ତ ରିପୋର୍ଟଟି କିନ୍ତୁ ଥିଲା ଚମକପ୍ରଦ । ସଂପୂର୍ଣ୍ଣ ଅବିଶ୍ୱସନୀୟ । ସାରା ରାଜ୍ୟରେ ଚହଳ ପକାଇଥିଲା ରିପୋର୍ଟଟି । ତା' ମାଆଙ୍କର କଲେଜର ଜଣେ ସହଯୋଗୀ ଈର୍ଷାନ୍ୱିତ ହୋଇ ଏକ ରହସ୍ୟ ଉପନ୍ୟାସର ଢଙ୍ଗରେ ସଂପୂର୍ଣ୍ଣ ଏକ ସୁଚିନ୍ତିତ ଯୋଜନାରେ ଘଟାଇଥିଲେ ଏଇ ଅଘଟଣଟି । ଜଣେ ସୁଶିକ୍ଷିତ, ସଂଭ୍ରାନ୍ତ ମଣିଷ ଉଚ୍ଚ ପଦବୀର ମୋହରେ ଅସୂୟା ବଶ ହୋଇ ଏମିତି ଏକ ଜଘନ୍ୟକାଣ୍ଡ ଘଟାଇପାରେ ଏକଥା କେହି କଳ୍ପନା କରି ପାରୁନଥିଲେ । ଅପରାଧୀକୁ ପୋଲିସ୍ ଗିରଫ କରି ଜେଲ୍ ପଠାଇଦେଲେ, ଆଜୀବନ କାରାଦଣ୍ଡ ମିଳିଲା ତା'କୁ । କିନ୍ତୁ ସରିତା ? ସେ କ'ଣ ପାଇଲା ?  ସରିତାର ଜୀବନ ତ ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଗଲା, ସେ କ୍ଷତି ଭରଣା କରିବ କିଏ ? କିଏ ଫେରାଇ ଦେବ ତା'ର ସୁହାଗ ସିନ୍ଦୁର ? କିଏ ଫେରାଇ ଦେବ ତା'ର ଶାଶୁ ଶଶୁରଙ୍କୁ ତାଙ୍କର ଏକମାତ୍ର ଆଶା ଭରସା, ତାଙ୍କ ଅନ୍ଧର ଲଉଡିକୁ ? କେମିତି କାଟିବେ ସେମାନେ ତାଙ୍କର ଅବଶିଷ୍ଟ ଜୀବନ ?

ଗାଡିଟି  ବ୍ରେକ୍  କସିବାର ଝଟକା ଲାଗି ଆଖି ଖୋଲିଗଲା ସରିତାର । ଘର ଆସିଗଲା

 Magazine Downloaded from www.aahwaan.com

ବୋଧହୁଏ । ଗୋଟିଏ ପଟର ଡୋର୍ ଖୋଲି ମା' ଓହ୍ଲାଇ ଆସି ତା'ର ହାତ ଧରି ଓହ୍ଲାଇବା ଲାଗି କହିଲେ, "ମା'ରେ ଘରକୁ ଚାଲ । ତୋ' ଶାଶୁଶଶୁର ପଛ ଗାଡିରେ ଅଛନ୍ତି, ଆମେ ଘରକୁ ଗଲାପରେ ସେମାନେ ତାଙ୍କ ଘରକୁ ଫେରିଯିବେ । ଧୀରେ ଧୀରେ ସବୁ ଠିକ୍ ହୋଇଯିବ । ତୁ ଏଇଠି ଆମ ଘରେ ରହିବୁ । ତୋ ଇଚ୍ଛା ହେଲେ ଆଗକୁ ପଢିବୁ, ଇଚ୍ଛା ହେଲେ ଆଉଥରେ ସଂସାର କରିବୁ, ଇଏ ଖାଲି ଆମର ମନ କଥା ନୁହେଁରେ, ଇଏ ତୋ ଶାଶୁଶଶୁରଙ୍କ ବି ଇଚ୍ଛା ।" ମାଆଙ୍କ କଥା ଶୁଣି କଇଁ କଇଁ ହୋଇ କାନ୍ଦି କାନ୍ଦି ଉଠିଲା ସରିତା, କହିଲା, "କି କଥା ତୁ କହୁଛୁ ମା' ! ତମେ ତ କନ୍ୟାଦାନ କରି ସାରିଛ, ଏ ଘରେ ମୋର ଆଉ କି ଅଧିକାର ଅଛି ? ମୋ ଶାଶୁଘର ହିଁ ମୋର ପ୍ରକୃତ ଘର । ମୋ ସ୍ୱାମୀ ନାହାଁନ୍ତି ତ କ'ଣ ହେଲା, ମୋର ଶାଶୁଶଶୁର ତ ଅଛନ୍ତି, ପାଞ୍ଚଟି ଦିନର ହେଉ ପଛେ ମୋ ସ୍ୱାମୀଙ୍କର ସ୍ମୃତି ତ ମୋ ସହିତ ଅଛି, ସେଇ ସ୍ମୃତିକୁ ପାଥେୟ କରି ମୁଁ ଜୀବନ କାଟିଦେବି । ମୁଁ ମୋ ଶାଶୁ ଶଶୁରଙ୍କର ପୁଅ ହେଇ ବଞ୍ଚି ରହିବାକୁ ଚାହେଁ ମାଆ ! ତମେମାନେ ଖାଲି ମତେ ଆଶୀର୍ବାଦ କର, ମୁଁ ମୋର ଚଲାପଥକୁ ନିଜ ଦୃଢ ମନୋବଳ ନେଇ ଚାଲିବାରେ ସକ୍ଷମ ହୁଏ । ମୁଁ ସେମାନଙ୍କ ଜୀବନର ଆଶ୍ରାବାଡି ହେବାକୁ ଚାହେଁ ମାଆ, ମତେ ତମେ ଅନୁମତି ଦିଅ ।" ଏତିକି କହି ସେ ପଛକୁ ଫେରି ପାଦ ବଢାଇଲା ଶାଶୁ ଶଶୁର ବସିଥିବା ଗାଡି ଆଡକୁ । ଗାଡିର ଡୋର୍ ଖୋଲି ବାହାରକୁ ଆସିଲେ ଶାଶୁ । ଦୁଇ ହାତରେ କୋଳେଇ ନେଲେ ସରିତାକୁ । ଚାରୋଟି ଆଖିର ଲୁହରେ ଭାସି ଯାଉଥିଲା ଦୁଃଖର ଅନ୍ଧାର । ଶଶୁର ଆଖିରୁ ଲୁହ ପୋଛି ଚଷମା ପିନ୍ଧିଲେ । ଆଶାର ଆଲୋକରେ ଉଜ୍ଜ୍ୱଳି ଉଠିଲା ତାଙ୍କର ମୁହଁ । ଗାଡି ଗଡି ଚାଲିଲା ସରିତାର ଶାଶୁଘର ଅଭିମୁଖେ । ସରିତାର ଆଖିରେ ଫୁଟି ଉଠୁଥିଲା ଦୃଢ ନିଷ୍ପତ୍ତିର ଚମକ ।

 Magazine Downloaded from www.aahwaan.com

# ବୋଉ ଆସୁଛି



ଗଦାଧର ବଳ

ବୋଉ ଆସୁଛି ! ଏମିତି ପଦେ କଥା ପତ୍ନୀ ମମତା ଠୁଁ ଶୁଣି ସୁମନ୍ତ ଯେମିତି ଖୁସିରେ ଆତ୍ମହରା ହୋଇ ଯାଇଥିଲା । କଟକ କନିକାଛକ ନିକଟରେ ନିଜର ପୁରୁଣା ମୋଟର ସାଇକେଲଟି ଚଲାଇ ଗତ ତିନିଦିନ ତଳେ ନିଜର ଭଡାଘର ତେଲେଙ୍ଗା ପେଣ୍ଠକୁ ଫେରୁଥିବା ସମୟରେ ଜଣେ ମଦ୍ୟପ ଯୁବକ ପଛପଟୁ ଦୃତ ଗତିରେ ତା'ର ମୋଟର ସାଇକେଲଟି ଚଲାଇ ଆସି ଧକ୍କା ଦେଇଥିଲା ଯେ, ସୁମନ୍ତ ତା'ର ମୋଟର ସାଇକେଲରୁ ପଡି ଯାଇ ଡାହାଣ ଗୋଡଟି ଭାଙ୍ଗି ଯାଇଛି । ଚିକିତ୍ସା ପାଇଁ ତାଙ୍କୁ ପରିବାର ଲୋକେ ଆଣି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପାଖରେ ପତ୍ନୀ ମମତା ପୁଅ ବାପି ବି ରହୁଛନ୍ତି । କନ୍ୟା ମାମା ଏକୁଟିଆ ଘର ଜଗିଛି ।

ସୁମନ୍ତର ପରିବାର କହିଲେ ସେ ଓ ପତ୍ନୀ ମମତା, କନ୍ୟା ମାମା, ପୁତ୍ର ବାପି । ମାମାକୁ ୧୫ ବର୍ଷ, ମେଟ୍ରିକ ପରିକ୍ଷା ଦେବ । ବାପିକୁ ୧୦ ପୁରି ୧୧ ଚାଲିବ । ଷଷ୍ଠ ଶ୍ରେଣୀରେ ପଢେ ।

ମମତା ସହ ବିହାଘରକୁ ତାଙ୍କର ୧୬ବର୍ଷ ପୁରିଗଲାଣି । ନିଜ ପୈତୃକ ଘର ଅନୁଗୋଳ ଜିଲ୍ଲାର ତାଳଚେର ନିକଟସ୍ଥ ବଲଣ୍ଡା ଗାଁରେ । ସାନଭାଇର ବାହାଘରର ମାତ୍ର କେଇଟା ଦିନପରେ କେତେକ ଘରୋଇ କଥାକୁ ନେଇ ସାନଭାଇ ଶ୍ରୀମନ୍ତର ସ୍ତ୍ରୀ ବନିତା ଓ ତାଙ୍କ ପତ୍ନୀ ମମତା ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ତ ସେତେବେଳେ ମାଆ ତାର ଅଧିକାର ସାବ୍ୟସ୍ଥ କରିବା ପାଇଁ ବଡ ବହୁ ମମତାକୁ ଭଲକରି ଦୁଇ ପଦ ଶୁଣାଇଥିଲେ । କଥା ଯାଇ ସୁମନ୍ତ କାନରେ ପଡିଥିଲା । ଛୋଟ କଥାକୁ ନେଇ ମମତା ସୁମନ୍ତ ପାଖରେ ଏମିତି ଭାବେ

 Magazine Downloaded from www.aahwaan.com

ବାଗେଇ ଚୁନେଇ କହିଥିଲା ଯେ ସେ ଅତ୍ୟନ୍ତ ଉତକ୍ଷିପ୍ତ ହୋଇ ପିଲାମାନଙ୍କୁ ନେଇ ଘର ଛାଡି କଟକରେ ଏକ ଘର ଭଡା ନେଇ ସେବେ ଠୁଁ ରହୁଛି । ସୁମନ୍ତ ବି କଟକ ଆସି ସେବେ ଠୁଁ ଏକ ଘରୋଇ କଂପାନିର କାମ କରି ପରିବାର ପ୍ରତିପୋଷଣ କରେ । ଘର ଛାଡିବା ବେଳକୁ ମାମା ୬ ମାସର ଶିଶୁ । ତିନି ପ୍ରାଣୀଙ୍କୁ ନେଇ ସ୍ୱଳ୍ପ ରୋଜଗାରରେ ବହୁ କଷ୍ଟରେ ଘରଭଡା ନେଇ କଟକ ପରି ଏକ ମହଙ୍ଗା ସହରରେ ସୁମନ୍ତ ରହିଲା ସିନା କେବେ କିନ୍ତୁ ଘର ଲୋକଙ୍କ ପାଖରେ ହାତପାତି ଟଙ୍କାଟିଏ ବି ମାଗିନି । ସେଠାରେ ବାପିର ଜନ୍ମ ।

ସେମାନେ ଆସିବା ପରେ ନିଜର ବିଧବା ବୃଦ୍ଧ ମାଆ ଥରେ ଦୁଇଥର ତାଙ୍କ ପାଖକୁ ଆସି ଦୋଷ ନ ଥିଲେ ବି କ୍ଷମା ମାଗି ଗାଁକୁ ଫେରାଇ ନେବାକୁ ଚେଷ୍ଟା କରି ବିଫଳ ହେବା ପରେ ତିନି ଚାରିବର୍ଷ ହେବ ସୁମନ୍ତ ପାଖକୁ ଅଭିମାନରେ ଆସୁନାହିଁ କି ଫୋନ କଲେ ଫୋନରେ କଥା ମଧ୍ୟ ହେଉନି ।

ପିଲାର ଦୁର୍ଘଟଣା କଥା ଶୁଣିବା ପରେ କେଉଁ ମାଆ ଯେ ନିଜର ଜନ୍ମ କଲା ପିଲାକୁ ନ ଦେଖି ରହି ପାରିବ ? ସୁମନ୍ତର ବୋଉ ବି ସେମିତି ନିଜକୁ ସମ୍ଭାଳି ପାରି ନଥିଲା । ନିଜ ଜନ୍ମ କଲା ପୁଅ ଡାକ୍ତରଖାନାରେ ପଡିଛି, ମାଆ ହୋଇ କେମିତି ସମ୍ଭାଳି ଥା'ନ୍ତେ ନିଜକୁ ! ବୋଉ ତାର ସବୁ ପଛ କଥାକୁ ଭୁଲି ବଡ ବୋହୂ ମମତା ପାଖକୁ ଫୋନ କରିଥିଲା, ବୁଝିଥିଲା ଦୁର୍ଘଟଣା ବିଷୟରେ । ଜାଣିବାକୁ ବି ପାଇଥିଲା, ସୁମନ୍ତ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ଆସନ୍ତା କାଲି ସଂଧ୍ୟାରେ ତାର ଭଙ୍ଗା ଗୋଡ ଅପରେସନ ହେବ ବୋଲି ଡାକ୍ତର ସମୟ ଦେଇଛନ୍ତି । ତେଣୁ ବୋଉ ତା'ର ପୁଅକୁ ଦେଖା କରିବାକୁ କଟକ ଆସିବାକୁ ମନସ୍ଥ କରିଥିଲା ।

ବୋଉ ଆସୁଛି ଜାଣି ସୁମନ୍ତର ଅଜାଣତରେ ତା ଆଖିରୁ ଦୁଇଟୋପା ଲୁହ ଝରି

 Magazine Downloaded from www.aahwaan.com

ଆସିଥିଲା, ତା'ର ଯନ୍ତ୍ରଣା ପାଇଁ ନୁହଁ ବରଂ ବୋଉ ତା ପାଖକୁ ଆସିବା ଖବର ପାଇବାର ଆନନ୍ଦରେ ।

ସୁମନ୍ତ ବି ମନେ ମନେ ଭାବୁଥିଲା ବୋଉ ତା ପାଖରେ ପହଁଞ୍ଚିଗଲେ ତା'ର ସବୁ ରୋଗ ଆପେ ଆପେ ଭଲ ହୋଇଯିବ ।

ସୁମନ୍ତ ମମତାକୁ କହିଲା ମୋବାଇଲରେ ବୋଉ ସହ କଥା କରେଇ ଦେବା ପାଇଁ । ମମତା ବି ଫୋନ ଲଗାଇ ଦେଲା । ଅନେକ ଦିନର ବ୍ୟବଧାନରେ ବୋଉ ସହ କଥା ହେବାର ସୁଯୋଗ ପାଇ ମନକୁ ହାଲକା କରିଦେଲା ସୁମନ୍ତ । ସେ ପରାମର୍ଶ ଦେଇ ବୋଉକୁ ତା'ର କହିଥିଲା ଯେ, "ତୋର ବୟସ ହେଇଗଲାଣି ବସ ଚଢିବା ପାଇଁ ତାଳଚେର ନ ଆସି ଗାଁ ପଖ ବଲଣ୍ଡା ଛକରୁ କଟକ ଆସୁଥିବା 'ଜଗନ୍ନାଥ' ବସରେ ଆସିଲେ ଘରପାଖରୁ ବସି ସିଧା ଆସି ବାଦାମବାଡିରେ ଓହ୍ଲାଇ ତା ପାଖକୁ ଆସିବାକୁ ସହଜ ହେବ ।"

ସୁମନ୍ତ କଥା ମୁତାବକ ତା ବୋଉ ବି ତା ପର ଦିନ ଠିକ ସେହି ସମାନ ବସରେ ହିଁ ଆସିଲେ ।

ବସ୍ ସଂଧ୍ୟା ୭ଟାରେ କଟକ ବାଦାମବାଡିରେ ପହଞ୍ଚିବାର ଥିଲା । ସୁମନ୍ତ ଡାକ୍ତରଖାନା ବେଡରେ ପଡି ବୋଉର ଆସିବା ବାଟକୁ ଉତ୍ସୁକତାର ସହ ଅନାଇ ବସିଛି । ବୋଉକୁ ଦେଖିବାକୁ ମନ ତା'ର ବ୍ୟାକୁଳ ହେଉଥାଏ । ବୟସ୍କ ଲୋକ ! କେମିତି ଭଲରେ ଆସି ବୋଉ ତା ପାଖରେ ପହଞ୍ଚିବ ଠାକୁରଙ୍କୁ ମନେ ମନେ  ଡାକୁଥାଏ । ସାତଟା ପନ୍ଦର ବାଜିଲାଣି ବୋଉ କାହିଁକି ଆସୁନି ? ମନ ତା'ର ବ୍ୟାକୁଳ ହୋଇ ପଡିଲା । ଡାକ୍ତରଖାନା ବେଡରୁ ଅନେକ ଦିନରୁ ତିକ୍ତ ସଂପର୍କ ଥିବା ସାନ ଭାଇ ସହ କଥା ହୋଇ ଜାଣିବାକୁ ପାଇଲା ବୋଉକୁ ତ ସେ ସେହି ସମାନ ବସରେ ହିଁ ବସାଇ କଣ୍ଡକ୍ଟରକୁ ବାଦାମବାଡିରେ

 Magazine Downloaded from www.aahwaan.com

ଓହ୍ଲାଇ ଅଟୋରେ ବସାଇ ଦେବାକୁ କହି ଅଟୋ ଭଡା ବି ସେ ତା ହାତରେ ଦେଇ ଦେଇଥିଲା । କଣ୍ଡକ୍ଟର ତା ପିଲାଦିନର ସାଙ୍ଗ, ସେ ଭୁଲ କରିବନାହିଁ । ଗାଁର ଅନେକଲୋକଙ୍କୁ ଏମିତି ସାହାଯ୍ୟ କରେ ସେ । ଦୁଇଭାଇ, ମାଆ ପହଞ୍ଚିବା ବିଳମ୍ବ ନେଇ କଥା ହେଉଥିବା ବେଳେ, ସେ ସମୟରେ ଖବର ପ୍ରଚାରିତ ହୋଇଗଲା ତାଳଚେରରୁ କଟକ ଆସୁଥିବା ଏକ ଯାତ୍ରୀବାହି ବସ୍ ମହାନଦୀ ପୋଲ ଉପରେ ଭାରସାମ୍ୟ ହରାଇ ପୋଲତଳକୁ ଖସି ପଡିଛି । ସେଥିରେ ଥିବା ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଛି । ଆମ୍ବୁଲାନ୍ସ ସହାୟତାରେ ଆହତମାନଙ୍କୁ ଡାକ୍ତରଖାନାକୁ ଅଣା ଯାଉଛି । ସୁମନ୍ତ ମନକୁ କାହିଁକି କେଜାଣି ପାପ ଛୁଇଁଲା, ତାଙ୍କ ଭିତରେ ତା ବୋଉ ନ ଥିଲା ତ ! ଫୋନ କାଟିଦେଇ ସୁମନ୍ତ ତୁରନ୍ତ ମମତା କାନ୍ଧରେ ହାତରଖି ଯନ୍ତ୍ରଣା ସତ୍ୱେ ଛୋଟେଇ ଛୋଟେଇ ଡାକ୍ତରଖାନା ଟ୍ରମା ସେଣ୍ଟରର ଆଉଟ ଡୋର ପାଖରେ ପହଁଞ୍ଚି ବୁଝିଲା ୧୦ ଜଣରୁ ଉର୍ଦ୍ଧ ଲୋକ ଘଟଣା ସ୍ଥଳରେ ହିଁ ମରି ଯାଇଥିଲେ । ସେମାନଙ୍କ ଡେଡ ବଡିକୁ ବି ସେମାନେ ନେଇ ଆସି ଧାଡିକରି ଶୁଆଉଛନ୍ତି । ଆହୁରି ମଧ୍ୟ ଦେଖିଲେ ଜଣେ ମୃତା ବିଧବା ବୃଦ୍ଧାକୁ ତଳେ ଶୁଆଇ ଦେଇ ସାରିଛନ୍ତି ।

ଯନ୍ତ୍ରଣା ସତ୍ୱେ ସୁମନ୍ତ ପାଖକୁ ଯାଇ ଦେଖିଲେ ସେ ଆଉ କେହି ନଥିଲେ ସେ ତାର ବୋଉ ହିଁ ଥିଲା । ସେ ଗହଳି ହୋ ହାଲ୍ଲା ଭିତରେ ତା ବୋଉକୁ ଖୋଜି ପାଇ ଯାଇଥିଲା, ବୋଉ ବି ତାର ଆସିଛି, କିନ୍ତୁ ଜୀବନ୍ତ ଅବସ୍ଥାରେ ନୁହଁ ବରଂ ଶବ ହୋଇ ......

ଆଇନଜୀବୀ,ଭଦ୍ରକ

ଭ୍ରାମ୍ୟଭାଷ : ୯୪୩୭୧୨୮୮୪୧

 Magazine Downloaded from www.aahwaan.com

# ବେପରୁଆ ମଣିଷ



ପ୍ରଦୀପ ବନ୍ଧ

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଲିଲୁ ଭାଇଙ୍କର ଖୁସିର ଦିନ ଆଜି । ଝିଅ ରୋମିଆର ଜନ୍ମଦିନ ଆସିଛି, ବାପ ମାଆ ଦୁହିଁଙ୍କର ପାଦ ତଳେ ଲାଗୁନି, ଲିଲୁ ଭାଇ ଦିନ ମଜୁରୀ ଖଟି ପରିବାର ଭରଣ ପୋଷଣ କରେ । କାମ ସାରି ରୋମିଆ ପାଇଁ ଖଣ୍ଡେ ନୂଆ ଫ୍ରକ୍ ଧରି ଖୁସି ମନରେ ଏକ ମୁହାଁ ହୋଇ ଘରକୁ ଚାଲିଥାଏ ଲିଲୁ ଭାଇ ।

ରୋମିଆର ମାଆ ଖଣ୍ଡିଆ ବଳକା କପଡା ରଖି ରୋମିଆ ପାଇଁ ନିଜ ହାତରେ ଖଣ୍ଡେ ନୂଆ ଜାମା ତିଆରି କରିଛି । କେତେ ଖୁସି ମନରେ ଚାହିଁ ବସିଛନ୍ତି ବାପା ମା ଦୁଇଟି ରୋମିଆର ସ୍କୁଲରୁ ଫେରିବା ବାଟକୁ ।

ଲିଲୁ ଭାଇ ଭାରି ନରମା ଲୋକ, ମାଛିକୁ ମର ବୋଲି କୁହନ୍ତିନି, ଲିମା ଭାଉଜ ବି । ପନ୍ଦର ବର୍ଷର ବୈବାହିକ ଜୀବନ ଭିତରେ ସାହିପଡିଶା ଗାଁ ଲୋକେ ତା ମୁହଁ ଦେଖିନଥିବେ । ସତରେ ଲିମା ଭାଉଜଟା ପୁରା ଖାଣ୍ଟି ଓଡ଼ିଆ ଘରର ବୋହୁ ।

ସିପୁନ ଭାଇନା ମହାନ୍ତି ସାହି ନିଧି କକାଙ୍କ ପୁଅ ସହରରେ ରହୁଛି, ତିନି ଦିନି ହେଲା ଗାଁକୁ ଆସିଛି ତିନି ଦିନ ଭିତରେ ଛଅ ଥର ଲିଲୁ ଭାଇଙ୍କ ଘରକୁ ଆସି ମୁହଁ ମାରି ଗଲାଣି । ଲିମା ଭାଉଜ ଲିଲୁ ଭାଇଙ୍କ ସାମ୍ନାରେ ସାହସ କରି କଥା ପଦେ ବି କୁହନ୍ତିନି ତଥାପି ଡରି ଡରି ନିଜ ଘରର ପନ୍ଦର ବର୍ଷର ବଢ଼ିଲା ଝିଅ କଥା ଭାବି ଲିଲୁ ଭାଇଙ୍କୁ ପଚାରିଲେ । ହେଇଟି, ସେ ସିପୁନୁ କିଏ କି ? ଖାଲି କ'ଣ ନିତି ଆସି ଏଣୁ ସେଣୁ ମେଞ୍ଚାଏ ଗପିଯାଉଛି ।

 Magazine Downloaded from www.aahwaan.com

ସତରେ କ'ଣ ତା ସହିତ ସହର ଯିବ ନା କ'ଣ ? ମୋତେ ଭାରି ଡର ଲାଗୁଛି ସେ ସହରିଆ ଲୋକଙ୍କୁ ।

ଏଡ଼େ ବଡ଼ ସହର, ଆମେ ତ ଗରିବ ଲୋକ । ଆମେ ସେଠି କ'ଣ ଚଳିପାରିବା ? ଏମିତି କିଛି କଥା ହେଉ ହେଉ ରୋମିଆ ଗାଁ ଦାଣ୍ଡରୁ ମା ମା ଡାକି କବାଟ ଠେଲି ଘର ଭିତରକୁ ପଶିଆସିଲା ।

ବାପାଙ୍କୁ ଘରେ ଦେଖି ଖୁସିରେ ରୋମିଆ ଦଉଡି ଯାଇ ବାପାଙ୍କ କୋଳରେ ବସି ପଡ଼ି କହିଲା ବାପା ଆମେ କାଳେ ସହରକୁ ଯିବା । ମୁଁ ରୋଜଗାର କରିବି ତୁମ ଦୁହିଁଙ୍କୁ ଭଲରେ ରଖିବି । ଏମିତି କହୁ କହୁ ଲିମା ଭାଉଜ ରାଗିଯାଇ ଚୁପ୍ କହି କେତେ କ'ଣ ବୁଝାଇବାକୁ ଲାଗିଲେ, ଲିମା ଭାଉଜ ଝିଅକୁ ଟାଣି ନେଇ କୋଳକୁ କହିଲେ ଆଉ ଜମା ଯେମିତି ସହର କଥା ପାଟିରେ ଧରିବୁନୁ ।

ବାପାମା' ଦୁହିଁଙ୍କର ଗେଲ୍ହୀ ଝିଅ ରୋମିଆ ହସି ହସି କହିଲା ହଉ ହେଲା ଏଥର ଚାଲ ମୋତେ ଭାରି ଭୋକ ହେଲାଣି ଖାଇବା । ଏମିତି କଥା ହେବା ଭିତରେ ଲିମା ଭାଉଜ ଘର ଭିତରକୁ ଯାଇ ଡ୍ରେସ୍ ଖଣ୍ଡକ ଧରି ଆସୁ ଆସୁ ଗାଁ ଦାଣ୍ଡରେ ଜୋର୍ ପାଟିତୁଣ୍ଡ ଶୁଣି ଧାଇଁ ଯାଇ କବାଟ ପାଖରେ ଠିଆ ହୋଇ ସବୁ ଶୁଣି ଘର ଭିତରକୁ ଚାଲିଗଲେ ।

ଲିପାର ବାପା ଧନିଆଭାଇ ଧଇଁ ସଇଁ ହୋଇ ରୋମିଆର ଘର ଦୁଆର ମୁହଁରେ ଲିଲୁ ଭାଇ ଲିଲୁ ଭାଇ ଡାକ ଛାଡି ପିଲାଙ୍କ ଭଳି କାନ୍ଦୁଥାନ୍ତି । ଶବ୍ଦ ଶୁଣି ଲିଲୁ ଭାଇ ଆସି ପଚାରିଲେ କ'ଣ ହୋଇଛି ଧନିଆ, ରୋମିଆକୁ ଟିକେ ଡାକିଲେ ଲିପା ତା ସହିତ ତୁମ ଘରକୁ ଆସିଛି କି ? ଏତିକି ଧନିଆ ଭାଇର ମୁହଁରୁ ସରିଛି କି ନାହିଁ । ରୋମିଆ ଆସି କହିଲା ଲିପା ତ ଆଜି ସ୍କୁଲକୁ ଯାଇନାହିଁ ଏକଥା ଶୁଣୁ ଶୁଣୁ ଧନିଆ ଭାଇଟା ଆହୁରି ଜୋର୍‌ରେ କାନ୍ଦି କାନ୍ଦି

 Magazine Downloaded from www.aahwaan.com

ତଳେ ବସି ପଡ଼ିଲା । ରାଧା ମଉସା ଧଇଁ ସଇଁ ହୋଇ ଆସି କହିଲେ ଧନିଆ ତୋ ଝିଅ ଲିପା ଗୋଟେ ବଡ଼ବାବୁର ଧଳା ଗାଡ଼ିରେ ବସି ଚାଲିଗଲା ।

ଯେତେ ଲିପା ଲିପା ଡାକ ଛାଡିଲି ଶୁଣିଲାନି । ସେଥିପାଇଁ ତୋ ଘର ଆଡ଼କୁ ଯାଇଥିଲି ଦେଖିଲି ତୁ ନାହୁଁ । ଏକଥା ଶୁଣି ଧନିଆ ଭାଇଟା ତଳେ ଗଡି ପିଲାଙ୍କ ଭଳି କାନ୍ଦୁଥାଏ ଲିପା ଲିପା ହୋଇ । ସମସ୍ତ ଗାଁ ଲୋକ ମିଶି ଖୋଜ ଖବର କରୁ କରୁ ବୁଝିଲା ବେଳକୁ ସିପୁନୁ ଗାଁକୁ ଆସିଥିଲା, ସହର ଯିବା କଥା ପ୍ରାୟତଃ ସମସ୍ତଙ୍କ ଘରେ ଘରେ  ବୁଝାଉଥିଲା, ସେ ନେଇଯାଇନି ତ ? ଏମିତି କେତେ କ'ଣ ପ୍ରଶ୍ନ ପରେ ପ୍ରଶ୍ନ ଗାଁ ଲୋକଙ୍କ ମନରେ ଉଙ୍କିମାରୁଥାଏ ।

ଦୁଇଦିନ ବିତିଗଲା ଗାଁର ଅରନ୍ଧା ବଢା, ବାର ବରଷର ମା ଛେଉଣ୍ଡ ଝିଅ ଲିପା ତାକୁ ଚୋରେଇ ନେଲା କିଏ ? ଏମିତି ଖୋଜଖବର ଭିତରେ ମାସ ପରେ ମାସ ବିତିଗଲାଣି ଧନିଆ ଭାଇଟା ଦୁଃଖରେ ଦିନ କାଟୁଛି ।

ରୋମିଆ ରମା ଦୁହେଁ ପିଲା ବେଳୁ ସାଙ୍ଗ, କଥା ହୋଇ ସ୍କୁଲରୁ ଘରକୁ ଫେରୁଥାନ୍ତି । ରୋମିଆ ରମାକୁ କହୁଥାଏ ଲିପା ସହରରେ ବହୁତ ସୁନ୍ଦର ଲୁଗାପଟା ପିନ୍ଧୁଥିବ, ସହରର କେତେ ବଡ଼ ବଡ଼ କୋଠା, ରଙ୍ଗ ବେରଙ୍ଗର ଗାଡି ମଟର କେତେ ବଡ଼ ଲୋକିଆଙ୍କ ସହ ତାର ପରିଚୟ ହୋଇ ସାରିବଣି ।

ରମା କହିଲା ସତ ଯେ, କିନ୍ତୁ ଧନିଆ କକାଙ୍କ ଦୁଃଖ ପରିସ୍ଥିତି କଥା ଟିକେ ଦେଖୁଚୁନା । ନଖାଇ ନପିଇ ଲିପା ଲିପା ହୋଇ ପାଗଳଙ୍କ ପରି ଖୋଜି ଖୋଜି କେମିତି ହୋଇଗଲେଣି, ରୋମିଆ କହିଲା ଆଜି ନହେଲେ କାଲିତ ଫେରିବ ବହୁତ ଟଙ୍କା ପଇସା ଧରି ଘରକୁ ଫେରିଲେ ତା ବାପାର ଦୁଃଖ ଯିବନି ?

 Magazine Downloaded from www.aahwaan.com

ରୋମିଆ ମନରେ କିନ୍ତୁ ଗୋଟିଏ ଭୋକ ସ୍ୱପ୍ନ ଦେଖେଇ ଚାଲିଥାଏ, କେମିତି ସେ ସବୁ ଦୁଃଖ ସୁଖକୁ ଭୁଲି ତା ବାପା ବୋଉକୁ ଖୁସିରେ ରଖିବ ନିଜେ ଭଲ ପିନ୍ଧିବ ଖାଇବ । ସହରିଆ ଲୋକଙ୍କ ପରି ଚଳିବ ସତ କହିଲେ ପନ୍ଦର ବର୍ଷର ଝିଅ ପିଲାଟା ତା ମୁଣ୍ଡରେ ଏ ଭୂତ କିଏ ପୁରେଇଥିଲା ଏକଥା ଭାବିଲା ବେଳକୁ ଭାରି ଡର ଲାଗୁଛି ।

ରୋମିଆ କିଛି କରିଦେବନିତ ?

ଲିପା ଭଳି ତା ବାପା ବୋଉକୁ ଛାଡି ସହରର ଚକ୍ ଚକ୍ ମହକର ଗନ୍ଧରେ ଫସିଯିବନିତ । ସତକୁ ସତ ସେଇଆ ହେଲା, ସେଦିନ ଥାଏ ରବିବାର ସକାଳ ନଅଟା ଚାଳିଶି, ମାଆଟା ଟେଲରରେ ଚିରା ଫଟା ଲୁଗା ଗାଁ ଲୋକଙ୍କର ସିଲେଇ କରୁଥାଏ । ରୋମିଆ ନୂଆ ଫ୍ରକ୍ ପିନ୍ଧି କାନ୍ଧରେ ସ୍କୁଲ ବେଗ ଓହଳେଇ ଚାଲିଥାଏ, ବାଟରେ ତା'ର ବାପା ଭେଟ ହେଲେ, ପଚାରିଲେ - ମା' ତୁ କ'ଣ ଆଜି ରବିବାରରେ ସ୍କୁଲ ଯାଉଛୁ ? ରୋମିଆ ହସିଦେଇ କହିଲା ବାପା ଆଗ କହିଲ ମୁଁ ଏ ନୂଆ ଫ୍ରକରେ କେମିତି ଦିଶୁଛି, ଲିଲୁ ଭାଇ ହସିଦେଇ କହିଲେ ମୋ ସୁନା ମା ପରିଟେ ପରି ଦିଶୁଛି । କଥା ହେଉ ହେଉ ରୋମିଆ କହିଲା ବାପା ମୋର ସ୍କୁଲରେ ଗୋଟେ ଖେଳ ଅଛି ଶୀଘ୍ର ଫେରିଆସିବି, ବାଏ କହି ରୋମିଆ ବାପାଙ୍କଠାରୁ ବିଦା ହେଇ ଯାଇଛି ଯେ ଯାଇଛି ।

ସେହି ଧନିଆ ଭାଇର ଝିଅ ଲିପା ଗଲାପରି କୁଆଡେ ହଜିଗଲା, କିଏ ଚୋରେଇ ନେଲା, ଲିଲୁ ଭାଇ ଲିମା ଭାଉଜ ଝିଅକୁ ଝୁରି ହେଇ ଭାତ ପାଣି ଛାଡ଼ିଦେଲେଣି । ଖାଲି ବାହୁନି ହେଉଛନ୍ତି । ଏ ସବୁ କଥା ଭାବିଲା ବେଳକୁ ଭାରି ଡର ଲାଗୁଛି, ବଢ଼ିଲା ଝିଅ ଦୁଇ ଦୁଇଟି ଏକା ପରି ଗାଁ ଛାଡି ସହରକୁ ଚାଲିଗଲେଣି ।

ସହରର ଚଉଡା ଚକ୍ ଚକ୍ ପିଚୁରେ ଏମାନେ ପାଦ ରଖି କ'ଣ ଖୁସିକୁ

 Magazine Downloaded from www.aahwaan.com

ତୋଳିପାରିବେ । ନା ସହରରେ ହସି ବୁଲୁଥିବା ପିଶାଚମାନଙ୍କ ଆଁରେ ଏମାନେ ବଳି ପଡିଯିବେ । ଏମିତି ଭବିବା ବି ଭୁଲ୍ ଦୁଇ ଦୁଇଟି ପରିବାର ଦୁଃଖରେ ଦିନ କାଟୁଛନ୍ତି ବଢ଼ିଲା ଝିଅ ଦୁଇଟିକୁ ହରେଇ । ଲିଲୁ ଭାଇ ଘରୁ ବାହାରି ଝିଅକୁ ଖୋଜିବାକୁ ସହର ବାହାରି ଯାଇ ଛନ୍ତି ଯେ ଯାଇଛନ୍ତି ।

ଆଉ କିଛି ଖୋଜ ଖବର ନାହିଁ, ଏଣେ ଲିମା ଭଉଜଟା ଝିଅ ଯିବା ଦୁଃଖ ଠାରୁ ଲିଲୁ ଭାଇଙ୍କ ନଫେରିବାର ଦୁଃଖରେ ଆହୁରି ଭାଙ୍ଗି ପଡିଲେଣି ।

ଦିନ ପରେ ଦିନ ବର୍ଷ ପରେ ବର୍ଷ ବିତିଗଲାଣି, ଦୁଇଟି ବଢ଼ିଲା ଝିଅ ଆଉ ଗାଁର ସୁନା ମୁଣ୍ଡା ଲିଲୁ ଭାଇ ନଫେରିବାର କାରଣ କ'ଣ ହୋଇପାରେ ? ଏମିତି ଗାଁ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟିକରି ଚାଲିଥାଏ । ଠିକ୍ ଲିପା ରୋମିଆ ପରି ଆଉ ଜଣେ ଦଶ ବର୍ଷର ଝିଅ ବନିତାର ଚୋରି ଘଟଣାକୁ ନେଇ ଗାଁ ଲୋକ ପୋଲିସ୍ ବାବୁଙ୍କୁ  ଜଣେଇଲେ, ଏସବୁ ଘଟଣାକୁ ନେଇ ଗାଁ ଲୋକଙ୍କ ଆଖିରୁ ନିଦ ହଜି ଯାଇଛି ।

ଆଉ ଗାଁର ଝିଅମାନଙ୍କୁ ଘରୁ ପଦାକୁ ବାହାର କରି ଦେଉନାହାନ୍ତି ସବୁ ଭୟରେ ଦିନ ବିତାଉଥିଲା ବେଳେ ବନିତା ଛୋଟ ହେଲେ ବି ବିଚକ୍ଷଣ ବୁଦ୍ଧି, କଳ କୌଶଳ କରି ସେମାନଙ୍କ କବଳରୁ ବାହାରି ଆସି କୌଣସି ଏକ ଥାନାରେ ପହଞ୍ଚି ସବୁ ଖୋଲି କହିବା ପରେ ତର୍ଜମା କରୁଛି ପୋଲିସ୍ । ସିପୁନୁ ଓ ସାଥିମାନଙ୍କୁ ନେଇ ଧିରେ ଧିଏର୍ ରୋମିଆ ଆଉ ଲିପାର ଖବର ପାଇ ଉଦ୍ଧାର କରି ସାରିଛି ।

ହେଲେ ଲିଲୁ ଭାଇ ଏବେ ବି ନିଖୋଜ ତାକୁ କିଏ ମାରିଦେଲା ନା କୁଆଡେ ଝିଅ ହଜିବାର ବିୟୋଗରେ ପାଗଳ ହୋଇଯାଇଛନ୍ତି, ସତରେ ଦେଖିଲେ ଏ ମାନବ ସମାଜ କେଡେ ଭୟଙ୍କର ।

 Magazine Downloaded from www.aahwaan.com

ନିରୀହ ଲୋକମାନଙ୍କୁ ଏମିତି ଦହଗଞ୍ଜ କରି ଏମାନେ ଧଳା ଗାଡ଼ିରେ ଆଉ ଏସି ରୁମ୍ର ଗୋଡ଼ ଉପରେ ଗୋଡ଼ ପକେଇ କେମିତି ହସୁଛନ୍ତି । ଦରକାର ପଡ଼ିଲେ ଏମାନେ ଶବ ଉପରେ ମହଲ କରି ସରଗକୁ ସିଡ଼ି ପାରି ମଙ୍ଗଳ ଗ୍ରହରେ ଘର ତୋଳିବାର ସ୍ୱପ୍ନ ଦେଖିବାକୁ ପଛେଇବେନି ।

ସତକୁ ସତ ଲିଲୁ ଭାଇର କିଛି ସୁରାଗ ପାଇ ପୋଲିସର ତର୍ଜମା ପୁଣି ଚମକେଇ ଦେଇଛି ସାରା ବିଶ୍ୱକୁ । ସିପୁନ ଭାଇର ଠିକଣା ନେଇ ଲିଲୁ ଭାଇ ପହଁଚିଲା ପରେ ଲୋକ ଲଗେଇ ଲିଲୁ ଭାଇଙ୍କୁ ମାରିଦେବାର ଯୋଜନା କରିଥିଲା, ଦରମରା କରି ଟ୍ରେନ ଲାଇନରେ ପକେଇ ଚାଲି ଆସିଥିଲେ ।

ଜଣେ ମହିଳା ତାଙ୍କୁ ନେଇ ସେବା ସୁଶ୍ରୃଷା କରି ତାଙ୍କୁ ବଞ୍ଚେଇ ରଖିଥିବାର ଜଣା ଯାଇଛି, ଏକଥା ସିପୁନୁକୁ ପଚାରିବାରୁ ସବୁ ସତକଥା ମାନିଛି ।

କହିଲେ ଦେଖି ଏ ବେପରୁଆ ମଣିଷ ସମାଜରେ ସେ ନାରୀ ଜଣକ ମହାନ ଯିଏ ଲିଲୁ ଭାଇଙ୍କୁ ନିଜର ଭାବି ବଞ୍ଚେଇ ରଖି ଆଜି ସୁସ୍ଥ କରି ତା ପରିବାର ପାଖରେ ଛାଡି ଦେଇଛି ଗାଁର ହସ ଖୁସିକୁ ପୁଣି ଗରିବଙ୍କ ଓଠରେ ଦେଖିବାକୁ ସୁଯୋଗ ଦେଇଛି ସେ ମହାନ ନା ଏ ନାକ ସିଙ୍ଘାଣି ପୋଛି ବଡ଼ କରିଥିବା ଗାଁ ଲୋକେ ସେହି ଗାଁର ପିଲା ସିପୁନୁ ।

ନାରୀ ସମାଜ ଆଉ ପୁରୁଷ ସମାଜ କେତେ ଅଗ୍ରଗତି ଆପଣ ବିଚାର କରିବେ ।

ଭଦ୍ରକ, ବାସୁଦେବପୁର

ସାନମଛୁଆଘାଇ, ରାଜଘରପୋଖରୀ

ଭ୍ରାମ୍ୟଭାଷ : ୮୦୭୨୭୮୩୨୨୦

 Magazine Downloaded from www.aahwaan.com

# ଧରମ ଭାଇ



ନାରାୟଣ ଚନ୍ଦ୍ର ସେନାପତି

ମଧ୍ୟରାତ୍ର ଛୁଇଁବାକୁ କିଛିକ୍ଷଣ ଅପେକ୍ଷାରେ । ମାନସ ଓ ମାନସୀ ଶଯ୍ୟାରେ ନିଦକୁ ଅପେକ୍ଷା କରିଥାନ୍ତି । ମାନସର ଅନ୍ୟମନସ୍କ ମନରେ ଭରିରହିଥିଲା କିଛି ସ୍ମୃତିର ଆହ୍ୱାନ । ହଠାତ୍ ମୋବାଇଲ୍‌ର ରିଙ୍ଗ ଟୋନ୍‌ଟା ତାକୁ ଚେତେଇ ଉଠାଇଦେଲା ବିଛଣାରୁ । ଫୋନ୍‌ଟାକୁ ଧରି ରିସିଭ୍ କରିବା ପୂର୍ବରୁ ସହଧର୍ମିଣୀ ମାନସୀର କେତେକ ଅବାନ୍ତର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିଥିଲା ତାକୁ । ସେ କିଏ.. କାହିଁକି... ଓ ଏ ଅସମୟରେ ଫୋନ୍ କାହିଁକି କରିଛି ଆଦି ସନ୍ଦେହର ପ୍ରଶ୍ନବାଣ କ୍ଷତବିକ୍ଷତ ଓ ବିବ୍ରତ କରୁଥାଏ ମାନସକୁ । ମାନସ ଏକ ବିଜ୍ଞ ସରଳ ଉଚ୍ଚମନା ଦରଦୀ ମଣିଷ । ତଥାପି ସେ ଧୀର କ୍ଷୀଣ ଗଳାରେ କହିଲା... ମୋର ଜଣେ ସମ୍ପର୍କୀୟା ଭଉଣୀ ଫୋନ୍ କରିଛି । ଏତିକି କାନରେ ନ ପଶୁଣୁ ମାନସୀ ମୋବାଇଲ୍‌ଟିକୁ ଛଡେଇ ନେଇ ଦେଖିଲା... ନାଁ ଅଛି ଅନୀତା ।

ଏ ଅନୀତା କିଏ ? କେଉଁ ଦିନରୁ ତୁମର ଭଉଣୀ ହେଲାଣି ? କହି ଗର୍ଜି ଉଠିଲା ମାନସୀ ।

ତୁମେ ତାକୁ ଜାଣିନ.. । ମୁଁ ତାର ଧରମ ଭାଇ, ମାନସର ଉତ୍ତର ଥିଲା ।

ଓ... ଧରମଭାଇ... ଏଇମିତି ଚାଲିଛି ଲୁଚାଛପା ପ୍ରେମ... । ଏଇମିତି ଅନେକ ଅବାଞ୍ଛିତ ଅବାନ୍ତର ଟିପ୍ପଣୀ ଓ ତିରସ୍କାର ବାରମ୍ବାର ଧକ୍କା ଦେଉଥାଏ ମାନସର ନିଷ୍କପଟ ମନକୁ । କ୍ଷତ ବିକ୍ଷତ କରୁଥାଏ ତା ନିଷ୍ପାପ ହୃଦୟକୁ । ଏଇମିତି ଯୁକ୍ତି ତର୍କ ବାଦ ବିବାଦ

 Magazine Downloaded from www.aahwaan.com

ତିରସ୍କାର ଓ ଭର୍ତ୍ସନା ସହଚରୀମାନେ କିଛିକ୍ଷଣ ଆନନ୍ଦରେ କରୁଥାନ୍ତି ଉଦଣ୍ଡ ନୃତ୍ୟ । କେବଳ ମାନସର କେଇପଦ ଆଦୃତ କଥାକୁ ନୀରବରେ ଶୁଣୁଥିଲା ସେ ସମୟର ଜନୈକ ଶ୍ରୋତା 'ସମୟ' ଅତି ଆଗ୍ରହରେ ।

ବୁଝିଲ ମାନସୀ, ଏ ସଂସାରରେ କେବଳ ମା'ଠାରୁ ଜନ୍ମିତ ଭଉଣୀ କ'ଣ ଭଉଣୀ ? ତୁମେ ଜାଣିନ, ମୋ ପବିତ୍ର ଭାରତୀୟ ସଂସ୍କୃତିକୁ । ଏଠି ଯେ ସେନେହ ଶରଧାରେ ଭାଇକୁ ମମତାର ବନ୍ଧନରେ ନିଃସ୍ୱାର୍ଥପରତାରେ ବାନ୍ଧିଥାଏ ସେ ଜଣେ ସଚ୍ଚା ଭଉଣୀ । ମାନସୀର ମୁହଁରୁ ଜ୍ୱାଳାମୁଖି ଅଗ୍ନି ଉଦ୍ଗୀରଣ ପରି ବର୍ଷୁଥିଲା ସେ ଭାଷଣ, ବାଜେ ସମ୍ପର୍କକୁ ମୁଁ ବିଶ୍ୱାସ କରେନା । ତାହା ଖାଲି ପ୍ରବଞ୍ଚନା ଓ ଧର୍ମକୁ ଆଖିଠାର.. ମାତ୍ର ବାସ୍ତବରେ ସେଥିରେ ନ ଥାଏ ଆନ୍ତରିକତା, ବିଶ୍ୱାସ ଓ ଭରସା । ଏ ମିଛ ସମ୍ପର୍କ ଅବାସ୍ତବ ଓ ସଭ୍ୟତାର ବିଷାକ୍ତ ଜତୁଗୃହ । ତେବେ ମୋତେ ତୁମେ ଜଣାଅ, ଏ ଅନୀତା କିପରି ତୁମର ଭଉଣୀ ହେଲା ? ଦୀର୍ଘ ୯ ବର୍ଷର ବୈବାହିକ ସମ୍ପର୍କ ଭିତରେ ଏଭଳି ଅକସ୍ମାତ ଭଉଣୀର ଚିହ୍ନ ଆଜି ମୁଁ ପାଇଛି । କୁହ ତା ସହିତ ତୁମର ସମ୍ପର୍କ କ'ଣ ?

ହଉ, ତେବେ ଶୁଣ କହି ବହୁ ଦିନର ସାଇତା ସ୍ମୃତି ପେଢ଼ିଟାକୁ ଖୋଲିଦେଲା ମାନସ । ସେତେବେଳେ ମୁଁ ଥିଲି ଅବିବାହିତ । ମହାପାତ୍ର ଟ୍ରେଡିଂ କମ୍ପାନୀର ଏମ୍.ଡି. । ଆମର ପାରମ୍ପରିକ ଚିରଶତ୍ରୁ ଥିଲା ସମ୍ବିତ ପଟ୍ଟନାୟକ ଯେ କି ପଟ୍ଟନାୟକ ଟ୍ରେଡିଂ କମ୍ପାନୀର ଏମ୍.ଡି. । ଶତ ସହସ୍ର ଚେଷ୍ଟାକରି ତା କମ୍ପାନୀକୁ ଆଶାନୁରୂପ ଅଗ୍ରସର କରାଇପାରୁ ନ ଥିଲା ସେ । ଶେଷରେ ଷଡଯନ୍ତ୍ର କରିଥିଲା ଟଙ୍କା ଲୁଟ୍ ସହ ଜୀବନରୁ ମୋତେ ମାରିଦେବାକୁ । ଥରେ ଅଫିସରୁ ବିଳମ୍ବ ରାତ୍ରିରେ ଅନ୍ୟୁନ ୫୦ଲକ୍ଷ ଟଙ୍କାନେଇ ଫେରିବାର ଥିଲା, ଅଫିସ୍‌ର କୌଣସି ଏକ ଗୃହଶତ୍ରୁଠାରୁ ଖବର ନେଇ, ଫେରିବା ଜଙ୍ଗଲ ରାସ୍ତାରେ

 Magazine Downloaded from www.aahwaan.com

ମୂତୟନ କରିଥିଲା ଭଡାଟିଆ ଗୁଣ୍ଡା । ମୁଁ ଫେରୁଥାଏ ଜିପ୍‌ରେ । ନିଘଞ୍ଚ ଜଙ୍ଗଲ ଭିତରେ ଶୁଣିଲି ଏକ ଅବଳାର ଆର୍ତ୍ତଚିତ୍କାର । ସ୍ୱର ଅନ୍ୱେଷଣ କରି ପହଞ୍ଚିଲି ପାଖରେ । ଯାହା ଦେଖିଲି ହୃଦୟ ମୋର ବାରମ୍ବାର ପ୍ରଣୋଦିତ କଲା ସେ ବିପନ୍ନକୁ ସାହାଯ୍ୟ କରିବାକୁ । ସେ ଝିଅଟିକୁ ଉଲଗ୍ନ କରି ଧର୍ଷଣ କରିବାକୁ ଉଦ୍ୟତ ହେଉଥିଲେ ଦୁର୍ବୃତ୍ତମାନେ । ଆପ୍ରାଣ ଚେଷ୍ଟାକରି ନିଜ ଇଜ୍ଜତକୁ ବଞ୍ଚାଇବାକୁ ବାରମ୍ବାର ସଂଗ୍ରାମ କରୁଥିଲା ସେ ବିଚାରୀ, କାକୁତି ମିନତି ବି କରୁଥିଲା ଓ ଭଗବାନଙ୍କୁ ଡାକୁଥିଲା ମଧ୍ୟ । ମୋ ବିବେକ କହିଲାନି ତାକୁ ସାହାଯ୍ୟ ନ କରିବାକୁ । ଭାବିଲି ଏ ଯଦି ମୋ ମା' ଭଉଣୀ କି ଝିଅ ହୋଇଥାନ୍ତା ! ଟଙ୍କାକୁ ଲୋଭ ନ ରଖି ଦୁର୍ବୃର୍ତ୍ତଙ୍କ ସଙ୍ଗେ କରିଥିଲି ଯୁଦ୍ଧ । ବଞ୍ଚାଇଥିଲି ସେ ବିଚାରୀଟାକୁ । ମାତ୍ର ସମ୍ବିତର ଗୁଣ୍ଡାମାନେ ଅସମୟରେ ମୋତେ ଆକ୍ରମଣ କରିଥିଲେ । ସେମାନଙ୍କୁ କାବୁ କରି ଘଉଡାଇ ଥିଲି, ସେ ଝିଅଟି ବି ମୋତେ ଅନେକ ସାହାଯ୍ୟ କରିଥିଲା । ମୋ ମୁଣ୍ଡରେ ଶକ୍ତ ମାଡ ବାଜି ଲଢୁଥିବା ବେଳେ ସେମାନଙ୍କ ଆଖିକୁ ବାଲି ଫିଙ୍ଗି ଦୁର୍ବଳ କରିଦେଇଥିଲା । ପରେ ଶକ୍ତ ଆଘାତରୁ ସଂଜ୍ଞାହୀନ ହୋଇ ପଡିରହିଲି । ବହୁତ ଚେଷ୍ଟା କରିଥିଲା ସେ ମାତ୍ର ମୁଁ ଚେତା ପାଇ ନଥିଲି । ଅକସ୍ମାତ୍ ବର୍ଷାର ବର୍ଷଣ ମୋତେ ନବଜୀବନ ଦେଇଥିଲା । ଉଠି ଦେଖିଲି, ଜଙ୍ଗଲରେ ମୁଁ ଏକାକୀ । ଜିପ୍ ପାଖରେ ଦେଖିଲି ମୋ ଡାଏରୀରେ ଏକ ଲିଖିତ ଚିଠି ଯାହାକି ଥିଲା ଅଭାଗିନୀ ସେ ଝିଅଟାର । ଲେଖାଥିଲା...

ଭାଇ ଆଜି ମୋତେ ଇଜ୍ଜତ ଦେଇ ଆପଣ ଭଗବାନ ଠୁ ବି ବଳି ଅଧିକ ଉପକାର କରିଛନ୍ତି । ମୁଁ ଏକ ଅନାଥିନୀ । ମୋ ସ୍ୱାମୀକୁ ମାରି ମୋତେ ବଳପୂର୍ବକ ବିବାହ କରିବାକୁ ଭୀରୁ ଦାଦା ଯୋଜନା ଚଲାଇଛି । ମୁଁ ଜାଣେ ମୁଁ କେବେ ବି ତା'ପରି ରାକ୍ଷସଠାରୁ ରକ୍ଷା ପାଇବିନି । ତେଣୁ ମୁଁ ଏ ନଦୀରେ ବୁଡି ଆତ୍ମହତ୍ୟା କରିବାକୁ ଯାଉଛି । ମୋତେ ଭୁଲ୍

 Magazine Downloaded from www.aahwaan.com

ବୁଝିବେନି ।

ଇତି

ଆପଣଙ୍କର ଅଭାଗିନୀ ଭଉଣୀ  ଅନୀତା ।

ଇତସ୍ତତଃ ଓ ବିବ୍ରତ ହୋଇ ଦୌଡିଲି ସେ ନଦୀକୂଳକୁ । ଦେଖିଲି ସେ ଗଣ୍ଡରେ ବୁଡି ଭାସୁଛି । କୂଳକୁ ଆଣି ତା ପେଟରୁ ପାଣି କାଢିଲି । ବହୁତ କଷ୍ଟରେ ସେ ଫେରି ପାଇଲା ଚେତା । ଚେତା ପାଇ ଧକେଇ କାନ୍ଦି ମୋ ମୁଣ୍ଡର କ୍ଷତରୁ ନିର୍ଗତ ରକ୍ତ ଦେଖି ସେ ବିବ୍ରତ ହୋଇଗଲା । ଶାଢୀର କାନି ଚିରି ପୋଛିଲା ଶରଧାରେ ମୋ ମଥାର ଲହୁ, ଆଦରରେ ବାନ୍ଧିଦେଲା ତା ଶାଢୀର କାନି ଖଣ୍ଡେ ମୋ ମଥାରେ ତ ଖଣ୍ଡେ ମୋ ହାତରେ । କାନ୍ଦି କାନ୍ଦି କହିଲା ଆଜିଠୁ ତୁମେ ମୋର ଭାଇ । ହେଲେ କାହିଁକି ମୋତେ ବଞ୍ଚାଇଲ ଭାଇ । କିଏ ମୋତେ ସାହାରା ହେବ ? ସେଇଦିନୁ ସେ ଭଉଣୀଟାକୁ ଅନେକ ଦିନ ଅନାଥାଶ୍ରମରେ ରଖି ତା କଥା ବୁଝୁଥିଲି । ବିବାହ ପରେ ସେ ମୋତେ ମନା କରିଥିଲା ସାହାଯ୍ୟ କରିବାକୁ । କାହିଁକି ନା ସେ ଚାହୁଁ ନଥିଲା ତା-ମୋ ଭାଇ ଭଉଣୀର ପବିତ୍ର ସମ୍ପର୍କରେ କିଏ ଅପବିତ୍ର ଜଳ ଢାଳୁ । ମାତ୍ର ଏତିକି ବିନତି କରିଥିଲା ଭାଇ... ମୁଁ ବଞ୍ଚିଥିବା ଯାଏଁ ଯେମିତି ସବୁ ରାକ୍ଷୀ ପୁନେଇଁରେ ତୁମ ହାତରେ ରାକ୍ଷୀ ବାନ୍ଧିବି । ସେଥିପାଇଁ ରାକ୍ଷୀପୁନେଇଁ ପୂର୍ବଦିନ ସେ ମୋତେ ଫୋନ୍ କରି ଜଣାଏ । ଆଜି ସେଇଥି ପାଇଁ ସେ ଫୋନ୍ କରିଥିଲା ତା ଘରକୁ କାଲି ଯାଇ ରାକ୍ଷୀ ବାନ୍ଧିବାକୁ ।

କଥା ନ ସରୁଣୁ ହାତରେ ରାକ୍ଷୀପୁନେଇଁର ସଜ ଧରି ପହଞ୍ଚିଗଲା ଅନୀତା ତା ଭାଇ ଘରେ । ଆନନ୍ଦର ମହକ ଯେତିକି ତା ଓଠର ହସ ଦେଇ ବାହାରି ଆସୁଥିଲା ଆଶଙ୍କାର ଉଷୁମ ବି ସେତିକି ବାରି ହେଉଥିଲା ତା ମୁଖମଣ୍ଡଳରେ । ଭାଇକୁ ପ୍ରଣିପାତ ପରେ

 Magazine Downloaded from www.aahwaan.com

ଇସାରାରେ ଭାଉଜକୁ ଚିହ୍ନି ଭକ୍ତିପୂତ ପ୍ରଣାମ ଜଣାଇଲା ଅନୀତା । ସଙ୍କୋଚରେ କହିଥିଲା ଭାଇ, ମୋର ଭୁଲ୍ ହୋଇଯାଇଛି । ତୁମେ ଫୋନ୍ ରିସିଭ୍ ନ କରିବାରୁ ବ୍ୟସ୍ତ ହୋଇ ଚାଲିଆସିଲି ତୁମ ଘରକୁ ବିନା ଅନୁମତିରେ । ଭାଉଜ ଆପଣ ମୋତେ ଯେଉଁ ଦଣ୍ଡଦେବେ ତାହା ନିଃସଙ୍କୋଚରେ ଗ୍ରହଣ କରିବି । ମାନସୀର ହୃଦୟରୁ ସନ୍ଦେହର ଖଣ୍ଡିଆଭୂତ ଗୁଡାକ ଧିରେ ଧିରେ ଅପସରି ଗଲା ପରି ଲାଗିଲା । ସମ୍ପର୍କର ଆଇନାଟା ଏତେ ଚିକ୍କଣ ଓ ଏତେ ସ୍ୱଚ୍ଛ ତା ଅସ୍ୱଚ୍ଛ ମନ ଏବେ କଳିପାରିଲା । ନିଜ ସ୍ୱାମୀର ମହାନତା ଏତେ.. ମାତ୍ର ସେ ତାଙ୍କୁ ନୀଚ ପରି କଦର୍ଯ୍ୟ ବ୍ୟବହାର କରିଛି ସେଥିପାଇଁ ନିଜ ବିବେକକୁ ବାରମ୍ବାର କୁଠାରଘାତ କରିଥିଲା । ଏ ଭାଇ ଡାକର ମହତ୍ତ୍ୱ.. ଭଉଣୀ ପ୍ରତି ଭାଇର ମମତାର ନିବନ୍ଧନକୁ ସେ ଶହେ ସଲାମ୍ କଲା । ନିଜକୁ ଶତ ଧିକ୍କାର କଲା । ଆଖିରୁ ଅମାନିଆ ନିଷ୍ଠୁର ନିର୍ଲଜ ଅଶ୍ରୁଗୁଡାକ ଧାର ଧାର ହୋଇ ବହିଯାଉଥାଏ । ଲଜ୍ଜାରେ ମଥାନତ କରି ଅନୀତାକୁ କହିଲା... ଅନୀତା ମୋତେ କ୍ଷମା କର । ଆଖିରୁ ଲୁହ ପୋଛି ଦେଇ ଅନୀତା କହିଲା.. ତୁମେ ପରା ମୋ ଭାଉଜ, ହିନ୍ଦୁ ଧର୍ମ ଅନୁସାରେ ବଡ ଭାଉଜ ମା' ସମାନ । ମା' କେବେ ତା ଝିଅକୁ କ୍ଷମା ମାଗିପାରେ ? ମାନସ ଆଡକୁ ଯାଇ ମାନସୀ କହିଲା.. ମୋତେ କ୍ଷମା କରିଦିଅ । ମଥାକୁ ଆଉଜେଇ ନେଇ ମାନସ କହିଲା.. ଆମେ ପରା ଜନମ ଜନମର ସାଥୀ... ତମର ଏ ସାମାନ୍ୟ ସନ୍ଦେହକୁ ମୁଁ କ'ଣ ଭୁଲ୍ ଭାବିପାରେ । ତା ଛଡା ମୋ ଭଉଣୀ ତ ତୁମକୁ କ୍ଷମା କରିଦେଇଛି... ।

ମାନସୀର ଆଖିର ଲୁହ କିଛି କହୁଥିଲା... କିଛି ଅଭାବ ଅନୁଭବ କରିଥିଲା । ତା'ର ତ ଭାଇ ନାହିଁ ସେ କେମିତି ବା ଜାଣିଥାନ୍ତା ଭାଇ ଭଉଣୀର ସମ୍ପର୍କ ! ମନେ ମନେ ଗର୍ବ ଅନୁଭବ କଲା ଏଇ ଓଡିଆ ମାଟିର ବୋହୂ ବୋଲି । ଯେଉଁ ସଂସ୍କୃତି ଖିଏ ସୂତାରେ ବାନ୍ଧେ ଭାଇ

 Magazine Downloaded from www.aahwaan.com

ଭଉଣୀର ମମତା ଡୋରି, ପଦିଏ ମଧୁବୋଲା ଡାକରେ ଚଢେ ସମ୍ପର୍କର ସରଗକୁ ସିଡି ସେଇ ସଂସ୍କୃତିର ପୂଜାରୀ ତା ନିଜ ସ୍ୱାମୀ । ଯେକି ମାନବିକତାର ସ୍ୱର୍ଶରେ ଧରମ ଭାଇରୁ ରକ୍ତର ଭାଇଠୁ ଅଧିକ ହୋଇପାରିଛନ୍ତି ସେ କେତେ ମହାନ... ଯେ ସେଭଳି ସ୍ୱାମୀର ସ୍ତ୍ରୀ ! ମାନସ .. ଅନୀତାର ହାତରେ ଉପହାର ଦେଖି.. ପଚାରିବାରୁ.. ଅନୀତା କହିଲା.. ଭାଇ, ଆଜି ମୁଁ ଚାକିରି ପାଇଯାଇଛି । ଯେଉଁ ଭାଇ ତାକୁ ଇଜ୍ଜତ, ଜୀବନ ଦେଇ ନୂଆ ଜୀବନ ଦେଇଛି ସେ ଭାଇ ପାଇଁ ଗରିବ ଭଉଣୀଟାର ଛୋଟ ଉପହାରଟିଏ । ଶ୍ରଦ୍ଧାରେ ମାନସୀ କୁଣ୍ଢେଇ ନେଇଥିଲା ଅନୀତାକୁ.. । କହିଥିଲା ଏ ତୁମ ଧରମଭାଇ ନୁହଁ ଆଜି ଠୁ ତୁମେ ମୋ ଗେହ୍ଲା ନଣନ୍ଦ ଓ ସେ ତୁମ ନିଜ ଭାଇ ॥

ଜମ୍ଭରା, କେନ୍ଦୁଝର

 Magazine Downloaded from www.aahwaan.com

# ଉଜାଣି ମୁହଁରେ କବି ଚକ୍ରଧର



ତ୍ରିଲୋଚନ ଦାସ

(Humour is also a way of saying something serious.—T.S.Eliot)

ଅନେଶତଟି ଆଧୁନିକ, ମୁକ୍ତଛନ୍ଦ ଓ ବୌଦ୍ଧିକ କବିତାରେ ପରିପୁଷ୍ଟ ପାଣ୍ଡୁଲିପିଟିକୁ କବି ସନ୍ତୃଷ୍ଟ ଦୃଷ୍ଟିରେ ଅନେଇ ଏକ ଅଜଣା ପୁଲକ ଅନୁଭବ କଲେ । ଆଃ ! ସୃଷ୍ଟିରେ କି ଆନନ୍ଦ । ସର୍ଜନାର ସମସ୍ତ କ୍ଲେଶ ସେ ଅଚିରେ ବିସ୍ମରି ଗଲେ ଏବଂ ତାଙ୍କର ଏହି ଅମୂଲ୍ୟ କୃତି ପାଇଁ ମନେ ମନେ ଗର୍ବ ଅନୁଭବ କଲେ । କବିଙ୍କର ମନେ ପଡିଲା, ସେ କଲେଜରେ ପଢୁଥିବା ବେଳେ ବିପ୍ଳବୀ କବି ରବି ସିଂଙ୍କର ଜ୍ୱାଳାମୁଖୀ ଭାଷଣର କିଛି ଅଂଶ । ବିପ୍ଳବୀ କବି କହିଥିଲେ, "ନାରୀଟିଏ ପ୍ରସବ ଯନ୍ତ୍ରଣା ଓ ତଜ୍ଜନିତ ରକ୍ତକ୍ଷୟ ଦେଖି ମନେ ମନେ ସ୍ଥିର କରିନିଏ ଯେ ସେ ପୁଣି ଥରେ ମା' ହେବା କଥା କେବେ ବି ଚିନ୍ତା କରିବ ନାହିଁ । କିନ୍ତୁ ନବଜାତକର କୁଆଁ କୁଆଁ ସ୍ୱରରେ ସେ ତାର ସମସ୍ତ ଯନ୍ତ୍ରଣା ପାଶୋରି ଯାଏ ଏବଂ ପୁଣି ଥରେ ମା' ହେବାକୁ କୁଣ୍ଠାବୋଧ କରେ ନାହିଁ ।" କବି ଭାବିଲେ, ସବୁ ସୃଷ୍ଟି ପଛରେ କିଛି ଦୁଃଖ, କିଛି ଯନ୍ତ୍ରଣା ତ ଅବଶ୍ୟ ରହିବ, ଆଉ ଏଇଟାହିଁ ତ ପ୍ରକୃତିର ନିୟମ ।

ଏବେ କିଛି ଦିନ ଧରି କବିଙ୍କର ସେହି ଗୋଟିଏ ଚିନ୍ତା, ପାଣ୍ଡୁଲିପି କିପରି ପ୍ରକାଶକଙ୍କ କୋମଳ ହାତର ସ୍ପର୍ଶ ପାଇ ମୁଦ୍ରିତ ଅକ୍ଷରରେ ପରିଣତ ହେବ ଏବଂ ସୂର୍ଯ୍ୟର ପ୍ରଥମ ଆଲୋକ ଦେଖିବା ସଙ୍ଗେ ସଙ୍ଗେ ତାର ସ୍ରଷ୍ଟା ରାତାରାତି "ଅମୁକ ମହାପାତ୍ର"ରୁ "କବି ଚକ୍ରଧର ମହାପାତ୍ର" ପାଲଟି ଯିବେ । କିନ୍ତୁ ପାଣ୍ଡୁଲିପିଟି ଛପାହେବ କେମିତି ? ଏଥିପାଇଁ ଅର୍ଥ ଆସିବ କୁଆଡୁ ? ଜଣେ ବ୍ୟାଙ୍କ କିରାଣୀର ଦରମାରୁ କେତେ ବା ସଞ୍ଚୟ କରି ହେବ ? ଅଳ୍ପ

 Magazine Downloaded from www.aahwaan.com

ଯାହା କିଛି ସେ ସଞ୍ଚୟ କରିଛନ୍ତି, ସେ ସବୁ ଅଧିକାଂଶ ଚାକିରୀଆଙ୍କ ଭଳି ଶ୍ରୀମତୀଙ୍କ ହାତରେ । ଆଉ ଝିଅ ବାହାଘର ପାଇଁ ସଞ୍ଚିତ ଅର୍ଥକୁ ସେ କେବେ ବି ପୁସ୍ତକ ପ୍ରକାଶନ ପାଇଁ ଖର୍ଚ୍ଚ କରିବାକୁ ଉଚିତ ମନେ କରିବେ ନାହିଁ । ଏବେ ତାଙ୍କର ଆଦର୍ଶ ତଥା ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଆଧୁନିକ କବି ଟି. ଏସ୍. ଇଲିଅଟ୍ କଥା ମନେ ପଡିଲା । ଇଲିଅଟଙ୍କ ଯୁଗାନ୍ତକାରୀ କବିତା "The Waste Land", ୧୯୨୨ ମସିହାରେ ପ୍ରକାଶ ପାଇଲା ବେଳକୁ ସେ ଜଣେ ବ୍ୟାଙ୍କ କିରାଣୀ ଥିଲେ । କବିଙ୍କର ଧାରଣା ଯେ କୌଣସି ପଦ ପଦବୀରେ ଅଧିଷ୍ଠିତ ହେବା ସହିତ ପ୍ରଜ୍ଞା ବା ସୃଜଶୀଳତାର କୌଣସି ସମ୍ପର୍କ ନାହିଁ । କିନ୍ତୁ ଆଜି ଆମ ଭାଷା ଓ ସାହିତ୍ୟ ଜଗତର ଅବସ୍ଥା ବଡ଼ ବିଚିତ୍ର । ଏଠି ଉଚ୍ଚ ପଦ ପଦବୀ ମଣ୍ଡନ କରିଥିବା ଲେଖକଟି ତାର ସୃଜନଶୀଳତା ଅପେକ୍ଷା ପଦବୀର ଓଜନ ହିଁ ଅଧିକ ଗୁରୁତ୍ୱ ବହନ କରେ । ଆମର ଅଧିକାଂଶ ପ୍ରକାଶକ ବି ଲେଖକର ଆସନ ଦେଖି ତାଙ୍କର ପ୍ରଚାର କରିବା ସହିତ ନିଜ ପାଇଁ ମଧ୍ୟ ସମସ୍ତ ସୁବିଧା ହାସଲ କରି ନିଅନ୍ତି ।

ଚିନ୍ତାମଗ୍ନ ପତିଙ୍କୁ ଦେଖି କବିପତ୍ନୀ କାରଣ ପୃଚ୍ଛା କରନ୍ତେ କବି ଦୁଃଖପ୍ରକାଶ କରି କହିଲେ ଯେ ତାଙ୍କ ପରି ଅଙ୍କୁରୋଦଗମ ଅବସ୍ଥାରେ ଥିବା ଜଣେ ଅନାମଧେୟ କବିଙ୍କୁ ଭରସା କରି କୌଣସି ପ୍ରକାଶକ ନିଜ କଷ୍ଟାର୍ଜିତ ଧନକୁ ବାଜି ଲଗାଇବେ ନାହିଁ । ଏଣୁ ତାଙ୍କର ସର୍ଜନା ସବୁଦିନ ପାଇଁ ଶୀତଳ ଭଣ୍ଡାରରେ ରହିଯିବ । ସ୍ୱାମୀଙ୍କର ଦୁଃଖରେ ଦ୍ରବୀଭୂତ କବିପତ୍ନୀ ଏଥର କବିଙ୍କୁ ବୋଧ ଦେଇ କହିଲେ ଯେ ସେ ଆଦୌ ହତୋତ୍ସାହିତ ହେବା ଉଚିତ ନୁହେଁ । ବରଂ କିଛି ନା କିଛି ଫନ୍ଦି ଫିକର କରି ଆଉ ଆବଶ୍ୟକ ପଡିଲେ କୌଣସି ମାଧ୍ୟମର ସାହାରା ନେଇ ସେ ଜଣେ ସହୃଦୟ ପ୍ରକାଶକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରିବା ଉଚିତ୍ । କବିପତ୍ନୀ ଏବେ ବୁଡି ଯାଉଥିବା ଲୋକଟିକୁ କୁଟା ଖିଅ ଖଣ୍ଡେ ଦେଖାଇଲା ଭଳି କବିଙ୍କୁ କହିଲେ ଯେ ତାଙ୍କ ମାଉସୀ ପୁଅ ଭାଇ ସାହିତ୍ୟ ଜଗତ ସହିତ

 Magazine Downloaded from www.aahwaan.com

ଜଡିତ ଏକ ପ୍ରଶାସନିକ ପଦବୀରେ ଅଛନ୍ତି ଏବଂ ସେ ଚାହିଁଲେ ଯେ କୌଣସି ପ୍ରକାଶକ ତାଙ୍କ କାମଟି କରିଦେବେ । ତେଣୁ ଏହି ସୂତ୍ରଟିକୁ ଉପଯୋଗ କରିବା ପାଇଁ ସେ ସମସ୍ତ ପ୍ରକାର ଉଦ୍ୟମ କରିବେ । ତା' ପରଦିନ କବିପତ୍ନୀ ତାଙ୍କ କଲେଜ ବେଳର ବାନ୍ଧବୀ ତଥା ଏବର ଭାଉଜଙ୍କୁ ଏ ବିଷୟରେ ଅନୁରୋଧ କରି ଭାଇଙ୍କର ସାହାଯ୍ୟ ଲୋଡିଲେ । କଥା ଛଳରେ ବାନ୍ଧବୀଙ୍କୁ କହିଲେ ଯେ ସେ ନାରୀମହଲରେ ଜଣେ ଉଦୀୟମାନ କବିଙ୍କର ସହଧର୍ମିଣୀ ଭାବେ ପରିଚିତ ଏବଂ ତାଙ୍କର ଏକାଧିକ ସଂକଳନ ପ୍ରକାଶ ଅପେକ୍ଷାରେ ରହିଛି ବୋଲି ସେମାନଙ୍କର ଧାରଣା । ଯଦି କୌଣସି କାରଣରୁ ବହିଟିଏ ପ୍ରକାଶ ନ ହୁଏ ତେବେ ସେମାନଙ୍କ ଆଗରେ ତାଙ୍କ ନାକ କଟିଯିବ । ଭାଉଜ ତାଙ୍କୁ ଅଭୟ ଦେଇ କହିଲେ ଯେ ସେ ଏ ବିଷୟରେ ଭାଇଙ୍କୁ କହି ନିଶ୍ଚୟ କିଛି ବ୍ୟବସ୍ଥା କରିବେ । ଅଚିରେ ପ୍ରକାଶକଙ୍କ ସହିତ ଯୋଗାଯୋଗ ହୋଇଗଲା । ପ୍ରକାଶକ ମହୋଦୟ କହିଲେ ଯେ ସାମନ୍ତରାୟ ସାର୍ ଯେହେତୁ କବିଙ୍କ କଥା କହିଛନ୍ତି, ଏଣୁ ଆକର୍ଷଣୀୟ ମଲାଟ [ପିକାସୋକୀୟ(Pablo Picasso) ଶୈଳୀରେ ଅଙ୍କିତ ଚିତ୍ରଟିଏ ଆଧୁନିକ କବିତା ପୁସ୍ତକ ପାଇଁ  ଭଲ ମାନିବ] ଥାଇ କବିତା ପୁସ୍ତକଟି ପ୍ରକାଶ କରିଦେବେ, କିନ୍ତୁ ଆବଶ୍ୟକୀୟ ଖର୍ଚ୍ଚ ତାଙ୍କୁ ବହନ କରିବାକୁ ପଡିବ । ସେ ଅବଶ୍ୟ ଛପାଖର୍ଚ୍ଚ କିଛି ନେବେ ନାହିଁ, କିନ୍ତୁ କାଗଜ ଓ ବନ୍ଧେଇ ବାବଦ ଖର୍ଚ୍ଚ ତାଙ୍କୁ ତୁଲାଇବାକୁ ପଡିବ । କବି ଭାବିଲେ, ଜଣେ  ନାମୀଦାମୀ ପ୍ରକାଶକଙ୍କ ଛାପ ବହି ଉପରେ ରହିଲେ ବହି ଓ ଲେଖକ ଉଭୟଙ୍କ ଓଜନ ବଢିଯିବ । ଏଇ ଯେମିତି, ଅକ୍ସଫୋର୍ଡ, ମ୍ୟାକମିଲାନ୍ ବା ପେଙ୍ଗୁଇନ୍ ପ୍ରକାଶ କରିଥିବା ବହି ସବୁର ଲେଖକଙ୍କ ବିଷୟରେ ବିଶେଷ କିଛି ନ ଜାଣି ବି ପାଠକେ କିଣନ୍ତି ।

ଏହାର କିଛି ଦିନ ପରେ, କବି ତାଙ୍କ ଶାଖା ପରିଚାଳକଙ୍କୁ ଅନୁରୋଧ କରି ସେହି ମାସର ଦରମା ଅଗ୍ରୀମ ଆକାରରେ ନେଇ ପ୍ରକାଶକଙ୍କ ପାଖରେ ଜମା କରିଦେଲେ । ଠିକ୍

 Magazine Downloaded from www.aahwaan.com

ମାସେ ପରେ କବିଙ୍କୁ ଖବର ମିଳିଲା ଯେ ବହି ପ୍ରେସରୁ ଆସିଯାଇଛି ଏବଂ ପୁସ୍ତକ ଉନ୍ମୋଚନ ପାଇଁ ସେ ଆବଶ୍ୟକୀୟ ବନ୍ଦୋବସ୍ତ କରି ପାରନ୍ତି । ଏକ ଅବ୍ୟକ୍ତ ଆବେଗରେ କବିଙ୍କୁ ଲାଗିଲା, ଯେମିତି ସେ ପିଲାଦିନେ ଜେଜେ ମା'ଙ୍କଠୁ ଶୁଣିଥିବା ଗପର ଜହ୍ନମାମୁଁ ତାଙ୍କ ହାତ ପାଆନ୍ତାକୁ ଆସି ଯାଇଛି । ଅତ୍ୟଧିକ ଖୁସିରେ ସେଦିନ ଆଉ ସେ କାମ କରି ପାରିଲେ ନାହିଁ । ଘରେ ପହଞ୍ଚି ମିଠା ପ୍ୟାକେଟରୁ ଗୋଟେ ମିଠା ବାହାର କରି ଶ୍ରୀମତୀଙ୍କୁ ଖୁଆଇ ଦେଇ କହିଲେ ଯେ ଆଜି ଏହି ଖୁସିର ସମସ୍ତ ଶ୍ରେୟ ତାଙ୍କର । କାରଣ ସେ ଅଣ୍ଟା ଭିଡି ନ ଥିଲେ ଏ କାର୍ଯ୍ୟ କେବେ ବି ସମ୍ଭବ ହୋଇ ପାରି ନ ଥାଆନ୍ତା । ତା' ପର ଦିନ କବି ପ୍ରକାଶକଙ୍କୁ ସାକ୍ଷାତ୍ କରନ୍ତେ ସେ ମନ ଦୁଃଖରେ କହିଲେ ଯେ ତାଙ୍କୁ ଦେଇଥିବା ଟଙ୍କାରେ କେବଳ ୧୦୦ ଖଣ୍ଡ ବହି ଛପା ହୋଇ ପାରିଛି । ସେ ଅବଶ୍ୟ ବହିଟିର ବିତରଣ ଓ ବିପଣନ ପାଇଁ ସମସ୍ତ ଚେଷ୍ଟା କରିବେ, କିନ୍ତୁ ସେଥିପାଇଁ ଗ୍ୟାରେଣ୍ଟି ଦେଇ ପାରିବେ ନାହିଁ । ପ୍ରକାଶକ, ପୁସ୍ତକଟିର ଉନ୍ମୋଚନ ଓ ପ୍ରଚାର-ପ୍ରସାର ପାଇଁ ଗଣମାଧ୍ୟମର ସାହାଯ୍ୟ ନେବାକୁ ପରାମର୍ଶ ଦେଲେ ଓ ଏଥିପାଇଁ ଏକ ଭବ୍ୟ ସଭାର ଆୟୋଜନ କରିବା ପାଇଁ ମଧ୍ୟ କହିଲେ ।

ପ୍ରକାଶକଙ୍କ ପରାମର୍ଶ ଖୁବ୍ ଯୁକ୍ତିଯୁକ୍ତ ମନେହେଲେ ମଧ୍ୟ ଖର୍ଚ୍ଚର ପରିମାଣ କଥା ଚିନ୍ତାକରି, ସଭା ଆୟୋଜନ କରିବା କଥାଟା କବି ନିଜ ମନରୁ ପୋଛି ଦେଲେ । କାରଣ ମଝିରେ ମଝିରେ ସେ ପୁସ୍ତକ ଉନ୍ମୋଚନ ଉତ୍ସବକୁ ଯାଆନ୍ତି ଏବଂ ସେଠି କେମିତି ଖର୍ଚ୍ଚ ହୁଏ, ସେ ବିଷୟରେ ତାଙ୍କର ଗୋଟେ ମୋଟାମୋଟି ଧାରଣା ଅଛି । ହିସାବ କରି ଦେଖିଲେ ଯେ ମନ୍ଦିରଠୁ ମୁଖଶାଳା ବଳି ଯିବା ଭଳି ବହି ଉନ୍ମୋଚନ ଖର୍ଚ୍ଚ, ବହି ଛାପିବା ଖର୍ଚ୍ଚଠୁ ବି ବଳିଯିବ । ବରଂ ତାହା ନକରି ଯଦି ଚେଷ୍ଟା କରାଯାଏ, ତେବେ ଆଗାମୀ ପୁସ୍ତକ ମେଳା ଅବସରରେ ଅଳ୍ପ ଖର୍ଚ୍ଚରେ ଉନ୍ମୋଚନ କାର୍ଯ୍ୟଟି ହେଇଯିବ । ଏହା ଭିତରେ ତିନି ମାସ ବିତିଗଲା । କବିପତ୍ନୀ ସବୁବେଳେ କହୁଥାଆନ୍ତି ଯେ ବହିର ଅନ୍ତତଃ ଦଶ କପି ତାଙ୍କର

 Magazine Downloaded from www.aahwaan.com

ଦରକାର, କାରଣ ଗତ କିଟିପାର୍ଟିରେ ସାଙ୍ଗମାନଙ୍କୁ ବହି କଥା କହିଛନ୍ତି, ଆଉ ବହି ଖଣ୍ଡେ ଖଣ୍ଡେ ଦେଇ ନପାରିଲେ ତାଙ୍କ ପାରିବାପଣ ଉପରେ ନିଶ୍ଚୟ ପ୍ରଶ୍ନ ଉଠିବ । କିନ୍ତୁ ଆଜି, କାଲି କହି ଆଉ ମାସେ ବିତିଗଲେ ବି ବହିରୁ ଖଣ୍ଡେ ଆସିଲା ନାହିଁ । ଦିନେ କବିପତ୍ନୀ ଜିଦ୍ ଧରିବାରୁ କବି କହିଲେ ଯେ ଉନ୍ମୋଚନ ତ ହୋଇପାରିଲା ନାହିଁ, ଏଣୁ ଛପା ଖର୍ଚ୍ଚ ଉଠାଇବା ପାଇଁ ପ୍ରକାଶକଙ୍କ ବହିଦୋକାନରେ ସେ ସବୁ ବହି ଦେଇ ଦେଇଛନ୍ତି । କବିପତ୍ନୀ ଦେଖିଲେ ଯେ ବହି ଆଉ ମିଳିବାର ଆଶା ନାହିଁ, ତେଣୁ କବି ଅଫିସ ଗଲାପରେ ଦିନେ ଗୋଟେ ଅଟୋ କରି ପ୍ରକାଶକଙ୍କ ନିକଟରେ ପହଞ୍ଚିଲେ । ଉଦ୍ଦେଶ୍ୟ, ବହିରୁ କିଛି କପି କିଣି ନେଇ ସାଙ୍ଗମାନଙ୍କୁ ବାଣ୍ଟିଦେବେ । ଦୋକାନରେ ପହଞ୍ଚିଲା ବେଳକୁ ପ୍ରକାଶକ ନ ଥିଲେ । କର୍ମଚାରୀ ଜଣକୁ ବହିର ନାମ କହି ସେଥିରୁ ସେ ଦଶକପି ଦେବାପାଇଁ କହିଲେ । କର୍ମଚାରୀ ଜଣକ ସବୁ ଥାକ ଖୋଜି ସାରି କହିଲେ, "ମାଡାମ୍, ଆପଣ ବୋଧହୁଏ ଭୁଲ୍ ନାମ କହୁଛନ୍ତି, ମୋ ଜାଣିବାରେ ଏଭଳି କିଛି ବହି ଆମ ଦୋକାନରେ ନାହିଁ କି ଆପଣ ଯେଉଁ ଲେଖକଙ୍କ କଥା କହୁଛନ୍ତି, ତାଙ୍କ ବହି ମୋ ନଜରକୁ ଆସିନାହିଁ ।" କର୍ମଚାରୀଙ୍କ କଥା ଶୁଣି କବିପତ୍ନୀଙ୍କ ରାଗ ପଞ୍ଚମକୁ ଉଠିଗଲା ଏବଂ କର୍ମଚାରୀକୁ ବହେ ଶୋଧି ପକେଇଲେ । କର୍ମଚାରୀ ଜଣକ କାକୁତିମନତି ହୋଇ କହିଲେ, "ମାଡାମ୍, ଆପଣ ଦୟାକରି କିଛି ସମୟ ଅପେକ୍ଷା କରନ୍ତୁ, ମାଲିକ ଆସିବା ବେଳ ହୋଇଗଲାଣି, ସେ ଆସିଲେ ଆପଣଙ୍କୁ ସଠିକ୍ ଖବର ଦେଇପାରିବେ ।" କହୁକହୁ ପ୍ରକାଶକ ମହାଶୟ ଆସି ପହଞ୍ଚି ଗଲେ, ଆଉ ଘଟଣାଟା ବୁଝିସାରି କର୍ମଚାରୀ ଜଣକୁ ଚା' ଆଣିବା ପାଇଁ ପଠାଇ ଦେଲେ । ଏଥର ପ୍ରକାଶକ କବିପତ୍ନୀଙ୍କୁ କହିଲେ, "ମୁଁ ଯଦି ଭୁଲ କହୁ ନ ଥାଏ, ତେବେ ଆପଣ ନିଶ୍ଚୟ ମହାପାତ୍ର ସାରଙ୍କ ଧର୍ମପତ୍ନୀ ।" କବିପତ୍ନୀ କହିଲେ, "ଆପଣ ଏକଦମ୍ ଠିକ୍ ଅନୁମାନ କରିଛନ୍ତି, କିନ୍ତୁ କବିଙ୍କର ବହିସବୁ ତ ଆପଣଙ୍କ ପାଖରେ ଅଛି ବୋଲି ସିଏ ମୋତେ କହିଲେ ।"ବୟସ୍କ

 Magazine Downloaded from www.aahwaan.com

ପ୍ରକାଶକ ଜଣକ ଏବେ କଥାଟା କ'ଣ ବୁଝିପାରି କହିଲେ, "ମା', ତୁମେ ମୋ ଝିଅ ବୟସର, ଏଣୁ ସତଟା କ'ଣ ତାହା ତୁମେ ଜାଣିବା ଉଚିତ୍ । ଏବେ ଆମ ସାହିତ୍ୟର ଅବସ୍ଥା ଯାହା, ସେଥିରେ ଲେଖକଟି ଯେତେ ପ୍ରତିଭାବାନ ହେଲେ ମଧ୍ୟ ଯଦି ଧରାଧରି କଳା ତାକୁ ଜଣା ନ ଥାଏ, ତେବେ ସିଏ ଯେଉଁ ତିମିରକୁ ସେହି ତିମିରରେ ରହିଯାଏ । ସାମନ୍ତରାୟ ସାରଙ୍କ କଥା ରକ୍ଷା କରି କବି ଦେଇଥିବା ଟଙ୍କାରେ ମୁଁ କେବଳ ଶହେ ଖଣ୍ଡ ବହି ଛପେଇ ପାରିଲି, କିନ୍ତୁ ବହି ସବୁ ବିକିବି କେମିତି ? ବହୁ କଷ୍ଟରେ ମୁଁ ପାଞ୍ଚ ଖଣ୍ଡ ବହି ବିକିଲି । ମୋ ଦୋକାନରେ ଜାଗାର ଅଭାବ ତ ଦେଖୁଛ, ସେଥିପାଇଁ ମୋ ଅନୁରୋଧରେ ବଳକା ବହିସବୁ କବି ନେଇ ଯାଇଛନ୍ତି । ସମ୍ଭବତଃ ସାଙ୍ଗ ସାଥି ଭିତରେ ତାହା ବାଣ୍ଟି ଦେଇଥିବେ । ଏବେ ସବୁ କ୍ଷମତାହୀନ ସ୍ରଷ୍ଟାଙ୍କ ଅବସ୍ଥା ଠିକ୍ ଏହିପରି । ଯେ ଏଭଳି ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାର କଳା ଶିଖି ପାରିଲା, ସେ ହିଁ କେବଳ ତିଷ୍ଠିଲା । ମା' ତୁମେ ଏ ବିଷୟରେ କବିଙ୍କୁ କିଛି ପଚାରିବ ନାହିଁ, କାରଣ ତୁମେ ଏ ବିଷୟରେ ଅବଗତ ଅଛ ବୋଲି ଜାଣିଲେ ସେ ନିଶ୍ଚୟ ଆଘାତ ପାଇବେ । ତୁମେ ଏବେ ମନଦୁଃଖ ନ କରି ଘରକୁ ଯାଅ । ବରଂ ତୁମେ ଯଦି ଅଳ୍ପକିଛି ଟଙ୍କା ଯୋଗାଡ଼ କରି ମୋତେ ଦେଇପାରିବ, ତେବେ ତୁମ ଆବଶ୍ୟକତା ଅନୁଯାୟୀ ଆଉ କିଛି ବହି ଛାପିଦେବି ।"

ଭ୍ରାମ୍ୟଭାଷ : ୭୦୦୮୭୩୫୧୭୯

୨୯ - ଏ, କଳ୍ପନା ଏରିଆ, ବି.ଜେ.ବି ନଗର, ଭୁବନେଶ୍ୱର-୭୫୧୦୧୪,

(ଅବସରପ୍ରାପ୍ତ ପରିଚାଳକ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)

 Magazine Downloaded from www.aahwaan.com

# ଭିନ୍ନ ଏକ ପ୍ରାୟଶ୍ଚିତ



ଭାଗିରଥୀ ସେଠୀ

ପୁର୍ବ ଆକାଶରୁ ରକ୍ତିମ ସୂର୍ଯ୍ୟ କିରଣ ଦୂର ଦିଗ୍ୱଳୟ ଭେଦ କରି ଶ୍ରାବଣୀର ଅଗଣାରେ କେତେବେଳୁ ବିଛାଡ଼ି ହୋଇ ପଡ଼ିଛି । ଶ୍ରାବଣୀକୁ ଜଣା ନଥିଲା । ତରବର ହୋଇ ସକାଳର ନିତ୍ୟକର୍ମ ସାରିଦେଲା । ଆଜି ଯେମିତି ହେଲେ ସେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଭେଟିବ । ବ୍ୟାଙ୍କ୍‌କୁ ଦୌଡ଼ି ଦୌଡ଼ି ତା' ଗୋଡ଼ରୁ ପାଣି ମରିଗଲାଣି । ବ୍ୟାଙ୍କରେ ଯାହା ସବୁ କାଗଜପତ୍ର ଦେବାକଥା ସବୁତ ଦିଆ ହୋଇଛି । ତଥାପି ବ୍ୟାଙ୍କ୍ ଲୋନ୍‌ଟା ମଞ୍ଜୁର ହୋଇପାରୁନି । ସେଥିପାଇଁ ଦଶଟା ବାଜିବା ଆଗରୁ ବ୍ୟାଙ୍କରେ ହାଜର ହୋଇଯାଇଛି ଶ୍ରାବଣୀ ।

ଘଣ୍ଟାରେ ଦଶଟା ବାଜିବାକୁ ଯାଉଛି । ଶ୍ରାବଣୀ ହଠାତ୍ ଦେଖିଲା ବ୍ୟାଙ୍କର ମେନ୍‌ଗେଟ୍‌କୁ ଠେଲି କେହି ଜଣେ ଭିତରକୁ ପଶି ଆସୁଛନ୍ତି । ଆରେ ! ଏ କ'ଣ ଇଏତ ବାଦଲ୍ । ତା'ର ବୋଧହୁଏ ବ୍ୟାଙ୍କରେ କିଛି କାମ ଥିବ । ବାଦଲକୁ ଦେଖି ଶ୍ରାବଣୀ ନଦେଖିଲା ଭଳି ଟିକିଏ ଆଡ଼େଇ ଗଲା । ଦେଖିଲା ବାଦଲ୍ ମ୍ୟାନେଜରଙ୍କ ଚାମ୍ବରକୁ ଗଲା । ଶ୍ରାବଣୀ ଭାବିଲା ମ୍ୟାନେଜର ତ ଏ ପର୍ଯ୍ୟନ୍ତ ଆସିନାହାନ୍ତି । ଇଏ ପୁଣି ମ୍ୟାନେଜରଙ୍କ ଚାମ୍ବରକୁ କାହିଁକି ଗଲା । ଏହା ଭାବି କିଛି ସମୟ ଅପେକ୍ଷା କଲା । ଦେଖିଲା ବାଦଲ୍ ମ୍ୟାନେଜରଙ୍କ ଚାମ୍ବରରୁ ବାହାରୁନାହିଁ । ଭାବିଲା ଅନ୍ୟ କର୍ମଚାରୀ ବୋଧେ ଚାମ୍ବରରେ ଥିବେ । ତାଙ୍କ ସହିତ କଥା ହେଉଥିବେ । କିଛି ଲୋକ ମ୍ୟାନେଜରଙ୍କ ଚାମ୍ବରକୁ ଯାଉଥାନ୍ତି ପୁଣି କିଛି ସମୟପରେ ଫେରିବାର ଦୃଶ୍ୟ ଦେଖୁଥିଲା ଶ୍ରାବଣୀ । କିନ୍ତୁ ! ବାଦଲ୍ ଭିତରକୁ

 Magazine Downloaded from www.aahwaan.com

ଯାଇ ବାହାରୁନି । ତେଣୁ ସେ ଜଣେ କର୍ମଚାରୀଙ୍କୁ ପଚାରିଲା- ମ୍ୟାନେଜର ସାର୍ କେତେବେଳେ ଆସିବେ ? ସେ କହିଲେ - ସାର୍ ତ ତାଙ୍କ ଚାମ୍ବରରେ ଅଛନ୍ତି । ତଥାପି ଶ୍ରାବଣୀ ଜାଣି ପାରୁନଥାଏ । ଭାବିଲା ସାର୍ କେତେବେଳୁ ଆସିଗଲେଣି, ସେ ଠିକରେ ବୋଧହୁଏ ଦେଖିପାରିନି । ଶ୍ରାବଣୀ ମ୍ୟାନେଜରଙ୍କ ଚାମ୍ବରର ଡ଼ୋର ଠେଲି ଭିତରକୁ ଗଲା । ସେ ଯାହା ଦେଖିଲା ଆଖିରେ ବିଶ୍ୱାସ କରିପାରିଲାନି । ବାଦଲ୍ ବ୍ୟାଙ୍କ୍ ମ୍ୟାନେଜର । ବାଦଲ୍ ଶ୍ରାବଣୀକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁଲା । କହିଲା - ଶ୍ରାବଣୀ । ତମେ ଏଠି ? କୁଆଡ଼େ ଆସିଛ ? ଆସ ! ଆସ ! ବସ । ଏହା କହି ସାମ୍ନା ଚେୟାରକୁ ଦେଖାଇଲା । ଶ୍ରାବଣୀ ଚେୟାରରେ ଚୁପ୍ ଚାପ୍ ତଳକୁ ମୁହଁ ପୋତି ବସିଲା । କିଛି କହିଲା ନାହିଁ । ବାଦଲ୍ ପଚାରିଲା - ଆରେ । ଶ୍ରାବଣୀ କିଛି କୁହ, ଏମିତି କ'ଣ ଚୁପ୍‌ଚାପ୍ ବସିଲ ? କୁହ, କାହିଁକି ଆସିଛ ? କ'ଣ ହୋଇଛି ତମର ? ଶ୍ରାବଣୀ କିଛି କହିବା ପୂର୍ବରୁ ଆଖିରୁ ତା'ର ଶ୍ରାବଣର ଧାର ଛୁଟିବାକୁ ଲାଗିଲା । ବାଦଲ୍ ମୁହଁକୁ ଅନାଇବାକୁ ତା'ର ଯେମିତି ସତ୍‌ସାହସ ନଥିଲା । କହିବ କ'ଣ ? କେମିତି କହିବ ? କେଉଁଠାରୁ ଆରମ୍ଭ କରିବ ?

ଏଥର ଶ୍ରାବଣୀ ଲୁହ ପୋଛି ମୁହଁ ଉପରକୁ ଉଠାଇଲା । ସେ କିଛି କହିବାକୁ ଯିବା ପୂର୍ବରୁ ବାଦଲ୍ ଦେଖିଲା ଶ୍ରାବଣୀର ଚେହେରାକୁ । ନଥିଲା ମଥାରେ ସିନ୍ଦୁର କି ହାତରେ ଶଙ୍ଖା । ଓଠରେ ନଥିଲା ଖୁସିର ଜୁଆର କି ଭଟ୍ଟା ଯଦିଓ ଶ୍ରାବଣୀ ଦେହରେ ଯୌବନର ଢ଼େଉ ଲହଡ଼ି ଭାଙ୍ଗୁଥିଲା । ବାଦଲ୍ ହଠାତ୍ ଚେୟାରରୁ ଉଠିପଡ଼ି ଶ୍ରାବଣୀ ପାଖକୁ ଚାଲି ଆସିଲା । କହିଲା - ଶ୍ରାବଣୀ । ମୁଁ ଏ କଣ ଦେଖୁଛି ? ତମେ ତ ବିବାହ କରିଥିଲ । ଏଥର ଶ୍ରାବଣୀ ମୁହଁ ଖୋଲିଲା । କହିଲା - ହଠାତ୍ ତମ ସହିତ ଏହି ବ୍ୟାଙ୍କରେ ଦେଖା ହେବ ବୋଲି ମୁଁ ନିଜକୁ ବିଶ୍ୱାସ କରିପାରୁନି । ମୁଁ ଜାଣିଥିଲି ତମେ କେଉଁ ଏକ ବ୍ୟାଙ୍କରେ ଚାକିରି କରୁଛ ।

 Magazine Downloaded from www.aahwaan.com

କିନ୍ତୁ ......... । ମୁଁ ଗୋଟିଏ ଛୋଟ ଲୋନ୍ ପାଇଁ ଆସିଥିଲି । ଆଗରୁ କେତେଥର ଆସିଛି କିନ୍ତୁ ତମ ସହ ଦେଖା ହୋଇ ପାରିନଥିଲା । ମୋ ଲୋନ୍‌ଟା ତମେ କରିଦିଅ ବାଦଲ୍ । ଏ ସବୁ ଶୁଣି ବାଦଲ୍ କହିଲା - ଲୋନ୍ ତ ନିଶ୍ଚୟ ହେବ । କିନ୍ତୁ - ମୋ ପ୍ରଶ୍ନର ଉତ୍ତର ମୁଁ ପାଇ ପାରିଲିନି । ସେ ସବୁଜାଣି ତମେ କଣ ବା କରିପାରିବ ? ମୋ ଭାଗ୍ୟରେ ଯାହା ଥିଲା ଓ ଭବିଷ୍ୟତରେ ଯାହା ହେବାର ଅଛି ତାହାହିଁ ହେବ । ଯାହାର ହାତ ଧରି ଜୀବନଟା ବିତାଇ ଦେବା ପାଇଁ ଆଗେଇ ଗଲି ସିଏତ ଦିନ କେଇଟାରେ ହାତ ଛାଡ଼ି ଚାଲିଗଲେ ।

ମୁଁ ଏବେ ଚଳିବି କେମିତି । ସେଥିପାଇଁ ଏଠାକୁ ଦୌଡ଼ି ଆସିଛି । ବାଦଲ୍ କହିଲା - ତମେ କେଉଁଠି ରହୁଛ ? ତମ ସ୍ୱାମୀଙ୍କର କଣ ହେଲା ?ତମ ସହିତ ଆଉ କିଏ କିଏ ଅଛନ୍ତି ଏମିତି ଅନେକ ପ୍ରଶ୍ନ ?

ଅଫିସ୍ କାନ୍ଥ ଘଣ୍ଟାରେ ସେକେଣ୍ଡ କଣ୍ଟାଟି କାଳଚକ୍ର ଭଉଁରୀ ପରି ଘୁରି ବୁଲୁଥିଲା । ସେଇ ଭଉଁରୀର ପରିଧିରେ ପଡ଼ିଯାଇଥିଲା ଭଳି ଘୁରି ବୁଲୁଥିଲା ଶ୍ରାବଣୀର ମସ୍ତିଷ୍କ । ଇତସ୍ତତଃ ହୋଇ ଟିକିଏ ଆଶ୍ୱସ୍ତି ମନେ କରି ସେ ବାସ୍ତବତାକୁ ଫେରି ଆସିଲା । କହି ଚାଲିଲା - ସେ କାଳଚକ୍ରର କରାଳ ଭଉଁରୀରେ ପେଶୀ ହୋଇଯାଇଥିବା ତାର ବିଗତ ଦିନ । ସେଦିନ ଥିଲା ଅଦିନିଆ ଝଡ଼ ବତାସ କାଳ ବୈଶାଖୀ ବର୍ଷାମୁଖର ସଂଧ୍ୟା । ରାତି ପାହିଲେ ସାବିତ୍ରୀ ବ୍ରତ । ସ୍ୱାମୀ ସଦାନନ୍ଦ ଡ୍ୟୁଟି ସାରି ଘରକୁ ଫେରୁଥିଲେ । ତାଙ୍କ ବ୍ୟାଗ୍‌ରେ ଥିଲା ନାଲି ଶଙ୍ଖା, ସିନ୍ଦୁର ଫରୁଆ, ନଡ଼ିଆ କଦଳୀ ସହିତ ନାନା ରକମର ଫଳମୂଳ । ସେହି ବ୍ୟାଗ୍ ଭିତରେ ତାଙ୍କ ଭଲ ପାଇବାର ପ୍ରତୀକ । ସତ୍ୟବାନ୍ ରୂପରେ ମୋ ଠାରୁ ପୂଜା ପାଇବେ । ନୂଆ ଶାଢ଼ୀ, ନାଲି ଶଙ୍ଖାରେ ମୋତେ ସଜାଇ ପ୍ରଥମ ଥର ପାଇଁ ମୋତେ ସାବିତ୍ରୀ ରୂପରେ ଦେଖିବାକୁ ଚାହୁଁଥିଲେ । କିନ୍ତୁ, ତାଙ୍କର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ହଠାତ୍

 Magazine Downloaded from www.aahwaan.com

ଅଦିନିଆ ବର୍ଷାରେ ବେହାଲ୍ ହୋଇ ଉଠୁଥିଲା ସାରା ସହର । ରାସ୍ତାଘାଟ ପାଣିରେ ଭର୍ତ୍ତି । ତଥାପି ସହରର ରାସ୍ତା ଗୁଡ଼ିକ ଥିଲା ଗାଡ଼ି ମଟରର ଭିଡ଼ । ନିଜ ନିଜ କର୍ମକ୍ଷେତ୍ରରୁ ସମସ୍ତେ ଘରକୁ ଫେରୁଥିଲେ । ସେଦିନ ଇଏ ବି ଘରକୁ ଫେରୁଥିଲେ ବାଇକ୍‌ରେ । ରେନ୍ କୋର୍ଟ ପିନ୍ଧିଥିଲେ ବି ବର୍ଷାର ଦାଉ ରେନ୍ କୋର୍ଟଟି ସମ୍ଭାଳି ପାରିବାରେ ଅସମର୍ଥ ଥିଲା । ହଠାତ୍ ରାସ୍ତାର ଗହଳି ମଧ୍ୟରେ ତାଙ୍କୁ ଏକ କାର ଧକ୍କା ଦେଇ ଚାଲିଗଲା । ସିଏ ଛିଟ୍‌କି ହୋଇ ପଡ଼ିଲେ । ତା'ପରେ ସବୁ ଶେଷ ........... । ଏସବୁ କରିବା ଭିତରେ ଆଖିରୁ ତାର ଧାର ଧାର ଲୁହ ବହି ଆସିଲା । ଲୁହ ପୋଛି କହିଲା - ଇଏ ଥିଲେ ତାଙ୍କ ଘରର ଗୋଟିଏ ବୋଲି ପୁଅ । ଶାଶୁ ଶ୍ୱଶୁର ନାହାନ୍ତି । ଶାଶୁ ଆମର ବାହାଘର ଆଗରୁ ଚାଲିଯାଇଥିଲେ ଓ ଶ୍ୱଶୁର ବାହାଘରର ଛ'ଟା ମାସ ନ ପୁରୁଣୁ ହଠାତ୍ ଅସୁସ୍ଥ ହୋଇ ଆରପାରିକୁ ଚାଲିଗଲେ । ଏକା ଏକା ଏତେବଡ଼ ଦୁନିଆଁରେ ବଞ୍ଚିବାକୁ ହେଲେ ନିଜକୁ କିଛି କରିବାକୁ ହେବ । ସେଥିପାଇଁ ଛୋଟ ଲୋନ୍‌ଟିଏ ହେଲେ ମୁଁ ମୋର ବାକି ଜୀବନଟା ଛୋଟ ମୋଟ ବ୍ୟବସାୟଟିଏ କରି ଚଳିଯିବି । ଏହା କହି ଶ୍ରାବଣୀ କାନ୍ଦି ଉଠିଲା ।

ବାଦଲ୍ ଏସବୁ ଶୁଣୁଥିଲା । ଅଫିସର ସମସ୍ତ କାମକୁ ପଛରେ ପକାଇ । ଏହା ଭିତରେ କର୍ମଚାରୀମାନେ କୌଣସି ନା କୌଣସି କାମ ପାଇଁ ତାଙ୍କ ପାଖକୁ ଆସିବାକୁ ଚେଷ୍ଟା କରୁଥିଲେ ବି ସେ ଅନୁମତି ଦେଇନଥିଲା । ସେ ଶୁଣୁଥିଲା ଶ୍ରାବଣୀ ଜୀବନର ଦୁଃଖଦ କାହାଣୀ । କହିଲା - ଶ୍ରାବଣୀ ! ଆକ୍ସିଡେ଼ଣ୍ଟଟା କେବେ ହୋଇଥିଲା । ସାବିତ୍ରୀ ବ୍ରତର ପୂର୍ବଦିନ ସଂଧ୍ୟାବେଳ । ମନେ ପକାଇ ଦେଇଥିଲା ଶ୍ରାବଣୀ । ଶ୍ରାବଣୀର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା ଓ କହିଲା ସାବିତ୍ରୀ ବ୍ରତ ? ତମେ ଏତେ ବ୍ୟସ୍ତ ହୋଇପଡୁଛ କାହିଁକି ? ନା.... ! ଶ୍ରାବଣୀ ସେଦିନ ଝଡ଼ ତୋଫାନ ସହିତ କାଳ ବୈଶାଖିର ତାଣ୍ଡବ ନୃତ୍ୟ ହେଉଥିଲା

 Magazine Downloaded from www.aahwaan.com

ପରି ଲାଗୁଥିଲା । ଏତକ କହି ଶ୍ରାବଣୀର ପ୍ରଶ୍ନକୁ ଏଡ଼ାଇ ଦେଇଥିଲା । ତମ ଲୋନ୍‌ଟା ଦିନେ ଦି'ଦିନରେ ସାଂକ୍ସନ୍ ହୋଇଯିବ । ତମେ ଏବେ ଘରକୁ ଯାଅ । ଯାହା ହେବାର ଥିଲା ତ ହୋଇଗଲାଣି । ସେହି ଅତୀତକୁ ମନରେ ବସା ବାନ୍ଧି ରଖିଲେ ମନ କଷ୍ଟ ହୁଏ ସିନା କିନ୍ତୁ ସମାଧାନ ହୁଏନି । ତମର ଲୋନ୍ ସାକ୍ସନ୍ ପାଇଁ ଆଉ କିଛି କାଗଜ ପତ୍ର ଦରକାର ପଡ଼ିଲେ ମୁଁ ଜଣାଇବି । ଶ୍ରାବଣୀ ବାଦଲ୍ ଠାରୁ ଆଶ୍ୱାସନାର ବାଣୀ ଶୁଣି ବିଦାୟ ନେଲା ।

ବାଦଲ୍ ଅଫିସରରେ ବସି ଭାବୁଥିଲା ଅଦିନିଆ କାଳ ବୈଶାଖୀ ବର୍ଷା ମୁଖର ସଂଧ୍ୟାର ଦୃଶ୍ୟ । ସେଦିନ ତେବେ ସେ ଲୋକଟି ମରିଯାଇଥିଲା । ନିଜକୁ ବିଶ୍ୱାସ କରିପାରୁ ନଥିଲା ବାଦଲ୍ । ଅନ୍ୟ ମନସ୍କ ଓ ମନ ଦୁଃଖରେ ଅଫିସ୍‌ର କାମ ସେ କରି ଚାଲୁଥିଲା । ସମୟ ତ କାହାକୁ ଅପେକ୍ଷା କରେନି ସମୟ ଗଡ଼ି ଚାଲିଥିଲା । ଚାହୁଁ ଚାହୁଁ ସଂଧ୍ୟା ସାଢ଼େ ସାତଟା ବାଜି ଯାଇଥିଲା ତା' ଚାମ୍ବରର କାନ୍ଥ ଘଡ଼ିରେ । ନିଜ କ୍ୱାଟର୍‌କୁ ବାହାରିଲା ବାଦଲ୍ । କ୍ୱାଟରରେ ସେ ଏକା । ସବୁଦିନର ରୁଟିନ୍ ଅନୁଯାୟୀ ତା'ର କାର୍ଯ୍ୟକମରେ ଆଜି ଅନେକ ବ୍ୟତିକ୍ରମ । ମନରେ ନଥିଲା ସରସତା କି ଆସନ୍ତା କାଲି ପାଇଁ ନଥିଲା ଅଫିସ୍ କାମର ଯୋଜନା । ଭାବୁଥିଲା ତା ଯୋଗୁଁ ଆଜି ଶ୍ରାବଣୀର ଏ ଅବସ୍ଥା । ଦିନ ଥିଲା ଦୁହେଁ ପରସ୍ପରକୁ କଥା ଦେଇଥିଲେ । ସଂସାର ଗଢ଼ିବେ । ପରସ୍ପର ଦୁହେଁ ଦୁହିଁଙ୍କ ଆଖିରେ ଦୁନିଆଁ ଦେଖିବେ, ପରସ୍ପରକୁ ବୁଝିବେ ଇତ୍ୟାଦି, କିନ୍ତୁ ସମୟ ଚକ୍ରରେ ସବୁ ଓଲଟ ପାଲଟା ହୋଇଗଲା । ଜାତି ପ୍ରଥାର ଦ୍ୱାହି ଦେଇ ଶ୍ରାବଣୀର ପରିବାର ଦୁହିଁଙ୍କ ସଂପର୍କରୁ ସ୍ୱୀକାର କଲେ ନାହିଁ । ଶେଷରେ ଶ୍ରାବଣୀକୁ ଅନ୍ୟତ୍ର ଜବରଦସ୍ତ ବିବାହ କରାଇ ଦେଲେ । ବର୍ତ୍ତମାନ ଶ୍ରାବଣୀର ଏମିତି ପରିସ୍ଥିତି । ବାଦଲ୍ ନିଜକୁ ଦୋଷୀ ମନେ କରି ଅନୁତାପ କରୁଛି । କିନ୍ତୁ ! ଏବେ ସେ କରିବ କଣ ? ସେ ଦିନ ଅଦିନିଆ କାଳ ବୈଶାଖୀର ନିର୍ଧୂମ ବର୍ଷାରେ ଶ୍ରାବଣୀର ମଥାର ସିନ୍ଦୁର

 Magazine Downloaded from www.aahwaan.com

ଧୋଇ ହୋଇଯିବ ତା'ରି ହାତରେ ସେ' କଣ ଜାଣିଥିଲା ? ନିଜେ ସଂସାରରେ ଏକା ଏକା ବଂଚିବା ପାଇଁ ଅନେକ ସ୍ୱପ୍ନ ଦେଖୁଛି । ସତରେ ସେ କ'ଣ ପାରିବ ? ମୁଁ କଣ କରିପାରିବି ? ଏମିତି ଅନେକ ପ୍ରଶ୍ନ ମଧ୍ୟରେ ସେ ଦିନ ରାତିରେ ତା ଆଖିକୁ କେତେବେଳେ ଯେ ନିଦ ଆସିଯାଇଛି ସେ ଜାଣିପାରି ନଥିଲା ।

ପରଦିନ ସକାଳ । ପୂର୍ବଦିଗରୁ ଉଦିତ ରକ୍ତିମ ସୂର୍ଯ୍ୟଙ୍କୁ ଅନାଇ ଏକ ଲୟରେ ଚାହିଁଲା ବାଦଲ୍ । ଆଖିରେ ଅବସୋସର ନିଆଁ । ଭାବୁଥିଲା ତାକୁ ପ୍ରାୟଶ୍ଚିତ କରିବାକୁ ହିଁ ପଡ଼ିବ । କିନ୍ତୁ କେମିତି । ଶ୍ରାବଣୀକୁ ଯେ କେଇଟା ଟଙ୍କାର ଲୋନ୍ କରାଇଦେଲେ ତା ପାପର ପ୍ରାୟଶ୍ଚିତ ହୋଇଯିବ । ସେ କିଛି ଭାବିପାରୁନଥିଲା । ସେହି ଟଙ୍କାରେ ଯେ ଶ୍ରାବଣୀର ହସଖୁସି ପୁଣି ଫେରି ଆସିବ । ତାର ଦୁଃଖକୁ ଧୋଇହୋଇଯିବ । ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କି ମାରୁଥିଲା । ସେ ଶ୍ରାବଣୀକୁ ଆଉଥରେ ଭେଟିବ । ତା ସହିତ ଆଉ କିଛି କଥାହେବ । ଏହି ସବୁ ଭାବନା ଭିତରେ କାନ୍ଥ ଘଣ୍ଟାର ପେଣ୍ଡୁଲମ୍‌ଟା ଠନ୍ ଠନ୍ ନଅ ଥର ବାଜି ଉଠିଲା । ସେ ଭାବନାରୁ ଫେରିଆସି ତରବରରେ ଅଫିସ୍ ଯିବା ପାଇଁ ବାହାରି ପଡ଼ିଲା ।

ବାଦଲ୍ ଠିକ୍ ଦଶଟାରେ ଅଫିସରେ ପହଞ୍ଚି ନିତିଦିନିଆ ଅଫିସ୍ କାମରେ ଲାଗି ପଡ଼ିଲା । ଟଙ୍କା ପଇସାର ହିସାବ ତଥା କର୍ପୋରେଟ୍ ଅଫିସ୍‌ର ଉପରିସ୍ଥ ଅଫିସରଙ୍କ ତାଗିଦ୍ ଲୋନ୍ ଟାର୍ଗେଟ୍ କରିବା ଚେତାବନୀକୁ ସେ ଭୁଲି ନଥିଲା । ଅଫିସ୍‌ର କାର୍ଯ୍ୟ ଭାରର କଷ୍ଟ ଠାରୁ ସେ କରିଥିବା ଶ୍ରାବଣୀ ପ୍ରତି ଅନ୍ୟାୟ ମନ ଭିତରେ ଘାଣ୍ଟି ଚକଟି ହେଉଥିଲା । ମନ କଷ୍ଟ ଓ ଦୁଃଖ ଅବସାଦ ଭିତରେ ଅଫିସ୍ କାର୍ଯ୍ୟ ଶେଷ କରି ସଂଧ୍ୟା ଛଅଟାରେ ଅଫିସରୁ ବାହାରି ପଡ଼ିଲା ବାଦଲ୍ । ସେ ଯିବ ଶ୍ରାବଣୀ ପାଖକୁ । ଶ୍ରାବଣୀ ଆଖିରୁ ଶ୍ରାବଣର ବର୍ଷା

 Magazine Downloaded from www.aahwaan.com

ଝରିଝରି ଶୁଖି ଯାଇଛି ଅନେକ ବର୍ଷ ବର୍ଷ । କିନ୍ତୁ ଆଜି ବାଦଲ୍ ଚେଷ୍ଟା କରିବ ଶ୍ରାବଣୀ ହୃଦୟକୁ ଭେଦକରି ଭସାବାଦଲର ଢ଼େଉଟିଏ ହୋଇ ତା' ଭଙ୍ଗା ହୃଦୟରେ ଖୁସିର ସାମାନ୍ୟ ବର୍ଷା ଛିଟ୍କା ମାରି ବର୍ଷିଯିବା ପାଇଁ ।

ଶ୍ରାବଣୀର ଘରଦ୍ୱାର ମୁହଁରେ ଠିଆ ହୋଇ କବାଟ ଠକ୍ ଠକ୍ କଲା ବାଦଲ୍ । କିଏ .......... ? ଭିତରୁ ଶ୍ରାବଣୀର ସ୍ୱର । ବାଦଲ୍ କହିଲା - "ମୁଁ ବାଦଲ୍" । ଶ୍ରାବଣୀ ଆସି ଦ୍ୱାରା କବାଟ ଖୋଲି ଦେଖେ ତ ବ୍ୟାଙ୍କ୍ ମ୍ୟାନେଜର ବାଦଲ୍ । ଆଶ୍ଚର୍ଯ୍ୟ ହୋଇ ଚାହିଁଲା ବାଦଲ୍ ମୁହଁକୁ । ଶ୍ରାବଣୀ କହିଲା - ତମେ । ଆସ ଭିତରକୁ ଆସ । ଶ୍ରାବଣୀ ଏକ ପ୍ଲାଷ୍ଟିକ୍ ଚେୟାର୍ ଟିଏ ଆଣି ବାଦଲ୍‌କୁ ବସିବାକୁ କହି ନିଜେ ତା' ସାମ୍ନାରେ ଠିଆ ହୋଇ ରହିଲା । ବାଦଲ୍ କହିଲା ଶ୍ରାବଣୀ ତମେ ବି ବସ । ହଁ, ମୁଁ ଟିକେ ଚା' କରି ଆଣୁଛି । ଏଇ ଗରିବ ହତଭାଗିନୀ ଘରେ ତମର ପାଦ ପଡ଼ିବ ମୁଁ କେବେ ଭାବି ନଥିଲି । ଏଇ ଚା' କପେ ଛଡ଼ା କିଛି ଦେଇପାରିବିନି । ଏହା କହି ଚାଲିଗଲା । ବାଦଲ୍ ଦେଖୁଥିଲା ସେ ବସିଥିବା ରୁମର ଚାରିକାନ୍ଥ ଓ ଛାତରେ ବୁଲୁଥିବା ଫ୍ୟାନର ଡ଼େଣାକୁ । ନଜର ପଡ଼ିଲା କାନ୍ଥରେ ଝୁଲୁଥିବା ଏକ ଫଟୋ । ଯେଉଁଥିରେ ଶ୍ରାବଣୀ ଓ ତା' ସ୍ୱାମୀ ସହିତ ଏକତ୍ର ଏକ ଫଟୋର ଚିତ୍ର । ବାଦଲ୍ ଭାବିଲା - ଏଇ ଶ୍ରାବଣୀର ସ୍ୱାମୀକୁ ସେ ଗାଡ଼ି ଆକ୍ସିଡ଼େଣ୍ଟ କରି ମାରିଦେଇଛି । କେତେ ପାପୀ । ସତରେ ସେ କ'ଣ ତା ପାପର ପ୍ରାୟଶ୍ଚିତ କରିପାରିବ । ଏଇ ଭାବନା ଭିତରେ ବାଦଲ୍ ବୁଡ଼ିଯାଇଥିବା ବେଳେ ଶ୍ରାବଣୀ ଚା' କପେ ବାଦଲ୍ ହାତକୁ ବଢ଼ାଇଲା । ବାଦଲ୍ ଚା କପ୍ ନେଉ ନେଉ କହିଲା - ଶ୍ରାବଣୀ ବସ । ମୁଁ ଖାଲି ତୁମ ହାତରୁ ଚା' ପିଇବାକୁ ଆସିନି । ମୁଁ ଯେଉଁଥିପାଇଁ ଆସିଛି ତମେ ଚାହିଁଲେ ସବୁ ସମାଧାନ ହୋଇପାରିବ । ଶ୍ରାବଣୀ କିଛି ବୁଝି ପାରିଲାନି । ବାଦଲ୍ ଉଷୁମ ଚା' କପ୍ ଓଠକୁ ନେଇ କହିଲା - ଶ୍ରାବଣୀ ! ମୁଁ

 Magazine Downloaded from www.aahwaan.com

ଆସିଛି... । ମୁଁ ଆସିଛି ପ୍ରାୟଶ୍ଚିତ କରିବାକୁ । ତମେ ଚାହିଁଲେ ମୋତେ କ୍ଷମା କରିଦେବ । ଶ୍ରାବଣୀ କହିଲା - କ'ଣ ସବୁ କହୁଛ ମୁଁ କିଛି ବୁଝିପାରୁନି । ବାଦଲ୍ କହିଲା - ତମର ଆଜି ଏ ଯେଉଁ ଅବସ୍ଥା ହୋଇଛି ମୁଁ ସେଥିପାଇଁ ଦାୟୀ । ସେଦିନ ବର୍ଷା ରାତିରେ ଯେଉଁ ଆକ୍ସିଡେଣ୍ଟ ହୋଇଥିଲା ସେଦିନ ମୁଁ ହିଁ ଥିଲି । ସଂଧ୍ୟା ବେଳର ନିର୍ଦ୍ଧୁମ୍ ବର୍ଷାରେ ଗାଡ଼ି ଚଳାଇ ମୁଁ ଘରକୁ ଫେରୁଥିଲାବେଳେ ତୁମ ସ୍ୱାମୀକୁ ମୋ ଗାଡ଼ି ହିଁ ଧକ୍କା ଦେଇଥିଲା । ମୁଁ ଭୟରେ ସେଠାରୁ ଖସି ପଳାଇ ଆସିଥିଲି । ମୋତେ ଜଣା ନଥିଲା ଯେ ଏମିତି ଅବସ୍ଥା ହେବ । ତା' ପରଦିନ ସକାଳ ଖବର କାଗଜରେ ଓ ଟିଭି ସମ୍ବାଦରେ ଜାଣିବାକୁ ପାଇଲି ଏକ ଅଜଣା ଗାଡ଼ି ଧକ୍କାରେ ଯେଉଁ ଆକ୍ସିଡ଼େଣ୍ଟ ହୋଇଥିଲା ସେ ଲୋକଟିର ମୃତ୍ୟୁ ହୋଇଛି । ସେଦିନ ଠାରୁ ମୁଁ କାହାକୁ କିଛି ନ କହି ନୀରବ ରହି ଆସିଛି । କିନ୍ତୁ କାଲି ଯେତେବେଳେ ଜାଣିଲି ସେ ଆଉ କେହି ନୁହଁ ତମର ସ୍ୱାମୀ ମୁଁ ଆଉ ନୀରବରେ ରହି ପାରିଲିନି । ତମେ ଏବେ ମୋତେ ଯେଉଁ ଶାସ୍ତି ଦେବ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି । ଏ ସବୁ ଶୁଣୁଥିଲା ଶ୍ରାବଣୀ । ଶ୍ରାବଣୀ ଆଖିରୁ ଶ୍ରାବଣର ବର୍ଷା ପରି ଝରି ଆସିଲା । ସେ ନୀରବ ନିଶ୍ଚଳ ହୋଇ ଗଲା । ଶ୍ରାବଣୀର ଏମିତି ଅବସ୍ଥା ଦେଖି ବାଦଲ୍ କ'ଣ କରିବ କିଛି ଭାବି ପାରିଲାନି । କିଛି ସମୟପରେ କହିଲା - ଶ୍ରାବଣୀ । ତୁମର ଯଦି କିଛି ଆପତ୍ତି ନଥାଏ ମୁଁ ଗୋଟିଏ କଥା କହିବି ରଖିବ । ଆଖିରୁ ଲୁହ ପୋଛି ଅତି କରୁଣ ନୟନରେ ବାଦଲକୁ ଚାହିଁଲା ଶ୍ରାବଣୀ । ବାଦଲ୍ ଶ୍ରାବଣୀର ହାତମୁଠାକୁ ଜାବୁଡ଼ି ଧରି କହିଲା - ଶ୍ରାବଣୀ । ମୁଁ ତମର ଏଇ ହାତ ଚାହେଁ । ତମେ ଦେଇପାରିବ ? ଏଇ ହାତ ମୁଠାକୁ ପାଇଲେ ମୋ ପାପର ପ୍ରାୟଶ୍ଚିତ ହେବ । ଶ୍ରାବଣୀ ବାଦଲର କଥା ଶୁଣି ନିରବରେ ସମର୍ଥନ କରୁଥିଲା ବେଳେ ବାଦଲ୍ ମନେ ପକାଇ ଦେଇଥିଲା ଅତୀତ ଦିନର ସ୍ମୃତିର ଝଲକ । ସେ କହିଲା - “ତମର ମନେ ଅଛି ଶ୍ରାବଣୀ । ସେ ଦିନ ବର୍ଷାରେ ସ୍ନାତସିକ୍ତ ଦେହ ଛୁଇଁ ଛୁଇଁ

 Magazine Downloaded from www.aahwaan.com

ଯାଉଥିବା ବେଳେ ତୁମ କବରୀର ଫିଟା କେଶ ଗୁଚ୍ଛ ଯେତେବେଳେ ତୁମ ମୁହଁକୁ ଆଚ୍ଛାଦିତ କରିଥିଲା ସେତେବେଳେ ଦୂରରୁ ଥାଇ ମୁଁ ମୋ କ୍ୟାମେରାରେ ଗୋଟିଏ ସ୍ନାପ୍ ନେଇଥିଲି । ସେହି ଫଟୋ ଏବେ ବି ଅଛି । ଠିକ୍ ସେଦିନର ତୁମ କୁଆଁରୀ ରୂପ ଆଜିବି ଠିକ୍ ସେହିଭଳି ଦେଖୁଛି । କେବଳ ବିତିଯାଇଛି କେତୋଟି ମାସ ବର୍ଷ ଆଉ ତା'ଭିତରେ ତୁମର ଗୋଟିଏ ଦୁର୍ଘଟଣାରେ ମାନସିକ ପରିବର୍ତ୍ତନ । ହେଲେ ତୁମେ ସେଦିନ ଯେମିତି ଶ୍ରାବଣୀ ଆଜିବି ସେମିତି ଶ୍ରାବଣୀ ରୂପରେ ମୋ ମନରେ ଅଛ । ମୁଁ ସେଦିନ ଦେଖିଥିଲି ତୁମ ସୀମନ୍ତରେ ସିନ୍ଦୁର ନଥିଲା ଆଜି ବି ଦେଖୁଛି ଠିକ୍ ତୁମେ ସେଇ ଅସ୍ତରାଗର ଝଲକ । ମୋ ଅଦେଖାରେ ଯାହା ଘଟିଯାଇଛି ତାକୁ ମୁଁ ଜାଣେନା କି ବିଶ୍ୱାସ ବି କରେନା । ତୁମେ ସେଦିନର ସେଇ କୁଆଁରୀ ରୂପର ସଜଫୁଟା ଗୋଲାପଟିଏ ଭଳି ଠିଆ ହୋଇଛ ମୋ ସାମ୍ନାରେ । ତମେ କୁହ ଶ୍ରାବଣୀ ! ମୋର କ'ଣ ତମ ମନ ଗୋଲାପର ଉପହାର ଗ୍ରହଣ କରିବାର ସୁଯୋଗ ମୋ ଭାଗ୍ୟରେ ନାହିଁ ? ତମେ ଥରୁଟିଏ କହିଦିଅ - ଶ୍ରାବଣୀ- ମୁଁ କ'ଣ ତୁମର ହୋଇପାରିବିନି । ଶ୍ରାବଣୀ ବାଦଲର ଏସବୁ କଥା ଶୁଣିବା ଭିତରେ ବାଦଲ୍ ଛାତି ଉପରେ ଅଜାଣତେ ଲୋଟି ପଡ଼ିଲା । ଠିକ୍ ସେତିକି ବେଳେ କୁଆଁର ପୁନେଇଁର ବାସି ଜହ୍ନଟା ରାତ୍ରିର ପ୍ରଥମ ପ୍ରହରରେ ଆକାଶରେ ଖୁସିର ହସିଦେଇ ବଉଦ ଆଢୁଆଳେ ଲୁଚିଯିବା ବେଳେ ଶରତ ଆକାଶରୁ ଝରି ପଡୁଥିଲା କେଇ ଟୋପା ସୁଶୀତଳ କାକର ବୁନ୍ଦା ।

 Magazine Downloaded from www.aahwaan.com

# ଭଙ୍ଗା ନୀଡ଼



ଦୀପକ ଷଡ଼ଙ୍ଗୀ

ରାଜଶ୍ରୀ ପୁଣି ଯିଇଁ ଉଠିଥିଲା ମିହର ପ୍ରେମର ସ୍ପର୍ଶ ପାଇ । କିନ୍ତୁ ଏଇ କୋଡିଏ ବର୍ଷ ଭିତରେ ସେ କଣ ସବୁ ହରେଇଛି ଆଉ ପାଇଛି ତାର ହିସାବ ନିକାସ କରୁଥିଲା ରାଜଶ୍ରୀ । ମେଘୁଆ ପାଗରେ ଝରକା ଆଡକୁ ଚାହିଁ ରହିଥିଲା ସେ । ଆଖିର ବୋଲ ମାନୁ ନଥିବା ଅମାନିଆ ଲୁହ ଗୁଡାକ ବି ଯେତେ ଚେଷ୍ଟା କଲେ ବି ବନ୍ଧ ବାଡ ନମାନି ବୋହି ଚାଲିଥାଏ । କଲେଜର ପଢିବା ବେଳେ ଦେଖା ହେଇଥିଲା ସୁମିତ ସହ ତା'ର । କଲେଜର ସବୁଠାରୁ ଭଲପିଲା ସୁମିତ । ପାଠରେ ଯେମିତି ଖେଳ, ନାଚ, ଗୀତ ସବୁଥିରେ ପାରଙ୍ଗମ ସେ । ଆଉ ସେମିତିଆ ପୁଅକୁ ପାଇବା ପାଇଁ ସବୁ ଝିଅଙ୍କ ଭିତରେ ଗୋଟେ ରୀତିମତ ପ୍ରତିଯୋଗୀତା ଚାଲେ କଲେଜରେ । କଲେଜ ତରଫରୁ ଖେଳା ଯାଇଥିବା ଆନ୍ତଃ କଲେଜ କ୍ରିକେଟରେ ସେ ଏକା ୪୫ ବଲରେ ୧୦୨ ରନ୍ କରି କି ଜିତେଇ ଥିଲା କଲେଜ ଟିମ୍ କୁ । ଆଉ ମ୍ୟାନ୍ ଅଫ ଦି ମ୍ୟାଚ୍ର ପୁରସ୍କାର ସ୍ୱରୂପ ଦଶ ହଜାର ଟଙ୍କା ବି ପାଇଥିଲା । ସେମିତି କଲେଜର ବାର୍ଷିକ ଉତ୍ସବରେ ଆଶିକି ସିନେମାର ତୁ ମେରି ଜିନ୍ଦଗୀ ହେ ଗୀତ ଗାଇ ସବୁ ଝିଅମାନଙ୍କୁ ତା ପାଖକୁ ଚୁମ୍ବକ ଭଳି ଆକର୍ଷିତ କରୁଥିଲା । କିନ୍ତୁ ତା ଭଳି ଗୋଟେ ପୁଅ ରାଜଶ୍ରୀ ଭଳି ଗୋଟେ ସାଧାସିଦା ଝିଅ ପାଇଁ ପାଗଳ ହେବା କଲେଜରେ ପ୍ରାୟ ସମସ୍ତଙ୍କ ପାଇଁ ପ୍ରଶ୍ନବାଚି ସୃଷ୍ଟି କରିଥିଲା । ବହୁତଥର ରାଜଶ୍ରୀ ମଧ୍ୟ ସୁମିତର ପ୍ରେମ ପ୍ରସ୍ତାବକୁ ରୋକଠୋକ୍ ପ୍ରତ୍ୟାଖ୍ୟାନ କରିଥିଲା । କିନ୍ତୁ ସୁମିତ ଥିଲା ନାଛୋଡ ବନ୍ଧା । ସୁମିତ ଠିକ ଜାଣିଥିଲା ଯେ ରାଜଶ୍ରୀ ଭଳି ଗୋଟେ ଝିଅ ଆଜିକା ସମୟରେ ମିଳିବା କାଠିକର ପାଠ । କଲେଜ ପଢା ସରିଲା ପାରେ ସୁମିତ ଭଲ ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇଲା । କିନ୍ତୁ ରାଜଶ୍ରୀକୁ ଆଉ ବେଶୀ ତାର ବାପାମା' ପଢାଇବା ପାଇଁ ସକ୍ଷମ

 Magazine Downloaded from www.aahwaan.com

ନଥିଲେ । ସ୍ନାତକ ପରେ ତା'ର ପାଠ ପଢାରେ ବନ୍ଧା ହେଲା ଡୋରୀ । ଘରେ ତା ତଳେ ଗୋଟେ ସାନ ଭାଇ ଆଉ ଗୋଟେ ଭଉଣୀ । ବାପା ତା'ର କର୍ମକର୍ମାଣି କରି ଘର ଚଳାଉଥିଲେ ।  ଏବେ କିନ୍ତୁ ବୟସ ଆଧିକ୍ୟ ହେତୁ ଆଉ ବେଶୀ ପୂଜାପାଠ ପାଇଁ କାହା ଘରକୁ ଯାଇ ପାରୁ ନାହାନ୍ତି । ତେଣୁ ସେହି ଅନୁସାରେ ରାଜଶ୍ରୀ ଉପରେ ପରୋକ୍ଷ ଭାବରେ ଚାଲି ଆସିଥିଲା ଘର ଚଳାଇବାର ଦାୟିତ୍ୱ । ତାଙ୍କ ଘର ପାଖରେ ଥିବା ଗୋଟେ ମାଇନର ସ୍କୁଲରେ ସେ ଚାକିରୀ ପାଇ ସାରିଥିଲା । ୟାଭିତରେ ପ୍ରାୟ ପାଞ୍ଚ ବର୍ଷ ବିତି ଯାଇଥିଲା । ଘରେ ରାଜଶ୍ରୀର ବାହାଘର ପାଇଁ ଖୋଜା ଚାଲିଥାଏ । ଏମିତି ଦିନେ ଥରେ ସେ ସ୍କୁଲରୁ ଫେରି ଆସି ଦେଖେ ତ ସୁମିତ ଆସି ତାଙ୍କ ଘରେ ବସିଛି । ରାଜଶ୍ରୀକୁ ସବୁ ଘଟଣା ଜାଣିବା ପାଇଁ ବେଶି ସମୟ ଲାଗିଲାନି । ସୁମିତ ସିଧା ଆସି ତା ବାପାଙ୍କ ଆଗେ ସବୁ କଥା କହି ସାରିଥିଲା ଏବଂ ରାଜଶ୍ରୀର ହାତ ମାଗି ସାରିଥିଲା । ରାଜଶ୍ରୀର ବାପାମା' ମଧ୍ୟ ସୁମିତ ଭଳି ଗୋଟେ ଯୋଗ୍ୟ ପିଲାକୁ ପାଇ ରାଜଶ୍ରୀର ଭାଗ୍ୟ ବହୁତ ଟାଣ ବୋଲି ଭାବି ନେଇଥିଲେ । କିନ୍ତୁ ସୁମିତର ବାପା ମା ଏ ବାହାଘରେ ରାଜି ହେବେ କି ନା ସେ ନେଇ ଟିକେ ଦ୍ୱିଧାରେ ଥିଲେ । କିନ୍ତୁ ସୁମିତ ସେମାନଙ୍କୁ ଯେନତେନ ପ୍ରକାରେ ବୁଝେଇବାକୁ ସକ୍ଷମ ହେଇଥିଲା । ସୁମିତ ଆସି ଯେତେବେଳେ ଏଇକଥା ତା ବାପାମା'ଙ୍କୁ ଜଣେଇଲା ତା ବାପାମା ଜମା ରାଜି ହେଲେନାହିଁ । ତା ମା ସୁମିତକୁ କହିଲେ ତୁ ଆମର ଗୋଟିଏ ବୋଲି ପୁଅ ଆଉ ତୋ ବାପା ହେଉଛନ୍ତି ଜିଲ୍ଲାର ବରିଷ୍ଠ କୃଷି ନିର୍ଦ୍ଦେଶକ ତୁ ଯଦି ଏମିତି ଗୋଟେ ପର ଘରେ ବୁଲିବୁଲି କର୍ମ କର୍ମାଣି କରୁଥିବା ଗରିବ ବ୍ରାହ୍ମଣ ଘର ଝିଅକୁ ବାହା ହେବୁ ଆମେ ସମାଜରେ ମୁଣ୍ଡ ଟେକି ବାଟ ଚାଲି ପାରିବୁ ତ ।  କିନ୍ତୁ ସୁମିତର ଅକାଟ୍ୟ ଯୁକ୍ତି ଓ ଜିଦ ଆଗରେ ତାର ବାପା ମା ଶେଷରେ ଏଥିରେ ରାଜି ହେଇ ସୁମିତ ଆଉ ରାଜଶ୍ରୀର ବାହାଘର ପାଇଁ ରାଜି ହେଲେ । ଯେହେତୁ ସୁମିତର ଘର ତାଙ୍କ ଗାଁଠାରୁ ଦୂରରେ ଥିଲା ସେ ବାଧ୍ୟ ହେଇ ସେ ସ୍କୁଲର ଚାକିରୀଟିକୁ ଛାଡିବାକୁ ପଡିଲା । ବାହାଘରର ମାସେ ପରେ ସୁମିତ ତା'ର କମ୍ପାନୀରୁ

 Magazine Downloaded from www.aahwaan.com

ଆଣିଥିବା ଛୁଟି ଶେଷ ହୋଇ ଆସିଲା । ସେ ରାଜଶ୍ରୀକୁ କହି କି ଗଲା ଯେ ମୁଁ ଖୁବ ଶୀଘ୍ର ଆସି ତୁମକୁ ମୋ ପାଖକୁ ନେଇଯିବି । ସୁମିତ ଯିବା ପରେ ଶାଶୁଙ୍କର ଅସଲ ମୁଖଟି ରାଜଶ୍ରୀ ଜାଣିବାକୁ ପାଇଲା । ପ୍ରତି କଥାରେ ସେ ରାଜଶ୍ରୀକୁ  ଅପମାନିତ କରୁଥିଲେ । ଏମିତିକି ସେ ଗରିବ ଘରୁ ଆସିଛି ବୋଲି କହି ଅନ୍ୟ ଲୋକ ମାନଙ୍କ ଆଗରେ ତାର ଥଟା କରି ହସୁଥିଲେ । ରାଜଶ୍ରୀ ତା ଶାଶୂ ଘରେ ବୋହୂ କମ ଏବଂ ଚାକରାଣୀ ବେଶିର ମର୍ଯ୍ୟାଦା ପାଇ ସାରିଥିଲା । କିନ୍ତୁ ଏ ବିଷୟରେ ସେ ଜମା ସୁମିତଙ୍କୁ କିଛି ଜଣାଉ ନଥିଲା । ଦୁହିତାର ଧର୍ମକୁ ସେ ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଥିଲା । ଶାଶୁ ଶଶୁର ଏବଂ ସ୍ୱାମୀଙ୍କୁ ନେଇ ସେ ଏକ ସମତୁଲ୍ୟତା ଅବଲମ୍ବନ କରୁଥିଲା । ଏମିତି ହଠାତ ଦିନେ ସୁମିତଙ୍କ କମ୍ପାନୀରୁ ଫୋନ୍ କରି ଜଣେ ତାଙ୍କର ସହକର୍ମୀ ଜଣେଇଲେ ଯେ ସୁମିତଙ୍କର ଗୋଟେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି ବୋଲି । ଫୋନକୁ ହାତରେ ଧରି ସେଇଠି ଗଛ କଟିଲା ପରି ମୂର୍ଚ୍ଛା ହେଇ ଟଳି ପଡିଲା ରାଜଶ୍ରୀ । ଦୁଇ ଦିନ ପରେ ସ୍ୱାମୀ ସୁମିତଙ୍କ ଶବ କମ୍ପାନୀ ବାଲା ଫ୍ଲାଇଟରେ ପଠେଇଦେଲେ । ସେତେବେଳକୁ ରାଜଶ୍ରୀର ୩ ମାସର ଗର୍ଭ । ସୁମିତଙ୍କର ଶେଷ ସମ୍ପତିକୁ ସେ ତା ଗର୍ଭରେ ଧାରଣ କରି ସାରିଥିଲା । ସୁମିତଙ୍କ ଯିବାପରେ ରାଜଶ୍ରୀର ଜୀବନ ଆହୁରି ଦୁର୍ବିସହ ହେଇ ପଡିଥିଲା । ଶାଶୁଙ୍କର ସବୁ ରାଗ ସେ ରାଜଶ୍ରୀ ଉପରେ ଅଜାଡି ଦେଉଥିଲେ । ସେ ହିଁ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ ବୋଲି କହି ଚାରିଆଡେ ପ୍ରଚାର କରୁଥିଲେ । ସେ ଆସିବା ଦିନଠାରୁ ସୁମିତର ଖରାପ ଦିନ ଆଉ ତାଙ୍କ ଘର ପାଇଁ ଖରାପ ଦିନ ଆସି ଯାଇଛି ବୋଲି କହି ମାଡ ମଧ୍ୟ ମାରୁଥିଲେ । ଶଶୁର ସବୁ ଦେଖି ନ ଦେଖିଲା ପରି ଅଭିନୟ କରି ଚାଲି ଯାଉଥିଲେ । ଦିନେ ରାତିରେ ରାଜଶ୍ରୀ ଏ ସବୁକୁ ସହ୍ୟ କରି ନପାରି ତା ବାପାଘରକୁ ଚାଲି ଆସିଲା । ବାପ ଘରେ ମଧ୍ୟ ଅବସ୍ଥା ଭଲ ନଥିଲା । ରୋଗିଣା ବାପାକୁ ମା ଶଯ୍ୟାଶାୟୀ । ସେପଟେ ତା ସାନଭାଇ ପାଠପଢା ଛାଡିଦେଇ ତା ବାପାଙ୍କ ପଦାଙ୍କ ଅନୁସରଣ ପୂର୍ବକ କର୍ମକର୍ମାଣି  କାମରେ ଯୋଗଦେଇ ସାରିଥିଲା । ତେଣୁ ରାଜଶ୍ରୀ

 Magazine Downloaded from www.aahwaan.com

ଭବିଲା ଆଉ ସେମାନଙ୍କ ଉପରେ ବୋଝ ହେବା ଭଲ ନୁହେଁ । ୬ ମାସର ଗର୍ଭକୁ ଧରି ସେ ଚାଲିଲା କୌଣସି ଏକ ଚାକିରୀର ଅନୁସନ୍ଧାନରେ । ଏମିତି ଦିନେ ଚାଲୁ ଚାଲୁ ହଠାତ ସେ ବାଟରେ ମୂର୍ଚ୍ଛା ହୋଇ ତଳେ ଲୋଟିପଡିଲା । ଆଖି ଖୋଲି ଦେଖିଲା ବେଳକୁ ଜଣେ ୪୦/୪୨ବର୍ଷର ବ୍ୟକ୍ତି ତା ମୁଣ୍ଡ ପାଖରେ ବସିଛନ୍ତି । କିଛି ସମୟ ପରେ ଡାକ୍ତର ରାଜଶ୍ରୀ ପାଖକୁ ଆସି କହିଲେ ଏ ବାବୁ ଯଦି ଆପଣଙ୍କୁ  ଠିକ୍ ସମୟରେ ଆଣି ଡାକ୍ତରଖାନାରେ ପହଞ୍ଚି ନଥାନ୍ତେ ତେବେ ଆପଣ ଓ ଆପଣଙ୍କ ଗର୍ଭସ୍ଥ ଶିଶୁକୁ ଆମେ ବଞ୍ଚାଇ ପାରି ନଥାନ୍ତ । ଆପଣ ଏବେ ପିଲା ହେବା ପର୍ଯ୍ୟନ୍ତ  ବିଶ୍ରାମ ନିଅନ୍ତୁ ନହେଲେ ଗର୍ଭସ୍ଥ ଶିଶୁ ଉପରେ ଚାପ ପଡିପାରେ । ଏତିକି କହି ଡାକ୍ତର ଚାଲିଗଲେ । ରାଜଶ୍ରୀ ଆଉ କୋହ ସମ୍ଭାଳି ନପାରି କଇଁ କଇଁ ହେଇ କାନ୍ଦିବାକୁ ଲାଗିଲା ।  କିନ୍ତୁ କାହାର ଏକ ହାତର ନରମ ସ୍ପର୍ଶରେ  ସେ  ଟିକେ ଚମକି ପଡିଲା । ଦେଖିଲା ସେହି ବ୍ୟକ୍ତି ଜଣକ ତା ଆଡକୁ ଚାହିଁ ଅଳ୍ପ ସ୍ମିତହାସ୍ୟ ଦେଉଛନ୍ତି । ଆଖିରୁ ଲୁହ ପୋଛି ରାଜଶ୍ରୀ ତାଙ୍କୁ ପଚାରିଲା ଆପଣ କିଏ । ଭଦ୍ରବ୍ୟକ୍ତି ଜଣ ଉତ୍ତର ଦେଲେ ମୁଁ ମିହିର ଶତପଥୀ, ମୁଁ ଏକ ବ୍ୟାଙ୍କରେ କାମ କରେ ସେଦିନ ମୁଁ ଘରକୁ ଫେରି ଆସୁଥିବା ବେଳେ ଆପଣ ଠିକ ମୋର କାର ସାମ୍ନାରେ ପଡିଗଲେ ମୁଁ ଯଦି ଠିକ ସମୟରେ ବ୍ରେକ୍ ମାରି ନଥାନ୍ତି ହୁଏତ କିଛି ବି ଅନିଷ୍ଟ ଘଟି ଯାଇ ପାରିଥାନ୍ତା । ରାଜଶ୍ରୀ ପୁଣି କାନ୍ଦିଉଠି କହିଲା ଆପଣ ମୋତେ କାହିଁକି ବଞ୍ଚାଉଥିଲେ ମୋର ଆଉ ଜୀବନରେ କଣ ଅଛି ସ୍ୱାମୀ ତ ଛାଡି ଆରପାରିକୁ ଚାଲି ଗଲେ ଶାଶୂ ଘରର ନିର୍ଯ୍ୟାତନା ସହି ନପାରି ଚାଲି ଆସିଲି ନିଜ ଘରକୁ କିନ୍ତୁ ଘର ଅବସ୍ଥା ତ ଆହୁରି ଖରାପ । ସେମାନେ ମୋତେ ରଖିବେ କଣ ? କାନ୍ଦି କାନ୍ଦି ସେ ସବୁ କଥା ମିହିରଙ୍କୁ କହିଲା । ମିହିର ସବୁ ଶୁଣିସାରି କିଛି ସମୟ ଚୁପ ରହି କହି ଉଠିଲେ  ରାଜଶ୍ରୀ ତୁମେ ମୋ ପାଖରେ ରହିବ ? ମୋର ମଧ୍ୟ ତୁମରି ପରି ଅବସ୍ଥା ସବୁ ଥାଇ ମଧ୍ୟ ମୋର କିଛି ନାହିଁ । ଦୁଇ ବର୍ଷ ତଳେ ମୋ ଧର୍ମପତ୍ନୀ ଅନିତା ଏଇ ଡାକ୍ତରଖାନାରେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆଉ ସେ ମରିବା ବେଳକୁ

 Magazine Downloaded from www.aahwaan.com

ତାଙ୍କର ମଧ୍ୟ ୪ ମାସର ଗର୍ଭ ଥିଲା । ରାଜଶ୍ରୀ ପଚାରିଲା ତାଙ୍କର କଣ ହୋଇଥିଲା ? ମିହିର କହିଲେ ତାଙ୍କୁ ଯକୃତ କ୍ୟାନ୍‌ସର ହୋଇଥିଲା ବହୁ ପଇସା ଖର୍ଚ୍ଚ କରିଥିଲି ମୁଁ ତାଙ୍କୁ ବଞ୍ଚାଇବା ପାଇଁ କିନ୍ତୁ । ଆଉ କିଛି ନ କହି ମିହିର ନିଜର ଲୁହକୁ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ତାହା ଆଖି କୋଣରୁ କେତେବେଳେ ଖସିପଡି ରାଜଶ୍ରୀର ହାତରେ ପଡି ସାରିଥିଲା । ଦୁହେଁ ଦୁହିଁଙ୍କର ଦୁଃଖର ସାଥି ହୋଇ ସାରିଥିଲେ ।

ମା ଜାଣିଛୁ ଆଜି ସ୍କୁଲର କ୍ରିକେଟ ଟିମରେ ମୋତେ କ୍ୟାପଟେନ୍ ବଛା ହେଇଛି । ଦଉଡି ଦଉଡି ଆସି ବଣ୍ଟି ରାଜଶ୍ରୀକୁ କୁଣ୍ଢେଇ ପକେଇଲା । ଚମକି ପଡି ରାଜଶ୍ରୀ ନିଜର ଭାବନା ରାଇଜରୁ ଫେରି ଆସିଲା । ବଣ୍ଟି ମୁଣ୍ଡରେ ହାତ ବୁଲେଇ ଦେଇ କହିଲା ହଉ ଭଗବାନ ଚାହିଁଲେ ଦେଖିବୁ ତୁ ଦିନେ ଇଣ୍ଡିଆନ୍ ଟିମରେ ବି କ୍ୟାପଟେନ୍ ହବୁ । ହଉ ହଉ ମା ପୁଅ ସେ ଇଣ୍ଡିଆନ କ୍ରିକେଟ ଟିମ୍ ପଛରେ ଗଢିବ ଆଜି ଯେମିତିଆ ପାଗ ହେଇଛି ନା ପକୁଡି ଆଉ ଚା ଟିକେ ନହେଲେ ନଚାଲେ । ବଣ୍ଟି ଯାଇଁ ତା ବାପା ମିହିରଙ୍କୁ କୁଣ୍ଢାଇ ପକେଇଲା । ବାପାପୁଅ ଦୁଇଜଣ ଚାଲିଗଲେ ଟିଭିରେ ଇଣ୍ଡିଆ ଆଉ ଇଂଲଣ୍ଡ ଭିତରେ ଚାଲିଥିବା କ୍ରିକେଟ୍ ମ୍ୟାଚ୍ ଦେଖିବାକୁ । ବର୍ଷା ଛାଡି ଯାଇଥିଲା । ବର୍ଷାରେ ଭାଙ୍ଗି ଯାଇଥିବା ନୀଡକୁ ପୁଣିଥରେ ସଜାଡି ଚାଲିଥିଲା ରାଜଶ୍ରୀଙ୍କ ବାଲକୋନୀରେ ଥିବା ଧଳାପାରାଟି । ସେଇ ନୀଡ ଭିତରେ ଥିଲା ତା'ର କୁନିକୁନି ଦୁଇଟି ଧଳା ପାରା ଛୁଆ । ଆଉ ସବୁ କାଠିକୁଟାକୁ ଏକାଠି କରି ପାରାର ଥଣ୍ଟ ପାଖକୁ ଯୋଗାଇ ଦେଉଥିଲା ରାଜଶ୍ରୀ ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

 Magazine Downloaded from www.aahwaan.com

# ଫୋନ୍



ସ୍ନିଗ୍ଧା ଶୁଭ୍ରଜ୍ୟୋତି ରାଉତ

ସ୍କୁଲରେ ପଢ଼ିଲା ବେଳେ ପଢ଼ାପଢ଼ିରେ ଭାରି ପ୍ରତିଯୋଗିତା ଚାଲୁଥିଲା, ବିଶେଷ କରି ପୁଅ ଝିଅଙ୍କ ମଧ୍ୟରେ; ତେଣୁ ସେମାନଙ୍କର ଅହିନକୂଳ ସମ୍ପର୍କ । କେହି କାହାକୁ ଆଡ଼ ଆଖିରେ ଚାହୁଁନଥିଲେ । ହେଲେ ସମୟ ସବୁକିଛି ବଦଳାଇ ଦିଏ ।

ଏବେ ମିତା ବାହା ହେଇ ଗୋଟେ ଛୁଆର ମାଆ । ସ୍ୱାମୀ ଚାକିରୀ କରନ୍ତି ତେଣୁ ସେ ସ୍ୱାମୀଙ୍କ ସହ ଘରଠୁ ଦୂରରେ ରହେ । ବୟସ ସହ ମସ୍ତିଷ୍କ ମଧ୍ୟ ପକ୍ୱ ହୋଇଛି ତା ସାଙ୍ଗଙ୍କୁ ଚିନ୍ତାଧାର ମଧ୍ୟ ବଦଳିଛି । ଯେଉଁମାନଙ୍କ ସହ ସେ ସ୍କୁଲରେ କେବେ କଥା ହେଇନି ଏବେକାର ଫେସବୁକ୍ ଆଉ ହ୍ୱାଟ୍‌ସଆପ୍ ଯୋଗୁଁ ସେମାନଙ୍କ ସଂସ୍ପର୍ଶରେ ଆସିଛି । ଏମିତିକି ସ୍କୁଲ ସହପାଠିନୀ ମାନେ ମିଶି ଗୋଟେ ସ୍କୁଲ୍ ଗ୍ରୁପ୍ ବି ଖୋଲିଛନ୍ତି । ସେଠି ସମସ୍ତେ ପୂର୍ବକଥା ଭୁଲି ସୁଖ ଦୁଃଖ ହୁଅନ୍ତି । କାହାରି ଜନ୍ମଦିନ, ବାହାଘର, ବ୍ରତଘର, ଘର ପ୍ରତିଷ୍ଠା ଇତ୍ୟାଦି ହେଲେ ସେମାନେ ଅନ୍ୟ ସାଙ୍ଗଙ୍କୁ ନିମନ୍ତ୍ରଣ କରନ୍ତି, କିଏ ଯାଏ କିଏ ନ ଯାଏ ।

ମିତାର ସ୍କୁଲ୍, କଲେଜ ଇସ୍ପାତ ସହର, ଏବେକାର ସ୍ମାର୍ଟ୍ ସିଟି ରାଉରକେଲାରେ ହେଲେ, ଯେହେତୁ ବାପା ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ତେଣୁ ସମୟକ୍ରମେ ସ୍ଥାନାନ୍ତର ହେତୁ ମିତାକୁ ରାଉରକେଲା ଛାଡ଼ିବାକୁ ପଡ଼େ ଓ ତା'ପରେ ବାହାଘର ହେତୁ ସେ ସ୍କୁଲ୍ କଲେଜ ସାଙ୍ଗମାନଙ୍କ ଠାରୁ ଖୁବ୍ ଦୂରରେ ତେଣୁ କାହାର ଭଲମନ୍ଦରେ ନିତିଦିନିଆ କର୍ମମୟ ଜୀବନରେ ବ୍ୟସ୍ତତା ହେତୁ ରାତ୍ରୀଭୋଜନ ପରେ ହିଁ ଝିଅକୁ ଶୁଆଇ ସାରିଲେ ସମୟ ମିଳେ

 Magazine Downloaded from www.aahwaan.com

ଖବରକାଗଜ ପଢ଼ାଠୁ ନେଇ ସାମାଜିକ ଗଣମାଧ୍ୟମରେ ଯୋଡ଼ି ହେବା ସହ ଦେଶଦୁନିଆର ଖବର ଜାଣିବାକୁ । ଭଗବାନଙ୍କ କୃପାରୁ ମିତାର ବାପା ଖୋଜି ଖୋଜି ବରପାତ୍ର ଯୋଗାଡ଼ କରିଥିଲେ ଯାହାଙ୍କ ସହ ମିତାର ଚିନ୍ତାଧାର ସମ୍ପୂର୍ଣ୍ଣ ମେଳଖାଏ । କେବେ କେମିତି ଗୋଟେ ଅଧେ ବିଷୟରେ ମତାମତ ଅଲଗା ହୁଏ । ତେଣୁ ସ୍ୱାମୀ ସୁବାଷ ତାର ସବୁଠୁ ଭଲ ସାଙ୍ଗ କହିବାକୁ ଗଲେ ଚଳେ । ସୁବାଷ ବି ସେମିତି ଅମୂଳଚୂଳ ବଖାଣି ବସନ୍ତି ଅର୍ଦ୍ଧାଙ୍ଗିନୀ ଆଗରେ । ଦିନେ ହ୍ୱାଟସ୍‌ଆପ୍ ଖୋଲି ଦେଖେ ତ ସ୍କୁଲ ସାଙ୍ଗଟିର ଗୁରୁତର ଦୁର୍ଘଟଣା ଘଟିଛି । ସେ ସାଙ୍ଗ ଯେହେତୁ ପୂର୍ବରୁ ମିତା ସହ ଭଲ ସମ୍ପର୍କ ଥିଲା ଏମିତିକି ତା ଭଉଣୀର ନିର୍ବନ୍ଧ, ବାହାଘର ସାଙ୍ଗକୁ ସେ କେବେ କେଉଁଠିକୁ ଯାଇ ପାତ୍ରୀ ଦେଖିଲା ଇତ୍ୟାଦିର ସବିଶେଷ ବିବରଣୀ ଦିଏ ତେଣୁ ବିନା ସଙ୍କୋଚରେ କିଛି ନ ଭାବି ଭଲମନ୍ଦ ପଚାରି ବୁଝିଲା ସ୍ୱାମୀ ସୁବାଷ ମଧ୍ୟ ସେ ପିଲା ସହ କଥା ହେବା ସାଙ୍ଗକୁ ଭଲମନ୍ଦ ପଚାରି ବୁଝିଲେ ଓ ଘରକୁ ଆସିବାକୁ ନିମନ୍ତ୍ରଣ ମଧ୍ୟ କରିଲେ । ପରିଶେଷରେ ସେ ସ୍କୁଲସାଙ୍ଗଟି ମିତାକୁ କହିଲା ଯା'ହେଉ ତୋ ବୁଢ଼ାକୁ ମାନିବାକୁ ପଡ଼ିବ । ତୁ ଏତେ ରାତିରେ ମୋତେ ଫୋନ କଲୁ ଅଥଚ ତୋ ସ୍ୱାମୀ... । ମିତାର ଉତ୍ତର ଥିଲା ମୋ ବାପାଙ୍କ ପସନ୍ଦ କଣ କେବେ ଖରାପ ହୋଇପାରେ ? ଯେହେତୁ ପିଲାବେଳୁ ଖବର କାଗଜ, ଗପବହି, ଉପନ୍ୟାସ, ନାଟକ ପ୍ରତି ମିତାର ଅହେତୁକ ଦୁର୍ବଳତା ଏବଂ ସମୟ ଅଭାବରୁ ଏବେ ଆଉ ବହି ସଂଗ୍ରହ କରି ହେଉନି, ତେଣୁ ସାମାଜିକ ଗଣମାଧ୍ୟମରେ ଉପଲବ୍‌ଧ ସାହିତ୍ୟର କିଛି ଭଲ ଭଲ ଲେଖା ପଢ଼ିଲେ ସୁଖ ନିଦ୍ରାଟେ ହୁଏ । ତେଣୁ ରାତିରେ ମିତାକୁ ଅନଲାଇନ୍ ଦେଖି ସେ ସାଙ୍ଗ ପ୍ରଶ୍ନକରେ, ଏତେ ରାତିରେ ତୁ ଅନଲାଇନ୍ କ'ଣ କରୁଛୁ, ଇତ୍ୟାଦି ଇତ୍ୟାଦି ଓ ମିତାର ଉତ୍ତର ମଧ୍ୟ ତାକୁ ସନ୍ତୁଷ୍ଟି ଦେଇ ପାରେନା । କେବଳ ଯେ ପୋଷାକରେ ଆଧୁନିକତା ଥାଇ ୨ / ୪ଟି

 Magazine Downloaded from www.aahwaan.com

ଦାମୀ ଗାଡ଼ି ଚଢ଼ି, ଦେଶବିଦେଶ ବୁଲି ସେ ସବୁର ମଧୁର ସ୍ମୃତିକୁ ଫେସବୁକ୍ କାନ୍ଥରେ ଛାପି ଲୋକ ନିଜକୁ ଆଧୁନିକ ମଣିଷ ସହ ଅନ୍ୟମାନଙ୍କ ଠାରୁ ଦି'ପାଦ ଆଗରେ ଅଛନ୍ତି ବୋଲି ଭାବନ୍ତି । ପୁଅଟିଏ ରାତିସାରା ଅନଲାଇନ୍ ରହିଲେ କାହାର ଆପତ୍ତି ନଥାଏ, ହେଲେ ବିଳମ୍ବିତ ରାତ୍ରୀରେ ଝିଅଟିକୁ ଅନଲାଇନ୍ ଦେଖିଲେ ଅନେକେ ଅନେକ କିଛି ଆଲୋଚନା କରିବା ସହ ଝିଅଟିର ଚରିତ୍ର ସଂହାର କରିବାକୁ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ । ସ୍ୱାଧୀନତାର ଦୀର୍ଘଦିନ ହୋଇଥିଲେ ମଧ୍ୟ ଆମ ଚିନ୍ତାଧାରା ପରାଧିନ ବୋଲି ମନେହୁଏ ଏହି ଏକବିଂଶ ଶତାବ୍ଦୀରେ ।

 Magazine Downloaded from www.aahwaan.com

# ନିରୀହ ପ୍ରଜାପତି



ଲୀନାରାଣୀ ଧଳ
ମଙ୍ଗରାଜ

ମାମା ମାମା, ମ୍ୟାମ୍ ଆଜି ମୋତେ ପନିଶ୍ କଲେ । ତାଙ୍କ ପାଖରେ ଛିଡ଼ା କରେଇ ଦେଲେ ।

ଛିଡ଼ା ହେବା ପନିଶମେଣ୍ଟ ? ହସ ଲାଗିଲା । ତଥାପି ରୁଚି ପଚାରିଲା ଆରବକୁ, "କାହିଁ, ତୁ ଏମିତି କଣ କଲୁ କି, ପନିଶମେଣ୍ଟ ପାଇଲୁ ?"

ଆଜି ଆମ ଶ୍ରେଣୀକୁ ଗୋଟିଏ ପ୍ରଜାପତି ପଶି ଆସୁଥିଲା । ଆରୁଶ୍, ପ୍ରିୟାଂଶୁ, ଆଦିତ୍ୟ, ସମର୍ଥ ସମସ୍ତେ ତା ପଛରେ ଗୋଡ଼ାଇଲେ । ଜଣେ ବହିରେ ଗୋଡ଼ାଉ ଗୋଡ଼ାଉ ତା ଡେଣାଟା ଛିଣ୍ଡିଗଲା । ସେ ଉଡ଼ିପାରିଲାନି । ତାକୁ ବୋଧହୁଏ କଷ୍ଟ ହେଉଥିଲା, କାନ୍ଦୁଥିଲା । ତା ଘରକୁ ବି ଯାଇ ପାରୁନଥିଲା । ମୁଁ ତା ଡେଣାଟା ଖୋଜିକି ଲଗେଇବାକୁ ଚେଷ୍ଟା କଲି, ହେଲାନି ମାମା ।

ସେଥିପାଇଁ ଟେବୁଲ୍ ଉପରୁ ମ୍ୟାମଙ୍କ ମୋବାଇଲ୍‌ଟା ନେଇଥିଲି । ମ୍ୟାମ୍ ରାଗିଗଲେ ।

ତୁ ମ୍ୟାମ୍‌ଙ୍କ ମୋବାଇଲ୍ କାହିଁକି ନେଇଥିଲୁ ଧନ ?

ମୁଁ ୧୦୮ ଆମ୍ବୁଲାନ୍‌ସକୁ ଟିକେ ଫୋନ୍ କରିଥାନ୍ତି । ପ୍ରଜାପତିକୁ ହସ୍ପିଟାଲ୍ ନିଆ ଯାଆନ୍ତା । ଡକ୍ଟର ଅଙ୍କଲ ଅପ୍ରେସନ୍ କରି ତା ଡେଣା ଲଗେଇ ଦେଇଥାନ୍ତେ । ପୁଣି ସେ ଉଡ଼ି ଉଡ଼ି ଖେଳନ୍ତା । ମୁଁ ଠିକ୍ କରିଛି ନା ମାମା । ମ୍ୟାମ୍ କିନ୍ତୁ ମୋତେ ପଚାରିଲେନି ବି ମୁଁ ତାଙ୍କ ମୋବାଇଲ୍ କାହିଁକି ନେଲି । ତୁ ବି ମୋତେ ପନିଶମେଣ୍ଟ ଦେବୁ କି ମାମା ?

ପାଞ୍ଚବର୍ଷର ଟିକି ଆରବର କଥା ଶୁଣି ରୁଚିର ଆଖିରେ ପାଣି ଭର୍ତ୍ତି ହୋଇଯାଇଥିଲା । ଏଇ ନିରୀହ ପ୍ରଜାପତିଟିକୁ ଆସ୍ତେ କିନା କୋଳକୁ ନେଇ ଗେହ୍ଲା କରିବା ଛଡ଼ା ଆଉ କିଛି କଥା ଭାବି ପାରୁନଥିଲା ରୁଚି ।

ମାର୍ଫତ : ଶ୍ରୀ ଏଲ୍ କେ ମଙ୍ଗରାଜ, ଶତାବ୍ଦୀ ନଗର, ୟୁନିଟ୍ - ୮, ଭୁବନେଶ୍ୱର

 Magazine Downloaded from www.aahwaan.com

# ପୁଅ



ସୁଧାଂଶୁ ଶେଖର ଦ୍ୱିବେଦୀ

ପାଣ୍ଡୁ ଦାସ ଝାଟିମାଟିରେ ଗଢ଼ା ଘରର ବାଉଁଶବତା କବାଟରେ ତାଲା ପକେଇ ଦେଶୀ ମଦ ଭାଟିରେ ପହଞ୍ଚିଗଲା । ଧାର୍ଯ୍ୟ ଚିତ୍ତରେ ଆଜି ସେ ବହୁତ ପିଇବ । ଘରଠାରୁ ବାହାରେ ରହିବ । ମୁନ୍ନା ତାକୁ ଘରେ ନ ପାଇ କୁଆଡ଼େ ନାଇଁ କୁଆଡ଼େ ଚାଲିଯିବ ।

ମୁନ୍ନା ତା'ର କିଏ ? କାହିଁକି ସେ ତା ପାଇଁ ଏତେ ଭାବୁଛି ? ଏତେ କରୁଛି ? ଯେବେଠୁ ସେ ତାକୁ କୁଡ଼ାଗଦାରୁ ଉଠେଇ ଆଣିଛି, ସେବେଠୁ ନିଜର ସଉକ-ମଉଜ ଭୁଲି ସବୁ ତାହାରି ପଛରେ ଖର୍ଚ୍ଚ କରି ଚାଲିଛି । ନିଜେ ସ୍କୁଲର ମାଟି ମାଡ଼ିନି ହେଲେ ମୁନ୍ନାକୁ ସ୍କୁଲ୍ ପଠାଇଛି, କାହିଁକି ? କାହିଁକିର ଉତ୍ତର ଖୋଜୁ ଖୋଜୁ ପାଣ୍ଡୁ ଦାସ ଦେଶୀ ମଦର ବୋତଲକୁ ଏକା ନିଃଶ୍ୱାସରେ ଢକ୍ ଢକ୍ କରି ପିଇଗଲା । ଟିକେ ଦମ୍ ନେଇ ସେଇଠି ବସି ନିଜେ ନିଜକୁ ଅନେକ ଗୁଡ଼ିଏ ପ୍ରଶ୍ନ କରି ଚାଲିଲା, "ନା ବହୁତ ହୋଇଗଲା, ଆଉ ମୁଁ ତା ସହ କିଛି ସମ୍ପର୍କ ରଖିବିନି । ସେ ମୋର କିଏ କି ?"

"ବାପା, ତୁମେ ଏଇଠି ବସି ମଦ ପିଉଛ ? ମୁଁ ତୁମକୁ କେତେ ଆଡ଼େ ଖୋଜି ସାରିଲିଣି ।" ଆଠ ବରଷର ମୁନ୍ନାକୁ ଦେଖି ପାଣ୍ଡୁର ନିଶା ଥମିଗଲା ।

"ମୁଁ ତ ଡରି ଯାଇଥିଲି । ମୋତେ ଛାଡ଼ି ତୁମେ ଆଉ କୋଉଠିକୁ ଚାଲିଯାଇଥିବ ଭାବିଥିଲି । ଆଉ କେବେ ମୋତେ ଛାଡ଼ି ଏକା ଆସିବନି । ନ ହେଲେ ମୁଁ ମରିଯିବି ବାପା ।" ମୁନ୍ନା ଧକେଇ ଧକେଇ କାନ୍ଦୁ ଥାଏ ।

ପାଣ୍ଡୁ ମଦ ନିଶାରେ ମୁନ୍ନାକୁ ଏକ ଲୟରେ ଚାହିଁଥାଏ, ଡିସେମ୍ବର ମାସ ହାଡ଼ଥରା ଶୀତରେ ବି ତା ଦେହରୁ ଗମ୍ ଗମ୍ ଝାଳ ବହି ଯାଉଥାଏ ।

 Magazine Downloaded from www.aahwaan.com

"କିଏ ତୁ ପୁଣି ଆଜି ପାଣିରେ ଖେଳୁଥିଲୁ ?" ପାଣ୍ଡୁ ଥର ଥର କଣ୍ଠରେ ମୁନ୍ନାକୁ ପଚାରିଲା ।

କାହିଁ ନା ତ, ମୁଁ ପାଣି ପାଖକୁ ଜମା ଯାଇନି, ତୁମକୁ ଖୋଜି ଖୋଜି ମୋ ପେଣ୍ଟ ସାର୍ଟ୍ ପରା ଝାଳରେ ଓଦା ହେଇଯାଇଛି ।

ପାଣ୍ଡୁ ପୁଣି ମନେ ମନେ ଗରଗର ହେଲା । ଏଇଟା ସାଙ୍ଗରେ ମୁଁ କଣ ପାଇଁ ବକବକ ହେଉଛି ? ନା ମୋର ତା ସହିତ କିଛି ସଂପର୍କ ନାହିଁ । ଦି ତିନିଥର ଗଳା ଝାଡ଼ି ଗମ୍ଭୀର କଣ୍ଠରେ କହିଲା, "କାହିଁକି ମୋ ପଛରେ ପଡ଼ିଛୁ ? ଯା ପଳା ମୋ ପାଖରୁ, ଯୋଉଠିକୁ ଯିବାପାଇଁ ତୋର ଇଚ୍ଛା ସେଇଠିକୁ ପଳା, ଯା କଣପାଇଁ ଯାଉନୁ ତୁ ? କୋଉଠି ଯାଇ ହଜିଯା, ମରିଯା - ହେଲେ ମୋ ପିଛା ଛାଡ଼ିଦେ ।"

"ନା ବାପା, ମୁଁ ଏବେ ତୁମକୁ ଛାଡ଼ି କୋଉଠିକୁ ଯିବି ?"

ଠିକ୍ ଅଛି, ତୁ ନ ଯିବୁ ତ ମୁଁ ଚାଲିଯାଉଛି । ପାଣ୍ଡୁ ହାତକୁ ଛିଞ୍ଚାଡ଼ି ଟଳମଳ ପାଦରେ ଆଗକୁ ବଢୁଥାଏ, କେଇଟା ପାଦ ଆଗକୁ ଯାଉଛି କି ନା ମୁନ୍ନା ଜୋରରେ ଚିତ୍କାର କରି କାନ୍ଦିଲା । ତା ଚିତ୍କାର ଶୁଣି ପାଣ୍ଡୁର ପାଦ ଅଟକିଗଲି । ସେ ପଛକୁ ମୁହଁମୋଡ଼ି ଦେଖେ ତ ମୁନ୍ନା କାନ୍ଦୁଣୁ ମାନ୍ଦୁଣୁ ହୋଇ ଜଣେ ମଦୁଆ ଲୋକକୁ କହୁଥାଏ, "ମୁଁ ତୁମକୁ ଧକ୍କା ମାରିନି, ବରଂ ତୁମେ ଆସି ମୋତେ ଧକ୍କା ମାରିଛ ।"

ନିଶାରେ ଆଖି ଲାଲ ଲାଲ କରି ମଦୁଆ ଲୋକଟି କହିଲା, "କଣ କହିଲୁ, ମେଞ୍ଚଡ଼ ଟୋକା ମୁଁ ଧକ୍କା ମାରିଛି ? ଦେଖିବୁ ଏବେ-" ମୁନ୍ନାକୁ ମାରିବା ପାଇଁ ହାତ ଉପରକୁ ଉଠେଇଲା ସେ । ପାଣ୍ଡୁ ସହସା ଧାଇଁ ଆସି ମଦୁଆ ଲୋକଟାର ହାତକୁ ଧରିନେଇ କହିଲା, "ତୁ ଜାଣୁ, ସେ କିଏ ? ସେ ମୋ ପୁଅ ।"

ଯିଏ ଟିକେ ଆଗରୁ ମୁନ୍ନାକୁ ତା'ଠୁ ଦୂରରେ ଯିବାପାଇଁ କହୁଥିଲା ସେ ପୁଣି ଦୁନିଆ ଆଖିରେ ପୁଅର ପରିଚୟ ଦେଉଥାଏ । ଆଉ ମୁନ୍ନା ତା ବାପାକୁ ଆଶ୍ଚର୍ଯ୍ୟରେ ଦେଖୁଥାଏ ।

 Magazine Downloaded from www.aahwaan.com

# [ ପୁଅ - ୨ ]

ବୃଦ୍ଧାଶ୍ରମରେ ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ଗୋଟେ ବଡ଼ ହଲରେ ଏକତ୍ର ହେବାପାଇଁ କୁହାଗଲା । ସେମାନଙ୍କୁ ଜଣେଇ ଦିଆଗଲା, କେହି ଜଣେ ଧନୀବ୍ୟକ୍ତି ଆସିବେ । ଯିଏ ବୃଦ୍ଧାଶ୍ରମର ସବୁ ବାସିନ୍ଦାଙ୍କ ପାଇଁ ସହାୟତା ବିତରଣ କରିବେ ।

ସମସ୍ତ ବୟସ୍କ ବ୍ୟକ୍ତି ଖୁସି ଓ ଆନନ୍ଦରେ ନିର୍ଦ୍ଧାରିତ ହଲରେ ଏକତ୍ର ହେଲେ । ଏଭଳି ଅବସରରେ ସେମାନଙ୍କୁ ନୂଆ ଲୁଗା, ଫଳ, ଚକୋଲେଟ୍ ଆଦି ମିଳିଥାଏ । ସେମାନଙ୍କ ମନ ମଧ୍ୟରେ ଲାଳସା ମଧ୍ୟ ଥାଏ ।

ଜଣେ ଯୁବକ ସେମାନଙ୍କୁ ଲୁଗା ଓ ଫଳ ବିତରଣ କରୁଥିବା ବେଳେ ପ୍ରେସ୍ ରିପୋର୍ଟର ମାନଙ୍କର ରିପୋର୍ଟ୍ ଲେଖା ଓ କ୍ୟାମେରାମେନ୍ ମାନଙ୍କର ଫ୍ଲାସ୍ ବାରମ୍ବାର ଚମକି ଉଠୁଥାଏ ।

ବିତରଣ ପର୍ବ ଶେଷ ହେବାପରେ ବୟସ୍କ ବ୍ୟକ୍ତିମାନେ ଯୁବକକୁ ଆଶୀର୍ବାଦ ଦେଇ କହିଲେ, "ତୁମ ଭଳି ପୁଅ ସବୁ ବାପାମାଆଙ୍କୁ ମିଳୁ । ଧନ୍ୟ ତୁମ ମା-ବାପା, ଯାହାଙ୍କୁ ତୁମ ଭଳି ସନ୍ତାନ ମିଳିଛି ।"

ତା ପରଦିନ ସକାଳୁ ଖବର କାଗଜରେ ଗତକାଲିର ଖବର ସହ ସେହି ଯୁବକ ସହିତ ସମସ୍ତଙ୍କ ଫଟୋ ବାହାରିଥିବା ଦେଖି ସମସ୍ତେ ଆନନ୍ଦ ଉଲ୍ଲାସରେ ଫାଟି ପଡୁଥାନ୍ତି । ଫଟୋ ମଧ୍ୟରେ ଜଣେ ବୃଦ୍ଧ ମୁଣ୍ଡ ତଳକୁ ନୁଆଇଁ ଠିଆ ହୋଇଥାନ୍ତି । ଅନ୍ୟମାନେ କାରଣ ପଚାରିବାରୁ ସେ କୋହକୁ ଚାପି ନ ପାରି ଥର ଥର କଣ୍ଠରେ କହିଲେ, "ପୁଅର ମର୍ଯ୍ୟାଦାରେ ମୁଣ୍ଡ ନୁଆଇବିନି ତ ଆଉ କଣ କରିଥାନ୍ତି ? କାଲି ଯିଏ ଏଠି ଫଳ ଓ ଲୁଗା ବାଣ୍ଟୁଥିଲା ସେ ମୋ ପୁଅ ।"

ବିସି - ୭୪, ସେକ୍ଟର - ୧, ସଲଟ୍‌ଲେକ୍, କୋଲକାତା - ୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨, ଇମେଲ୍ : s.dwibedy@rediffmail.com

 Magazine Downloaded from www.aahwaan.com

# ଦୁଇଟି ମିନିଗଳ୍ପ



ଆଶୁତୋଷ ବରାଳ

## ଚୁକ୍ତି

ନୁଆ ବସ୍‌ଷ୍ଟାଣ୍ଡର ଚକମକିଆ କୋଠାର ଶିଡ଼ିତଳେ ଦେହଟାକୁ ଓଡ଼ିଆ ସଂଖ୍ୟା ଛଅ ଭଳି କରି ଶୋଇଥାଏ ବୁଢ଼ାଟି । ଶୀତଯୋଗୁଁ ବୋଧହୁଏ ବୁଢ଼ା ଏଭଳି ଅବସ୍ଥାରେ ଶୋଇଥାଏ । ଦେହରେ ଚିରାଫଟା ଜାମା ଖଣ୍ଡିଏ । ପାଖରେ ଗୋଟିଏ ଅଖାବ୍ୟାଗରେ କଣ ଗୁଡ଼ାଏ ଭର୍ତ୍ତି ହୋଇଛି । ବ୍ୟାଗ୍ ଭିତରୁ ଗୋଟିଏ ସିଲ୍‌ଭର ଥାଳି ବାହାରକୁ ଦେଖାଯାଉଥାଏ । ଗତରାତିରେ ବୁଢ଼ା କିଛି ଖାଇବାକୁ ପାଇଛି କି ନାହିଁ କେଜାଣି, ପେଟଟା ପିଠିରେ ଲାଗିଗଲା ଭଳି ଦେଖାଯାଉଥାଏ । ହଠାତ୍ ଦଳେ ଲୋକ ବୁଢ଼ାଟି ପାଖରେ ପହଞ୍ଚିଗଲେ । ସାଙ୍ଗରେ ଗୋଟିଏ ଗାଡ଼ିରେ କଣ ଗୁଡ଼ାଏ ଲଦି ଆଣିଥାନ୍ତି । ହଠାତ୍ ପାଖରେ ଏତେଗୁଡ଼ାଏ ଲୋକଙ୍କୁ ଦେଖି ବୁଢ଼ା ଜଡ଼ସଡ଼ ହୋଇ ଉଠିପଡ଼ିଲା, ସେ ଭୟରେ କାକୁସ୍ଥ ହୋଇ ଯାଉଥାଏ । ଜମା ହୋଇଥିବା ଧୋବ ଧଉଳିଆଙ୍କ ଭିତରେ ଧଳା ରଙ୍ଗର ଶାଲବାର୍ କାମିଜ୍ ପିନ୍ଧି ବାବାଜୀଙ୍କ ଭଳି ଦାଢ଼ୀ ଓ ଚୁଟି ରଖିଥିବା ଲୋକଜଣଙ୍କ କହିଲେ ମଉସା ଆମେ ଅମୁକ ସଂସ୍ଥାର ଲୋକ, ଶୀତଦିନେ ତୁମ ଭଳି ନିରାଶ୍ରୟଙ୍କୁ କମ୍ବଳ ବାଣ୍ଟୁଛୁ । ବୁଢ଼ାଟି ଭୟ ଆଉ ଆଶ୍ଚର୍ଯ୍ୟ ମିଶା ଆଖିରେ ଚାହିଁ ତାଙ୍କ ହାତରୁ କମ୍ବଳଟି ବଢ଼ାଉ ବଢ଼ାଉ ଖଚାଖଚ୍ ଫଟୋ ଉଠା ଚାଲିଲା । ସେଇ ଗୋଟାଏ କମ୍ବଳକୁ ବୁଢ଼ା ହାତକୁ ବଢ଼େଇ ଦେବାଭଳି ଧରିରଖି ପ୍ରାୟ କୋଡ଼ିଏ ସରିକି ଲୋକ ଫଟୋ ଉଠେଇବା ପରେ ଦଳ ସେଠୁ ବିଦାୟ ନେଲେ । ପରଦିନ ଫେସବୁକ୍‌ରେ ପୋଷ୍ଟ ହେଲା ଅମୁକ ସଂସ୍ଥାର ଶୀତଦିନରେ ନିରାଶ୍ରୟଙ୍କୁ କମ୍ବଳ ଦାନ । ଆଉ ଠିକ୍ ସେତିକି ବେଳକୁ ବିଚରା ବୁଢ଼ା ପାଖ ହୋଟେଲରେ କାମ କରୁଥିବା ଟୋକାଟି ସାଙ୍ଗରେ ପାଞ୍ଚଇନ ହୋଟେଲ୍‌ରେ ବଳୁଥିବା ଖାଦ୍ୟ ବଦଳରେ କମ୍ବଳଟି ଦେବାର ଚୁକ୍ତି କରି ସାରିଥିଲା ।

 Magazine Downloaded from www.aahwaan.com

# ଲଭ୍

କଲେଜର ଲଭବାର୍ଡ୍ ଭାବରେ ପରିଚିତ ଆଲୋକ ଓ ସରିତା ଆଜି ପରସ୍ପରଠାରୁ ବହୁ ଦୂରରେ । ପ୍ଲସ୍ ଟୁ ପଢୁଥିବା ବେଳେ ପ୍ରଥମ ଦେଖାରେ ହିଁ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ । ପ୍ରଥମେ ପ୍ରଥମେ ସମସ୍ତଙ୍କୁ ସେମାନେ ଭଲ ସାଙ୍ଗ ବୋଲି ପରିଚୟ ଦେଉଥିଲେ ମଧ୍ୟ ଘଟଣା ବେଶୀଦିନ ଲୁଚି ରହି ପାରିନଥିଲା । ଜୀବନ କଣ ଜାଣିବା ପୂର୍ବରୁ ପରସ୍ପର ବିନା ବଞ୍ଚିପାରିବେ ନାହିଁ ଓ ଖାସ୍ ସେଇଥିପାଇଁ ଭବିଷ୍ୟତରେ ପରସ୍ପରକୁ ବିବାହ କରିବାର ନିଷ୍ପତି ନେଇ ସାରିଥିଲେ ।

କିନ୍ତୁ ପ୍ଲସ୍ ଟୁ ସରି ପ୍ଲସ୍ ଥ୍ରୀ ଅଧାବେଳକୁ ପ୍ରଥମ ଦେଖାର ଭଲ ପାଇବା ତାର ଆକର୍ଷଣ ହରେଇ ସାରିଥାଏ । ବାସ୍ ଖାଲି ସମ୍ପର୍କ ଶେଷ ହେବାଭଳି ଗୋଟାଏ ଯୁଦ୍ଧ ବାକିଥାଏ । ଆଲୋକର ଶେଫାଳି ପ୍ରତି ଦୁର୍ବଳତା ସେତକ ପୂରଣ କରିଦେଲା । ଗୋଟିଏ ଦିନର ରାଗ ଓ କାନ୍ଦରେ ସମ୍ପର୍କ ଶେଷ । ତାପରେ ଆଲୋକ ଜୀବନରେ ଶେଫାଳି ଆଉ ସରିତା ଜୀବନରେ କିଶୋର । ପୁଣି ଚାଲିଲା ଭାବ ଦିଆନିଆ ଆଉ ପ୍ରତିଶୃତିର ପର୍ବ । ଘଣ୍ଟା ଘଣ୍ଟା ମୋବାଇଲରେ ଚାଟିଂ ଆଉ କଥା । କିନ୍ତୁ ପୂର୍ବଥର ଭଳି ସେମାନେ ଆଉ ଚର୍ଚ୍ଚାରେ ନଥିଲେ । କାରଣ ପ୍ଲସ୍ ଟୁ ବେଳେ ଏମାନଙ୍କ ଭଳି ଅଳ୍ପ କିଛି ଯୋଡ଼ିଥିଲେ ଆଉ ପ୍ଲସ୍ ଥ୍ରୀ ବେଳକୁ ସାରା କଲେଜରେ ଆଉ କେହି ଏକୁଟିଆ ନଥାନ୍ତି ।

କଲେଜ୍ ସରିବା ଦିନ ଚାରିଜଣ ଯାକ ଢେର୍ କାନ୍ଦିଥିଲେ । ଭବିଷ୍ୟତରେ ଏକାଠି ହେବାର ପ୍ରତିଶୃତି ମଧ୍ୟ ନେଇଥିଲେ । କିନ୍ତୁ ବର୍ଷକ ପରେ କଲେଜର ରିୟୁନିୟନ୍ ପ୍ରୋଗ୍ରାମରେ ସରିତା ଓ ଶେଫାଳି ଶାଢ଼ୀ ପିନ୍ଧି ନିଜ ନିଜ ସ୍ୱାମୀ ମାନଙ୍କ ସାଙ୍ଗରେ ଆସିବା ବେଳକୁ, କିଶୋର କାମ କରୁଥିବା କମ୍ପାନୀ ଛୁଟି ଦେଇନଥିବାରୁ ଓ ଆଲୋକର କମ୍ପିଟେଟିଭ୍ ପରୀକ୍ଷା ଥିବାରୁ ଦୁହେଁ ଆସିନଥାନ୍ତି । କାର୍ଯ୍ୟକ୍ରମରେ ଦୁହିଁଙ୍କର ଅନୁପସ୍ଥିତି ଯୋଗୁଁ କିନ୍ତୁ କିଛି ଫରକ୍ ପଡ଼ିନଥାଏ ।

 Magazine Downloaded from www.aahwaan.com

# ଭାଲେଣ୍ଟାଇନ୍ ଏକ ପ୍ରେମକଥା



ପ୍ରିୟଙ୍କା ସାହୁ

ତମର ମନେ ଅଛି ନା ପ୍ରଭାତ, ସେତେବେଳେ କଲେଜରେ ମୋର ପ୍ରଥମ ବର୍ଷ । ନିରବତାକୁ ଆଧାର କରି ମୁଁ ନୀରିହ ଝିଅଟିଏ ବହୁତ ଡରି ଡରି କଲେଜ୍ ଯାଏ କାରଣ ସେତେବେଳେ ମୁଁ ଚାଲାକ୍ ନଥିଲି । ଗୁମ୍‌ସୁମ୍ ସ୍ୱଭାବ ହେତୁ କାହା ସହ ମିଶି ପାରେନି, ନୂଆ ସାଙ୍ଗ ବନାଉ ବନାଉ ମତେ ଅନେକ ଦିନ ଲାଗିଗଲା । ଆଉ କିଛି ପିଲା ଜାଣିଶୁଣି ମୋ ସହ ମିଶନ୍ତିନି କାରଣ ସେମାନେ ଭାବନ୍ତି ମୁଁ ଗାଉଁଲି ବୋଲି ଝିଅଟିଏ । ପିଲାଦିନୁ ରକ୍ଷଣଶୀଳ ପରିବାରରେ ବଢିଥିବାରୁ ମୁଁ ପ୍ରେମକୁ ଘୃଣା କରେ ।

ଫେବୃଆରୀ ୧୪ ତାରିଖରେ ଭାଲେଣ୍ଟାଇନ୍ ଡେ ପଡେ ବୋଲି ମୁଁ ଜାଣି ନଥାଏ । ସେ ଦିନ କଲେଜରୁ କ୍ଲାସ ସାରି ନନ୍ଦିତା ଆଉ ମୁଁ ଫେରିଲାବେଳେ ତୁମେ ହଠାତ୍ ଆସି ମୋତେ ଗୋଲାପ ଫୁଲଟି ଦେଲ । ସରି କହି ମୁଁ ଚାଲି ଆସି ବସ୍‌କୁ ଅପେକ୍ଷା କରିଥାଏ । ଡରିକି ତାଳୁରୁ ତଳିପା ଯାଏ ଥରୁଥାଏ । ତୁମେ ପୁଣି ଆସି କହିଲ ଆଜି ଭାଲେଣ୍ଟାଟାଇନ୍ ଡେ, ଗୋଲାପ ନେବାକୁ ମନା କରନ୍ତିନି । ଆଜିକ ପାଖରେ ରଖି କାଲି ଫୋପାଡି ଦେବ । ରାସ୍ତା ଉପରେ ମୁଁ କିଛି ବି ଚିନ୍ତା ନ କରି ନେଇ ଆସିଲି । ତୁମେ କୁହ ପ୍ରଭାତ ଯାହାକୁ ଥରେ ହୃଦୟରେ ଯାଗା ଦିଆଯାଏ ତାକୁ କଣ କେବେ ହୃଦୟରୁ କାଢି ରାସ୍ତାକଡକୁ ଫିଙ୍ଗି ଦିଆଯାଇପାରେ ? ଆଜି ବି ସେଇ ଫୁଲଟିକୁ ମୁଁ ବହି ଭିତରେ ସାଇତି ରଖିଛି ।

କଲେଜରେ ପ୍ରାୟ ସବୁଦିନେ ତୁମସହ ଦେଖାହୁଏ, କିନ୍ତୁ ମୁଁ ନଦେଖିଲା ପରି ଚାଲିଗଲା

 Magazine Downloaded from www.aahwaan.com

ବେଳେ ତୁମେ ଆସି ଅର୍ଦ୍ଧ ପାଗଳଙ୍କ ପରି ଗପିବା ଆରମ୍ଭ କରିଦିଅ । ଧିରେ ଧିରେ ମୋ ମନର ଭୟ ଦୂରେଇ ଯାଇ ବନ୍ଧୁତା ସୃଷ୍ଟି ହେଲା । କ୍ଲାସ୍ ନଥିଲା ବେଳେ ମୁଁ ଚୁପ୍ ହୋଇ ବସିଥାଏ ଆଉ ତୁମେ କ୍ଲାସ ବନ୍ଦ କରି ଆସି ଗପିବା ଆରମ୍ଭ କର । ଗପିବାର ଅଭ୍ୟାସ ମୋର ନଥାଏ ତେଣୁ ମୁଁ ତୁମର ସବୁକଥା ଶୁଣି ଖାଲି ହଁ କୁହେ, ତୁମେ ଚିଡିଯାଇ କୁହ ଖାଲି ହଁ ଛଡା ଆଉ କିଛି କହିବା ଶିଖିନ । ମୁଁ ସ୍ମିତହସଟିଏ ହସିଦେଇ ପୁଣି ହଁର ପୁନରାବୃତି କରେ । ତୁମର ସେଇ ଗପରେ ଏମିତି କି ଯାଦୁଥିଲା କେଜାଣି ଧିରେ ଧିରେ ମୁଁ ଗପିବା ଶିଖିଗଲି । ପଲ୍ଲୀରୁ ଦିଲ୍ଲୀ ଯାଏଁ ଗପୁଗପୁ ଜାଣିବାକୁ ପାଇଲି ତୁମ ମୁଣ୍ଡଟା ମୁଣ୍ଡ ନୁହେ ତ ଗୋଟେ ବଡ ଜ୍ଞାନର ଭଣ୍ଡାର । ଆଉ ମୁଁ ମଜାରେ ମଜାରେ କୁହେ ତୁମର ଜ୍ଞାନରୁ ମତେ କିଛି ଧାର୍ ଦିଅ ।

ଜାଣିଛ ପ୍ରଭାତ ମୋର ଭାରି ଇର୍ଷା ହୁଏ ତୁମେ ଯେବେ କହୁଥିଲ ମୋର ଗୋଟେ ପ୍ରେମିକା ଅଛି ତା ନାଁ କବିତା । ମନେ ମନେ ଭାବୁଥିଲ ଯଦି ପ୍ରେମିକା ଥିଲା ଗୋଲାପ ଫୁଲ କାଇଁ ଦଉଥିଲ କିନ୍ତୁ କହି ପାରୁନଥିଲି । ମୋ ମନର ସବୁ ସଂଶୟ ଦୂର କରି ମୋ ଜନ୍ମଦିନରେ ତୁମେ ଗୋଟେ ପ୍ରେମକବିତା ଲେଖି ମୋତେ ଉପହାର ଦେଲ ଆଉ କହିଲ ନିଅ ଆଜି ମୋ ପ୍ରେମିକାକୁ ତୁମକୁ ଦେଇଦେଲି । ଓଃ.... କି କ୍ଲିଷ୍ଟ ଥିଲା ସେଇ ସବୁ ଶବ୍ଦର ଅର୍ଥ । ସେତେବେଳେ କବିତାରେ ମୋର ଧାରଣା ନଥାଏ । ହଁ ଯଦିଓ ସାହିତ୍ୟ ମୋର ଭଲ ହୁଏ ତଥାପି ଏତେ କ୍ଲିଷ୍ଟ ଶବ୍ଦର ଅର୍ଥ ସବୁ ବୁଝିବା ମୋ ପକ୍ଷେ ସମ୍ଭବ ନଥିଲା ।

ମୋ ଜନ୍ମଦିନ ପରଠାରୁ ତୁମେ ଗୋଟେ ଗୋଟେ କବିତା ଲେଖି ଶୁଣାଅ ଆଉ ମୁଁ ସେଇ ସବୁ କଷ୍ଟ ଶବ୍ଦର ସମୁଦ୍ର ଭିତରେ ଅର୍ଥ ଖୋଜିବାରେ ଲାଗିପଡେ । ବାରମ୍ବାର ପଚାରେ ୟା'ର ମାନେ କଣ ତା'ର ମାନେ କଣ ? ଆଉ ତୁମେ କହୁଥିଲ ଅନ୍ୟ ଠାରୁ ଶୁଣି ଜାଣିବାରେ ଯେତିକି

 Magazine Downloaded from www.aahwaan.com

ଖୁସି ନଲାଗେ ନିଜେଖୋଜି ପାଇବାରେ ଅଧିକ ଆନନ୍ଦ ମିଳେ ।

ବାସ୍... କେଉଁ ଜଣେ ମହାପୁରୁଷଙ୍କ ନୀତିବାଣୀ ଶୁଣେଇ ଦେଇ ମତେ ଭୁଲାଇ ଦିଅ । ଖାସ୍ ତୁମ କବିତାର ଅର୍ଥ ସବୁ ବୁଝିବା ପାଇଁ ନିଜ ଖର୍ଚ୍ଚରୁ କାଟି ୫୦୦ ଟଙ୍କା ଦେଇ ଓଡିଆ ଅଭିଧାନଟେ କିଣିଲି । କାରଣ ସେତେବେଳେ ମୋ ପାଖେ ସ୍ମାର୍ଟଫୋନ୍ ନଥିଲା । ଜାଣିଛ କେତେ କଷ୍ଟରେ ଚଳିଛି ସେ ମାସଟା । ହଁ ଅବଶ୍ୟ ଆଜି ସେଇ ୫୦୦ ଟଙ୍କାରୁ ଢେର୍ ଅଧିକ ମୂଲ୍ୟ ପାଇ ସାରିଲିଣି ।

ଢୁ ଢୁ ବର୍ଷା ଗାଳୁଥାଏ । ଶ୍ରାବଣ ମାସ ସେ ଦିନ ବର୍ଷାଟା ବାଦକରି ସକାଳ ପହରୁ ବରଷୁ ଥାଏ ଯେ କମିବାର ନାଁ ନେଉ ନଥାଏ । ତୁମେ ଦେଖା କରିବାକୁ ମନା କରିଦେଲ । ମୁଁ ବାଧ୍ୟହୋଇ ତୁମ ରୁମ୍‌କୁ ଗଲି କଣ ବା ଆଉ କରିଥାନ୍ତି ସେଦିନ ତୁମର ଜନ୍ମଦିନ ଥିଲା । ରୁମ୍‌କୁ ନ ଯାଇ ଆଉ କିଛି ଉପାୟ ନଥାଏ । ସେଥିପାଇଁ ବୋଧେ ତୁମେ ଜାଣିଶୁଣି ଦେଖା କରିବାକୁ ଆସିନଥିଲ ।

ବାପ୍‌ରେ... କେତେ ବହି ଦେଖି ମୁଁ ସ୍ତବ୍ଧ ହୋଇଗଲି । ଅତି ଯତ୍ନରେ ସାଇତି ରଖିଥିଲ । ପୂରା ଥାକଟା ସାରା ଖାଲି ବହିରେ ଭର୍ତ୍ତି । ତୁମେ ମନୋଜ ଦାସଙ୍କ ପ୍ରତିଟି ଲେଖା ପଢିବାକୁ ଭଲପାଅ ତେଣୁ ଗୋଟିଏ ପରେ ଗୋଟିଏ ମନୋଜ ଦାସଙ୍କ ରଚିତ ବହି ଥାକରୁ ଆଣି ଦେଖାଉ ଥାଅ । ଆଉ ମୁଁ ସେହି ବହିମାନଙ୍କ ଭିତରେ ଏମିତି ହଜି ଯାଇଥିଲି ତୁମକୁ ଜନ୍ମଦିନର ଚକୋଲେଟ୍ ଦେବାକୁ ଭୁଲିଗଲି । ଠିକ୍ ୪ ଦିନ ପରେ ମୁଁ ମନୋଜ ଦାସଙ୍କ ରଚିତ "ଶେଷ ବସନ୍ତର ଚିଠି" ବହିଟି କିଣି ଆଣିଲି । ତୁମେ କହିଲ ମୋଠାରୁ ନେଇ ପଢିଲନି କିଣୁଥିଲ କାହିଁକି ? ମୁଁ କହିଲି ନିଜେ କିଣି ପଢିବାରେ ଯେଉଁ ଆନନ୍ଦ ଅନ୍ୟଠାରୁ ମାଗି ନେଇ ପଢିବାରେ କଣ ମିଳେ । ବାସ୍ ଆରମ୍ଭ ହୋଇଗଲା ତୁମର ରାଜା ହସ କହିଲ ମେରୀ ବିଲ୍ଲି

 Magazine Downloaded from www.aahwaan.com

ମୁଝୁପେ ମ୍ୟାଉଁ । ସେ ଦିନର ସେଇ ସ୍ମୃତି ଆଜି ବି ମୋ ବୁକୁତଳେ ଜୀବନ୍ତ ହୋଇରହିଛି ।

କେମିତି ମୁଁ ଭୁଲି ପାରିବି ସେଦିନ ତୁମ ପାଇଁ କବିତାଟିଏ ଲେଖିଥାଏ, ମୋର ପ୍ରଥମ କବିତା ବହୁ କଷ୍ଟରେ ଦୁଇପଦ ଲେଖିଥିଲି । ତୁମେ ଦେଖି ହସିହସି ଗଡିଗଲ ଘାସ ଉପରେ । କହିଲ ଏଇଟା କଣ କବିତା ? ଯାକୁ ଗଦ୍ୟ କୁହନ୍ତି । ଏଥିରେ ଅନୁପ୍ରାସ ନା ଉପଧା ଅଛି ସାମାନ୍ୟ ମିତ୍ରାକ୍ଷରୀ ବି କରିପାରିନ । ଗଧିନି ..

ମୁଁ ରାଗିଯାଇ ଚିରିଦେଲି ଆଉ ତୁମେ ସେ ଚିରାକାଗଜର ଟୁକୁଡା ଗୁଡାକୁ ନିଜ ପକେଟ୍ ଭିତରେ ସାଇତି ଦେଲ ।

ଏଇ ଅଳ୍ପଦିନ ତଳେ ତମେ କହୁଥିଲ ନା ମତେ ଇର୍ଷା କରିକରି ତୁମେ କବୟିତ୍ରୀ ତ ହୋଇଗଲ ତେବେ ସାହିତ୍ୟ ଆସର କଣ ଅପମାନ ପାଇବାର ଭୟରେ ଯାଉନା । ତୁମେ କେମିତି ବୁଝିବ ସମ୍ମାନକୁ ଆଶା ରଖିନଥିବା ଝିଅଟା ବା ଅପମାନକୁ କାହିଁକି ଭୟ କରିବ । କିନ୍ତୁ ମୁଁ କବିତା ଆସର ଯାଏନି କାରଣ କଣ ହେବ ମୋର ସେ ମାନପତ୍ର, କଣ କରିବି ସମ୍ବର୍ଦ୍ଧନାର ସେ ଫୁଲଗୁଚ୍ଛ ମୁଁ କେବଳ ମୋ କାବ୍ୟ ନାୟକ ପାଇଁ କବିତା ଲେଖେ ।

ହଁ ମୁଁ ତୁମକୁ ଇର୍ଷାକରେ, ତୁମ କବିତାର ପ୍ରତିଟି ଶବ୍ଦକୁ ଇର୍ଷା କରେ, ଇର୍ଷାକରେ ତୁମ ଟେବୁଲ ଉପରେ ଥିବା ବହିର ପ୍ରତିଟି ପୃଷ୍ଠାକୁ । କାରଣ ସେଇ ଇର୍ଷା ହିଁ ତ ଆଜି ତୁମକୁ ମୋର ଭାଲେଣ୍ଟାଇନ୍ ସଜେଇଛି ।

ପ୍ରିୟଙ୍କା ସାହୁ

ସାହାନିଆଜ ପୁର, କଟକ

 Magazine Downloaded from www.aahwaan.com

# ନାଲି ମିଠା



ରାମ ପ୍ରସାଦ ସିଂହ

ଇଏ କଣ ମୋ ଆଖିରୁ ଲୁହ । କାହା ପାଇଁ, ହଁ ମୋ ବାପାଙ୍କ ପାଇଁ । Facebook ଚଲାଉ ଚଲାଉ କିଛି ପୋଷ୍ଟ ପାଇଲି Father's day ବିଷୟରେ । ଏମିତି ବି କାଲି ରାତିରେ ଫୋନ କରିଥିଲି, ମୁଁ କଥା ହେଇନଥିଲି, ମୁଁ ରାଗିଥିଲି ଏଇ କୌଣସି ଏକ କଥାକୁ ନେଇ । ସିଏ ମୋ ବାପା, କେମିତିକା ଲୋକ ସିଏ ?

ମୁଁ ଘରକୁ ଗଲେ ନିଜେ ମିଠା ଖାଆନ୍ତିନି, ତାଙ୍କୁ ଡାଇବେଟିସ, ହେଲେ ମୋ ପାଇଁ ଗୋଟେ କଳା ଜରିରେ ନାଲି ମିଠା ଆଣି ବୋଉକୁ ଧରେଇ ଦିଅନ୍ତି, କୁହନ୍ତି ଇଏ ତୁମ ପୁଅ ପାଇଁ । ବୋଉ କହେ ଏତେ କାହିଁ ଆଣୁଥିଲ । ବାପା କହନ୍ତି ତମ ପୁଅକୁ ନାଲି ମିଠା ଭାରି ଭଲ ଲାଗେ ତୁମେ ଭୁଲିଯାଉଛ କି ?

ଏତେ ଦିନ ପରେ ଗାଁକୁ ସିଏ ଆସିଛି, ବିଦେଶରେ ରହୁଛି ସେଠି କଣ ଇଏ ସବୁ ମିଳୁଥିବ ?

ସତରେ ମୋ ବାପା କେତେ ଭଲ ଆଉ ସିଏ ନାଲି ମିଠା ?

ରାମ ପ୍ରସାଦ ସିଂହ

ଭ୍ରାମ୍ୟଭାଷ : ୯୫୭୪୫୭୦୫୭୪

 Magazine Downloaded from www.aahwaan.com

# ସ୍ୱପ୍ନ ରହସ୍ୟ



ସେଠୀ କାର୍ତ୍ତିକ ଚନ୍ଦ୍ର

ଚଗଲା ଓରଫ୍ ସତ୍ୟକୃଷ୍ଣ ଗ୍ରୀଷ୍ମ ଛୁଟିରେ ମାମୁଁ ଘରକୁ ଯାଇଥାଏ । ନିଜ ଘରଠାରୁ ମାମୁଁଘରେ ସମସ୍ତଙ୍କ ସାଥିରେ ଦିନ ବିତେଇବାଟା ଖୁବ୍ ନିଆରା, ବହୁତ ମଜା ଲାଗେ । ଖରା ପ୍ରବଳ ହେଲେ ନଈ ପଠାରେ ସାଙ୍ଗ ମାନଙ୍କ ମେଳରେ କବାଡି, ବୋହୂ ଚୋରୀ, ଗିଲିବାଡ଼ି' ଆଦି ଖେଳିବାରେ ଯୋଉ ମଜା, କହିଲେ ନ ସରେ । ଗାଧୋଇବା ସମୟ ହେଲେ ଉଚ୍ଚରୁ ଡିଆଁ ମାରି ନଦୀ ଉପରେ ପଡ଼ି ଖେଳ ଚାଲେ ।

ଦିନକର ଘଟଣା । ଚଗଲାକୁ ସେଦିନ କାଇଁ ଭଲ ଲାଗୁ ନଥାଏ । ସେ ମନକୁ ମନ ଭାବିଲା, ନିଇତି ଦ୍ୱିପହରେ ଭାତ ଖାଇସାରି ଫ୍ୟାନ୍ ତଳେ ଶୋଇବାରେ ମଜା ନାହିଁ, ଯିବି ଆଜି ଅଜାଙ୍କ ପାଖକୁ । ଅଜା ପ୍ରାୟ ଗ୍ରୀଷ୍ମ ଦିନରେ ତୋଟାକୁ ଶୋଇବାକୁ ଚାଲିଯାଆନ୍ତି । ସାନ ମାମୁଁଙ୍କ ପୁଅ ଗୋଲୁର ସାଇକେଲଟା ବାରଣ୍ଡା କୋଣରେ ଥୁଆ ହୋଇଥାଏ । ବୋଉଙ୍କୁ ପଚାରି ବାହାରି ପଡ଼ିଲା ଚଗଲା । ଗୋଲୁ ବି ତା' ମାମୁଁ ଘରକୁ ଯାଇଥାଏ । ଆମ୍ବ ତୋଟାଟା ମାମୁଁଙ୍କ ଘର ପାଖରୁ ଗୋଟେ କିଲୋମିଟର ହେବ । କିଛି ସମୟ ପରେ ଚଗଲା ପହଞ୍ଚି ଯାଇଥିଲା ତୋଟାରେ । ଅଜାଙ୍କୁ ଖୋଜିବାରେ ତା'ର ଡେରି ହେଲାନି । ଅଜା ଗୋଟିଏ ଦଉଡ଼ିଆ ଖଟରେ ହାତ ଛନ୍ଦି ଉପରକୁ ଚିତ୍ ହୋଇ ଶୋଇଥାନ୍ତି । ଅଜାଙ୍କ ଥନ୍ଦଲ ପେଟଟି ଉଠ୍ ପଡ଼ ହେଉଥାଏ ।

ଚାରିପାଖରେ ପରିଷ୍କାର ପରିଚ୍ଛନ୍ନତା । ତୋଟାର ଯତ୍ନ ନେବାପାଇଁ ଦୁଇଜଣ

 Magazine Downloaded from www.aahwaan.com

କର୍ମଚାରୀଙ୍କୁ ମାସିକିଆ ଦରମା ଦେଇ ନିଯୁକ୍ତ କରାଯାଇଥାଏ ଅଜାଙ୍କ ଦ୍ୱାରା । ଅଜା ଟିକେ ପୁରୁଣା ଖିଆଲର ହେଲେ ବି ସଫା ସୁତରା ପ୍ରତି ଖୁବ୍ ଯତ୍ନଶୀଳ ।

ପ୍ରାକୃତିକ ପରିବେଶ ତାଙ୍କୁ ବହୁତ ଭଲ ଲାଗେ । ଗ୍ରୀଷ୍ମ କାଳରେ ବାହାରର ମୃଦୁ ପବନରେ ନିଦ ଆପଣାଛାଏଁ ଆସିଯିବା ସ୍ୱାଭାବିକ । ଆରେ ଇଏ କ'ଣ ଦେଖୁଛି, ଚଗଲା ! !

ଅଜା କ'ଣ ହାତ ଛନ୍ଦି କରି ଶୋଇଛନ୍ତି !!!

ଆଇ ମା'ଙ୍କ କହିବା ଅନୁସାରେ ଛାତି ଉପରେ ଛନ୍ଦାହାତ ରଖି ଶୋଇଲେ ଅଦ୍ଭୁତ ସ୍ୱପ୍ନ ଦେଖନ୍ତି କାଳେ । ଆଜି ମୁଁ ସ୍ୱପ୍ନ ଦେଖିବି; ଅଜାଙ୍କୁ ଦେଖିବାକୁ ଦେବିନି । ସ୍ୱପ୍ନ ଦେଖା ହୋଇଗଲେ, ଗୋଟିଏ ସୁନ୍ଦର ଗପ ଭଳି ତ ଲାଗିବ ନା ! ବଢ଼ିଆ ହେବ.. ହା ହା.. । ତେଣୁ ଡେରି ନକରି ଅଜାଙ୍କର ଛନ୍ଦାହାତକୁ ଅଲଗା କରିଦେଲା ଚଗଲା ଏବଂ ନିଜେ ସେଇ ଭଙ୍ଗୀରେ ଅଜାଙ୍କ ପାଖରେ ଶୋଇଗଲା । ଅଜା ଜାଣି ନଥିଲେ ସେ ଏଠି ଶୋଇଛି ବୋଲି । ପକ୍ଷୀ କାକଳିର କିଚିରି ମିଚିରି ସ୍ୱର ସାଙ୍ଗକୁ ସୁଲୁସୁଲିଆ ବାଆରେ ଦୁଇ ପ୍ରାଣୀ ନିଦ ମାଉସୀଙ୍କ କୋଳରେ ଶୋଇ ପଡ଼ିଥିଲେ । ଦଉଡ଼ିଆ ଖଟତଳେ ଘରର କୁକୁର ଭାଲୁଆ ଏମାନଙ୍କ ସୁରକ୍ଷା ପାଇଁ କେତେବେଳୁ ଆସି ଜଗି ବସିଥିଲା ।

ଚଗଲା ଏବେ ସ୍ୱପ୍ନ ରାଜ୍ୟରେ ପହଞ୍ଚି ଯାଇଥିଲା । ସ୍ୱପ୍ନଟା ଏମିତି ଥିଲା ଯେ - ସେ ସାଙ୍ଗ ମାନଙ୍କ ସାଥିରେ ପାହାଡ କୋଳରେ ବୁଲୁଥିଲା । ତା'ର ସାଙ୍ଗମାନେ ଆଗକୁ ଦୌଡ଼ି ଦୌଡ଼ି ଯାଉଥିଲେ ଦୂରରେ ଥିବା କୋଳି ଗଛ ପାଖକୁ । ତା' ସାଙ୍ଗ ସୁବଳ ପଛରେ ରହି ଯାଇଥିଲା । ସେମାନେ ମଧ୍ୟ ଅଗ୍ରସର ହେଉଥିଲେ ।

ହେ ଭଗବାନ୍ ! ଇଏ କ'ଣ ଦେଖୁଛନ୍ତି ସେମାନେ !! ହଠାତ୍ ତା'ର ସାଙ୍ଗମାନେ ଗୋଟିଏ ଖାଇରେ ତଳକୁ ଗଳି ପଡ଼ିଲେ । ଏଇ ଭୀଷଣ ଦୁର୍ଘଟଣାରେ ସୁବଳ ଓ ସେ ଭୟରେ

 Magazine Downloaded from www.aahwaan.com

ବହୁତ କାନ୍ଦିଲେ । ତେଣେ ସନ୍ଧ୍ୟା ହୋଇ ଆସୁଥାଏ । ସେମାନେ ଘରକୁ ଫେରିବାର ବାଟ ଖୋଜୁଥାନ୍ତି, ହେଲେ ପାଉ ନଥାନ୍ତି । ମୁହୂର୍ତ୍ତଟା ଖୁବ୍ ଭୟାବହ ଲାଗୁଥିଲା ।

ସୁବଳ କୃଷ୍ଣଭକ୍ତଙ୍କ ପରିବାରରୁ । ସେ ଚଗଲାକୁ ସାହସ ଓ ଧୈର୍ଯ୍ୟ ଧରିବାକୁ କହିଲା । କିଛି ବାଟ ଅଗ୍ରସର ହୁଅନ୍ତେ ମନ୍ଦିରରୁ ସନ୍ଧ୍ୟା, ଆଳତୀ ଓ ଘଣ୍ଟ ଧ୍ୱନୀ ଶୁଣିବାକୁ ପାଇଲେ । ଦୁଇ ବନ୍ଧୁ ସେଇ ଆଡ଼କୁ ଆଗେଇ ଗଲେ । ମନ୍ଦିର ନିକଟବର୍ତ୍ତୀ ହେବାରୁ ଆଉ ସନ୍ଧ୍ୟା ଆଳତୀର ଶବ୍ଦ ନଥିଲା । ଏବେ ଏକ ସୁଲଳିତ କଣ୍ଠସ୍ୱର ଭାସି ଆସୁଥିଲା, 'ହରେକୃଷ୍ଣ ମହାମନ୍ତ୍ର' ଧ୍ୱନି । ସେମାନେ ଶବ୍ଦର ଉଦ୍ଗମ ସ୍ଥଳୀକୁ ଖୋଜି ଖୋଜି ହାଲିଆ ହୋଇପଡ଼ିଥିଲେ ।

କିଛି କ୍ଷଣ ପାଇଁ ସ୍ୱରଟି ବନ୍ଦ ହେବାରୁ ସେଇ ମନ୍ଦିରରେ ରାତ୍ରି ବିଶ୍ରାମ ନେବାକୁ ସ୍ଥିର କଲେ ଦୁଇବନ୍ଧୁ । ଭୀଷଣ ଭୋକ ହେଉଥିଲା ସେମାନଙ୍କୁ । ମନ୍ଦିର ହତାରେ କିଛି ନଡ଼ିଆ ଓ କଦଳୀ ପାଇ ଖାଇନେଲେ ସେମାନେ । ସୁବଳ ଶୀଘ୍ର ଶୋଇଗଲା ।

ଚଗଲା ସେଇଠି କଡ଼ ଲେଉଟାଉ ଥାଏ ନାଚାର ନିରାଶ୍ରୟଟିଏ ପରି । ହେଲେ ନିଦ ଆସୁ ନଥାଏ ଚଗଲାକୁ । ପାଞ୍ଚ ଦଶ ମିନିଟ ଯାଇଛି କି ନାହିଁ, ପୁଣି ସେଇ ଦିବ୍ୟ ଧ୍ୱନି ସମ 'ମହାମନ୍ତ୍ର ଉଚ୍ଚାରଣ'ର ସ୍ୱର ଭାସି ଆସିଲା ଅତି ନିକଟରୁ । ଚଗଲା ଉଠି ପଡ଼ି ଖୁବ୍ ଖୋଜିଲା.... କିଏ ସେଇ ମହିୟସୀ ମାତାଜୀ ?

ଦେବୀଙ୍କ ପରି କଣ୍ଠ ଧ୍ୱନିରେ ମହାମନ୍ତ୍ର ... ! ! ! ଫେରି ଆସନ୍ତେ କେହିଜଣେ ଚଗଲାକୁ ତା' ନାଆଁ ଧରି ଡାକିଲେ, "ଚଗଲୁ, ଚଗୁ... ବାପା ସତ୍ୟକୃଷ୍ଣ....ଆ, ମୁଁ ଏଇଠି ଅଛି । ମନ୍ଦିର ସାମ୍ନାରେ, ଗରୁଡ଼ ସ୍ତମ୍ଭ ତଳେ ମୁଁ ବସିଛି । ତୁ ଅତି ନିକଟରୁ ମୋ'ଗୀତ ଶୁଣି ପାରିବୁ । ହେଲେ ଗୋଟିଏ ସର୍ତ୍ତ, ବାପା ! ମୋ ନିକଟକୁ ଆସି ମୋତେ ସ୍ପର୍ଶ କରିବୁନୁ ।

 Magazine Downloaded from www.aahwaan.com

- ଆଜ୍ଞା, ମାତାଜୀ । ମୋତେ ଖାଲି ଆପଣ ଥରେ ଦର୍ଶନ ଦିଅନ୍ତୁ ।

ଏହାପରେ ସେଠାକୁ ଯାଇ ଦେଖନ୍ତେ, ବେଙ୍ଗ ପରି ଏକ ଅଦ୍ଭୁତ କଦାକାର ପ୍ରାଣୀ 'ହରେକୃଷ୍ଣ ମହାମନ୍ତ୍ର' ଗାଇ ଚାଲିଛନ୍ତି । ସେ ପାଖକୁ ଯାଇ ପୁଣି ଅଟକି ଗଲା... ସର୍ତ୍ତ କଥା ମନେ ପଡ଼ିଗଲା ।

ଦୂରରୁ ଭୂଇଁରେ ମୁଣ୍ଡ କୋଡ଼ି ପ୍ରଣାମ କଲା । ଭୂମିରୁ ଉଠିବା ମାତ୍ରେ ଜୀବଟି ଅନ୍ତର୍ଦ୍ଧାନ ହୋଇ ଯାଇଥିଲା । ସେ ମାଆ ମାଆ ବୋଲି ଡାକି ଭୀଷଣ କାନ୍ଦିବାକୁ ଲାଗିଲା... ।

ସମୟ ବର୍ତ୍ତମାନ ସାଢ଼େ ଚାରିଟା । ଘଣ୍ଟାକ ମଧ୍ୟରେ ଚଗଲାର ସ୍ୱପ୍ନ ବିଭୋର ପ୍ରାଣଟି ସ୍ୱପ୍ନ ବୃତାନ୍ତର ଅର୍ଥ ଜିଜ୍ଞାସାରେ ଅଧୀର ହୋଇ ଉଠିଥିଲା । ସେ ଅଜାଙ୍କୁ ସେ ସବୁର ବର୍ଣ୍ଣନା କଲା ।

ସବୁ ଶୁଣି ଅଜା ସ୍ୱପ୍ନ ରହସ୍ୟକୁ ବୁଝାଇଲେ -

"ଯେଉଁଠାରୁ ବି ହେଉ ନା କାହିଁକି, ଯେଉଁଠି ବି ଭଲକଥା କିଛି ଶୁଣିବ, ତାକୁ ବୁଝି ଗ୍ରହଣ କରିବ । ସେଠି ସ୍ଥାନ, କାଳ, ପାତ୍ର ବା ଜାତିର ବିଚାର କରିବ ନାହିଁ ।"

ଚଉମୁଖ, ବାଲେଶ୍ୱର

ଭ୍ରାମ୍ୟଭାଷ : ୭୨୮୧୬୯୫୮୯୨

 Magazine Downloaded from www.aahwaan.com

# କବିତା ବିଭାଗ

 Magazine Downloaded from www.aahwaan.com

# ଭକତକୁ ଧରି ରଖେ



ବି. ନିରୁପମା

ମାଆ ବୋଲି ତାକୁ ଡାକିଦେଲେ ଥରେ
ଶରଧାରେ ଓ... ଓ କରେ ,
ମମତାମୟୀ ସେ କଲ୍ୟାଣମୟୀ ଯେ
ଦୁଃଖ, ଶୋକ ସବୁ ହରେ ।

କେତେ କେତେ ରୂପେ ପୂଜାପାଏ ସିଏ
ଶକ୍ତିମୟୀ-ଶାକମ୍ଭରୀ ,
ଜଗତ କଲ୍ୟାଣେ ବାରବାର ଆସେ
ଏ ଧରାକୁ ଅବତରି ।

ଯିଏ ଯେଉଁ ନାମେ ଆଦରେ ଡାକିଲେ
ମାଆ ସୁପ୍ରସନ୍ନା ହୁଏ ,
ସନ୍ତାନ ବତ୍ସଳା ଅଟଇ ସେ ଯେଣୁ
ସୁଖ,ଶାନ୍ତି ଯାଚି ଦିଏ ।


ଚାହେଁନାହିଁ କେବେ ଭକତ ପାଖରୁ
ପାଇବାକୁ ହୀରା-ମୋତି ,
ଲୋଡ଼ା ତା'ର ଖାଲି ଆନ୍ତରିକ ଶ୍ରଦ୍ଧା
ଭକତର ଭାବ ଭକ୍ତି ।

ଭକତି ଭାବରେ ଡାକଦେଲେ ତାକୁ
ରହିଥାଏ ପାଖେ ପାଖେ ,
ସର୍ବ ସଙ୍କଟରୁ ପଣତ ଉହାଡ଼େ
ଭକତକୁ ଧରି ରଖେ ।

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

 Magazine Downloaded from www.aahwaan.com

# ମୋ ନୀରବତା



ଶୁଭଲକ୍ଷ୍ମୀ ଦାସ

ଅଭିମାନ କରିବାର ଛଳନା କରି
କିଛି ସ୍ମୃତି ସାଉଁଟି ନେବାର ଲାଳସାରେ
ମୁଁ ନୀରବ ରହେ......
ନିଜକୁ ଅଯାଚିତ ତର୍କରୁ ଦୂରେଇ ରଖିବା ପାଇଁ
ମୁଁ ନୀରବ ରହେ......
ଆପଣାର ଲୋକଙ୍କୁ ହରେଇ ଦେବା ଭୟରେ
ମୁଁ ନୀରବ ରହେ......
ପ୍ରକୃତିକୁ ଅନୁଭବ କରିବା ପାଇଁ
ମୁଁ ନୀରବ ରହେ......
ହୃଦୟର କିଛି ଅସ୍ପଷ୍ଟ ବେଦନାକୁ
ଆଖିର ରାସ୍ତା ଯାଏ ନ ଯିବା ପାଇଁ
ମୁଁ ନୀରବ ରହେ......
ଏମିତି ନୁହେଁ ଯେ ମୋ ପାଖରେ ଶବ୍ଦ ନ ଥାଏ
ତଥାପି ମୁଁ ନୀରବ ରହେ......
ମୋ ନୀରବତାକୁ ଭେଦ କରିବା ପାଇଁ
ସେହି ପ୍ରେମର ପୂଜାରୀର ଠିକଣା ପାଇବା ଆଶାରେ
ମୁଁ ନୀରବ ରହେ......

 Magazine Downloaded from www.aahwaan.com

## କବିତା (୨) - ମୁଁ କବିତା

କବିର କାଳଜୟୀ ଲେଖନୀ ରଚିତା
ନିର୍ଝରିଣୀ କୁଳୁକୁଳୁ ନାଦର ଝଙ୍କାରେ ସମାହିତା
ସଂଗୀତ ମୂର୍ଚ୍ଛନାର ତାଳେ ତାଳେ ଅଳଙ୍କୃତା
ଚିରନ୍ତନ ସାରସ୍ୱତ ପ୍ରତିଭାର ପରିଭାଷାରୁ ସଂଗୃହୀତା
କାବ୍ୟିକ ଆଲୋଚନାରେ ନିରନ୍ତର ଅଭିଷିକ୍ତା
ବିରହିଣୀ ବେଦନାରେ ଜର୍ଜରିତା
କେବେ ଇନ୍ଦ୍ରଧନୁ ଦୃଶ୍ୟପଟରେ ଉତଫୁଲ୍ଲିତା
ମୁଁ ହୃଦୟର ଅନ୍ତର୍ନିହିତ ଅଭିସାରିକା, ମୁଁ କବିତା......

ସିଡିଏ, ସେକ୍ଟର -୦୭
କଟକ - ୭୫୩୦୧୪

 Magazine Downloaded from www.aahwaan.com

# ଆଉ ଡାକିବିନି ତୋତେ



ସନାତନ ସରକାର

ମନ ଭରି ଆଜି ହସି ଦେ କାଳିଆ
ବଡ଼ ଦାଣ୍ଡେ ଝୁଲି ଝୁଲି
ଖେଳିବାକୁ ସାଥି ସାଥିରେ ନ ଥିବେ
ହୁଏତ ଆସନ୍ତା କାଲି - ୧

କାହିଁକି ଏକଥା ବଖାଣୁଛି ତୋତେ
ବୋଧେ ବୁଝି ପାରୁଥିବୁ
ଯଦି ମନେ ନାହିଁ ଶୁଣୁ ଆଉଥରେ
କହୁଛି ମୁଁ ଖୋଲି ସବୁ - ୨

କେବଳ ତୋହରି ପାଇଁରେ କାଳିଆ
ସ୍ନେହରୁ ବଞ୍ଚିତ ଆଜି
ଜିଇଁ ଥାଉ ଥାଉ ହାରି ମୁଁ ଯାଇଛି
ମୋହରି ଜୀବନ ବାଜି - ୩

ସେଦିନ ପାଉଣା ଦେଇଥିଲୁ ଯାହା
ଭୁଲି ପାରିବିନି ଜମା
କେଉଁ ଦୋଷ ପାଇଁ ପ୍ରତିଶୋଧ ନେଲୁ
ସହିବାର ନାହିଁ ସୀମା - ୪

କାନ ଥିଲେ ସିନା ଶୁଭିଥାନ୍ତା ତୋତେ
ମୋହରି କରୁଣ ସ୍ୱର
ଛାତି ପରେ ହାତ ରଖି ଥରେ କହ
ମାଗିଛି ମୁଁ କେତେଥର - ୫

ଫେରାଇ ଦେବାକୁ ବନ୍ଧୁର ଜୀବନ
କରିଛି କେତେ ଗୁହାରୀ
ପ୍ରତିଦାନେ ଦେଲୁ ପିଇବାକୁ ଲୁହ
ଆଖିରେ ଆଖିଏ ଭରି - ୬

କି ଲାଭ ପାଉଛୁ ଛଡେଇ ନେଉଛୁ
ଚୁନା ଚୁନା ସବୁ ସୁଖ
ସେଥିପାଇଁ ବୋଧେ ସାଜିଅଛୁ ନାଥ
ଦେବା ପାଇଁ ଖାଲି ଦୁଃଖ - ୭

ମନା ମୁଁ କରୁନି ତୋତେ ରେ କାଳିଆ
ଦେଇପାରୁ ଲୁହ ଯେତେ
କିନ୍ତୁ ମନେ ରଖ କେବେ କେଉଁ ଦିନ
ଆଉ ଡାକିବିନି ତୋତେ - ୮

 Magazine Downloaded from www.aahwaan.com

# ମୁଁ



ତ୍ରିନାଥ ବେହେରା

ମୁଁ ବହି ଚାଲିଛି ନଈ ପରି ..ପବନ ପରି
ଏକାନ୍ତରେ
ନୀରଳସ ସାଧକଟିଏ ସାଜି
ଅମଡା ବାଟରେ
ଗୋଟେ ଶ୍ୟାମଳ ପୃଥିବୀର ଛାଇରେ
ଅବିଶ୍ରାନ୍ତ ଭାବେ
ମତେ ବାଧ୍ୟ କରି ଡାକନା
ସେଇ ପାଶ୍ଚାତ୍ୟ ସଭ୍ୟତାର ଖରାକୁ
ଆଧୁନିକତା ଆଳରେ
ମୁଁ ବଞ୍ଚିବାକୁ ଭଲପାଏ
ମୋ ପ୍ରାଚ୍ୟ ସଭ୍ୟତାରେ
ଯିଏ କହେ ବସୁଧୈବ କୁଟୁମ୍ବକଂ
ଶିଖାଏ ଶାନ୍ତି, ପ୍ରେମ ଓ ମୈତ୍ରୀ
ପ୍ରତି ବିଚାରରେ
ଆଉ କହେ ଭ୍ରାତୃତ୍ୱର କଥା
ପ୍ରତି ମୁହୂର୍ତ୍ତରେ ।

ମୁଁ ବିଶ୍ୱାସ କରେନି
ପାପୁଲିର ଭାଗ୍ୟରେଖାରେ
କର୍ମବାଦୀ ସାଜି ବଞ୍ଚିବାକୁ ଭଲପାଏ
ମୋ ଇଲାକାରେ
ଶାଶ୍ୱତକୁ ଆଦରି ନେବା ତ ଜୀବନ
ଅସୀମତାକୁ ଅତିକ୍ରମ କରି
ଦୃଷ୍ଟି ଛୁଇଁପାରୁନଥିବା
ସେ ଅପହଞ୍ଚ ଇଲାକାରେ
ଛୁଟାଇବାକୁ ପ୍ରେମ ଫଲ୍‌ଗୁର ଧାରା
ଉଡାଇବାକୁ ଜୈତ୍ର କେତନ
ଏକାନ୍ତ ଇଚ୍ଛା ମୋ
ଏଇ କ୍ଷଣ ଭଙ୍ଗୁର ଜୀବନରେ ।

ବଡକୋଦଣ୍ଡା, ଭଞ୍ଜନଗର, ଗଞ୍ଜାମ
ଭ୍ରାମ୍ୟଭାଷ : ୯୭୭୭୪୦୮୪୦୩

 Magazine Downloaded from www.aahwaan.com

# ଯନ୍ତ୍ରଣା



ସୁବ୍ରତ ଜେନା

ହୃଦୟର କିଛି ଅବ୍ୟକ୍ତ ବେଦନା
ଲୁହ ହୋଇ ଝରି ଗଲା ପରେ
ଆଉ କିଛି ଦୁଃଖ ଝରି ପଡେ ପୁଣି
କବିତା ହୋଇ ମୋ ପ୍ରିୟ ଡାଏରୀ ବୁକୁରେ...୧

ଅନେକ ଅଶ୍ରୁର ଧାର ଆଖି ପତା ଦେଇ
ଭଲ ପାଏ ଦୁଇ ଗାଲ ଚୁମିବାକୁ
କିଛି ଦୁଃଖ ପୁଣି ଭଲ ପାଇ ଥାଏ
ଯନ୍ତ୍ରଣା ହୋଇ ହୃଦୟରେ ରହିବାକୁ...୨

ଅନେକ ଯନ୍ତ୍ରଣା  ମୋର ଦେଖାଏ ମୁହିଁ
ଆହା ପଦେ ମୋ ଲାଗି ଶୁଣିବାକୁ
ଏମିତି ଅନେକ ଯନ୍ତ୍ରଣା ଯାଏ ନୀରବେ ମରି
ଜୀବନେ କାହାକୁ ଲଜ୍ଜ୍ୟା ଟିକେ ନ ଦେବାକୁ...୩

 Magazine Downloaded from www.aahwaan.com

ଯନ୍ତ୍ରଣାଟା ଯଦି ମିଠା ହୋଇଥାଏ
ମନ ସହ ହୃଦୟ ବି ନିଏ ଆନନ୍ଦେ ପାଖେଇ
ଯନ୍ତ୍ରଣାଟା ଯଦି ଏସିଡ୍ ପରି ହୁଏ
ମନ ପକ୍ଷୀ ଏକାନ୍ତରେ ଦୁଃଖେ ଗୁମୁରାଇ...୪

ଯନ୍ତ୍ରଣା କେବେ କେମିତି ମିଳିବ, କାହାଠୁ ମିଳିବ
ଏ କଥା କେହି ପାରିବେନି କେବେ କହି
ସ୍ୱାର୍ଥପର ଏଇ ସମାଜରେ ଆଜି ନିଜର ହୋଇ
ଯନ୍ତ୍ରଣା ଦିଅନ୍ତି ଅନେକ ମିଠା ମିଠା କଥା କହି...୫

ହୃଦୟ ରଫ ଖାତାରେ  ଅଛି ଅନେକ ଅଝୁଡା ଦାଗ
କିଛି ଅଛି ଜାଣତରେ ପୁଣି ଅଛି  କିଛି ଅଜଣା ରେ
କିଛି ଦାଗ ପୁଣି ଅଲିଭା ହୁଏ ଜୀବନ ନାଟକରେ
ହଜି ଥାଏ ସାଥେ ସେହି ଜୀବନର ଶେଷ ସମସାନରେ...୬

ଭ୍ରାମ୍ୟଭାଷ : ୯୭୭୬୨୦୮୯୩୦

 Magazine Downloaded from www.aahwaan.com

# ଏକାଠି ରହିବା ଆସ



ଶିଶିରକୁମାର ପଣ୍ଡା


ଆମେ ତିନିଭାଇ ଏକାଠି ରହିଛୁ
ନାହିଁ କଳି କିବା ଝଗଡ଼ା
ଏବେବି ଖାଉଛୁ ବାପାଙ୍କ ଠୁଁ ଗାଳି
ବୋଉଠାରୁ କାନ ରଗଡ଼ା ।
ଗୋଟିଏ ହାଣ୍ଡିରେ ରୋଷେଇ ହୋଇଲେ
ସଭିଏଁ ଖୁସିରେ ଖାଉଛୁ
ଆମଘରେ ଜାଣ ସେଇଥିପାଇଁକି
ସରଗର ସୁଖ ପାଉଛୁ ।

ସାରା ଗାଆଁ ଟାରେ ଆମେହିଁ ଏକାଠି
ଏଇଟା ଆମର ଗରବ
ଏକାଠି ପାଳୁଛୁ ପ୍ରଥମାଅଷ୍ଟମୀ
ରଜ , ଦଶହରା ପରବ ।
ଜାଣେନା କାହିଁକି ଅଲଗା ହୁଅନ୍ତି
ଭାଇ ଭାଇ କରି ଲଢ଼େଇ
ଭାବନ୍ତି ଅଲଗା ରହିଲେ ନିଜର
ସମ୍ପତ୍ତି ପାରିବେ ବଢ଼େଇ ।
ଏଇ ମନଭାବ ଛାଡ଼ିକି
ଆସ ହେ ରହିବା , ଏକାଠି ଖାଇବା
ଗୋଟିଏ ହାଣ୍ଡିରୁ ବାଢ଼ିକି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ-୮୯୮୧୭୩୭୨୨୮

 Magazine Downloaded from www.aahwaan.com

# କଳାପଟା



ସୌମ୍ୟରଞ୍ଜନ ପାଲ

ଲେଖି ହେଇଯାଏ   କେତେ କଥା ସେଠି
ଭବିଷ୍ୟ ତିଆରି ପାଇଁ,
ଛୋଟ ଶବଦରେ   ଅବା କେ ଧାଡ଼ିରେ
ଦିଅନ୍ତି ବାଟ ବତାଇ ।
ଅଙ୍କାହୁଏ ପୁଣି   ଚିତ୍ର ଚରିତକୁ
ଦେଇ ତା' ନାମ ଠିକଣା,
ପୁଣି ଛାପିଯାଏ   କାହାଣୀ ଅନେକ
ଭାବନା ବନେ ଝରଣା ।
ସୂଚନା ସମସ୍ତ   ଲେଖାହୁଏ ପୁଣି
ଉତ୍ତର ବି ମିଳିଯାଏ,
ଦିନ ଚାରିଟାରେ   ଡୋରି ବନ୍ଧାହୁଏ
କେତେ କଥା ବଳିଯାଏ ।
ତହିଁ ଆରଦିନ   ସକାଳ ଘଣ୍ଟିରେ
ଖଡ଼ି ସାଥେ ହୁଏ ସାଙ୍ଗ,
ଉପରଟା ସିନା   କଳା ତା'ର ହେଲେ
ଭିତରେ ତା' ସାତରଙ୍ଗ ।

ବଡ଼ଶୋଳ, ଝାରପୋଖରିଆ
ଜିଲ୍ଲା - ମୟୁରଭଞ୍ଜ, ୭୫୭୦୮୬, ଓଡ଼ିଶା
ଭ୍ରାମ୍ୟଭାଷ - ୯୯୩୭୮୮୯୩୩

 Magazine Downloaded from www.aahwaan.com

# କେମିତି...



ପ୍ରିୟବ୍ରତ କର

କେମିତି ଲେଖିବି   କବିତା ଆଜି ମୁଁ
ପାରୁନାହିଁ ଜମା ଜାଣି ,
ଚୋରା ଚାହାଣୀରେ   ଚାହୁଁଛ ଏମିତି
ହୃଦୟ ଦଉଛ ହାଣି  ।
କେମିତି କରିବି   ବର୍ଣ୍ଣନା ତୁମର
ତୁମେ ଅଟ ରାଜଜେମା ,
କେଜାଣି କେବେଠୁ   ଭଲ ମୁଁ ପାଇଛି
ମନେ ପଡୁନାହିଁ ଜମା  ।
କେମିତି ଦେଖିବି   ସପନ ତୁମର
ଚାହିଁ ବିତୁଅଛି ରାତି ,
ଆଉ କାହାସହ   ମିଳାମିଶା କଲେ
ସହିପାରୁନାହିଁ ଛାତି  ।

କେମିତି ଚାଲିବି   ପ୍ରେମ ପଥ ଏକା
ଭାବିଲେ ଲାଗଇ ଡର ,
ତୁମ ଆଗେ ପ୍ରିୟା   ଗୁହାରି କରୁଛି
କେବେ କରିବନି ପର  ।
କେମିତି ଚିନ୍ତିବି   ଅନ୍ୟ କାହା କଥା
ଆଉ କେହିନାହିଁ ମନେ ,
ଲାଗୁଛି ମୋତେ ମୋ   ଭଲପାଇବା ଟା
ମାରିଦବ ନିଶ୍ଚେ ଦିନେ  ।

ସୋରିଷକୋଠା, ପାଳଶିଆ, ଗଡ଼ଦେଉଳିଆ
ଜିଲ୍ଲା - ମୟୁରଭଞ୍ଜ, ଓଡ଼ିଶା
ପିନ - ୭୫୭୦୮୨

 Magazine Downloaded from www.aahwaan.com

# କାକର କାଖରେ ମକର



ସନ୍ତୋଷ ପଟ୍ଟନାୟକ

କାକର କାଖରେ ମକର ଆସିଛି
ହସି ଖେଳେ ଖିଲି ଖିଲି
ଦିନମଣୀ ତେଜ ଧିରେ ବଢିଯିବ
ଶୀତଟା ଯିବ ଦୋହଲି....

ବିବାହ ଓ ବ୍ରତ ଜଜ୍ଞ ଅନୁଷ୍ଠାନ
ଯେତେ ଅଛି ଶୁଭକର୍ମ
ଆରମ୍ଭିବା ପାଇଁ ଉତ୍କୃଷ୍ଟ ସମୟ
ମୃତ୍ୟୁରେ ବୈକୁଣ୍ଠ ଧାମ....

ସାଆନ୍ତାଣୀ କୃପା ଆଶିଷେ ସମ୍ପତ୍ତି
ଲଭିଛି କୃଷକ ଭାଇ
ଧାନ,ଆଖୁ କେତେ ଅମଳ ହେଇଛି
ଶ୍ରମ ତା ସାର୍ଥକ ହୋଇ....

ନୂଆଁ ଚାଉଳକୁ ଗୁଡ ଛେନା ଘିଅ
କ୍ଷୀର କଦଳୀ ନଡିଆ
ସର୍ବ ସମାହାରେ ପ୍ରସ୍ତୁତ ବ୍ୟଞ୍ଜନ
'ମକର ଚାଉଳ' ନାଆଁ

ସ୍ୱତନ୍ତ୍ର ବ୍ୟଞ୍ଜନେ ସ୍ନେହ ପରଶିବ
ସମର୍ପଣ ପୁଷ୍ପାଞ୍ଜଳୀ
ଗୃହଦେବତାଙ୍କୁ ଭୋଗ ଲାଗେଇବ
ବିଶ୍ୱାସ ମନା ଉତ୍କଳୀ....

ବେଗୁନିଆପଡା ବ୍ଲକ୍, ତିରିଡା/ ଗଞ୍ଜାମ

 Magazine Downloaded from www.aahwaan.com

# ଜୀବନ



ଭବାନୀ ଚରଣ ମିଶ୍ର

ତୁମେ ଅଳ୍ପ ସମୟର
ଶୁଭ ଲଗ୍ନ ସ୍ମୃତି..
ମୁଁ ମୋ ସଂଗେ ସବୁବେଳେ..
ଖାଁ.. ଖାଁ.. ତମାମ୍..
ଏ ଜୀବନ ॥
ତୁମେ ଭୁଲି ହେଉ ନଥିବା ସେ
ଝାପ୍ସା ଜହ୍ନ ରାତି..
ବାକି ସବୁ
ଜ୍ୱଳନ ଓ ଦହନ ॥
ତୁମେ ନିଝୁମ୍ ରାତିର...
ଅଦିନିଆ କରକାର
ଝଡ ସଂଗେ ପବନ ॥
ବାକି ସବୁ ଦହଗଞ୍ଜ....
ଗୁଳୁ ଗୁଳି..
ନିଆଁ ଝାଞ୍ଜି ମରଣ ॥
ତୁମେ ଆତ୍ମହରା ହିଲ୍ଲୋଳର
ମୁହୁର୍ତ୍ତେଟେ ମାତ୍ର...
ତା ପର ରାତି ସବୁ
ନିସ୍ତବ୍ଧର କ୍ରନ୍ଦନ ॥

ତୁମେ ବିତିଗଲା ବସନ୍ତର
ସ୍ମୃତି ଲେଖା ସ୍ୱନ୍ଦନ ॥
ଏବେ ଖାଲି ଚୈତ୍ର ଅଉ
ବୈଶାଖର କଣ୍ଟା ଶେଜ..
ଆଖି ତଳେ
ଭାଦ୍ର ଆଉ ଶ୍ରାବଣ ॥
ତୁମେ ନିଦ ହଜା ସୁମଧୁର ସପନ ॥
ମୁଁ ଯେ ଅହରହ..
ଜୁଇ ପାଇଁ ଜଗିଥିବା
ମୃତ୍ୟୁ ସଙ୍ଗେ ଲଢୁଥିବା
ଅସରନ୍ତି ଅନୁତପ୍ତ..
'ଜୀବନ'.... ! ! !

ମୋହନା, ଗଜପତି, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୮୧୮୭୭୮୯,

 Magazine Downloaded from www.aahwaan.com

# ଆସିବକି ତୁମେ ସତରେ କୁହ



ଡମ୍ବରୁଧର ବାଗ୍

ଆସନ୍ତା କି ଏକ ବରଷ ଏଠି
ଯାଆନ୍ତେ ନାହିଁ କେ ଦାଦନ ଖଟି ।
ମିଳନ୍ତା ସଭିଙ୍କୁ ଭାତ ଓ ରୁଟି
ଦୁଃଖ କଷ୍ଟ ସବୁ ଯାଆନ୍ତା ହଟି ।-୧

ଆସନ୍ତା କି ଏକ ନୂଆ ବରଷ
ଦିଅନ୍ତା ସଭିଙ୍କ ମନେ ହରଷ ।
ମିଥ୍ୟା ପ୍ରଲୋଭନ ହୁଅନ୍ତା ଶେଷ
ଅମୃତ ହୁଅନ୍ତା ସମସ୍ତ ବିଷ ।-୨

ଆସନ୍ତା କି ଏକ ବରଷ ନୂଆ
ବହୁଥାନ୍ତା ଖାଲି ମଳୟ ବାଆ ।
ଲିଭି ଯାଆନ୍ତା କି ଈର୍ଷା ର ନିଆଁ
ସରଗ ହୁଅନ୍ତା ସଭିଙ୍କ ଗାଆଁ ।-୩

ନୂଆ ବରଷ ଟା ଯଦି ଆସନ୍ତା
ସୁଖ ଶାନ୍ତି ପ୍ରେମ ବୋହି ଆଣନ୍ତା ।
ଲୋଭ ମୋହ ମାୟା ଫିଙ୍ଗି ଦିଅନ୍ତା
ସଭିଙ୍କ ମନରେ ଖୁସି ଦିଅନ୍ତା ।-୪

ଆସନ୍ତା କି ଏକ ବରଷ ସତେ
ଆଞ୍ଜୁଳାଏ ସୁଖ ଦିଅନ୍ତା ହାତେ ।
ଫୁଲ ଫୁଟୁଥାନ୍ତା ଜୀବନ ପଥେ
ମିଳିଥାନ୍ତା ଯାହା ଲୋକେ ଚାହାଁନ୍ତେ ।-୫

ଆସିବକି ତୁମେ ସତରେ କୁହ
ପୋଛିଦେଇ ଯିବ ନୟନୁ ଲୁହ ।
ଦୂର କରି ଦେବ ଛାତିର କୋହ
ସଂସାର ଟା ହେବ ମଧୁରମୟ ।-୬
ଆସିବକି ତୁମେ ସତରେ କୁହ ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

 Magazine Downloaded from www.aahwaan.com

# ଜୟ ଯୁବ ସଂଘ



ମହେଶ୍ୱର ସାହୁ

ଝରାଉ ଥିଲା ସେ, ଚକ୍ଷ୍ୟୁରୁ ଲୋତକ,
କାନ୍ଦୁଥିଲା କଇଁ କଇଁ ।
ହେ ମୋର ବନ୍ଧୁ , ମୋର ସହୋଦର,
ଆଉ ରାଜନୀତି ଭାଇ::
ଶୁଖିଛି ବଦନ, ଟାକୁଆ ଗାଲ କୁ,
ଦୃଶ୍ୟମାନ ହାଡ଼ ସର୍ବ ।
ମୁଖ ଦନ୍ତ ଦିଶେ, ଉଜ୍ଜ୍ୱଳିତ ମୋତି,
ନାହିଁ ତିଳେ ମନେ ଗର୍ବ ::
ନୁଖୁରା ମସ୍ତକ, କେଶ ଫୁରୁ ଫୁରୁ,
ନାହିଁ ପେଟରେ ଆହାର ।
ଅଇଁଠା ପତର, ଆଡେଇ ଆମ୍ପୁଡି,
ଦୁର୍ଗନ୍ଧକୁ ନାହିଁ ଖାତର ::

ରୁଗୁଣା ଶରୀର, ଚର୍ମ କୁଞ୍ଚ ଜୀର୍ଣ୍ଣ,
ବସ୍ତ୍ର ହୀନ ଶୁଷ୍କ ତନୁ ।
ଆଦରି ଭାଗ୍ୟକୁ, ଲଢ଼େ ସ୍ୱାନ ସଙ୍ଗେ,
ଗୁଣ୍ଡୁ ଗୁଣ୍ଡୁ କହେ ମନୁ::
ଆଗେଇ ଚାଲିଛି, ଆମ ଯେ ଭାରତ,
ବିକାଶ ହେଉଛି ଦେଶ ।
ସରକାର ଆମ, କରନ୍ତି ଯୋଜନା,
ଦୁଃଖିଙ୍କ ପାଉନି ହ୍ରାସ ::
ଯୋଜନା ଯାଉଛି, ଯୋଜନା ବାଟରେ,
ଗରିବ ପାଏନି କିଛି ।
ଭାଷଣ ଗର୍ଜନ, କମୁ ନାଁହି ଜମା,
ଧନୀର ବିକାଶ ଅଛି::

 Magazine Downloaded from www.aahwaan.com

ଭୋଜିର ବଳକା, ଅର୍ଣ୍ଣ ବ୍ୟଞ୍ଜନ କୁ,

ଫିଙ୍ଗନାହିଁ ବନ୍ଧୁ କଦା ।

ଅର୍ଣ୍ଣ ଦାନ କେନ୍ଦ୍ର, ଦାନ କରିଦେଲେ,

ମେଣ୍ଟିବ ଗରିବ କ୍ଷୁଦା ::

ସବୁ ଅଞ୍ଚଳରେ, ଯୁବ ପିଢି ଏବେ,

ହୋଇଲେଣି ଉଜାଗର ।

ଅର୍ଣ୍ଣ ଦାନ କେନ୍ଦ୍ର, ସ୍ୱେଛା ସେବୀ କେନ୍ଦ୍ର,

ଆୟୋଜନେ ତତପର ::

ଯୁବ ଶକ୍ତି ଯେବେ, ଜାଗ୍ରତ ହୋଇବ,

ତେବେ ବଦଳିବ ଦେଶ ।

ବିକଶିତ ହେବେ, ସମସ୍ତ ଜନତା,

ଜୟ ଜୟ ଜଗଦୀଶ ::

ଶୁଭ ସକାଳ ସମସ୍ତ ବନ୍ଧୁ ଓ ଗୁରୁଜନ

ମହେଶ୍ୱର ସାହୁ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର(ଭଦ୍ରକ)

 Magazine Downloaded from www.aahwaan.com

# ଛୋଟ ସେବାଟିଏ



ଅଙ୍କିତା ପାଢ଼ୀ

ହୃଦୟ ଅଟଇ ମହାନ,
ଧନ ଧାନ୍ୟ ଅଭାବ:
ମନବି ଅଟଇ ମହାନ,
କିଏ ସାହସ ଦେବ::
ମହତ ହେବାକୁ ସବୁରି,
ମନେ ଆସଇ ଚିନ୍ତା:
ବଢ଼ନ ପାରିଲେ ସକଳେ,
ଛୋଟ କରି ପାରନ୍ତା::
ଖୋଲି ପରିବାନି ଆଶ୍ରମ,
ନାହିଁ ଧନ ସମ୍ବଳ:
ଦେଇ ପାରିବାତ ଭୋଜନ,
ସ୍ୱାନ ବିହଙ୍ଗ କୂଳ::

ଘରେ ନଷ୍ଟହୁଏ ଦୈନିକ,
ଢେର ସାରା ଭୋଜନ:
ଫିଙ୍ଗି ଦେଇଥାନ୍ତି ଖାଦ୍ୟକୁ,
ଖତ ଗଦାରେ ଜନ::
ନଫିଙ୍ଗି ଖାଦ୍ୟକୁ ବନ୍ଧୁହେ,
ଦିଅ ସ୍ୱାନ ବିହଙ୍ଗେ:
ଖୋଇ ଥିଲେସିନା ପାଇବେ,
ଚିନ୍ତ ମାନବ ଢଙ୍ଗେ::
ମିଷ୍ଟାନ୍ନ ଭଣ୍ଡାରେ ବଳକା,
ଖାଦ୍ୟ ସାଧୁ ନଫିଙ୍ଗ:
ବାସିଖାଦ୍ୟ ସିନା ହଜମ,
କରି ପାରେ ବିହଙ୍ଗ::

 Magazine Downloaded from www.aahwaan.com

ଧନ ଅଛି ବୋଲି ଚଳୁଛ:
ରୋଜ ଗାଡି ମଟରେ:
ପଥରେ ପଥିକ ଦେଖିଲେ,
ନିୟ ନିଜ ସାଥିରେ::
ନିଃସହାୟ ଦେଖି କରହେ,
ବନ୍ଧୁ ସାହାଯ୍ୟ ଥରେ:
ରୋଗୀ ସେବା କରି ନିଜକୁ,
ଧନ୍ୟ କର ମଞ୍ଚରେ::
ଦୁଖୀ ରଙ୍କି ଦାନେ ସୁଯୋଗ,
ପାଇ ଆଡ଼ ନକର:
ଆଜି ସୁଖେ ଅଛ ବନ୍ଧୁହେ,
କାଲି ନୁଁହ କାହାର::

ରକ୍ତ ଦାନଠାରୁ ମହତ,
କର୍ମ ଜଗତେ ନାହିଁ:
ଛୋଟ ସେବାଟିଏ କରିଲେ,
ବଡ଼ ହେବରେ ତହିଁ::
ଉଚ୍ଚ ଆସନରେ ବସିଣ,
ଭାବ ସବୁ ସମାନ:
ଦେଖିଥିଲେ ସର୍ବେ ସମାନ,
ଥୁଆ ସଦା ଆସନ::
ହିଂଶା ଦ୍ୱେଷ ସଦା ମନରୁ,
ତ୍ୟାଗ କରିହେ ଚାଲ:
ତେବେ ସିନା କୃପା କରିବେ,
ପ୍ରଭୁ ରଖିବେ ଭଲ::

ଷଷ୍ଠ ଶ୍ରେଣୀ,
ଜେନିଥ୍ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ
ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ

 Magazine Downloaded from www.aahwaan.com

# ନବବର୍ଷ



ପ୍ରଦୀପ ବନ୍ଧ

ନବବର୍ଷର ଆଗମନକୁ
ସୁନ୍ଦର ସ୍ୱାଗତ କରୁଛି
ଆଉ ଏକ ମସିହାର ନୂଆ
ପୃଷ୍ଠାରେ ଇତିହାସ ରଚିବାକୁ
ସମୁଦ୍ରର ଢେଉ ଆସି ସିନ୍ଧୁତଟ
ଲୋତକରେ ଜର୍ଜରିତ
କରିନଦେଉ ବୋଲି,

ଚୋରାବାଲିରେ ପୋତି ହୋଇନଯାଉ
ଆଉ ଏକ ଶିଶୁର ଜଡ ଶରୀର
ନିରିହ ନିଷ୍ପାପ ବିନା ଦୋଷରେ
ଜୀଅନ୍ତା କବର ନ ପାଉ
ସଂସାରକୁ ଭଲକରି ଜାଣିବା
ଆଗରୁ ସମୟ ହାଟରେ
ଜିଣିବାକୁ ଦେଉ ଏ ମାନବ ସମାଜ,

ଏ ମାଳଗୁନ୍ଥା ଫୁଲ ହାରରେ
ଫୁଲଟିଏ ପରି ମହକି
ଆନନ୍ଦ ଉଲ୍ଲାସରେ ଉତ୍ସର୍ଗି ଯାଉ
ତାର ବର୍ତ୍ତମାନ ଆଉ ଭବିଷ୍ୟତ,

ଫୁଙ୍ଗୁଳା ଦେହଟା ତାର
ରଙ୍ଗମୟ ରୂପମୟ
ହେବା ପରିବର୍ତ୍ତେ
ସ୍ୱାର୍ଥ ବିଜଡିତ ଧର୍ମାନ୍ଧ କାମୁକ
ମାନଙ୍କ ଆଁ ରେ ବଳି
ପଡିନଯାଉ,

 Magazine Downloaded from www.aahwaan.com

କଳଙ୍କର ରାସ୍ତାରେ କ୍ଷତାକ୍ତ

ମଣିଷର ଦେହ

ତିକ୍ତତାର ବୀଜଗୁଣି ଦୃଷ୍ଟାନ୍ତର

ଫର୍ଦ୍ଦ ପରେ ଫର୍ଦ୍ଦ ଲେଉଟାଇ

ପାପର ଶେଷ ସୀମାରେ

ବିମୁଖ ହୋଇ ନିଜ ରକ୍ତରେ

ନିଜେ ହୋଲି ନ ଖେଳୁ,

ଶାନ୍ତି ପ୍ରେମ ଓ ସମୃଦ୍ଧି ର ଆଶା ନିମନ୍ତେ

ଆସ ଆମ୍ଭେ ଆଉ ଏକ

ସୁନ୍ଦରମୟ ନୂଆ ଇତିହାସର

ପୃଷ୍ଠାରେ ନିଜକୁ ଲଟକେଇ ଦେବା

ଆମ ଆଗାମୀ ପରିଭାଷାର

ପ୍ରେମକୁ

ଜୀବନ ପତ୍ରରେ ଲେଖିଦେବା

ଆଉ ଏକ ନୂଆ ସୂଚୀପତ୍ର

ପ୍ରତି ହୃଦୟରେ ଆଲୋକର

ଆଲୋଡନ ସଂଚାର କରି

ଆନନ୍ଦରେ ଗାଇବା

ମୃତ୍ୟୁ ହେଉ କେବଳ

ପଶୁତ୍ୱର,

ଭଦ୍ରକ,ବାସୁଦେବପୁର,

ସାନମଛୁଆଘାଇ,ରାଜଘରପୋଖରୀ

ମୋ–୮୦୭୨୨୭୮୩୨୨୦

 Magazine Downloaded from www.aahwaan.com

# ମନର ଗହନ କଥା



ଆଶୁତୋଷ ମେହେର

ବେହେଲା ରେ ଯେବେ ତାର ଛିଣ୍ଡି ଯାଏ

ସୁର ଟା ବେସୁରା ଲାଗେ

ଦରପଣ ଯେବେ ଭାଂଗି ଖଣ୍ଡ ହୁଏ

ଛବି ଫୁଟେ ପ୍ରତି ଭାଗେ ।।

ମନ ର ଭିତରେ ଛାଇ ଖେଳୁ ଥାଏ

ଦରପଣେ ଝଲ ମଲ

ମନ ଭାଂଗି ଗଲେ  କେମିତି କେଜାଣି

ଫୁଟିଉଠେ ଶତଦଳ

ଭଂଗା ମନ ଧରି ଜୀବନ ନଉକା

ବଢି ବଢି ଯାଏ  ଆଗେ ।। ୧ ।।

ମନର ଗହନେ ଯେଉଁ ଭାବ ନାଚେ

ତୋଳି ତୋଳି ସାତ ସୁର

କେବେ କେଉଁ ଠାବେ ହଜି ଯାଏ ଯଦି

ମିଳେନା ଠିକଣା  ତାର

ହେଲେ ଖୋଜି ବୁଲେ ଫୁଲ ବଗିଚା ରେ

ମଧୁର ମହକ ଲାଗେ ।। ୨ ।।

୫୪ ଆର୍ଯ୍ୟପଲ୍ଲୀ

କିଟ ଛକ, ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ : ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# ଝାଳ



ହିତେଶ୍ ମହାପାତ୍ର

କେବେ ବୋହେ ଦାଦନ ଶ୍ରମିକଙ୍କ ମଥାରୁ
କେବେ ରାତ୍ରିର ଘନ ଅନ୍ଧକାର ରୁ
କେବେ ବୋହେ ଜୀବନ ପ୍ରତି ଥିବା ଲୋଭରୁ
କେବେ ଆସେ ଅଜାଗାରୁ ।୧


ଯେଉଁଠୁ ଭି ବୋହୁନା କାହିଁ
ଛାଡି ଯାଏ କିଛି ଚିହ୍ନ
ଯାହା ମନେ ପଡେ ବାରବାର
ଯେବେ ସମୟ ନିଏ ତାର ଆବର୍ତ୍ତନ ।୨

ଛାଡି ଯାଏ ଲୁଣ ମିଶା ଗାମୁଛା
ଗୁମୁରା ଗନ୍ଧ ର ମସିଣା
କିଛି ରକ୍ତର ଚିହ୍ନ
କିଛି ନଖର ଦାଗମାନ ।୩

ଭରି ଦିଏ ସମ୍ପୂର୍ଣ୍ଣତା
ଆସିଯାଏ ସମର୍ପଣ
ଆଙ୍କିଦିଏ ଏକ ଗାର
ଯେଉଁଠି ଜନ୍ମ ଓ ମୃତ୍ୟୁ ସମାନ ।୪

 Magazine Downloaded from www.aahwaan.com

# ବର୍ଷା ଓ ବିରହ



ଅର୍ପିତା ରଣା

ଟିପ୍ ଟିପ୍ ଆସୁଥିଲେ ବର୍ଷା ସେଦିନ
ମୋ କୋଠରୀର ଝର୍କା ଦେଇ,
ରିମ୍ ଝିମ୍ ଶବ୍ଦରେ ବର୍ଷା ସେଦିନ
ନାଚୁଥିଲା ମନ ଭରି ।
ମୁଁ ବି ବସିଗଲି ଲେଖିବା ପାଇଁ ବର୍ଷା କୁ ନେଇ କବିତା,
ବହୁଥିଲା ଥଣ୍ଡା ପବନ, ପଡୁଥିଲା ବର୍ଷା ଛିଟା ।
ମୁଁ ଲେଖୁଥିଲି ନା ସେ ଲେଖଉଥିଲା ! - ୧

ବର୍ଷା କୁ ଲେଖୁ ଲେଖୁ ବିରହ ଆସିଲା,
ବିରହରେ ମନ ମୋର କବିତା ବୁଣିଲା ।
ବର୍ଷା ଓ ବିରହରେ ଛନ୍ଦରେ ରଚିହେଲା କବିତାଟେ,
ସେଥିରେ ବର୍ଷା କମ୍ ବିରହ ବେଶୀ ରହିଲା । - ୨

ମନର ଭାବକୁ ପରସ୍ତ ପରସ୍ତ ଖୋଲିଲା ପରେ
ଝରିଗଲା ସବୁ ବର୍ଷା,
ଖସିଗଲା ସବୁ ବିରହ,
ଲେଖା ସରିଲା ପରେ ଦେଖେତ;
ସିଏ କବିତା ନୁହଁ, ସିଏ ମୋ ପ୍ରିୟ,
ଯିଏ ମୋ ପାଇଁ ବର୍ଷା, ବିରହ, ପ୍ରଣୟ ।

 Magazine Downloaded from www.aahwaan.com

# ହେ ସମୟ



ଭଗବାନ ବେହେରା

ଅମୃତ ମୟ ଏ    ଜୀବନକୁ ମୋ'ର
ଦିଅନା ବିଷାକ୍ତ କରି
ହନ୍ତସନ୍ତ ହୋଇ    ମଉଳା ମନଟି
ଅକାରଣେ ଯିବ ମରି
କଥା ଥରେ ମାନି ଯାଅ.....
ସବୁଆଡୁ ଭାବି    ହୃଦୟରୁ ଆଜି
ଉକୁଟି ଆସୁଛି କୋହ
ହେ ସମୟ..... ।1 ।

ଜୀଇଁଛି ଏଯାଏ    ଯେମିତିକି ଏକ
ମରୁଭୂମି ଗୁଳ୍ମ ପରି
ଆଶା ବାନ୍ଧିଅଛି    ଆଉଥରେ ପୁଣି
ସୁଖ ଆସିଯିବ ଫେରି
ମନେ ଥରେ ଭାବିନିଅ.....

ହୃଦୟର ଏଇ    ଶୁଖିଲା ନଈ ରେ
ଭାବୁଛି ଆସିବ ସୁଅ
ହେ ସମୟ..... ।2 ।

ବିତି ଯାଇଥିବା    ହଜିଲା ସ୍ମୃତିକୁ
ଏବେବି ହେଉଛି ଝୁରି
ଜଟିଳ ପ୍ରଶ୍ନର    ଉତ୍ତର ନପାଇ
ଦିବା ରାତ୍ର ଯାଏ ସରି
କି କରିବି ତୁମେ କୁହ.......
ଶେଷ ଇଚ୍ଛା ଯଦି    ପୂର୍ଣ୍ଣ ନ କରିବ
ତେବେ ତୁମ ସାଥେ ନିଅ
ହେ ସମୟ..... ।3 ।

ବାରକୋଟ, ଦେବଗଡ଼, ଓଡିଶା
ମୋ:-୭୯୮୧୧୭୩୮୮୪

 Magazine Downloaded from www.aahwaan.com

# ତଥାପି



ଜୟଶ୍ରୀ ମହାରଣା

ପ୍ରାପ୍ତି ଅପ୍ରାପ୍ତିର ମୋହଠାରୁ
ତୁମେ ତ ଉର୍ଦ୍ଧ୍ୱରେ
ତଥାପି କାହିଁକି ଏଇ ମନ
ତୁମକୁ ହିଁ ଝୁରେ ।

ନଭ ସହ ସୁବିସ୍ତୀର୍ଣ୍ଣ ମହୀ
ମିଶି ତ ପାରେନି
ତଥାପି ମିଶିବା ପରି
ଲାଗଇ କାହାଣୀ ।

କଇଁ କେବେ ଶୁଭ୍ର ଚନ୍ଦ୍ରମାଙ୍କୁ
ଛୁଇଁ ପାରେ ନାହିଁ
ତଥାପି ହୃଦ ତଳେ ପ୍ରେମ
ଜାଗେ ତାହା ପାଇଁ ।

ଆଶା ନିରାଶର ବନ୍ଧ
ମନ କରେ ଚୂର୍ଣ୍ଣ
ତଥାପି ତୁମକୁ ହିଁ
ଝୁରେ ରାତିଦିନ ।

ଅଧିକାର ତୁମଠାରେ
ନାହିଁ ମୋର ଜାଣେ
ତଥାପି ତ ଲୁହଟୋପା
ଝରେ ଅଭିମାନେ ।

ବାଣପୁର, ଖୋର୍ଦ୍ଧା

 Magazine Downloaded from www.aahwaan.com

# ଫୁଲ୍ ଗଡ଼ବଡ଼



କେ. ନିର୍ମଳ

କେରାଣ୍ଡି ମାଛର ବହପ ଦେଖ ଲୋ
ଫଡ ଫଡ ହୁଏ ଖାଲି ,
ଶେଉଳ ମାଛଟି ଅତି ବୁଦ୍ଧିଆ ଲୋ
ପଙ୍କେ ପଶି ବୁଜେ ଗାଲି ।

ବଗ ଭାଇ ମୋର ଅଧିକ ଚତୁର
ପାଣି ପାଖେ ଜଗି ବସେ,
ମାଛ ଖାଇବାକୁ ଲାଳ ଗଡେ ହେଲେ
ପ୍ରବଚନ ଖାଲି ଭାଷେ ।

ଦିନକର କଥା ବଗ ଭାଇନା ଟି
କେରାଣ୍ଡି କୁ ମିତ୍ର କଲା,
ଧର୍ମ ବାଣୀ କହି ଥଣ୍ଟରେ ହଲେଇ
ନିତି ତାକୁ ଗେଲ କଲା ।

ଆଇଁଷା ପ୍ରକୃତି ଯାହାର ଅଛି ଲୋ
ସେ ଆଉ ବୈଷ୍ଣବ କେବେ ?
ଵଂଶ ବୁଡ଼େଇବା ଲକ୍ଷ ଟି ଯାହାର
ଆଗ ପଛ କେବେ ଭାବେ ?

ଚିକ୍କଣ ଚାକ୍କଣ କଥାରେ ଦୁହିଁଙ୍କ
ବନ୍ଧୁତ୍ୱ ବଢ଼ିଲା ଧୀରେ ।
ସେ କାହୁଁ ବୁଝିଛି ଦୁର୍ଜନ ପ୍ରୀତି ରେ
ବଉଁଶ ତା ନାଶ କରେ ।

ସବୁଦିନେ ବଗ ଲୁଚେଇ ଛପେଇ
ଚାଟି ଗଲା ଗୋଟେ ଗୋଟେ ।
ଜାଣି ପାରିଲାନି କେରାଣ୍ଡି ଭାକୁଡ଼ା
ମଇତ୍ରୀ ବସିଲା ତା ଠେ ।

 Magazine Downloaded from www.aahwaan.com

ସବଂଶ ମରିଲେ ଏକା କରିଗଲେ

କେରାଣ୍ଟି ଜାଣିଲା ସବୁ ।

ଏବେ ଜାଣି ସତେ ଲାଭ କିସ ଆଉ

ଲୁହ ଝରେ ଭାବୁ ଭାବୁ ।

ପ୍ରିୟ ବନ୍ଧୁଗଣ କେରାଣ୍ଟି ବଗର

ବନ୍ଧୁତ୍ୱ ହୋଇଲା ଶେଷ ।

ଅଜ୍ଞାତେ ବିଶ୍ୱାସ ଅବିବେକିଟିର

ବଉଁଶ କରଇ ନାଶ ।

ଭଦ୍ରକ, ବାସୁଦେବପୁର (ଜଗନ୍ନାଥି)

ମୋବାଇଲ:-୯୫୭୬୧୧୩୬୦୭

ଇମେଲ୍ : nirmaln270@gmail.com

 Magazine Downloaded from www.aahwaan.com

# ଲୋକଟା ଭଲ ନୁହେଁ



ନୂତନ କୁମାର ବେହେରା

ମଣିଷ ଜୀବନ  ଅଢେଇ ଦିନ
ଆଜି ମଲେ କାଲିକୁ ଦୁଇ ଦିନ,
ଯାହା ପାଖରେ ନାହିଁ ଏଇ ଜ୍ଞାନ
କରି ଚାଲେ ନିତି ସେ ମୁଢ ପଣ ।

ଶିକ୍ଷା ଦିକ୍ଷା ପାଇ ଅବୁଝା ମନ
ସଦା ଖୋଜଇ କାମିନୀ କାଞ୍ଚନ,
ଅହଂକାରେ କରି ସେ ଅଭିମାନ
କରୁଥାଏ ତ ସ୍ୱାର୍ଥର ସାଧନ ।

ସମାଜେ ସମାନ ନ ରଖି ଦୃଷ୍ଟି
ନିତି ନାନା ସମସ୍ୟା କରେ ସୃଷ୍ଟି ,
ନ କରି ସ୍ନେହ ମମତାର ବୃଷ୍ଟି
ହୁଏ ତା’ ମାନସିକ ଅପପୁଷ୍ଟି  ।

ହିଂସା ଦ୍ୱେଷ ଘୃଣା ମନର ପାପ
ଜୀବନେ ଆଣିଦିଏ ଅଭିଶାପ,
ପାଇ ଜୀବନ  ଯନ୍ତ୍ରଣା  ଅମାପ
କରେ ନା ସେ କିଛି ବି ଅନୁତାପ  ।

ବିଷୟ୍ବାର ବିଷ ଘାରେ ଶରୀର
ବିଗିଡିଯାଏ  ତା'  ବୁଦ୍ଧି  ବିଚାର,  ଗୁଣ
ଚରିତ୍ର  ହୁଏ  ଅନାଦର
ହୋଇ ପାରେନା ସେ କା’ଆପଣାର  ।

 Magazine Downloaded from www.aahwaan.com

କାହା ଦୁଃଖେ ସୁଖେ ହୁଏନା ସାଥି
ଦେଖାଇ ହୁଏ ଖ୍ୟାତି ପ୍ରତିପତ୍ତି,
ନିମିତ୍ତ ମାତ୍ରର ହୋଇ ଅତିଥି
ବୁଝେନା ଜୀବନର ପରିସ୍ଥିତି ।

ଏତେ ସବୁ ଆଚାର ବ୍ୟବହାର
ଦେଖିକରେ ଯିଏ ତାର ନଜର,
ହୃଦୟରୁ ତାକୁ କରି ଅନ୍ତର
ଛିନ୍ନ କରେ ନିଜେ ସମ୍ପର୍କ ଡୋର ।

ତା ପ୍ରସଙ୍ଗରେ ପଚାରିଲେ କେହି
ଲୋକଟା ଭଲ ନୁହେଁ କହି କହି,
ମତାମତ ଦିଏ ସେ ଯାଇତାହି
ତା'ର ଅନୀତି ପାରେନା ସେ ସହି ।

କୋହି, ଗଡିଆ, ମୟୂରଭଞ୍ଜ
ଦୂରଭାଷା-:୯୯୩୮୫୫୭୮୬୧

 Magazine Downloaded from www.aahwaan.com

# ସାଧାରଣତନ୍ତ୍ର ଦିବସରେ



ଅରୂପ କୁମାର ବିଶ୍ୱାଳ

ସାଧାରଣତନ୍ତ୍ର ଦିବସରେ ଆସ ।
ଆଜିହିଁ ନେବା ଶପଥ ।
ଭାରତ ମାଆର ସେବା କରିବାକୁ
ନିଜେ ବଢାଇବା ହାତ ।
କର୍ତ୍ତବ୍ୟରେ କେବେ ହେଳା କରିବାନି
ଦେଶକୁ ଭଲପାଇବା ।
ନିଜ ଅଧିକାରେ ସଚେତନ ହୋଇ
ଆଗକୁ ଆଗେଇ ଯିବା ।
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଆମେ
ଅଟୁ ପରା ଭାରତୀୟ ।
ନିଜ ସ୍ୱାର୍ଥ ଭୁଲି ଦେଶ ହିତେ ସଦା
ଦେବା ଆମ ପରିଚୟ ।
ଅନେକ ସମସ୍ୟା ରହିଛି ଆମର
ଆଗକୁ ଆମେ ଚାଲିବା ।
ସମାଧାନ ପାଇଁ ଚେଷ୍ଟିତ ହୋଇ
ଏସବୁକୁ ସୁଧାରିବା ।
ଅତି ମୂଲ୍ୟବାନ ସ୍ୱାଧୀନତା ଆମ
ଦେଲେ ଯିଏ ଆମ ହାତେ ।

ଗୁଳିମାଡ ଖାଇ ଶୁଳୀ ଚଢିଯାଇ
ସ୍ୱାଧିନ ଭାରତ ପଥେ ।
ବାପୁଜୀ ନେତାଜୀ ଉତ୍କଳମଣୀ
କିଥିଲା ସ୍ୱପ୍ନ ତାଙ୍କର ।
ଆମେତ ତାଙ୍କର ଉତ୍ତର ପୁରୁଷ
ଜନତା ଏ ଭାରତର ।
ନିଜ ନିଜ ମଧ୍ୟ ଭୁଲି ଭେଦଭାବ
ଦେଶକୁ ଭଲ ପାଇବା ।
ଦେଶର ବିକାଶ ଆମର ବିକାଶ
ଏଇ ମନ୍ତ୍ର ଗାଇଯିବା ।
ସମ୍ବଳ ରହିଛି ସାମର୍ଥ୍ୟ ରହିଛି
ସ୍ୱର୍ଣ୍ଣପ୍ରସୂ ଏଇମାଟି ।
ବିକାଶର ପଥେ ଚାଲୁଥିବା ଆସ
ବାଧା ବନ୍ଧନକୁ କାଟି ।

ସହକାରୀ ଶିକ୍ଷକ
ଏନ.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦ୍ୱୀପ, ମୋ-୯୦୪୦୮୭୦୧୦୦

 Magazine Downloaded from www.aahwaan.com

# ସ୍ମୃତିର ଆଇନାରେ



କସ୍ତୁରି ଚରଣ ରାଉତ

ହଠାତ୍ ଜୀବନ୍ତ ହୋଇ ଉଭା ହୁଏ
କଥା କୁହା ତୁମ ଆଖି
ଭ୍ରୂଲତା ନଚାଇ କଥା କୁହ ତୁମେ
ଆଖି ରହି ଯାଏ ଲାଖି ।

ଓଠରୁ ତୁମର ପଡୁଥାଏ ଝଡି
ସରାଗର ମଲ୍ଲୀ ଫୁଲ
ସୁକେଶୀନୀ ତୁମ ମୁକୁଳା କବରୀ
ଲାଗେ ମୋତେ ଭାରି ଭଲ ।

ଲମ୍ପଟ ସମୟ ଲମ୍ବି ଲମ୍ବି ଯାଏ
ତୁମକୁ ଅନେକ ଖୋଜି
ହୃଦୟ ପରଦା ଫାଙ୍କରୁ ଦେଖୁଛି
ହଜିଲା ଅତୀତ ଆଜି ।

ତନ୍ଦ୍ରା ମଗନ ବେନି ଆଖି ମୋର
ଅଳସେ ପଡିଛି ନଇଁ
ଅତୀତ ପ୍ରେମର ସବୁ ସ୍ମୃତି ରାଜି
ନିରବେ ଯାଇଛି ଶୋଇ ।

ସହକାରୀ ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ଭ୍ରାମ୍ୟଭାଷ : ୯୯୩୭୯୮୨୮୪୬

 Magazine Downloaded from www.aahwaan.com

# ନୂତନ ଭାରତର ସୂର୍ଯ୍ୟୋଦୟ



ମନୋରମା ହାତୀ

କେତେଦିନ ଖୋଜୁଥିବା
ଭାରତର ସେଇ
ଅମର ଆତ୍ମା ଗାନ୍ଧୀଙ୍କୁ
କେତେଦିନ ଅପେକ୍ଷା କରିଥିବା
ପୁଣି ଏକ
ନୂତନ ଗାନ୍ଧୀ ଙ୍କ ର ଜନ୍ମକୁ

କେତେଦିନ ସହି ଚାଲିଥିବା
ନିରବରେ ନିରବରେ
ଯେତେ ଅନ୍ୟାୟ ଅତ୍ୟାଚାର
ଧର୍ଷଣ ଲୁଣ୍ଠନ
କେତେଦିନ ସକାଳର
ଚା କପ୍ ହାତରେ ଧରି
ଖବରକାଗଜର ପୃଷ୍ଠା

ଓଲଟାଉ ଓଲଟାଉ
ଚର୍ଚ୍ଚା କରୁଥିବା
ଦୁର୍ନୀତିରେ ଭରା ରାଜନୀତି ର

କେତେ ଦିନ ଲାଞ୍ଚ ନେଇ
ଭୋଟ ଦେଉଥିବା
ଆମର ଭବିଷ୍ୟତ ନିର୍ମାଣକାରୀଙ୍କୁ

କେତେଦିନ ବ୍ୟାଖ୍ୟା କରୁଥିବା,
ପ୍ରଦର୍ଶିତ କରୁଥିବା
ନିଜର ଅସହାୟ ପଣକୁ
ଟେଲିଭିଜନ ର ଖୋଲା ପରଦାରେ
ସର୍ବ ଜନ ସମ୍ମୁଖରେ

 Magazine Downloaded from www.aahwaan.com

କେତେଦିନ ରାଜନେତା ମାନଙ୍କର
କୁଟନୀତି ଭରା
ଆଇନର ବୁଢୀଆଣୀ
ଜାଲରେ ଛନ୍ଦି ହେଇ
ଦୋଷ ଦେଉଥିବା ସରକାରକୁ

କେତେଦିନ ନିଜର
ପ୍ରାଣପ୍ରିୟ ମହାନ୍ ପବିତ୍ର ଭାରତ ଭୂମିକୁ
ଠେଲି ଦେଉଥିବା
ମୁଖାପିନ୍ଧା ଅତ୍ୟାଚାରୀ
ଫିରିଙ୍ଗି ମାନଙ୍କୁ

କେତେଦିନ ଏମାନଙ୍କୁ
ପୋଷଣ କରି ଚାଲିଥିବା
ଦାନା ପାଣି ଦେଇ
ଆମ ଅଜାଣତରେ
ଆମ ଗହଣରେ

ଗାନ୍ଧିଜୀ ନ ଥିଲେ କଣ ହେଲା
ତାଙ୍କ ଆଦର୍ଶ ତ ଅଛି
ତାଙ୍କ ଆଦର୍ଶ କଣ ଯଥେଷ୍ଟ ନୁହେଁ
ରାମରାଜ୍ୟଟେ ଗଢିଦେବା ଲାଗି

ଏବେ ସମୟ ଆସିଛି
ସୁପ୍ତରୁ ଜାଗ୍ରତ ହେବାର
ସାଧାରଣ ଜନତାରୁ
ବିପ୍ଳବୀ ସାଜିବାର

ନୂତନ ଭାରତର
ସୂର୍ଯ୍ୟୋଦୟ ଲାଗି
ମହୋତ୍ସବ ଆୟୋଜନ କରିବାର

ସି. ଆର୍. ଆର୍. ଆଇ. କହ୍ନେଇପୁର, କଟକ

 Magazine Downloaded from www.aahwaan.com

# ପରିବର୍ତ୍ତନଶୀଳ ଏ ସଭ୍ୟତା



ଶୁଭସ୍ମିତା ବେହେରା

ଜୀବନର ଅଶାନ୍ତ ଝଡ଼ ପରେ,
ଆଜି ସବୁ ଶାନ୍ତ ଶୀତଳ ।
ଆଜି ସବୁ ନିରବ ନିଷ୍ଚଳ
ଆଉ, ପଥପ୍ରାନ୍ତ ପଥିକ ।
ସବୁଠି କେବଳ ନିସଙ୍ଗ ଆଉ ବିଷର୍ଣ୍ଣତା
ଶୁଭୁଛି ସବୁଠି ହାହାକାର
ଶବ୍ଦର ହୁଙ୍କାର ...
ମଣିଷ ଆଜି ଖାଉଛି ପିଉଛି
କିନ୍ତୁ ବଞ୍ଚିବାର ରାହା ପାଉ ନାହିଁ ।
ସବୁଠି ହଜିଚି, ସବୁଠି ମିଶିଛି
ପ୍ରତିଦାନେ ପାଇଛି ମୁଠା ମୁଠା
ମରୁଭୂମିର ରୁକ୍ଷ ସ୍ୱର୍ଶ ।
ନାହିଁ ଆଜି ମିଠା କଥା
ଆଉ ଆପଣାର ଭାବ,
ନାହିଁ ଆଜି ସାଙ୍ଗସାଥୀ
ବାଲିଘର ଖେଳ ।

ନାହିଁ ଆଜି ମୁଁ 'ବର'
ତୁ ମୋ କନିଆ,
ନାହିଁ ଆଉ ବୋହୂଚୋରି ଖେଳ ।
ସହରୀ ସଭ୍ୟତା ଭିତରେ ମଣିଷ
ନିଜକୁ ହଜାଇ ଦେଇ,
ଚାରିଆଡେ ନିଜ ସତ୍ତାକୁ
ନିଜେ ଖୋଜି ବୁଲୁଚି ।
ନିଜ ପାଖେ ନିଜ ଶାନ୍ତି ଅଛି,
ମୃଗନାଭି ପ୍ରାପ୍ତ ପାଇଁ ପାଗଳ ହେଇ
ନିରବରେ କୁହୁଳି ଉଠୁଛି ।
ଅଶାନ୍ତ ଚିତ୍ତର କାରଣ ସେ ନିଜେ,
ସଂସ୍କୃତି, ସଭ୍ୟତା ସବୁ ସେ ଭୁଲିଛି ।
ହଜେଇ ଦେଇଛି ବୋଲି ପ୍ରଚାର କରୁଛି ।

ଉଦୟନାଥ ସ୍ୱୟଂଶାସିତ ମହା ବିଦ୍ୟାଳୟ,
ଅଡଶପୁର
ଜେନାପୁର(ଯାଜପୁର)

 Magazine Downloaded from www.aahwaan.com

# ଅମର ପ୍ରେମ



ସିଦ୍ଧେଶ୍ୱର ତ୍ରିପାଠୀ

ବାର ବାର ଏଇ ଜୀବନ ବାଟରେ
ବାଣ୍ଟି ହୁଏ ସିନା ଦେହ
ହେଲେ ଏ ମନର ଗୋଟିଏ ଠିକଣା
ତୁମେ ତାର ପରିଚୟ ।

ଯଉବନ ଗନ୍ଧ ଉକୁଟି ଆସିଲେ
କାମନା ପବନ ବହେ
ତାଲୁଠୁ ତଳିପା ଉଷ୍ମତାରେ ଭରେ
ଅନ୍ଧାରକୁ ଆଖି ଚାହେଁ ।

ମନ ଆଇନାରେ ସାରା ଜୀବନକୁ
ନାଚୁଥାଏ ଗୋଟେ ମୁହଁ
ବାରବାର ଏଇ ଜୀବନ ବାଟରେ
ବାଣ୍ଟି ହୁଏ ସିନା ଦେହ - - - -

ପ୍ରେମତ ଅମର ଥିବ ଚିର ଦିନ
ଲହୁ ଲୁହ ସରିପାରେ
ଫୁଲେଇ ପ୍ରେମୀକା ବଞ୍ଚିବି ମୁଁ ଏକା
ତୁମକୁ ରଖି ମନରେ ।

ତୁମକୁ ଅନେଇ ଜୀବନ ଗଲେବି
ଲାଗିବନି ଟିକେ ଭୟ
ବାରବାର ଏଇ ଜୀବନ ବାଟରେ
ବାଣ୍ଟି ହୁଏ ସିନା ଦେହ - - - - - -

କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୮୦୧୮୬୪୬୭୦୪

 Magazine Downloaded from www.aahwaan.com

# ଅନ୍ତରୀକ୍ଷର କାହାଣୀ



ଲକ୍ଷ୍ମୀନାରାୟଣ
ପଟ୍ଟନାୟକ

ଅନ୍ତରୀକ୍ଷରୁ ଶୁଭୁଥିଲା
କଳ୍ପନାଙ୍କ କରୁଣ ଚିତ୍କାର,
ଶୋକାକୁଳ ହୋଇ ଉଠୁଥିଲା
ନାସାର କେନେଡି ପରିସର...
ସ୍ତବ୍ଧ ହୋଇ ଯାଇଥିଲା
ସମଗ୍ର ପୃଥିବୀ,
ମଉଳି ବି ଯାଇଥିଲା
ସକାଳ ସୂର୍ଯ୍ୟର ରକ୍ତିମ ଆଭା
ପୁଣି ବାହୁନି କାନ୍ଦୁଥିଲେ
ସକଳ ତରୁ ତୃଣ...
ଇତଃସ୍ତତଃ ହୋଇ ଘୂରି ବୁଲୁଥିଲା
ଡଲାସର ଅଭିଶପ୍ତ ଆକାଶରେ
ପକ୍ଷାଘାତ ରୋଗରେ ପୀଡିତ
କଳମ୍ବିଆର କ୍ଷତାକ୍ତ ଶରୀର... ୧
ସାଙ୍ଗରେ ଧରି ଆସୁଥିଲେ
ମୋ ପିଲାଦିନର ଇପ୍ସିତ ଜହ୍ନମାମୁଁକୁ,
କେତେ କଣ ବି ପୁଣି
ନେଇ ଆସୁଥିଲେ ଦୂର ଜହ୍ନ ରାଇଜରୁ
ମୋ ହାତେ ସମର୍ପିବାକୁ... ୨

ହେଲେ,
ଅବତରଣର କିଛି ମୂହୁର୍ତ୍ତ ପୂର୍ବରୁ
ଅବଶ ହୋଇ ଯାଉଥିଲେ
କଲମ୍ବିଆର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗ,
ଚିର ବନ୍ଦୀ ପାଲଟିଗଲେ
ଅନ୍ତରୀକ୍ଷର ଆତତାୟୀ କବଳରେ
ମହିୟସୀ ଭାରତୀୟା,
ଅବା ସ୍ୱଦେହରେ
କରୁଥିଲେ ସ୍ୱର୍ଗଯାତ୍ରା
ସାଜି ଚିର ପୂଜ୍ୟା ବନ୍ଦନୀୟା....

ମଙ୍ଗଳାଯୋଡି, ଖୋରଧା
ଭ୍ରାମ୍ୟଭାଷ : ୯୮୬୧୬୧୬୧୨୬

 Magazine Downloaded from www.aahwaan.com

# କାଲେ ତମେ ଆସିଯିବ ବୋଲି



ରଜୀତ ଦାସ

ଆଜି ବି ମୁଁ ଅପେକ୍ଷାରେ ଥିଲି
କାଲେ ତମେ ଆସିଯିବ ବୋଲି
ଘନ ରାତି ମାଡି ଆସୁଥିଲା
ମୋ ଘରର ଚଉ କାଠ ପେଲି ।
ମେଞ୍ଚାଏ ତାରାର ଆଲୋକ
ପଡିଥିଲା ଅଗଣାରେ ମୋର
ତଥାପି ଆସିଲନି ତମେ
ଅଗଣା ଥିଲା ଖାଲି ଖାଲି ।
ଜହ୍ନକୁ ଢାଙ୍କିଛି କୁହୁଡି
କ୍ଷଣିକ ଉନ୍ମାଦନା ନେଇ
କୁହୁଡି ହଟିଗଲା ବୋଧେ
ଅନ୍ଧାର ଆକାଶକୁ ଠେଲି ।
ରାତି ବି ସରି ଯାଉଥିଲା
ସକାଳ ସୁରୁଜକୁ ଦେଖି
ଦରଜା ତଥାପି ଖୋଲିଛି
କାଲେ ତମେ ଆସିଯିବ ବୋଲି ।

ସିଙ୍ଗିଟାଳି, କୁଜଙ୍ଗ, ପାରାଦ୍ୱୀପ
ଭ୍ରାମ୍ୟଭାଷ : ୮୨୪୯୩୦୯୪୬୦

 Magazine Downloaded from www.aahwaan.com

# ଦୁନିଆ



ଜ୍ୟୋତିରଞ୍ଜନ
ମହାରଣା

ଦୁନିଆ ଟା ଆଜି ଝାଉଁଳି ଗଲାଣି
ପର ମୁଣ୍ଡେ ଅଠା ବୋଳୁଛି
ଗରିବ କୁ ନେଇ ରାଜନୀତି ଏଠି
ଆଛା ଦିନ କହି ବୁଲୁଚି ।

ପାଞ୍ଚ ଟଙ୍କିଆ ଆହାର ପାଇଁକୀ
ଭିଡ ଟା ପ୍ରବଳ ହେଉଛି
ଖାଇବା ଲୋକ ଟା ଖାଇ ପାରୁନାହିଁ
ଧଳା Audi ଟା ବି ଲାଗିଛି ।

ଛତିଶଗଡ ଜେ ପାଣି ଛାଡୁ ନାହିଁ
ମହାନଦୀ ଆଜି ଶୁଖିଲା
ଅଳପ କେଇଟା ବରଷା ପାଣିରେ
ସ୍ମାର୍ଟ ସିଟି ଟା ଧୋଇଲା ।

ନେତା ବାବୁ ହେ ଏତିକି ବିନତି
କୃଷକ କଥା କୁ ବୁଝିବ
କୃଷି ଋଣ ପୁଣି ସୁଜି ନପାରି
ସିଏେ ବିଷ ପିଇ କଣ ମରିବ.

ନୟାପଲ୍ଲୀ ଠାରେ ଗବେଷଣା କର
ଚାଷ ତ ବଢିଆ ହୋଇବ
ସବ୍‌ସିଡି ପଇସା ଦଳରେ ନ ଲଗେଇ
ଡ଼ଙ୍ଗା ଦୁଇ ଗୋଟି କିଣିବ ।

ସିଠାଲୋ, ନିଆଳି, କଟକ
୭୫୪୨୯୪, ଭ୍ରାମ୍ୟଭାଷ : ୯୯୩୮୮୫୭୪୪୮

 Magazine Downloaded from www.aahwaan.com

# ବାଦୁଆ ଶୀତ



ଶ୍ରୀମତି ଅହଲ୍ୟା ଖଟୁଆ

ବାଦୁଆ ଶୀତଟା ଏତେ ଅବିବେକୀ ଯେ,

ଜଡରେ ତାର ଜାବୁଡି ଧରେ,

ମନକୁ, ହୃଦୟକୁ, ଶରୀରକୁ,

ଠିକ ମୋ ପ୍ରେମିକ ପରି ॥

ପ୍ରେମରେ ତାର ମଜେଇ ଦିଏ,

ହଜେଇ ଦେବାକୁ ବାଧ୍ୟ କରେ ଲାଜକୁ,

ସରମକୁ, ପରିସ୍ଥିତିକୁ,

ସାମାଜିକ ପ୍ରତିବଦ୍ଧତାକୁ

ଠିକ ମୋ ପରି କାମୁକ ପ୍ରେମିକା ମାନଙ୍କୁ ॥

ବନ୍ଧ୍ୟା ମାଟିକୁ ବି ଋତୁଶ୍ରବା କରିବାକୁ ବାଧ୍ୟ କରେ ,

ତା ଭିଜା ଭିଜା କାକର ବିନ୍ଦୁରେ,

ଉତ୍ତରା ପବନରେ, କୁହୁଡି ମିଶା ସକାଳର,

ସ୍ନିଗ୍ଧ ବାଳସୂର୍ଯ୍ୟର ହଲକା ଉତ୍ତାପରେ ॥

ମୁଁ କିନ୍ତୁ ଭଲ ପାଏ, ଏ ଶୀତ ରାତିକୁ କାରଣ,

ଯେତେ ଦୂରେ ଥିଲେ ବି,

ମୋ ପ୍ରେମିକ ଫେରି ଆସେ,

ମୋ ଭଙ୍ଗା କୁଡିଆକୁ,

ସାରା ରାତି କୁଣ୍ଢାଇ ଧରିବାକୁ,

ମୋ ଶାରୀରକୁ, ତା ଖିଆଲିଆ ଉଷୁମ ଛାତିରେ ॥

ଶିକ୍ଷୟତ୍ରୀ,

ମଠସାହି ନୋଡାଲ ୟୁ.ପି.ସ୍କୁଲ, ଭଦ୍ରକ ।

Magazine Downloaded from www.aahwaan.com

# ମନେ ପଡ଼େ



ଜ୍ଞାନରଞ୍ଜନ ମହାରଣା

ତୁମ କଥା ମନେ ପଡେ
ସକାଳର ପହିଲି କିରଣେ
ତୁମ କଥା ମନେ ପଡେ
କୋଇଲିର କୁହୁ କୁହୁ  ଗାନେ
ଖେଳିଗଲେ ରଜନୀଗନ୍ଧା ର ଚହଟ
ଆପେ ଆପେ ଚାଲିଆସେ ତୁମ କଥା ମନେ
ଝୁମିବାକୁ ଇଛା ହୁଏ ତୁମର ସେ ଆପଣା ପଣରେ
ଜାଗି ଉଠେ ଶିହରଣ ପ୍ରତି ମୁହୂର୍ତ୍ତରେ
ପ୍ରତିଟି ଶିହରଣ କୁ ଜାବୁଡ଼ି ଧରିବାର ଆସକ୍ତିରେ
କ୍ଷକ୍ତାକ୍ତ ହୁଏ ହୃଦୟ
ତିଆରି ହୁଏ ଅସରନ୍ତି କୋହ
ଆଙ୍କି ହୁଏ ଅଲିଭା ଗାର
ସପନର ଗାଲିଚାରେ
ମନେ ପଡେ,
ତୁମ ସହ ବାଣ୍ଟିଥିବା ପ୍ରତିଟି କ୍ଷଣ
ଗପିଯାଇଥିବା ଅସରନ୍ତି କଥାର ଭଣ୍ଡାର  ।
ଆଜି ବି ବେଶ୍  ଶୀତଳ ଓ ସତେଜ ତୁମର ସ୍ମୃତି
ଠିକ୍ ଚନ୍ଦ୍ରମାର କିରଣ
ଆଉ ସକାଳର ଅମଳିନ ଫୁଲ ପରି ।

ଭ୍ରାମ୍ୟଭାଷ : ୯୦୪୦୮୭୭୧୨୯

 Magazine Downloaded from www.aahwaan.com

# ରାଧା ଆସିଛି ନୀଳାଚଳ



ରାହାସ କୁମାର ବେହେରା

ବଂଶୀ ସ୍ୱନ ଗୋପ ବୃନ୍ଦାବନ

ଯମୂନା କୂଳର କଥା

ମନେ ପଡେ ସଖି କାଳିଆ ନାଗର

ତା' ବାଙ୍କ ଚାହାଣି ଭାବେ ବାନ୍ଧିଥିଲା

ତା' ପ୍ରେମ ଡୋରିରେ ମଜିଥିଲେ କେତେ

ହଜିଥିଲେ ଯେତେ ବରଜ ବାଳି । - ୧

ତା' ନଟଖଟ ଚିତ୍ତ କଲା ଯେବେ

ଲବଣି ଚୋରି

ବନ୍ଧା ପଡିଥିଲା

ରାଧିକା ଘରେ

ପୀରତି କରି

ବାହାନା କରି ବାନ୍ଧିପକାଇଲେ ମାମୁଁ ,

ଗାଈ ପଘାରେ ଯେ,

ମା' ଯଶୋଦା ଫିଟାଇଲେ ଆହା ବାଟ ଓଗାଳି ! - ୨

ଅଛି ସେଇ ନଈ

ଅଛି ସେଇ କଦମ୍ବ ମୂଳ

 Magazine Downloaded from www.aahwaan.com

ଅଛି ସେଇ ମୟୂର ଚୂଳ

ହେଲେ ନାହିଁ ସେ ନନ୍ଦ ବାଳ

କାହିଁ ସଖା ସୁବଳ, ସୁଦାମା ଓ ମଧୁ ମଙ୍ଗଳ

ଖାଲି ସ୍ମୃତି ରହିଛି ଚୋରାବାଲି ହୋଇ

ବୁଡ଼ାଇ ମାରେ ଗୋ,

ସେ ଲୁହରେ ପୁରା ଗୋପାଳ ମେଳ । - ୩

ସେଇ ଗୋରୁମାନଙ୍କ ହମ୍ବା ହମ୍ବା ରଡି

ଏବେବି ଶୁଭେ ବରଜେ ,

ବାଳକେ ଖେଳନ୍ତି ଲଉଡ଼ି

ଖାଲି କଠୋଉର ପାଦ ଚିହ୍ନ ଯାହା ଲାଗୁଛି ଚିହ୍ନା ଚିହ୍ନା

କଳା ବାଦଲ ହୋଇ ଭସେଇନେଲା ଅଦିନେ

ଛାତିରେ ଛନକା ଦେଇ ସେ

ଝୁରୁଛି କଦମ୍ବ, କାନ୍ଦୁଛି ରାଇ

ଅଦିନିଆ ଝଡ଼େ ଅସରାଏ ବରଷାରେ ଭିଜେଇଦେଇ

ଶୁଭୁନାହିଁ ଆଉ ତା' ସୁମଧୁର ମୁରଲୀ ସ୍ୱର

ଭାଙ୍ଗୁନାହିଁ ନିଦ ପାହିଲେ ରଜନୀ

ଯାଇ ପାରୁନି ବନେ ଗୋ,

ଆଉ କାହା ସାଥେ ଧରି ଗୋ ଗୋଷ୍ଠ । - ୪

ଏଇ ସେଇ କଳା ଜହ୍ନ !

 Magazine Downloaded from www.aahwaan.com

ଦେଖ ଲୁଚିଛି ଲୋ ସଖି

ନୀଳ ଗିରି ପତିତପାବନେ ତୋଲଛି ସୁନାର ନଅର

ଚିହ୍ନି ପାରିବେନି ବୋଲି କେହି ତାକୁ

ଲଗେଛି ସମ୍ପର୍କର ଲକ୍ଷେ ଥାଟ ବାଟ, କଂସାର କବାଟ

ସମୁଦ୍ର ଲହଡିରେ ଶୁଭିବନି ବୋଲି  ଆଉ ଗୋ ,

ପରଦେଶୀ ରାଧିକା ମାଇଁର ଡାକ   । - ୫

ସେ ବଧିର ବୋଲି ଶୁଣିଥିଲି

ନାହିଁ ହାତ ଗୋଡ଼ ବୋଲି ଜାଣିଥିଲି

କେତେ ପଥର ତା' ହୃଦୟ ହେଲେ

ଲକ୍ଷେ ଆକର୍ଷଣ ତାର କଳା ବଦନେ ଆଲୋ ସହୀ

କେତେ ଲଗେଇଛି ନିତି ଭିଡ଼ ଏଠି ଭକତେ, ସୁଆରେ ......

ଆନନ୍ଦବଜାରେ ତା ଭିଡ଼ ପାଇବାକୁ ମହାପ୍ରସାଦ

ପଣ୍ଡାଏ ଛାଡ଼ନ୍ତି  ରଡି ହେ ମଣିମା ......

ହେଲେ, ରାଧା ଆଜି ଛାଡିବ ନାହିଁ ବୋଲି

ରହିବ ଘର କରି ଏ ନୀଳାଚଳେ । - ୬

ବାଲ୍ୟମ୍ବା ,ଢେଙ୍କାନାଳ :୭୫୯୦୧୫

ମୋ:୯୪୩୮୧୧୪୩୬୮

 Magazine Downloaded from www.aahwaan.com

# ସଂପର୍କ



ସ୍ୱାବିତ କୁମାର ପାତ୍ର

ହେ ନିଃଶ୍ୱାସ ତୁମେ ଜାଣ
ତୁମ ଓ ମୋ  ସଂପର୍କ ହିଁ
କେବଳ ସତ୍ୟ, ପବିତ୍ର
ବାକି ସବୁ ତ ସ୍ୱାର୍ଥପର  ।
ଜାଣେନା,କେଉଁ ଅଶୁଭ
ବେଳାରେ ମୋତେ ଏକାନ୍ତ
ଛାଡି ଚାଲିଯିବ   ।

ଜାଣେ ତୁମ ଓ ମୋ ସଂପର୍କ
ଜନ୍ମ ଠୁ ମୃତ୍ୟୁ ର
ତା'ପରେ ତୁମେ
ଅଦୃଶ୍ୟ ଆକାଶରେ
ମୋ କାୟା  ଅବିରତ ପାଇଁ
ମିଶିବ ମାଟିରେ  ।

ଜାଣେ ତୁମ ବିନା ମୋର
ମୋ ବିନା ତୁମର
ନାହିଁ କିଛି ମୁଲ୍ୟ   ।
ଜୀବନର  ଯେତେ
ଦୁଃଖ ଭୁଲି ସତେ
ଚାଲ ବଞ୍ଚିବା
ପ୍ରତିଟି ମୂହୁର୍ତ୍ତ
ଆନନ୍ଦ ଉଲ୍ଲାସେ  ।

ମେରଘରା, ଧର୍ମଗଡ଼

 Magazine Downloaded from www.aahwaan.com

# ମୋ ଗାଆଁ



ହରେରାମ ପଣ୍ଡା

ଇତିହାସ କିବା ଭୂଗୋଳ ପୃଷ୍ଠାରେ
ନଥାଉ ପଛକେ ନାଆଁ ,
ମୋ ଜନମଭୂମି ମୋ ପାଇଁ ପବିତ୍ର
ମୋର ସେ 'କୁଆଁସ' ଗାଆଁ ॥
ଦୂରରୁ ଚାହିଁଲେ ମୁଣ୍ଡ ନଇଁଆସେ -
'ମଙ୍ଗଳା ମନ୍ଦିର' ଦିଶେ ,
ପୀଠ ପାରିହେଲେ ମଙ୍ଗଳା ପୋଖରୀ -
ଗାଆଁଟି ଅଳପ ଦିଶେ ॥
ଏଇ ଗାଆଁରେ ମୋ ଏଣ୍ଡୁଡ଼ି ଜଳିଛି -
ପଞ୍ଚୁଆତି ଷଠିଘର ,
ଗାଆଁ ଚାଟଶାଳୀ, ପିଲାଦିନ ସାଥି,
ବୋହୁଚୋରି, ବାଲିଘର ॥
ଚଷାପୁଅ କ୍ଷେତ, ଗାଇଆଳ ଗୀତ,
ପୋଖରୀରେ ମାଛ ଧରା,
କୁଆଁର ପୂନେଇ, ରଜ, ଦୋଳିଖେଳ -
କମ୍ପିଉଠେ ଗାଆଁସାରା ॥

ଭାଗବତ ପାଠ, ଭଜନ ସନ୍ଧ୍ୟା,
ଯଜ୍ଞ, ନାମ ସଂକୀର୍ତ୍ତନ ,
ବାହା ବ୍ରତ ଭୋଜିଭାତ ସବୁଥିରେ -
ସଭିଙ୍କ ଆନନ୍ଦ ମନ ॥
ବଇଶାଖ ମାସେ ମଙ୍ଗଳା ଯାତରା -
ଗାଆଁ ମୋର ଉଠେ ହସି,
ଦୂର ପରବାସୀ ଘରକୁ ଫେରନ୍ତି -
ନୂଆବୋହୁ ମନ ଖୁସି ॥
ଆଜି ମୋ ଗାଆଁରେ ଝଲସେ ବିଜୁଳି -
ଧାଡ଼ି ଧାଡ଼ି ପକାଘର ,
ସେହି ମୋର ଗାଆଁ ସରଗ ଠୁଁ ବଡ଼ -
କରେ କୋଟି ନମସ୍କାର ॥

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ,
କୁଆଁସ , ମେର୍ଦ୍ଧା କାଟିଆ ଛକ , ଯାଜପୁର ,
ଭ୍ରାମ୍ୟଭାଷ - ୯୪୩୮୦୭୫୧୯୫

 Magazine Downloaded from www.aahwaan.com

# ଭକ୍ତର ଆବେଗ



ଅବିନାଶ ବେହେରା

ଭାରିଭଲ ଲାଗେ ଶୁଣିବାକୁ ତୁମର ଗାରିମା,
ଭକତ ବତ୍ସଳ କରୁଣା ସାଗର ହେ ମଣିମା ।।
ଭାରିଭଲ ଲାଗେ କହିବାକୁ ତୁମର ବଡିମା,
କୃପାକରି କୃପାସିନ୍ଧୁ ଦେଖାଅ ତୁମ ମହିମା ।।

ପଡିଥିଲେ ଭକ୍ତ ବିପଦରେ ହୁଅ ତମେ ସାହା,
ଅକୁଣ୍ଠିତ ଚିତ୍ତେ ଦିଅ ସବୁ ମାଗେ ଯିଏ ଯାହା ।।
ତୁମ ସାନିଧ୍ୟରେ ଅଜ୍ଞାନୀ ପାଏ ଜ୍ଞାନର ରାହା,
ଦୁଃଖ ଦେଖି ଭକ୍ତର ଆଉ କିଏ କହିବ ଆହା ।।

ଆତଯାତ ସୂରୁଜ ଚନ୍ଦର ଆଜ୍ଞାରେ ତୁମର,
ତୁମ ଆଶୀର୍ବାଦେ ଜଡରେ ହୁଏ ପ୍ରାଣ ସଂଚାର ।।
ଲଭିବାକୁ ତୁମ ଦର୍ଶନ ଭକ୍ତ ମନ ଅଧିର,
ବିନୟେ କହୁଛି ପାପପଙ୍କୁ କର ହେ ଉଦ୍ଧାର ।।

 Magazine Downloaded from www.aahwaan.com

ପାଇବାକୁ ତୁମ ଆଶିଷ ଭକ୍ତ କରଇ ଆଶା,
ଭକ୍ତିରସ ତୁମ ପିଇଲେ ମୋର ମେଣ୍ଟଇ ତୃଷା ।।
ଭକ୍ତିଭରେ ତୁମକୁ ହିଁ ମୁଁ ଯେ କରିଛି ଭରସା,
ଅବିଳମ୍ବେ ମୋର ମନରୁ ଦୂରେଇବ ନିରାଶା ।।

ତୁମପାଶେ ସଦା କହଇ ଭକ୍ତ ହୋଇ ବିନୟ,
ତୁମ ପାଦପଦ୍ମୁ ଦୂରେଇ ନ ଯାଉ ମୋର ଲୟ ।।
ତୁମେ ହିଁ ବିଧାତା ପରମ ପିତା ହୁଅ ସହାୟ,
ହୃଦୟରେ ପୂଜି ମନେ ଗାଉ ଥାଏ ତୁମ ଜୟ ।।

ସଂସ୍କୃତ ଶିକ୍ଷକ,
ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ,
ଭ୍ରାମ୍ୟଭାଷ : ୯୯୩୮୩୩୪୨୨୫

 Magazine Downloaded from www.aahwaan.com

# ମିଛ ଏ ଦୁନିଆ



ରଞ୍ଜନ କୁମାର

ମିଛ ଏ ଦୁନିଆ ମିଛ ଏ ସଂସାର
ମିଛ ସବୁ ଭାବ ପ୍ରୀତି
ମିଛି ମିଛିକା ଏ ସଂସାର ବନ୍ଧନ
ମିଛ ସବୁ ରୀତି ନୀତି

ମଣିଷ ଜୀବନ ଅଟେ ଦୁଇ ଦିନ
ଦିନେ ମା କୋଳ ଦିନେ ସେ ଶ୍ମଶାନ
ମିଛ ରେ କରୁଛୁ ତୋର ମୋର
କିଏ ପର ଏଠି କିଏ ବା ନିଜର

ମିଛ ମୋହ ମାୟା ବିସ୍ତାରି ଛି କାୟା
ମିଛଟାରେ ଖାଲି ହେଉ ଅଛୁ ବାୟା
ଆରେ ଗଣ୍ଠିଧନ ସ୍ଥିର କର ମନ
ଉଦ୍ଧାରିବ ସେହି ସେ ଜଗ ମୋହନ

ଜଗତର ନାଥ ସେ ତ ଜଗନ୍ନାଥ
କରିବେନି ଧନ କେବେ ସେ ଅନାଥ
ବେଳ ଥାଉଁ ଥାଉଁ କର ତା ଆରତି
ଏ ଭବ ସାଗରୁ ପାରି କରିବ ତା ପ୍ରୀତି

 Magazine Downloaded from www.aahwaan.com

# ଶୁଭ ପରିଣୟ



ପ୍ରଶାନ୍ତ କୁମାର ପଧାନ

ଏଇ  ଫଗୁଣରେ ଶୁଭ ପରିଣୟ
ଜାତକ  ସରିଛି ଦେଖା
ଦୁଇଟି ହୃଦୟ ହେବେ ଏକାକାର
ଏ ତ ବିଧାତାର ଲେଖା     । ।

ଦେବ ନିମନ୍ତ୍ରଣ ତା ପରେ ମଙ୍ଗନ
ଶୁଭିବ  ମହୁରୀ  ସୁର
କୁଆଁରୀରୁ ତୁମେ ହେବ କୂଳବଧୁ
ପିନ୍ଧିଲା  ପରେ ସିନ୍ଦୂର     । ।

ଯୋଡିବ ସମ୍ପର୍କ କୁଶର ଗଣ୍ଠିରେ
ପ୍ରଜାପତି   ଘଟସୂତ୍ର
ଦୁଇଟି  ଗୋତ୍ରର  ଅପୂର୍ବ ମିଳନ
ସାକ୍ଷୀଥିବ  ବେଦମନ୍ତ୍ର     । ।

ଅଗ୍ନିର କୁଣ୍ଡରେ ସାତ ଆଞ୍ଜୁଳାରେ
ଢାଳିଦେଲା ପରେ ଖଇ
ଚାଲିବା ସାଥିରେ ବେଦୀରୁ ସମାଧି
ଯେମିତି  ସାଗର ନଈ     । ।

ଅତୁଟ  ବନ୍ଧନ  ଆମ  ଏ  ମିଳନ
ରହିଥିବ   ଯୁଗଯୁଗ
ତୁମରି ପାଦରେ ବାଟ ମୁଁ ଚାଲିବି
ବଦଳିବ ଏବେ ଭାଗ୍ୟ     । ।

ଗ୍ରାମ-ବୁରୋମୁଣ୍ଡା
ଜିଲ୍ଲା-ବରଗଡ
ମୋ-୯୯୩୭୭୪୫୪୯୭

 Magazine Downloaded from www.aahwaan.com

# ସ୍ମାର୍ଟ୍ ସିଟି ଝିଅ



ଅଭିଷେକ ପାଢ଼ୀ

ହଜିଲା ବଳଦ ଖୋଜିଲା ଠେଇଁ,ଖୋଜୁ ଥିଲା ମା ଘରୋଇ ଝିଅଟେ,
ହେଲେ ପୁଅ ବେକେ ବନ୍ଧା ସ୍ମାର୍ଟ ସିଟିର ଝିଅଟି ସେଇ । । - ୧
ବାହା ଘର ଏତ ନୁହେଁ ଖେଳ ଘର,ଝିଅ ଆଉ ଏଠି ହେଉ ନାହିଁ ପର,
ଶାଶୁକୁ ହେକିଟି ଦେଖେଇ କହୁଥାଏ ଚାଲିଯିବି ବାପ ଘର । । - ୨
ହାତିକିଆ ଓଢଣା ଟଣା ଦିନ ସେ ଗଲାଣି,
ରାତିରେ ଗରମ ଖାଉଥାଏ ଝିଅ, ଖଟକୁ ଭାଙ୍ଗି ସେ ଦେଲାଣି । । - ୩
ସୁରୁଜ ତ ଆଗେ ଅଳସ ଭାଙ୍ଗୁଛି, ଶାଶୁକୁ ବେଡ୍ ଟି ମାଗୁଛି,
ବାସନାର ଶିକାର ହେଉଛି, ହେଲେ ଗର୍ଭବତୀ ହବାକୁ ସେ ଡରୁଛି । । - ୪
ବୁଲିବ ବୋଲି ବାଇକ୍ ପଛେ ପିନ୍ଧି ବସଇ ସେ ଗଞ୍ଜି,
ମଝିରେ ଧରି ସେ ବୁଲେ କଅଁଳା ଶିଶୁକୁ ଗେଞ୍ଜି । । - ୫
ଓଷା ବାର ବ୍ରତ ସବୁତ ଜାଇଛି ଭାସି,
ସୋମବାରଟାରେ ଖାଏ ସେ ଚିକେନ୍ ବାସି । । - ୬
ମନ୍ଦିର କି ସେ ଆଉ ଜାଉଛି,
ରାତିରେ ଗେରସ୍ତ ସହ କ୍ଲବକୁ ଖାଲି ଧାଉଁଛି । - ୭
ସେକାଳ ପଖାଳ ହୋ ଗଲାଣି,
ଭୁବନେଶ୍ୱର ଏବେ ସ୍ମାର୍ଟ ସିଟି ହେଲାଣି । - ୮
ସରକାର ତ ଗୋପନତାକୁ ମୌଳିକ ଅଧିକାର ଦେଲେଣି,
କହିବ ଭାଇ ଏଠି କାହାକୁ କିଏ ସଭିଏଁ ତ ଏଠି ଛାନିଆ ହେଲେଣି । । - ୯

କୃଷି ଛାତ୍ର, ଓୟୁଏଟି, କଟକ

 Magazine Downloaded from www.aahwaan.com

# ପ୍ରତୀକ୍ଷା



ଦେବବ୍ରତ ଜେନା

ସୀମାହୀନ ଆଶାକୁ କବର ଦେଇ

ମରିଚୀକା ମୃଗତୃଷ୍ଣା ସମ ହଜିଗଲୁ

କେଉଁ ନେପଥ୍ୟରେ.. .. ..

ଆଉ ମୁଁ .. .. ..

ଅପେକ୍ଷା କରି ବସିଛି ତୋ ଫେରିବା ବାଟକୁ ଚାହିଁ

ମନରେ କେତେ ଆଶା ବାନ୍ଧି .. ..

ରାତିର ତମସା କୋଳରେ ସ୍ୱପ୍ନ ସାଉଁଟୁ ସାଉଟୁ

ଆକାଂକ୍ଷାର ଦୀପ ଜାଳି ତୋତେ ଖୋଜୁ ଖୋଜୁ

କେବେ ରବି କିରଣ ମୋ ସ୍ୱପ୍ନକୁ ଧୂଳିସାତ କରେ ମୁଁ ଜାଣି ପାରେନା

କେବେ ପୁଣି ମନ ପବନରେ

ବସନ୍ତର ଆମ୍ରବନେ ଦୋଳି ଝୁଲୁଝୁଲୁ

ମଳୟର ମତୁଆଲା ବାଆରେ ଝୁମିଝୁମି

ତୋ ଆଗମନ କଥା ମଳୟକୁ ପଚାରେ

ଆଉ ମଳୟ କହେ .. .. ..

ତୁ ଆସୁଛୁ ପକ୍ଷୀରାଜ ଘୋଟକରେ

ନବ ବଧୂ ବେଶ ହୋଇ ମୋ ପର୍ଣ୍ଣ କୁଟୀରକୁ

 Magazine Downloaded from www.aahwaan.com

ଦୁର୍ବାର ପିପାସାରେ ଉତ୍‌ଫୁଲ୍ଲିତ ମନ ମୋର

ପ୍ରମୋଦ ଉଦ୍ୟାନରେ ତୋ ପାଇଁ ଅପେକ୍ଷା କରି କରି

ଏମିତି ଆମୋଦିତ ହୁଏ ଯେ

ନିଗାଘ ରୌଦ୍ର ବି ସୁଶୀତଳ ଛାୟା ପରି ଲାଗେ

ମୁଁ ବି ଜାଣିପାରେନା

ହେଲେ .. .. ..

ଆଉ କେତେ ଦିନ ପରେ ? ?

ମୋ ଅପେକ୍ଷାର ଅନ୍ତ ହେବ ତାହା ବି ଜାଣେନା .. .. ..

ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ

କମର୍ଦ୍ଦା, ଭୋଗରାଇ, ବାଲେଶ୍ୱର,

ଭ୍ରାମ୍ୟଭାଷ : ୯୫୮୩୧୩୮୫୩୩

 Magazine Downloaded from www.aahwaan.com

# ଏ କି କଲ ତୁମେ



ଅଜୟ କୁମାର ବେହେରା

ପ୍ରେମ ପକ୍ଷୀ ତୁମେ
ଆସିଥିଲ ଉଡି ଉଡି
ସୁନା କିରଣରେ
ସୁନାପର ମେଲି
କେତେ ଦୂରେ କାହିଁ
ଗଲ ଚାଲି.....

ଦେଇଗଲ ଦୁଃଖ
ହୃଦେ ଭରିଦେଇ
ପରିତାପର ନିଆଁ
କୁହ ପ୍ରିୟା ଥରେ
ଭୁଲିବି କିପରି
ପାଇ ତୁମ ପ୍ରଥମ ଛୁଆଁ.....

ଆଶାକୁ ମାରି
କି ଲାଭ ପାଇଲ
ମିଳିଗଲା ସବୁ ଖୁସି
ଜୀଇଁ ଥାଉ ଥାଉ
ମାରି ଦେଇଗଲ
ଏକି କଲ ତୁମେ ଏକି କଲ

ମୋରଡ଼ା, ମୟୂରଭଞ୍ଜ ।।

 Magazine Downloaded from www.aahwaan.com

# ଜାନୁଆରୀ ଛବିଶ



ମନୋଜ ମହାନନ୍ଦ

ଉଣେଇଶଶହ ପଚାଶ୍ ଜାନୁଆରୀ ମାସ
ଛବିଶ ତାରିଖ ସିଏ,
ଅଭୁଲା ଅଛି ଅଭୁଲା ଥିବ
ସୂର୍ଯ୍ୟ, ଚନ୍ଦ୍ର ଥିବା ଯାଏଁ ।
ଇଂରେଜ ଶାସନ ଡୋରିରୁ ଆମେ
ହୋଇଥିଲେ ସିନା ସ୍ୱାଧୀନ୍,
ରାଜୁତି ଏଠି କରୁଥିଲା କିନ୍ତୁ
ତାଙ୍କ ପ୍ରଦତ୍ତ ଆଇନ୍ । - ୧

ବ୍ରିଟିଶ୍ ପ୍ରଦତ୍ତ ଆଇନ୍ ଉଠି
ହେଲା ନୂଆ ପ୍ରଣୟନ,
ସାରାଦେଶଟା ଖୁସିରେ ଝୁମିଲା
ଦେଖି ନିଜ ସମ୍ବିଧାନ । - ୨

ନାନା ବର୍ଣ୍ଣେ ଆଜି କୁସୁମିତ ଦେଶ
ଖିଲି ଖିଲି ହୋଇ ହସେ,
ଜୁଇ,ଜାଇ ହେନା ଯୁବା ହୋଇ ଉଠି
ମହ ମହ ହୋଇ ବାସେ । - ୩

କୁନା, ମୁନା, ଟୁନା ମହା ସରାଗରେ
ଜାତୀୟ ସଂଗୀତ ଗାଆନ୍ତି,
ଯଦିବା ବାପା,ମାଁ ଦୁଃଖ କଷ୍ଟରେ
ଦାଦନ ଯେ ଖଟୁଥାନ୍ତି । - ୪

ପାଳୁଅଛୁ ଆମେ ଏହି ଦିନଟିକୁ
ଜାତୀୟ ପରବ ପରି,
ହିନ୍ଦୁ, ମୁସଲମାନ, ଜୈନ, ଖ୍ରୀଷ୍ଟିଆନ
ବାଛ ବିଚାର ନ କରି । - ୫

ବାଗଯୋର, ସଇଁନ୍ତଲା ବଲାଙ୍ଗିର (ଓଡିଶା)
ପିନ - ୭୬୭୦୩୨, ମୋ - ୮୦୧୮୦୮୯୩୩୫

 Magazine Downloaded from www.aahwaan.com

# ସେଇ ଆମ ଜଙ୍ଗଲ



କ୍ଷମାନିଧି ସାହୁ

ଆମ ବନ୍ଧୁସିଏ ଅଟଇ ଜାଣ

ମନଦେଇ ତା'ର କାହାଣୀ ଶୁଣ ।।-୧

ବୃକ୍ଷଲତାଙ୍କର ସଂଗମ ସେଠି

ପଶୁପକ୍ଷୀ ସଙ୍ଗେ କେତେ ପ୍ରଜାତି ।।-୨

ଝରଣାର କୁଳୁକୁଳୁ ନାଦଟି

ଆନନ୍ଦ ମିଳେ ସେ ଦୃଶ୍ୟକୁ ଦେଖି ।।-୩

କୋଇଲିର କୁହୁକୁହୁ ଶବଦ

ମନ କିଣିନିଏ ତାହାରି ସ୍ୱର ।।-୪

ସେହିଠାରେ ଅଛି ଫୁଲ ସହର

ବାସ ଚହଟେ ତା ଅତି ସୁନ୍ଦର ।।-୫

ଭଅଁର ଯେ ପୁଣି ଗୁଣୁଗୁଣାଏ

ମହୁମାଛି ଆସି ମହୁ ତିଆରେ ।।-୬

ଗୀତ ଗାଏ ଆମ ଗଉଡ ଭାଇ

ସେହିଠାକୁ ଯାଏ ଗୋରୁ ଚଳାଇ ।।-୭

ଆଣିଥାଏ ଆହା କରଡି ଖାଦ୍ୟ

ସୁଆଦ ତାହାର ଅବର୍ଣ୍ଣନୀୟ ।।-୮

ଋଷି ମୁନୀଙ୍କର ଆଶ୍ରମ ସେଇ

ବେଦ ଶାସ୍ତ୍ର ନିତି ପାଠ ହୁଅଇ ।।-୯

ସୁଖ ଦୁଃଖରେ ମାଁ ଡଙ୍ଗର ଦେବୀ

ରଖିଥାନ୍ତି ସଦା ଘଣ୍ଟ ଘୋଡାଇ ।।-୧୦

ଅଙ୍ଗାରକାମ୍ଳ ସେ ଆମଠୁ ନିଏ

ଶୁଦ୍ଧ ଅମ୍ଳଜାନ ପରସି ଦିଏ ।।-୧୧

କେହି ନୁହେଁ ସେଇ ଆମ ଜଙ୍ଗଲ

ଗଛ ଲଗାଇଣ ରଖିବା ଭଲ ।।-୧୨

ତାକୁ କେବେହେଲେ କାଟିବା ନାହଁ

ବର୍ଦ୍ଧନ ତାହାର କରିବା ଭାଇ ।।-୧୩

ଜାମପାଲି, ମେଲଛାମୁଣ୍ଡା, ବରଗଡ

ମୋ:-୭୦୭୭୦୫୯୩୪୯

 Magazine Downloaded from www.aahwaan.com

# ନିଦାଘେ ଚିଲିକା



ତପନ ଦୀକ୍ଷିତ
(ବେଳାଭୂମି)

ହେ ମୋର ନୀଳାମ୍ବୁ ଚିଲିକା ରୂପସୀ
ସୃଷ୍ଟିର ଦୃଷ୍ଟିରେ ଉତ୍ତ୍ର ରାଜ ହଂସୀ ,
ଚତୁର୍ଦ୍ଦିଗେ ଶୋଭେ ନୀଳ ଜଳରାଶି
ସ୍ୱପ୍ନହାସୀ ମୋର ମାନସ ପ୍ରେୟସୀ ,
ହାତଠାରୁ ଅବା ସୁନୀଳ କବରୀ
ମୁକୁଳାଇ ମୋତେ ନେବାକୁ ଆବୋରି ,
ପରଷି ଶୀତଳ ତୋ ଓ଼ଷ୍ଠ ଚୁମ୍ବନ
କରିବାକୁ ସତେ ! ନିଦାଘ ଦହନ,

ସନ୍ତରନ୍ତି ଜଳେ ବିହଙ୍ଗମ ଦଳ
ଯୁଗଳ ବନ୍ଧନେ ହୋଇ ମାଳ ମାଳ ,
ବକ୍ଷେ ତୋ ଅସଂଖ୍ୟ ବାସ ଜଳଚର
ରମନ୍ତି ଅଲକ୍ଷେ ହୋଇ ସେ ବିଭୋର ,
ଜନନୀର ତୁ' ଯେ ହୀରକର ହାର
ପଟ୍ଟଚିତ୍ରେ ତୋର ନାହିଁ ପଟାନ୍ତର ,
ଅପୂର୍ବ ଅପୂର୍ବ ଅପୂର୍ବ ଅପୂର୍ବ ...
ହେ ମୋର ଚିଲିକା ଉତ୍କଳ ବୈଭବ ll

ତପନ ଦୀକ୍ଷିତ(ବେଳା ଭୂମି)
ନାଶିକେଶ୍ୱର, କାକଟପୁର, ପୁରୀ
ଇ.ମେଲ: konark.dixit@gmail.com
ଦୂରାଭାଷ:9537400744

 Magazine Downloaded from www.aahwaan.com

# ସ୍ୱପ୍ନର ମହଲ



ଚିନ୍ମୟ ଶୁଭ୍ରାଂଶୁ

ସକାଳୁ ସକାଳୁ ଆଖି ମୁଁ ଖୋଲିଲେ
ଭାବନାରେ ବୁଡି ଯାଏ,
ଉଠିବି ଉଠିବି ଭାବୁ ଭାବୁ ମୁଁ ଯେ
ସମୟ ତ ଗଡି ଯାଏ ।
ଚାଲୁ ଚାଲୁ ବାଟ ଯେବେ ଝୁଣ୍ଟି ଯାଏ
ମନେ ମନେ ହସୁଥାଏ,
ଜାଣି ମୁଁ ପାରେନା କାହା ଭାବନା ରେ
କୋଉଠି ମୁଁ ଭାସୁଥାଏ ।
ଇଚ୍ଛା ହୁଏ ମୋର ନିରୋଳାରେ ବସି
ଲେଖିବି କବିତା କେତେ,
କୋଉ ବିଷୟରେ ଲେଖିବି କବିତା
ଭାବି ହସ ଲାଗେ ମୋତେ ।

ଅନ୍ଧାର ରାତିରେ ଜହ୍ନ କୁ ଦେଖିଲେ
ମନ ମୋ ଅଧୀର ହୁଏ,
ଦୀପ ଶୀଖା ଧରି ସପନ ପରୀ ଟେ
ଆସିବ ଜୀବନେ କେବେ.... ?
ଫୁଲ ର ସହରେ କେତେ ଯତନ ରେ
ଗଢ଼ିଛି ସ୍ୱପ୍ନ ମହଲ,
ସପନ ପରୀର ଦେଖା ନାହିଁ କାହିଁ
ଆଖିରେ ସ୍ୱପର ଧାର.... । ।

ଗ୍ରାମ/ପୋ: - କୁଆମରା, ଥାନା - ଖୁଣ୍ଟା
ଜିଲ୍ଲା - ମୟୂରଭଞ୍ଜ, ପିନ - ୭୫୭୦୨୭
ଦୂରଭାଷ - ୯୭୭୬୦୫୦୬୬୭

 Magazine Downloaded from www.aahwaan.com

# ମୁଁ ଜାଣିଥିଲି କି ?



ତୁଷାରକାନ୍ତ ପ୍ରସାଦ

ସାଥୀ ମୋ ସ୍ୱାର୍ଥପର,
ଅନ୍ତରେ ଜହର,
ତା'ର ପ୍ରେମ ଖେଳଘର,
ମୁଁ ଜାଣିଥିଲି କି ?

ଏ ପ୍ରେମିକା ନିର୍ଦ୍ଦୟ,
ପଥର ହୃଦୟ ,
ପ୍ରେମ ଦେବ ଏହି ଦେୟ,
ମୁଁ ଜାଣିଥିଲି କି ?

ଭରସା ର ପାଉଣା,
ସାଜିବି ଖେଳଣା,
ଦିନେ ନିଶ୍ୱେ ହେବି ଗଣା,
ମୁଁ ଜାଣିଥିଲି କି ?

ପ୍ରେମର ପ୍ରତିଦାନ,
ନିନ୍ଦା, ଅପମାନ
ମୋର ଭାଙ୍ଗିବ ସପନ ।
ମୁଁ ଜାଣିଥିଲି କି ?

ସମ୍ପର୍କ ବାଲିଘର,
ଉଜାଡେ ଜୁଆର,
ଦାଉ ସାଧିବ ସାଗର ।
ମୁଁ ଜାଣିଥିଲି କି ?

ବରୀ, ଯାଜପୁର
ଭ୍ରାମ୍ୟଭାଷ : ୯୮୫୩୦୯୨୭୩୦

 Magazine Downloaded from www.aahwaan.com

# ବହି



ସେଠୀ କାର୍ତ୍ତିକଚନ୍ଦ୍ର

ବହିରେ ବହି   ହସାଉ ମହୀ
କି ଗୁଣ ଗାଇବି ତୋର
ତୋ ପଠନରେ  ଚକ୍ଷୁ ମୋ ଫିଟେ
ଅଜ୍ଞାନତା ହୁଏ ଦୂର  । ।

ଶିଶୁ ଶ୍ରେଣୀରୁ   ଡେଇଁଲି ଯେବେ
ହେଲା ମୋ' ପ୍ରଥମ ଶ୍ରେଣୀ
ଛବି ବହିଟେ ହୋଇରେ ସାଙ୍ଗ
ନେଲୁ ମୋ ମନକୁ କିଣି  । ।

ମୋ ପିଲାଦିନୁ  ଯେବେଠୁ ମନୁ
ଆସିଛି ଟିକିଏ ହେତୁ
ତୋର ପଠନେ   ପାଇଛି ଜ୍ଞାନ
ତୁହି ମୋ ପ୍ରଗତି ସେତୁ  । ।

ଆଜିର ଯୁଗେ   ଭୁଲନ୍ତି ତୋତେ
ପଠନରେ ନାହିଁ ରୁଚି
ଗଳ୍ପ, କବିତା   ସ୍ୱାସ୍ଥ୍ୟ ବାରତା
ଦୂରଦର୍ଶନେ ମିଳୁଛି  । ।

ହେଲେ ମୋ' ସାଙ୍ଗ   ତୁ କି ଅମଙ୍ଗ
ମୋ' ଛୋଟିଆ କଥାଟିରେ  ?
ତୋ' ବିନା ସେଇ    ଟିଭି ଘୋଷକ
ସେ ପଦେ ପଢନ୍ତିପାରେ  ? ?

ଶାସ୍ତ୍ର, ବିଜ୍ଞାନ         ତତ୍ତ୍ୱ ସନ୍ଧାନ
ତୋ ବିନା ନାହିଁ ପ୍ରମାଣ
ଜଗତମାନ ତୁ    ଜଗତ ବନ୍ଦନ
ତୋ'ଠୁ ଆରମ୍ଭ ନିର୍ମାଣ  । ।

 Magazine Downloaded from www.aahwaan.com

# ଉଡ଼ିଯାଏ ମଣିଷର ମନ



ପୂଜାଶ୍ରୀ ପାତ୍ର

ଉଡ଼ିଯାଏ ମଣିଷର ମନ
ଆକାଂକ୍ଷା ହିମାଳୟ ଶୀର୍ଷକୁ
ଗଢ଼ିଦିଏ କୋଣାର୍କ କଳାର ମାଧୁରୀ
ଅଭିପ୍ସାର ମାପ କାଠିରେ ମାପିଯାଏ
ସୀମାହିନ ଅନନ୍ତ ଗଗନର ଦୂରତାକୁ
ଅଶାନ୍ତ ସମୁଦ୍ରର ଗହ୍ୱରକୁ

ଖାଲି ଆଶା ନିରାଶା ଓ ଜିଜ୍ଞାସା
ଘୁରିବୁଲେ ବଣ ବିଲ ପାହାଡ଼ ଝରଣା
ପାଏ ନାହିଁ ତା ହୃଦୟର ପ୍ରତାରଣା
ଆକାଶ ର ଆତ୍ମୀୟତା
ମନ ହୃଦୟର ମଣିଷ ପଣତା

ଆତ୍ମାହୀନ ହୃଦୟ ଟିଏ ହୋଇ
ସ୍ୱପ୍ନଦେଖେ ସଂସାର ଗଢ଼ିବାକୁ
ଜୀବନ ର ପ୍ରତିଟି ମୁହୂର୍ତ୍ତରେ
କିନ୍ତୁ ରହିଯାଏ , ଅଭିପ୍ସା
ପ୍ରତି କୋଣ ଅନୁକୋଣରେ
ବଂଚି ରହେ କେବଳ ମଣିଷ ଭାବରେ

ଚିତ୍କାର କରେ ମଣିଷ ମୁଁ
ପାଇବାକୁ ମଣିଷର ମଣିଷତ୍ୱ
କିନ୍ତୁ ପାଏ ପ୍ରତାରଣା
ଜୀବନର ପ୍ରତିଟି ମୁହୂର୍ତ୍ତରେ
ଲିଭିଯାଏ ଦୀପ ଶେଷ ଜୀବନରେ
ଆଶା ଆଶାରେ ଆଶାରେ....................

ଧର୍ମଗଡ଼, କଳାହାଣ୍ଡି

 Magazine Downloaded from www.aahwaan.com

# ଆସିଲା ପରୀକ୍ଷା ମାସ



ପ୍ରଦ୍ୟୁତ କୁମାର
ମହାକୁଡ଼

ବୁଣାବୁଣି ପରେ ରୁଆ ବେଉଷଣ
ତୃଣକ ଦମନ ଶେଷ
ଅମଳ ସମୟ ଉପନୀତ ହେଲା
ଆସିଲା ପରୀକ୍ଷା ମାସ ।।
ସଅଳ ସଅଳ ହୋଇ ସଜବାଜ
ପ୍ରବେଶ ପତ୍ର କୁ ରଖ
ନିର୍ଦ୍ଧାରିତ ବେଳ ପୂର୍ବରୁ ପହଞ୍ଚି
ନିଜର ସ୍ଥାନ କୁ ଦେଖ ।।
ମନ ଧ୍ୟାନ ଦେଇ ପ୍ରଶ୍ନ ପତ୍ର ପଢି
ଉତ୍ତର ଖାତାରେ ଲେଖ
କ୍ଷୁଦ୍ର ପ୍ରଶ୍ନ ଠାରେ ସଚେତନ ହୋଇ
ସୂଚନା କୁ ଲକ୍ଷ୍ୟ ର ଖ ।।
ଗଣିତ ପାଠ କୁ ନଜର ରଖିବ
ହେବନାହିଁ ବାଟବଣା
ଇଂରାଜୀ ଭାଷା କୁ ଭାରି ସାବଧାନ
ସମୟ ପଡ଼ିବ ଊଣା ।।

ବିଜ୍ଞାନ କୁ ଧରି ଜ୍ଞାନ ଅରଜିବ
ଇତିହାସ ଭୁଗଳେ ଧ୍ୟାନ
ତୃତୀୟ ଭାଷା ରେ ସଫଳ ହୋଇବ
ବ୍ୟାକରଣେ ରଖ ମନ ।।
ସନ୍ତୁଳିତ କରି ଚଞ୍ଚଳ ମନକୁ
ପରୀକ୍ଷା ଦେବାକୁ ଯିବ
କୃତକାର୍ଯ୍ୟ ହୋଇ ସମ୍ମାନ ରଖିଲେ
ଭଲ ଚାଟ ବୋଲାଇବ ।।
ମାତା ବୀଣାପାଣି ସିଦ୍ଧ ବିନାୟକ
ପଦ୍ମପାଦେ ଲୟ ରଖି
ପରୀକ୍ଷା ସାଗର ପାରି ହୁଅ ସର୍ବେ
ସମୟ କୁ କରି ସାକ୍ଷୀ ।।

ବିଜ୍ଞାନ ଶିକ୍ଷକ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଇଚ୍ଛାବତୀ
ପୁର,ଢେଙ୍କାନାଳ

 Magazine Downloaded from www.aahwaan.com

# ଜୀବନ



ଚିତ୍ତରଞ୍ଜନ ସାହୁ

ଜୀବନର ମାନେ ଏଠି ଭିନ୍ନ ! !
ବୁଝିବା ସହଜ କି ?
ମୁ ଆଜି ବି ବୁଝିପାରେନି । - ୧

ନିରୋଳାରେ ଜହ୍ନକୁ ପଚାରିଲେ
ସେ କହିବ ବୋଧ ହୁଏ ?
ନିରୋଳା କାହିଁ ?
କୋଉଠି ତା ଘର ?
କେବେ ଦେଖିନି ତାକୁ । - ୨

ତାରାଗଣ କହି ପାରିବେକି ?
ହେଲେ ଏତେ ଦୂରରେ ସେମାନେ !
କେମିତି ଶୁଣିବି ସେମାନଙ୍କୁ ? - ୩

ହଁ ! ତାକୁ ପଚାରିବି,
ଯେ ଏ ଦୁନିଆଁରେ ସବୁଠୁ ଅମୀର,
ହେଲେ ସେ କଣ ନିରୋଳାରେ ଥିବ ? - ୪

ଗରିବକୁ ପଚାରିଲେ କହିବକି ସେ ?
କିନ୍ତୁ ତାକୁ କ'ଣ ପଚାରିବି,
ଜୀବନର ମାନେ,
ସେ ମୋ କଥାକୁ ଅଟ୍ଟହାସ କରିବ ! ! ୫

ବୁଝିଲି ସେ ଏକା ଜାଣିଛି,
କହି ପାରିବ ସେ ,
ସେଇମ, ଯିଏ କାହାକୁ ଅପେକ୍ଷା କରେନି
ଚାଲିଥାଏ ତାର କକ୍ଷରେ ।
ହଁ ସମୟ ! - ୬

ସେ ହିଁ ଏକା,
ମତେ ଜୀବନର ମାନେ କହିପାରିବ ।
ତୋ ଅପେକ୍ଷାରେ ରହିଲି.........
.....................................ସମୟ !

ସିଙ୍ଗିରି, ଆଳି, କେନ୍ଦ୍ରାପଡା
ଭ୍ରାମ୍ୟଭାଷ : ୭୩୭୭୭୬୮୭୩୮
ଇମେଲ୍ : schittaranjan93@gmail.com

 Magazine Downloaded from www.aahwaan.com

# ଘର



ରାଜେଶ ପୂଝାରୀ

(୧)

ବାର ଦୁଆର ମୁଣ୍ଡ ଗୁଞ୍ଜି ସାରି
ଆସନ୍ତି ସଭିଏଁ ଫେରି
ସ୍ୱ-ଇଚ୍ଛାରେ
ଅଥବା ଡାକରାରେ ।

ସମସ୍ତ ଯାତ୍ରା ପରେ
ଯେବେ ବି ଯିଏ ଫେରେ
ଆଲିଙ୍ଗି ନେବାକୁ ଆତୁର
ପରମ ତୃପ୍ତିରେ ।

ଚଳଚ୍ଚିତ୍ର ଦୃଶ୍ୟ ପରି
ତରଙ୍ଗାୟିତ ପ୍ରତିକ୍ଷଣେ
ଆଖିରେ ଆଖିରେ
ଫେରିଆ ଫେରିଆ
ବୋଲି ସଦା ହାତ ଠାରେ ।

ସବୁ ଯାତ୍ରାର ପ୍ରାରମ୍ଭ ସେଠାରୁ
ଅନ୍ତ ବି ତା'ଠାରେ
କେମିତି କେଜାଣି
ଭସେଇ ଦିଏ ସମସ୍ତଙ୍କୁ
ଅନାହତ ଆନ୍ତରିକତାର ସୁଅରେ
କୁଆଡ଼େ ବି ଯିବା ଚେଷ୍ଟା ସବୁ
ବିଫଳ ହୋଇଯାଏ
ତା ପାଖକୁ ଗଲା ପରେ ।

 Magazine Downloaded from www.aahwaan.com

(୨)

ଏ ଗୋଟେ ନିରୁତା ବିଭୋର ପଣ
ବିହ୍ୱଳକ ଉଚ୍ଚାରଣ
ଚୌପାଖ ଆଲୋଡ଼ନର ମଧୁର କାରଣ
ସୁଖ ଶାନ୍ତି ମହଣ ମହଣ ।

ଏ ନୁହେଁ ଖାଲି
କାଟି କୁଟାର ସମାହାର
ଆଶିଷ ଏ ଆବର୍ତ୍ତମାନର
ମୂକ ସାକ୍ଷୀ
ତମାମ୍ ସନ୍ଧିପଣର ।

ଏଠାରେ ନିଜତ୍ୱର
ମତୁଆଲି ଆଶ୍ରୟ
ବାନ୍ଧିଥାଏ ସକଳ ହୃଦୟ
ଲୁହ ଜନ୍ମାଏ ହସର ପରିଚୟ
ଚିର ଅମର ତା' ସ୍ମୃତି ଅକ୍ଷୟ ।

କାଗଜର ଚୁମା ପାଇ
ସ୍ୟାହି ଶୁଖେ ଯେମିତି
ଅପନୋଦିତ ଯନ୍ତ୍ରଣା ସକଳ
ତା' ଛତ୍ରଛାୟାରେ ସେମିତି ।

ସୁକାନ୍ତି ବଉଦ ମାଳୁ ଆସି
ଏକତ୍ୱ ମୌସୁମୀ
ପ୍ରେମ ମକରନ୍ଦ ସିଞ୍ଚି
ମାଜେ ଏହି ଭୂମି ।

ଏ ପ୍ରକାର ସ୍ଥିତି ନାହିଁ ଯହିଁ
ହେଉ ଯେତେ ନେତ୍ରାକର୍ଷୀ ସେହି
ତାହା ନୁହେଁ ଘର ପଦବାଚ୍ୟ...
ହଁ କୁହାଯାଇ ପାରେ
ଦ୍ୱିଧାପୂର୍ଣ୍ଣ ଜୀବନାୟନର ଆସର ।

କୁଶମେଲ,କପିଳାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ଭ୍ରାମ୍ୟଭାଷ : ୯୭୭୭୨୮୦୫୯୪

 Magazine Downloaded from www.aahwaan.com

# କଠୋର ସତ୍ୟ



ରୋଜା ପଣ୍ଡା

ମୃତ୍ୟୁ ,
ଆସେନାହିଁ କେବେ ସିଏ ସୂଚନା ଦେଇ
ଅଚାନକେ ଆସିଯାଏ ବାହା ମେଲେଇ
ନିଷ୍ଠୁର, କ୍ରୁର ରୂପ ଦେଖାଇ ତାର
ବାଛିନିଏ ମିଠା ଫଳ ଚାଖିବା ପାଇଁ ।।

ମୃତ୍ୟୁ,
ପଦାର୍ପଣ କରେ ବିନା ଆମନ୍ତ୍ରଣରେ
ଆଜୀବନ ନିଦ୍ରା ଭରେ ପ୍ରାଣୀ ଆଖିରେ
ହସୁଥାଏ ଅନ୍ୟକୁ ସେ କନ୍ଦେଇ ଦେଇ
ହାରିଯାଏ ପ୍ରାଣୀ ତାର ସତ୍ୟ ଆଗରେ ।।

ମୃତ୍ୟୁ,
ଏକମାତ୍ର ସତ୍ୟ ବୋଲି ବାରମ୍ବାର ସୂଚାଏ
ତଥାପି ପ୍ରାଣି ଜଗତ ତାକୁ ଭୁଲିଯାଏ
ବଞ୍ଚିବାର ମିଛ ଆଶା ନେଇ ଅହରହ
କାନ୍ଦୁଥାଏ ପ୍ରିୟଜନ ମୃତ୍ୟୁ ଦେଖି ସିଏ ।।

ମୃତ୍ୟୁ,
ଘଡିକ ଆଗମନରେ ଧୋଇନିଏ ସବୁ
ପଲଙ୍କ ବଦଳେ ଦିଏ କୋକେଇ ଟେ ବାବୁ
ସାଙ୍ଗରେ ସେ ନିଏନାହିଁ କାଣିଚାଏ ଧନ
ମିଛ ଲୋଭ କରି ଆଉ କି ଲାଭ ପାଇବୁ ।।

 Magazine Downloaded from www.aahwaan.com

ମୃତ୍ୟୁ,

ରୂପ ତାର କ୍ରୁର ସିନା ପ୍ରାଣୀ ଭୟ କରେ

ତାଠାରୁ ବିଶ୍ୱାସୀ କେହି ନାହିଁ ଜଗତରେ

ଜୀବନ ଯନ୍ତ୍ରଣାରୁ ମୁକ୍ତି ଦେଇ ସିଏ

ହାତଧରି ନେଇଯାଏ ମହା ଆଲୋକରେ ।।

ମୃତ୍ୟୁ,

ଯଦ୍ୱାରା ଜୀବନ୍ତ ପ୍ରାଣୀ ମୋକ୍ଷ ପ୍ରାପ୍ତି ହୁଏ

ମିଛ ମୋହମାୟାରୁ ସେ ମୁକ୍ତି ପାଇଥାଏ

ଜଞ୍ଜାଳମୟ ଜୀବନ ତ୍ୟାଗୀ ଆନନ୍ଦରେ

ପରମାତ୍ମାଙ୍କ ପୟରେ ଲୀନ ହେଇଯାଏ ।।

ପୂର୍ଣ୍ଣାନନ୍ଦ ଭବନ

ନେତାଜୀ ନଗର,ମଧୁପାଟଣା

କଟକ-୭୫୩୦୧୦

ଇମେଲ୍ : roja.saumya@gmail.com

 Magazine Downloaded from www.aahwaan.com

# ମୁକୁଳାଙ୍କୁର



ଡା ବିଶ୍ୱରଞ୍ଜନ କର

ପାଖୁଡା ପାଖୁଡା ଗହନପରଳକୁ ପରସ୍ତପରସ୍ତ ଖୋଲି,
(ପ୍ରଯତ୍ନେ ସଯତ୍ନେ ଅବା ଅଯତ୍ନରେ)
କାହିଁକି ଉନ୍ମତ୍ତ, ଉଲଗ୍ନ ଓ ଉଦଣ୍ଡ ହେଉଛୁ ତୁ ?
(ଅଜାଣତେ ଅବା ଜାଣିଶୁଣି)

କଣ ଦେଖାଇବୁ ? କାହାକୁ ? କିଏ ନୂଆ ଏଠି ? କିଏ ଋଷୀ ?
ଦୁଇଗୋଡିଆମାନେ ହିଁ ଭଅଁର, ଚାରିଗୋଡିଆ ବି ମହୁମାଛି !
ଷଡୈଶ୍ୱର୍ଯ୍ୟଲୋଭୀମାନେ ପିଶାଚ-ହିଂସ୍ର-ମହାମାରୀ !
ତୋତେ ମାଟିହାଣ୍ଡି କହି ! ଛୁଇଁ ଦେବେ ! ନିଜେ ଇଷ୍ଟ ପାଲଟିବେ !

ପୂଜକ-ପୋଷକ ନା ଭକ୍ଷକ-ଶୋଷକ ? ଚିହ୍ନିଛୁ ?
କାହିଁକି ଏତେ ଉତ୍ତେଜନା, ଉଦ୍ଦୀପନା, ମିଛ ଉନ୍ମାଦନା ?
ନିଜକୁ ପରଷିବାପାଇଁ ! ପରଖିବାପାଇଁ ! ନା ପ୍ରତିଦ୍ୱନ୍ଦିତାରେ ?
ନା' କୁମାରୀତ୍ୱ ପ୍ରମାଣ କରିବାକୁ, ନା ପୂତ-ପବିତ୍ରତା ?

 Magazine Downloaded from www.aahwaan.com

ରଙ୍ଗୀନ ରେଶମୀ ନରମପରଦାକୁ ନିଜଦେହରୁ ଚିରି,

ତୋ' ଆକାଂକ୍ଷିତର ବ୍ୟସ୍ତବାରବୁଲା-ବୁକୁକୋଠରୀରେ,

ସତେକ'ଣ ଥାକଥାକକରି ଢାଙ୍କିଦେଇ ପାରିବୁ ?

ଆରୋପ-ପ୍ରତ୍ୟାରୋପ, ପ୍ରୀତି-ଘୃଣାର ଫର୍ଦ୍ଦସବୁ ?

କଣ ପାଇବୁ ? ପ୍ରଶଂସା ? ପ୍ରଣୟ ? ରୂପବନ୍ଦନା ?

ନେବୁନାହିଁ ନାନାଦି ଲାଞ୍ଛନା ? ଗଞ୍ଜଣା ? କୁତ୍ସାରଟନା ?

ଆଉ ଏସବୁ ସମ୍ପତିକୁ ନିଆଁଭଳି ଅଣ୍ଟିରେ ଖୋସି

ବଞ୍ଚିବାକୁ ମେଞ୍ଚାଏ ଦୁଃସାହସ ଓ ଅନୁଭୂତି-ଅଭିଜ୍ଞତା !

©drgynaec #ଡାକ୍ତରବାବୁ

 Magazine Downloaded from www.aahwaan.com

# ଧ୍ରୁବ ସତ୍ୟ



ବନଜ୍ୟୋସ୍ନା ପଣ୍ଡା

ସୁନ୍ଦର ମିଥ୍ୟାର ଆସ୍ତରଣେ ଯେବେ
ହୃଦୟ ହୁଏ ବ୍ୟଥିତ
ନିରାଶ ମନରେ ଆଶାର ସପନ
ହୋଇଥାଏ ପ୍ରତିହତ ।
ସମୟ ଚକ୍ରରେ ଭବିଷ୍ୟତ ଅବା
ଦେଖିପାରିଛି କି କିଏ
ଅତୀତ ସ୍ମୃତିର ପ୍ରତିଟି ପୃଷ୍ଠାକୁ
ନିତି ନିତି ଲେଉଟାଏ ।
କେବେ କେବେ ମନ ମଉନେ ରହି ବି
କହିଥାଏ କେତେ କଥା
ଆଉ କେବେ ପୁଣି ଅବ୍ୟକ୍ତ ଭାବନା
ଅନ୍ତରେ ଭରଇ ବ୍ୟଥା ।

ବାର ବାର ଏଠି ସହିବାକୁ ହୁଏ
କେତେ ଯେ ନୂଆ କଷଣ
ସହିବାର ଶକ୍ତି ହରାଇ ବସିଲେ
ଜୀଇଁବା ହୁଏ କଠିନ ।
ଆପଣାର ଯିଏ ବୁଝେ ଅବସାଦ
ଟିକିଏ ସାନ୍ତ୍ୱନା ଦେଇ
ମିଛ ଆତ୍ମୀୟତା ପାଲଟଇ ସଦା
ଛଳନାରେ ଭରା ନଈ ।
ମିଛ ମାୟାର ଏ ବିଚିତ୍ର ସଂସାରେ
ମଣିଷ ତ ମୋହାଚ୍ଛନ୍ନ
ଜୀବନର ଶେଷ ମୁଠାଏ ପାଉଁଶ
ଅନୁଭବେ ପ୍ରତିକ୍ଷଣ ।

ବାଲେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ଝିଅର ଦରଦ



ପ୍ରେମଶିଳା ରାଉତ

ଝିଅ ବୋଲି ମୋତେ କରିଦେନି ପର
ଦେ ମାଁ ତୋ କୋଳେ ଜନମ
ଆକୁଳ ହୃଦୟେ ଡାକୁଛି ତୋତେମୁ
କରି ତୋ ପାଦେ ପ୍ରଣାମ ।

ଦୁନିଆ କୁ ମୋର ଦେଖିବାକୁ ବାରେ
ହେଉଛି ମନ ଅଧିର
ହୃଦୟରେ ତୋର ଜାଗା ଟିକେ ଦେଇ
କରିନେ ଥରେ ନିଜର ।

ଦୁନିଆକୁ ମୋତେ ଘେନି ନେଲେ ସତେ
ଦେବି ତତେ ସର୍ବ ସୁଖ
ସବୁବେଳେ ତୋର ସାଥିରେ ଥାଇ
ଦୂର କରିଦେବି ଦୁଃଖ ।

ହସି ହସାଇବି କାନ୍ଦି କନ୍ଦାଇବି
କରୁଥିବି ତୋର ହିତ
ସେବା କରି ତୋର ଟେକ ରଖିବି ମାଁ
ଦେଖିବ ସାରା ଜଗତ ।

ଯାହା କହିବୁ ତୁ ମାନିବି ଅକ୍ଷରେ
ଆସୁପଛେ ଯେତେ ବାଧା
ମାନ ସମ୍ମାନ ଓ ଗୁଣ ଚରିତ୍ରରେ
ଆଣିବିନି କେବେ ନିନ୍ଦା ।

ବାପା କଥା ଧରି ମାରିଦେନି ମୋତେ
ଦେଇ ଯେ କେତେ କଷଣ
ଗରଭରୁ ତୋର କରିଦେନି ନଷ୍ଟ
ନେଇ ମୋ ଟିକି ପରାଣ ।

 Magazine Downloaded from www.aahwaan.com

ଝିଅ ବୋଲି କଣ ଅଧିକାର ନାହିଁ
ଦୁନିଆ ଦେଖିବା ପାଇଁ
ଜୀବନ ଟା କଣ ଏତେ ହିନି ମାନ
ମାରି ଦିଅ କଷ୍ଟ ଦେଇ ।

ଚାହିଁଥିଲ ପରା ଶୁଣିବାକୁ ଦିନେ
ମାଆ ବାପା ଡାକ ମୋର
ଝିଅ ହେଲି ବୋଲି କି ଦୋଷ ମୁଁ କଲି
କରୁଛ ଯେ ମୋତେ ପର ।

ମୁଁ ନୁହେଁ ଯେ ଗୋଟେ ମସ୍ତ ବଡ଼ ବୋଝ
ନୁହେଁ ଜଡ ବସ୍ତୁଟିଏ
ଯେତେବେଳେ ଇଚ୍ଛା ମାରିଦେବ ମୋତେ
ଫିଙ୍ଗି ଦେବ ନଈତୀରେ ।

ପୁଅ ଠାରୁ ଝିଅ ନୁହଇ ଦୁର୍ବଳ
ଅଟେ ସେ ଜଗତଜିତା
ଦୁଇ କୁଳକୁ ସେ କରିଥାଏ ହିତ
ବିଶ୍ୱ ବୋଲେ ତ ଦୁହିତା ।

ନାମ- ପ୍ରେମଶିଲା ରାଉତ
ଗ୍ରାମ- ବୃନ୍ଦାବାହାଲ
ବ୍ଲକ - ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି

 Magazine Downloaded from www.aahwaan.com

# ଚିଠି



କାର୍ତ୍ତିକ ପାଣିଗ୍ରାହୀ

ନିର୍ଜୀବ ଏକ କାଗଜର ଫର୍ଦ୍ଦ
ତା ଭିତରେ କିନ୍ତୁ ସାଇତା
ଅସଂଖ୍ୟ ଜୀବନ୍ତ କାହାଣୀ...
କେତେ ଦୁଃଖ କେତେ ସୁଖର
ଅଭୁଲା ଉଜାଣି...
ପ୍ରଥମ ପ୍ରେମର ପୁଲକତା ହେଉ ଅବା
ଭୟାତୁର ମନର ଉଦବେଳିତ ବାର୍ତ୍ତା...
ବିଚ୍ଛେଦର ମର୍ମସ୍ପର୍ଶୀ କଥା ହେଉ ଅବା
ମିଳନର ଅହେତୁକ ଆତୁରତା...
ବାପାଙ୍କର ତାଗିଦର ଚିଠା ହେଉ ଅବା
ବୋଉର 'କେବେ ଆସୁଛୁ'ର ବ୍ୟାକୁଳତା...
ଭାଇର ହାତଘଣ୍ଟାର ଫରମାଇସ୍ ହେଉ ଅବା
ଭଉଣୀର ରାଖୀ ଉପହାରକୁ ଅପେକ୍ଷା...
ପତ୍ନୀର ରାତି ରାତି ଅପେକ୍ଷାର ଦୁଃଖ ହେଉ
ଅବା ପତିର ଆସନ୍ତା ଛୁଟିକୁ ପ୍ରତୀକ୍ଷା...
ସବୁ କିଛି ସାଇତା ତାହାରି ଭିତରେ ।
ଚିଠି, ବିଗତ ଦିନର ସ୍ମୃତିଟିଏ
ଚିଠି, ଚଞ୍ଚଳ ମନର ଗୀତିଟିଏ
ଚିଠି, ଅକୁହା କଥାର ଭାଷାଟିଏ
ଚିଠି, ଶଙ୍କିତ ହୃଦୟର ଆଶାଟିଏ
ଚିଠି, ତୁମେ ଖୋଲା ଆକାଶର ପକ୍ଷୀଟିଏ
ଚିଠି, ଆଜି ବି ତୁମେ
ମୋ ଚିର ଆକାଂକ୍ଷିତ ସଖିଟିଏ...

 Magazine Downloaded from www.aahwaan.com

# ସମ୍ପର୍କର ସନ୍ଧିପତ୍ର



ଅନୁସୂୟା ମିଶ୍ର

ଜୀବନକୁ ଜାରି ରଖିବାର ନିଶାରେ
ବାତ୍ସଲ୍ୟର ବଗିଚାଟିକୁ
ନିଜ ହାତରେ ନିଲାମ କରିଦେଲା ପରେ
ଦୁନିଆ ଦୃଷ୍ଟରେ ଆଜି,
ମୁଁ ନିହାତି ସ୍ୱାର୍ଥୀ, ହୃଦୟହୀନା
ନାରୀତ୍ୱର କଳଙ୍କ
ଏକ ପେଶାଦାର  ମା' ।
ବୁକୁ ମୋର ପଥରରେ ଗଢ଼ା
ଅମୃତର ଧାରାଟିଏ ଉଚ୍ଛୁଳି ଉଠେନି
କି ଭିଜିଯାଏ ନାହିଁ
ମୋ ମମତାର ଅଗଣାଟା ସାରା ।

କିନ୍ତୁ, ଦୁନିଆ କଣ ଦେଖିପାରେ
ଅଭିମନ୍ୟୁ ଯେ
କେତେ ଅସହାୟ ହୋଇପଡ଼େ
ଚକ୍ରବ୍ୟୁହ ଭିତରେ
ପାଦ ଦେଲା ପରେ ପରେ  !
ମୋ ମନରେ ବି ଝଡ଼ ଉଠେ,
ବୁକୁ ଫାଟେ
ପରିସ୍ଥିତିର ଦାୟରେ
ମମତାର ଅନ୍ତଃସ୍ରୋତଟିକି
ମରୁବାଲି ତଳେ ଚାପି ରଖିଲାବେଳେ,
ନିଜଠାରୁ ବିଚ୍ଛିନ୍ନ ହୋଇଯାଏ ମୁଁ
ପ୍ରତି ମୁହୂର୍ତ୍ତରେ ଆତ୍ମାର ଆକର୍ଷଣରେ ।

 Magazine Downloaded from www.aahwaan.com

ମନ କହେ, ଲିଭାଇ ଦିଅନ୍ତି

ଅନଧିକାରର ସମସ୍ତ ସ୍ୱାକ୍ଷରକୁ,

ଚିରି ଫିଙ୍ଗିଦିଅନ୍ତି

ସମ୍ପର୍କର ସନ୍ଧିପତ୍ରଟିକୁ,

ଜଡ଼େଇ ଧରନ୍ତି

ପରିପୂର୍ଣ୍ଣତାର ପ୍ରତିଟି ମୁହୂର୍ତ୍ତକୁ

ଶୁନ୍ୟ ମୋର ହୃଦୟରେ

ଏକାନ୍ତ ନିଜସ୍ୱ ଭାବରେ,

ଲୀନ ହୋଇ ଯାଆନ୍ତା

ସ୍ୱତନ୍ତ୍ର ଏକ ଅସ୍ତିତ୍ୱର ସକଳ ଅହମିକା

'ମା' ବୋଲି ଗୋଟିଏ ଡାକରେ ।

 Magazine Downloaded from www.aahwaan.com

# ମମତାମୟୀ ମା ତାରିଣୀ



ଶିବାଶିଷ ନାଏକ

ବିଜୟନଗର ଜଙ୍ଗଲୁ ପାସ
ଭଞ୍ଜ ରାଜାର ଘୋଡ଼ା ଅଦୃଶ୍ୟ ,
ହୋଇତାଙ୍କ ମନ ବ୍ୟସ୍ତ
କେମନ୍ତ ଯିବେ କେନ୍ଦୁଝରଗଡ଼
ଭାଳେ ତାଙ୍କ ମନଚିତ୍ତ ,
ଦେଖି ଏକ ବରଗଛ ତା ପାସେ ମାତ
ହସ ମୁଖେ ରାଜାକୁ ଚାହିଁ
କୁହନ୍ତି କ'ଣ ହେଲା ଭଞ୍ଜ ,
ମମତା ମୟୀ ମା ତାରିଣୀ
ମମତା ମୟୀ ମା ତାରିଣୀ ।
ଭଞ୍ଜ ରାଜେ ପୁଛିଲେ ତୁମ୍ଭେ କିଏ
ମାତା ଉତ୍ତେ କହିଲେ
ମୁଁ ଶାଳ ର ଦେବୀ ଯେ ,
ଆଣ୍ଠୁମାଡ଼ି ପଦେ ପଡ଼ି
ଭଞ୍ଜ ସୁମରିଲେ
ମୋ ଗଡ଼ ଚାଲହେ ,

 Magazine Downloaded from www.aahwaan.com

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ମା ଉତ୍ତେ ରଖୀଲେ ତୁମ୍ଭେ ଆଗେ ଚାଲିବ ଯେ

ପଛ ଧାରକୁ ନଚାହିଁ

ନ ହେଲେ ମୁଁ ରହିଯିବି ଅଧା ବାଟେ ଚାହିଁ ,

ଏମନ୍ତ ସର୍ତ୍ତ ଶୁଣି ଭଞ୍ଜ ରାଜା ଅବାକ୍

କହିଗଲେ ଭଞ୍ଜ ବୁଝି ମୁଁ ପାରିନି ମାତ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ମାତ ହସ ମୁଖେ କହିଲେ ହେ ଭଞ୍ଜ

ମୋ ପଞ୍ଝୁକ ପାଉଁଜି ବାଜୁଥିବ ବାଟ ଯାକ

କିଛି ବାଟେ ଯଦି ନ ଶୁଭେ ତତେ

ପଛକୁ ମେଲୁଣି ଦେବୁନି ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଯଦି ସେହି କ୍ଷଣେ ଦେବୁ ତୁ ଅନାଇଁ

ରହିଯିବି ସେଇ ସ୍ଥାନେ ,

ଯେତେ କରୁଣା କରି ଅଶ୍ରୁ ଝରେ ବି

ଯିବିନି ତୋ କେନ୍ଦୁଝରଗଡ଼େ ,

 Magazine Downloaded from www.aahwaan.com

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଭଞ୍ଜ ରାଜ ହସ ମୁଖେ ଠିକ୍ ଅଛି ମାତେ

ଚାଲୁଅଛି ମୁଁ ଆଗେ

ଆପଣ ଆସନ୍ତୁ ମୋ ମାର୍ଗେ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ହଠାତ୍ ଏକ ଜାଗେ ନ ଶୁଭେ ମାତା ପଞ୍ଜୁକ ପାଉଁଜି

ରାଜା ଭୟ ଭୀତ

ମନେ ଭାଳିଲେ ମାତା ରହିଗଲେ କି ଅନ୍ୟ ଜାଗ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ନିଜ ମନ ଭୟ ଦୂରୀ କରିବା ନତେ

ରାଜା ଭଞ୍ଜ ଚାହିଁଲେ ମେଲି ,

ମାତା ଅଦୃଶ୍ୟ ହୋଇ ଯେ

ଏକ ଶାଳ ବୃକ୍ଷେ ହେଲେ ଜାଗି ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଦେଖି ରାଜା ମୁଖେ ଦୁଃଖର ଆତଙ୍କ

 Magazine Downloaded from www.aahwaan.com

କାହିଁକି କରିଲି ମୁଁ ଏମନ୍ତ ବିଚାର ,

ବିଚାରେ ମୁଁ ଏତେ ମୂଢ଼ ଯେ

ଭୁଲିଗଲି ମାତା ବାଣୀ ,

କେମନ୍ତ ମୁଁ ନେଇ ପାରିବି

ମା ' କୁ ମୋ ସଙ୍ଗେ ଘେନି ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ମାତା ହସ ମୁଖେ ଦୃଶ୍ୟ ହୋଇ

କହିଲେ ହେ ଭକ୍ତ

ତୋ ଗଡ଼ ର କିଲ୍ଲାରେ

ତୋ ମୋର ଆବିର୍ଭାବ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଏ ଶାଳ ବଣ ତୋ ମୋ ପୀଠ

ଛୁଟି ଆସିବେ କେତେ ଭକତ ,

ସଭିଏଁ ଜାଣିବେ ମୁଁ କେନ୍ଦୁଝରଗଡ଼ ରାଣୀ

ଘଟଗାଁର ମୁଁ ମା ତାରିଣୀ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

 Magazine Downloaded from www.aahwaan.com

ଭଞ୍ଜ ରାଜ ହସ ମୁଖେ

ରଚେ ହେଲେ ଆଗତ ,

କେନ୍ଦୁଝରଗଡ଼େ କହିଗଲେ ହେ ପ୍ରଜାଜନ

ମୋ ମା ଅଛନ୍ତି ସେହି ସ୍ଥାନ ,

ଛୁଟି ଚାଲ ହେ ପୂର୍ଣ୍ଣ

ତୁମ ଆଖିର ସପନ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଏମନ୍ତ ରାଜାଙ୍କ ବାକ୍ୟ

ଛୁଟି ଚାଲିଲା ଅନେକ ରାଜ୍ୟ ,

ବହୁ ଅଞ୍ଚଳେ ରାଜ୍ୟେ ପ୍ରଜାଜନ ରଥ

ଶାଳୁଆ ବଣଯେ ହେଲା ମନରଥ ,

ମମତା ମୟୀ ମା ତାରିଣୀ

ମମତା ମୟୀ ମା ତାରିଣୀ ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର

ଓଡ଼ିଆ ସମ୍ମାନ ଛାତ୍ର

ଘର - ଜଘିଂରା, ଜିଲ୍ଲା - କେନ୍ଦୁଝର, ଓଡ଼ିଶା

ଭ୍ରାମ୍ୟଭାଷ - ୯୬୬୮୬୦୩୮୭୧, ୭୯୭୮୧୫୭୯୩୬

ଇ-ମେଲ ଠିକଣା - shibasheeshnaikjgr@gmail.com

 Magazine Downloaded from www.aahwaan.com

# ମରୀଚିକା



ନାରାୟଣ ଚନ୍ଦ୍ର
ସେନାପତି

ମୁଁ ଜାଣେ ତୁ ଏକ ଭୀରୁ କାପୁରୁଷ
ସତ୍ ସାହସ ବିହୀନ କୁହେଳିକାଟିଏ
ନିରାଶା ଭର୍ତ୍ତି ଥିବା ଆଶାର ବିଷକୁମ୍ଭଟିଏ
ପ୍ରତିହିଂସାର ଉଆସରେ
ନାୟକର ପଗଡିବନ୍ଧା
ସୁନ୍ଦର ଖଳନାୟକଟିଏ ।

ବେଳେବେଳେ ମୁଁ ଭାବେ
ତୁ ଏକ ନିର୍ବୋଧ ଶିଶୁର ଲୁଚକାଳି ଖେଳ
ଚିକ୍ ଚିକ୍ ମୁହଁ ବୋଳା ଚୋରଟିଏ ପରି
ଯାତ୍ରା ପୋଲିସର ଅଭିନୟ କରୁ
ପ୍ରଫୁଲ୍ଲତା ର ଅନୁଷ୍ଠାନ ନିଶାର୍ଦ୍ଧରେ
ମାତ୍ର ପ୍ରଭାତ ସ୍ପର୍ଶରେ ମୌନବ୍ରତ କରିଥିବା
ସୁନ୍ଦର ମହାକାଳ ଫଳଟିଏ ।

 Magazine Downloaded from www.aahwaan.com

ପ୍ରତ୍ୟକ୍ଷରେ ତୁ ସାଜିପାରୁ ନିର୍ଦ୍ଦୋଷ
ମାତ୍ର ପରୋକ୍ଷରେ ତୁ ଜୀବହନ୍ତା
ଭାଙ୍ଗିଦେଉ ଅଗୋଚରରେ କେତେ ହୃଦୟୀଙ୍କ ବାୟା ବସା
ଗଢ଼ିଦେଉ କେତେ ସ୍ନେହୀଙ୍କ ଶ୍ମଶାନ
ଆନନ୍ଦର ତାଜମହଲଟା ସାଜେ ଚିତ୍କାରର ପିରାମିଡ୍
କେବଳ ପାଉ ଘୃଣାର ଉପହାର
ସାଜି ମିଥ୍ୟାବାଦୀ ପ୍ରବଞ୍ଚକ
ଧରି ସୈତାନ ନିମକହାରାମର ମାନପତ୍ରଟିଏ ।

ଶୁଣିଥିଲି ଚନ୍ଦ୍ରଦେହେ କଳଙ୍କ ତୋ ଯୋଗୁଁ
ଅଂଶୁଘାତର ମାରଣାସ୍ତ୍ର ଖଞ୍ଜା ତୋପଟିଏ ତୁ
କରୁ କେତେ ଯେ ପାପ,
ସମ୍ପର୍କର ମୂଲ୍ୟ ଜାଣି ନ ଥିବା ଶତ୍ରୁଟିଏ ତୁ
ବିଶ୍ୱାସଘାତକତାର ଇତିହସେ
ପାଉଥିବୁ କେତେ ଯେ ନିନ୍ଦା
ସାରା ଜୀବନ ଅଭିଶପ୍ତ ବୈଧବ୍ୟ ଯନ୍ତ୍ରଣା ପାଇଁ
ଅନ୍ତରରେ ଧରା କୋହର ରୁକ୍ଷ ଧ୍ୱନିଟିଏ ।

ଜମ୍ଫରା, କେନ୍ଦୁଝର

 Magazine Downloaded from www.aahwaan.com

# ବସନ୍ତର ଆଗମନ



ସାଗର ପ୍ରଧାନ

ନବ ବସନ୍ତର ପହିଲି ପରସେ
ନାନା ପୁଷ୍ପେ ଦ୍ରୁମ ଭରା ।
ଶୀତୁଆ କାକର ହୋଇଯାଏ ଦୂର
ପୁଲକିତ ହୁଅ ଧରା ।

ନବ ପଲ୍ଲବୀତ ଆମ୍ର ତରୁ ଅଙ୍ଗେ
ବଉଳ ପାଉଛି ଶୋଭା
ରଙ୍ଗ ବେରଙ୍ଗର କୁସୁମ ସଜାନ୍ତି
ବସୁଧା ମାଆର ଗଭା ।

ଗହଳିଆ ବନ ତରୁ ବୃନ୍ତ ଡାଳେ
କୋକିଳର ମିଠା ତାନ
ପ୍ରେମର ଜୁଆରେ ହୃଦ ବିଦାରିତ
ଉଲ୍ଲସିତ ତନୁ ମନ ।

ପ୍ରୀତି ମହକର ମଳୟ ପବନେ
ପ୍ରେମ ପ୍ରଣୟ ର ଛୁଆଁ
ନିରସ ହୃଦୟେ  ଜାଗି ଉଠେ ଜଳି
ଶାଶ୍ୱତ ପ୍ରେମର ନିଆଁ ।

ଦୋଳ ଯାତ ପାଇଁ  ଗାଁଆ ହୁଏ ସଜ
ହସି ଉଠେ ପଲ୍ଲୀ ଭୂଇଁ
ଶ୍ରୀ ରାଧାଗୋବିନ୍ଦ ବିମାନରେ ବିଜେ
ସାଥେ ବନ୍ଧୁ ସଖା ନେଇ ।

ପଦାଦିଗି, ଗଂଜାମ
ଭ୍ରାମ୍ୟଭାଷ : ୯୧୨୪୭୭୬୨୮୭

 Magazine Downloaded from www.aahwaan.com

# ଆହ୍ୱାନ



ରୋହିତ ମାଝୀ

ସର୍ବଂସହା ମା' ମାଟି ଆଜି ଲାଗେ ଅସ୍ତବ୍ୟସ୍ତ
ସବୁ ଦେଇ ସେ ତ ପାଲଟିଛି ନିଃସ୍ୱ
କୃତ୍ରିମ ପ୍ରଲେପ ସାଜେ ତେଣେ ବିଷ
ଅସ୍ତିତ୍ୱ ହାରି ପୁଣି ପାଳିଛି ସନ୍ତାନ
ତଥାପି କରେ ସତର୍କ ଦେଇ ଆହ୍ୱାନ
'ପାଇବ କି ଆଉ ଏପରି ଭୂବନ ?'

ମାଆ ଡାକ ଏଠି ହୁଏ ନିଷ୍ପ୍ରଭ
ପର ଲାଖିଗଲେ ପକ୍ଷୀ କାହାର
ଦଦରା ପଣତ ଚିରି ହୋଇଯାଏ
ଯିଏ ଦିନେ ତାକୁ ସୁରକ୍ଷା ଦିଏ
ତା' କୋଳ ଝୁଲଣା ଅଲଡ଼ା ହୁଏ
ସେପରି ସନ୍ତାନ ପାଇଁ ଏ ଆହ୍ୱାନ
'ଯେପରି ସଞ୍ଚିବ, ସେପରି ବଞ୍ଚିବ ।'

ଅବଳା ଦୁର୍ବଳା ନ ପାରଇ ବାରି
ପରୀ ରାଇଅଜର ରାଜକୁମାରୀ
ସନ୍ତାନ ମୋହରେ ସେ ଆଜି ଅନ୍ଧ
ଆଖି ଥାଇ ଅନ୍ଧ ଗାନ୍ଧାରୀ ସମ
କରେ ଆହ୍ୱାନ ଶୁଣ ସନ୍ତାନ
'କି ବଳଶାଳୀ କି ତୁମେ ବିଦ୍ୱାନ ।'

ଭାବିଛ କି ଥରେ ମାଟି ମା' କଥା
ସୁରକ୍ଷା ଯା'ର ନାହିଁ କାହା ମୁଣ୍ଡେ ବ୍ୟଥା
ମାଟିର ରଥ ଏ ଯେ ମାଟିର ଘୋଡ଼ା
ଅନ୍ତିମ ଲକ୍ଷ୍ୟ ତ ଏଇ ମାଟିରେ ଯୋଡ଼ା ।

ଶିକ୍ଷକ, ଭାଲିଆଡ଼ିହା, କୁଳିଅଣା,
ମୟୁରଭଞ୍ଜ, ଓଡ଼ିଶା

 Magazine Downloaded from www.aahwaan.com

# ସପନ ସୁନ୍ଦରୀ



ଧିରେନ୍ ବାଗ୍

ମୋ ସପନ ସୁନ୍ଦରୀ
ମୋ ନାୟିକା
ହାତଠାରି ଡାକିଲାଣି
କରି ପ୍ରତୀକ୍ଷା । - ୧

ମୁଁ ଗଲେ ସେ
ହେବ ସଜେଇ
ତା ରଙ୍ଗେ ଦେବ
ମୋତେ ରଙ୍ଗେଇ । - ୨

ଭାରି ଚଗଲି
ଅବୁଝା ମନୋଇ
ନାଲି ନାଲି ଓଠକୁ
ଭାରି ଗେହ୍ଲେଇ । - ୩

ଜହ୍ନ ପରିକା
ଭାରି ସୁନ୍ଦରୀ
ମୃଗୁଣୀ ଆଖିକୁ
ସରଗ ପରୀ । - ୪

ଗୋରା ପାଦକୁ
ଅଳତା ଗାର
ତୁଠ ପଥର ବି
ଦେଖି ହୁଏ ବିଭୋର । - ୫

ମୋନାଲିସା ହସ
ଦାନ୍ତ ମୁକୁତା
ଲାଜେଇ ଲାଜକୁଳୀ
ପ୍ରୀତି ମଧୁଛନ୍ଦା । - ୬

କଳାମେଘୀ କେଶୀ
ଉଡ଼େ ଫର ଫର
ପାଉଁଜି ଶବଦେ
ମନ ମୋହେ ମୋର । - ୭

ଚାଲି ରାଜହଂସୀ
କଥା ମଧୁର
ପାଖକୁ ଗଲେ
କରେ ନିଜର ।

ଗଉଡ଼ରମା, କୁଳିଅଣା, ମୟୁରଭଞ୍ଜ
ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

 Magazine Downloaded from www.aahwaan.com

# ଏକ



ଯଶସ୍ୱିନୀ ସାହୁ

ଭଲ ଲାଗେ

ଭଲ ଲାଗେ ମୋତେ

ତୁମ ସହ ବାଟ ଚାଲିବାକୁ

ହାତକୁ ହାତ ଛନ୍ଦି ।

ଭଲ ଲାଗେ

ଭଲ ଲାଗେ ମୋତେ

ତୁମ ମଥାକୁ ଚୁମିବାକୁ ।

କିନ୍ତୁ

କାହିଁକି କେଜାଣି ?

ସବୁବେଳେ ପ୍ରଶ୍ନ ଉଙ୍କି ମାରେ

ତୁମେ କଣ ମୋର ସେଇ ସାଥୀ

ଯିଏ ସ୍ୱପ୍ନରେ ଆସେ ନିତି ।

କିନ୍ତୁ

ତୁମଠାରେ ଦେଖେନି ମୁଁ

ସେଇ ପ୍ରେମର ଭାବ

କାହିଁକି କେଜାଣି ଲାଗେ

ତୁମେ ଚାହଁ ଦୂରେଇ ରହିବାକୁ ମୋ ଠାରୁ ।

କିନ୍ତୁ

ମୁଁ ତ ରହିପାରୁନି

କେମିତି ଆଉ କାହିଁକି ରହିବି

ମୁଁ ତ ପାଉଛି ଭଲ ତୁମକୁ ।

ହେ ସାଥୀ !

ସବୁ ବନ୍ଧବାଡ଼ ଭାଙ୍ଗିଦେ ଆଜି

ଆ ହେଇଯିବା ଏକ ଆମେ

ନା ଥିବ ଏଠି ଦିନ ରାତି

ନା ଥିବ ଏଠି ବର୍ଷା ଖରାର ତାତି ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା

ଖୋର୍ଦ୍ଧା, ପୁବୁସାହି ।

ଭ୍ରାମ୍ୟଭାଷ : ୭୫୩୯୮୯୩୯୪୯

 Magazine Downloaded from www.aahwaan.com

# ପ୍ରେମ ପତର



ବିଭୁତିଭୂଷଣ ସାମଲ

ନାଆଁ ତାର ପ୍ରେମ ପତର
ନାହିଁ ତା ଉପମା ସିଏ ଅନୁପମ
ନାହିଁ ତା ତୁଳନା ସେ ଅତୁଳନୀୟ
ମାରି ଦିଏ ମଦନ ଶର
ନାଆଁ ତାର ପ୍ରେମ ପତର ।

ତା' ଭିତରେ ଥାଏ କବିର କଳ୍ପନା
ତା ଭିତରେ ଥାଏ ଭାବୁକ ଭାବନା
କାମରେ କରେ ଜର ଜର
ନାଆଁ ତାର ପ୍ରେମ ପତର ।

ତା ଉପରେ ଲେଖା ନଥାଏ ଠିକଣା
ଡାକ ଟିକଟର ଲୋଡ଼ା ତ ହୁଏନା
ମଧ୍ୟସ୍ଥି ପାଏ ଉପହାର
ନାଆଁ ତାର ପ୍ରେମ ପତର ।

ପ୍ରେମିକର ଇଏ ଶାମୁକାର ମଣି
ପ୍ରେମିକାର ହୁଏ ରତନର ଖଣି
ହୃଦୟେ କରିଯାଏ ଘର
ନାଆଁ ତାର ପ୍ରେମ ପତର ।

ଅକ୍ଷର ଗୁଡ଼ିକ ଡଉଲଡାଉଲ
ଲାଗଇ ସୁନ୍ଦର ଲେଖା ଭାରି ଭଲ
ବାସଇ ଅତର ଅତର
ନାଆଁ ତାର ପ୍ରେମ ପତର ।

 Magazine Downloaded from www.aahwaan.com

ଲୁଚି ରହିଥାଏ କେତେ ଯେ ଭରସା
ଅନେକ ଇଶାରା ଅସୁମାରି ଆଶା
ଲାଗଇ ଭାରି ଆପଣାର
ନାଆଁ ତାର ପ୍ରେମ ପତର ।

ପରିବର୍ତ୍ତନ ତ ସୃଷ୍ଟିର ନିୟମ
ଚିଠି ଭଳି ଲୁଚି ଯିବକି ତା ନାମ
ନୟନରୁ ଝରାଏ ନୀର
ନାଆଁ ତାର ପ୍ରେମ ପତର ।

ମୋବାଇଲ୍ ପ୍ରେମ ଫଳଟି ବିଷମ
ଯୁବପୀଢ଼ି ଭୋଗୁଛି କୁପରିଣାମ
କାନ୍ଦି କହେ ସେ ବାରବାର
ନାଆଁ ତାର ପ୍ରେମ ପତର ।

ଜଳ ପରିମଳ ବିଭାଗ
କୁଳିଅଣା, ମୟୁରଭଞ୍ଜ, ଓଡ଼ିଶା

 Magazine Downloaded from www.aahwaan.com

# ଜାନୁଆରୀ ୨୩ର ଦୁଇ ଓଡ଼ିଆ ବୀର



ଶ୍ରୀ ରମା କାନ୍ତ ମିଶ୍ର

## ୧।। ବୀର ସୁରେନ୍ଦ୍ର ସାଏ

ସଂବଲପୁରର ସୁଯୋଗ୍ୟ ଦାୟାଦ
ହେ ମହାନ୍ ବୀର ସୁରେନ୍ଦ୍ର ସାଏ !
ଜାତୀୟ ଆନ୍ଦୋଳନର ହେ ମହା ପୁରୋଧା
ପ୍ରଜ୍ୱଳିତ କରିଥିଲ ବିପ୍ଳବାଗ୍ନି ଏ ସଂବଲପୁର ମାଟିରେ
ଚିହ୍ନିନି ତୁମର ମୂଲ୍ୟ ଏ ଉତ୍କଳ ଦାୟାଦ ଆଜି ଯାଏ ।
ବନ୍ଦୀ ହୋଇଥିଲ ବହୁବାର ଇଂରେଜ ଶାସନରେ
ଏବେ କିଂତୁ ବନ୍ଦୀ ନିମ୍ନ ପ୍ରାଥମିକ ପାଠ୍ୟପୁସ୍ତକରେ ।
କୃତଘ୍ନତା କରିଥିଲା ଦୟାନିଧି ମେହେର
ଶିଖି ମନାଇର ଜାତିଭାଇ
ଦେଇଥିଲା ତୁମକୁ ଧରାଇ ତୁମ ଜନ୍ମଦିନ
୨୩ ତାରିଖ ପୌଷ ପୂର୍ଣ୍ଣମୀ ଦିନ ।
ଜାତି ପାଇଁ, ଦେଶ ପାଇଁ ଦେଲ ବଳୀଦାନ
ତୁଚ୍ଛ କରି ନିଜ ଜୀବନ, କଲ ଏ ଜାତିକୁ ମହାନ
କିନ୍ତୁ ତାର କି ପ୍ରତିଦାନ ଦେଇଛି ଏ ଜାତି ?
ଶୁଣେ ତୁମ ଉତ୍ତର ଦାୟାଦ ଆଜି ପାଏ ନାହିଁ
ଜୀବନ ଧାରଣ କରିବା ପାଇଁ ସ୍ଥାନ ?

 Magazine Downloaded from www.aahwaan.com

ତୁମ ସାଥେ ଯେଉଁମାନେ କରି ଥିଲେ

ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମ

ତାଙ୍କ ଜାତିଠାରୁ ପାଇଛନ୍ତି ପ୍ରତିଦାନ ।

କିନ୍ତୁ ତୁମର ଦୁର୍ଭାଗ୍ୟ ତୁମେ ଜନମିଲ

ଏ ମାଟିରେ ଯେଉଁ ଠାରେ

କେହି କାହାରିକୁ କରନ୍ତି ନାହିଁ ମହାନ !

ଗୋଛିକଟା ଜାତି ଏ ତ,

ସୁଧୁରିନି କେବେବି ତ

ଦିନକୁ ଦିନ ଯାଏ ରସାତଳ

ତେବେ ବି କରେ ନାହିଁ

ତୁମ ପରି ବୀରଙ୍କର ଆଦର ।

**୨।। ଦୁର୍ଭାଗ୍ୟ**

ଛିଡ଼ା ହୋଇଥିଲି କଲିକତା

ମହାନଗରୀର ଶାମ୍ ବାଜାର

୫ ପଏଣ୍ଟ କ୍ରସିଂଗ୍ ସାଇଡ୍‌ରେ

ଦେଖୁଥିଲି ନେତାଜୀଙ୍କର

ଚକ୍ ଚକ୍ କରୁଥିବା ବ୍ରୋଞ୍ଜ ପ୍ରତିମାକୁ

୨୩ ତାରିଖ ନେତାଜୀ ଜୟନ୍ତୀ ପାଇଁ

କରିଥିଲେ ବୋଧହୁଏ ସଫା ।

ଛିଡ଼ା ହୋଇଥିଲି ଗୋଟେ ପଟେ

 Magazine Downloaded from www.aahwaan.com

ପାରି ହେବା ପାଇଁ ଆଉ ପଟକୁ
ମୁଁ ଚାହୁଁ ଥାଏ ଟ୍ରାଫିକ୍ ସିଗ୍ନାଲକୁ ।
ମନେ ହେଲା ମୋର
ମୁଁ ଯେପରି ମହାନଗରୀର
ଭିଡରେ ଖୋଜୁଛି ପାରି ହେବାର ବାଟ
ନେତାଜୀ ବୋଧହୁଏ ଘୋଡା ଉପରେ
ବେଶ ପୋଷାକ ପିନ୍ଧି ହାତରେ ଧରି ତରବାରୀ
ଚାହିଁ ରହିଛନ୍ତି ଯୁଗ ଯୁଗ ଧରି
ପାରି ହେବା ପାଇଁ ପଥ ।
ସତରେ ନେତାଜୀ ତୁମେ ସଂଗ୍ରାମୀ
ବାଛି ନେଇଥିଲ ଚିର ସଂଗ୍ରାମର ପଥ ।
ହେଲ 'ନେତାଜୀ' ଡାକରେ କେବଳ
ଅମର ହେଲ ପାଠ୍ୟ ପୁସ୍ତକରେ !
ସତରେ କିନ୍ତୁ ଏ ଭାରତବର୍ଷକୁ
ଦେଇ ପାରିଲନି କେବେ ତୁମ
ନେତା ହୋଇଥିବାର ପରିଚୟ
ଏହା କିନ୍ତୁ ଭାରତର ଦୁର୍ଭାଗ୍ୟ ନିଶ୍ଚୟ ।

ଭି.ଆଇ.ଏମ. - ୨୬୮
ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୭୫୧୦୨୧
ମୋବାଇଲ - ୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ତୁମ ସାଥେ



ଜିତେନ୍ଦ୍ର କୁମାର କହଁର

ଜାଣିନି ତୁମସାଥେ
ପୁଣି କେବେ ଦେଖାହେବ କି ନା,
ନା କେବଳ ବଞ୍ଚିବାକୁ ହେବ
ସାଉଁଟିଥିବା କିଛି ତୁମ ସ୍ମୃତିର ଛିଟାକୁ ନେଇ... ।

ଅଧୁରା ରହି ଯାଇଥିବା
ମୋ କାହାଣୀକୁ
ଆମ କାହାଣୀ କରିବାର ସୁଯୋଗ
ସମୟ ପୁଣିଥରେ ଦେବକି ନା ଦେବନି... ଜାଣିନି ।

ସତରେ ନା ମନ
ନା ଏ ବିଚରା ହୃଦୟ,
କେହି ବି ବୁଝି ପାରିଲେନି ତୁମ କଥା,
ତୁମେ ପାଖରେ ଥିଲ ଅଜାଣତେ ମୋ ନିଜରଥିଲ
ହେଲେ ଆଜି ତୁମେ ଗଲାପରେ ଖୋଜୁଛି
ଯେବେ ତୁମେ କେବଳ ସନ୍ତକଟିଏ ସାଜିଯାଇଛ ସ୍ମୃତିର... ।

 Magazine Downloaded from www.aahwaan.com

ଦୁନିଆର ଅନେକ ଭିଡ଼ ଭିତରୁ

ମୁଁ ମୋ ନିଜକୁ ବୋଧହୁଏ ତୁମପାଇଁ ଚିହ୍ନି ପାରିଥିଲି,

ମୋ ଅନ୍ଧାର ଦୁନିଆରେ ତୁମେ ଆଲୋକିତ ପ୍ରଥମ କିରଣ ଥିଲ

ହୁଏତ ତୁମେ ସେଦିନ ନା ଆଜି ଜାଣି ପାରୁଥିବ

ତୁମେ ମୋ ପାଇଁ କେବଳ ଖୁସିଟିଏ ହସଟିଏ ନୁହଁ

ମୋ ପାଇଁ ମୋ ଜୀବନର ସାତରଙ୍ଗପରି ଥିଲ..□

ମୋ ଆଖପାଖରେ ତୁମେ ନାହଁ

ତଥାପି ଏ ଆଖି ବୁଝେନା ଏ ମନ ମାନେନା

କାଳେ ତୁମର ଗୋଟିଏ ଝଲକ କେଉଁଠି କେମିତି ମିଳିଯିବ ବୋଲି

ଅହରହ ପ୍ରତିକ୍ଷଣେ ଚାରିଦିଗେ ଘୁରିବୁଲେ...□

ଜାଣିଛ ତୁମେ ଯେବେ ସ୍ୱପ୍ନରେ ଆସିଥାଅ

ଆଉ ମୋ ନିଦ ଅଧାରୁ ଭାଙ୍ଗିଯାଏ,

ଜାଣିଶୁଣି ପୁଣିଥରେ ଶୋଇଯାଏ

କାଳେ ସେ ସ୍ୱପ୍ନରେ ଆଉ କିଛି ମୁହୂର୍ତ୍ତ ତୁମ ସହ ମିଳିଯିବ ବୋଲି ।

ଅଜବ ଏ ମନ

ବାରମ୍ବାର ହଜିବାକୁ ଚେଷ୍ଟାକରେ

 Magazine Downloaded from www.aahwaan.com

କେବଳ ତୁମରି ଭାବନାରେ,

ଗଢି ତୋଳେ ଏକ ନୂଆପ୍ରେମର ପୃଥିବୀ

ଆଉ ସାଉଁଟି ଚାଲେ ଅନେକ କଳ୍ପିତ ମିଠା ସ୍ମୃତି ।

ଅପେକ୍ଷାର ଅନ୍ୟ ନାଁ ଜାଣେ କଷ୍ଟଟିଏ

ତଥାପି ମୁଁ ତୁମରି ଅପେକ୍ଷାରେ,

କାହିଁକି କେଜାଣି ଏ ଅପେକ୍ଷା କଷ୍ଟଦିଏନି

ବୋଧହୁଏ ହୃଦୟ ଜାଣିସାରିଛି ଯେ ଏ ଅପେକ୍ଷାର ଅନ୍ତ ନାହିଁ

ଆଉ ତଥାପି ସେ ତୁମରି ଅପେକ୍ଷାରେ କିଛି ବୁଝୁନଥିବା ପାଗଳଟାଏ ପରି...□

କଳ୍ପନାରେ ଭାବନାରେ ନିଇତି

କେତେ ଯେ କାହାଣୀ ଗଢି ତୋଳେ,

କେତେବେଳେ ଥାଅ ତୁମେ ରାଣୀ ଆଉ ମୁଁ ତୁମ ରାଜା

ଆଉ କେତେବେଳେ ମୁଁ ତୁମ ପ୍ରେମ ଆଉ ତୁମେ ମୋ ପ୍ରେମିକା

ଯେଉଁ କାହାଣୀରେ କେବଳ...

କେବଳ ତୁମେ ଆଉ ମୁଁ ଆଉ ଥାଏ ଏକ ସୁନ୍ଦର ଦୁନିଆ ।

କେବଳ ତୁମେ ଆଉ ମୁଁ ଆଉ ଥାଏ ଏକ ସୁନ୍ଦର ଦୁନିଆ ।

ଫୁଲବାଣୀ, କଲାଡ଼ି

ଭ୍ରାମ୍ୟଭାଷ : ୯୪୩୯୫୪୨୫୨୧

 Magazine Downloaded from www.aahwaan.com

# ଲୋହିତ ଜାହ୍ନବୀ



ଜ୍ୟୋତିରଞ୍ଜନ ସାହୁ

ଛେଦିତ ମସ୍ତକ ନିମ୍ନଗାମୀ ହୁଏ
ଊର୍ଦ୍ଧକୁ ଶରୀର ରକ୍ତେ ପ୍ଲାବିତ
ମହୀ ଝରଝର ଲୋହିତ ଜାହ୍ନବୀ
ସତେ ଧରାପୃଷ୍ଠେ ଅବତରିତ ॥ - ୧

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ
ଜାହ୍ନବୀ ଆଜି ଉଗ୍ର ମୂଖା
ବ୍ୟାକୁଳ ସତେକି ଭସାଇ ନେବସେ
ପ୍ରମାଣ କରିବ ତା ପବିତ୍ରତା ॥ - ୨

କେତେ ଗୃଧ୍ର କେତେ ମାର୍ଜାର ବ୍ୟାକୁଳ
ଲୋହିତ ଜଳରେ କରିବେ ସ୍ନାନ
ଉପଶମ ହେବ କ୍ଷୁଧା ତୃଷା ସବୁ
ସେହି ଆଶା ନେଇ ଧାବନ୍ତିଶ୍ୱାନ ॥ - ୩

ଲୋହିତ ଜାହ୍ନବୀ ଭେଦ ନଜାଣଇ
କିଏ ଶ୍ୱାନ କିଏ ଗୃଧ୍ର ମାର୍ଜାର
ହରିବାକୁ କ୍ଷୁଧା ତାରିବାକୁ ତୃଷ୍ଣା
ରହିଥାଏ ସିଏ ସଦା ତତ୍ପର ॥ - ୪

ପବିତ୍ର ହେଉଛି ତା ପୂଣ୍ୟ ଜଳରେ
ଶାଳୁଆ ବଣର ତୃଷାର୍ତ୍ତ ଭୂମି
ସେହି ପୂଣ୍ୟ ଜଳୁ ଟୋପେ ପାଇବାକୁ
ଶାର୍ଦ୍ଦୁଳ ମାର୍ଜାର ଅଛନ୍ତି ଜମି ॥ - ୫

ଲୋହିତ ଛିଟାରେ ଲିଭିବ ଭାବନ୍ତି
ପାପର ଅର୍ଜିତ କଳଙ୍କ ଛିଟା
ଲୋହିତ ଜାହ୍ନବୀ ଅଟ୍ଟହାସ୍ୟ କରି
ରକ୍ତେ ଧୋଇଦିଏ କଳଙ୍କ ଗାଥା ॥ - ୬

 Magazine Downloaded from www.aahwaan.com

ନୁହେଁ ହିମାଳୟ ହିମଖଣ୍ଡ ସମ
ଲୋହିତ ଜାହ୍ନବୀ ଅଟେ ଶୀତଳ
ଉଷ୍ଣତା ଭରିଛି ଜଳରେ ଏହାର
ଶକ୍ତ ହୃଦୟକୁ କରେ ତରଳ ॥ - ୭
କେତେଦିନ ଆଉ ଲୋହିତ ଜାହ୍ନବୀ
ମିଥ୍ୟାରେ ଲେଖିବ ଗାଥା ପୁଣ୍ୟର
କାହାକୁ କହିବ ପାଷାଣି ହୃଦୟ
ଜନନୀ ପାଷାଣ ଜୀବ ମହୀର ॥ ୮
ଲୋହିତ ଜାହ୍ନବୀ ଚତୁର୍ଦ୍ଦିଗେ ଆଜି
ଲହଡି ମାରଇ ଆଶ୍ଚର୍ଯ୍ୟ ଜିହ୍ୱା
ଲାଳସାରେ ଅନ୍ଧ କିଶ୍ରେଷ୍ଠକିମ୍ଲେଚ୍ଛ
ଉଦର କୁଣ୍ଡରେ କରନ୍ତି ସ୍ୱାହା ॥ - ୯
ଆର୍ଯ୍ୟମଣ୍ଡଳରେ କାୟା ବିସ୍ତାରୟୀ
ଲୋହିତ ଜାହ୍ନବୀ ବକ୍ଷେ ବିଲୀନ
ହୋଇଯିବ ଦିନେ ପାଷାଣି ଧରିତ୍ରୀ
ଅପେକ୍ଷା ତାହାର କେବେ ସେଦିନ !!! - ୧୦

ଇମେଲ୍ : jrs.2013rediffmail@gmail.com

 Magazine Downloaded from www.aahwaan.com

# ଏମିତି କାହିଁକି ହୁଏ



ଶୟନ ନାୟକ

ଶ୍ରାବଣର ବର୍ଷା ଥାଏ,

ଭିଜିବାକୁ ମନ ଥାଏ,

ତଥାପି ଭିଜି ହୁଏନା ।

ଏମିତି କାହିଁକି ହୁଏ :-

ମନରେ କୋହ ଥାଏ,

କାନ୍ଦିବାକୁ ଇଛାଥାଏ,

ତଥାପି କାନ୍ଦି ହୁଏନା ।

ଏମିତି କାହିଁକି ହୁଏ:-

ଆଶା କିଛି ପୂରଣ ହୁଏ,

ସ୍ୱପ୍ନ କିଛି ପୂରଣ ହୁଏ,

ତଥାପି ମନ ଖୁସି ହୁଏନା ।

ଏମିତି କାହିଁକି ହୁଏ :-

ଅତୀତର ସ୍ମୃତି କିଛି,

ହୃଦୟକୁ କଷ୍ଟଦିଏ,

ଭୂଲିବାକୁ ଇଛା ଥାଏ,

ତଥାପି ଭୂଲିହୁଏନା !

ଶୟନ ନାୟକ

ଭଞ୍ଜନଗର, ଗଞ୍ଜାମ, ଓଡିଶା

ଭ୍ରାମ୍ୟଭାଷ : ୯୯୩୮୮୦୨୭୦୨

 Magazine Downloaded from www.aahwaan.com

# ବାସ୍ତବ ରଙ୍ଗମଞ୍ଚର ଏକ ଅଭିଶପ୍ତ ନାୟକ



ସୌମ୍ୟରଞ୍ଜନ ପାତ୍ର

ପ୍ରଥମପ୍ରେମର ପ୍ରଥମ ସ୍ମୃତିକୁ
କେମିତି ପାରିବି ଭୁଲି
ଯାହାକୁ ଜୀବନେ ପାଉଥିଲି ଭଲ
ସିଏ ତ ଗଲାଣି ଚାଲି
କାହାପାଇଁ ଥିଲ ଅମାବାସ୍ୟା ତୁମେ
ଶେଫାଳୀ ଫୁଲର ବାସ୍ନା
ମୋ ପାଇଁ ସାଥୀ ଆକାଶର ଜହ୍ନ
ପୂର୍ଣ୍ଣମୀ ରାତ୍ରୀର ଜ୍ୟୋସ୍ନା
କେଉଁ ଭୁଲ୍ ପାଇଁ ଛାଡ଼ିଦେଲ ହାତ
ମରିବାକୁ ଜଳି ଜଳି
ଦେହର ଭୋକକୁ ମେଣ୍ଟାଇବା ପାଇଁ
ସତୀତ୍ୱକୁ ଦେଲ ବଳି

ଧନ୍ୟ ତୁମେ ସାଥି ଧନ୍ୟ ତୁମ ପ୍ରୀତି
କଳଙ୍କିତ ପ୍ରେମ କଲ
ଚିରନ୍ତନ ସତ୍ୟ ଏ ପ୍ରେମର କେହି
ଦେଇ ପାରିବେନି ମୂଲ
କେମିତି ଭୁଲିଲ କୁହ ମୋତେ ପ୍ରିୟା
ହୃଦୟକୁ କରି ଶକ୍ତ
ଭାବିଲନି ଥରେ ବଞ୍ଚିବି କେମିତି
ହୃଦରୁ ଝରିଲେ ରକ୍ତ
ମନେଥିଲା କେତେ ଆଶା ଅସୁମାରୀ
ସ୍ୱପ୍ନ ଥିଲା ଅସରନ୍ତି
ସେହି ସ୍ୱପ୍ନସବୁ ଭାଙ୍ଗିଯାଇ ଆଜି
ଲହୁ ହୋଇ ବରଷନ୍ତି

 Magazine Downloaded from www.aahwaan.com

କିଏ ଜାଣିଥିଲା ସତ ପ୍ରେମ ଏକ
ଅଲୋଡା ବାଲୁକା ସ୍ତୁପ
ସେ ପ୍ରେମର ଆଜି ନାୟକ ସାଜି ମୁଁ
ଲେଖୁଥାଏ ବସି ଗପ
ଏତେ ଅବିଶ୍ୱାସୀ ବେଇମାନୀ ସତେ
ଦେଇଗଲ ମୋତେ ଶିକ୍ଷା
ତୁମପାଇଁ କେହି ଆଜିଠାରୁ ମୋତେ
ଦେବେ ନାହିଁ କ୍ଷମା ଭିକ୍ଷା
ଜୀବନେ ତୁମକୁ ଭଲପାଇ ମୁହିଁ
ମସ୍ତବଡ ଭୁଲ୍ କଲି
ପ୍ରେମଥିଲା କେବେ ମିଥ୍ୟା ପ୍ରତାରଣା
ସତେ ବା ଅଜଣା ଥିଲି
ନିରିମାଖି ତୁମ କୋମଳ ଚେହେରା
ହୃଦୟରେ ଥିଲା ବିଷ
ସେ ବିଷର ଜ୍ୱାଳା ଏତେ ଯେ ପ୍ରଖର
ମଶାଣୀରେ ହେବ ଶେଷ

ଜୀବନ ଯୁଦ୍ଧରେ ହାରିଗଲି ମୁହିଁ
କା' ଆଗେ ପାରୁନି କହି
ଜୀଇଁବାଟା ଖାଲି ଅଭିନୟ ମୋର
ସବୁ ଦୁଃଖଯାଏ ସହି
ବାପା ମାଆଠାରୁ ସାଙ୍ଗସାଥି ଯାଏଁ
ସବୁଠି ମୁଁ ଅନୁତପ୍ତ
ଦୁନିଆଁର ଏହି ବାସ୍ତବ ମଞ୍ଚର
ନାୟକ ମୁଁ ଅଭିଶପ୍ତ ।

ସୌମ୍ୟରଞ୍ଜନ ପାତ୍ର
ଗ୍ରାମ/ପୋଷ୍ଟ:ଖଡିଅଙ୍ଗ
ଜିଲ୍ଲା:ଯାଜପୁର
ପିନ୍:୭୫୫୦୪୯

 Magazine Downloaded from www.aahwaan.com

# ଅମର ତୁମେ ଅଟଳ



ମନୋରଞ୍ଜନ ମୁଦୁଲି

କାର୍ଗିଲ ଘାଟିରୁ ଭାସିଆସୁଛି
ବିଜୟ ଯାତ୍ରାର ରଣହୁଙ୍କାର,
ଭାରତମାତାର ଜୟଗାନ କରେ
ତୁମରି ସ୍ୱରରେ ଏ ଦେଶ ବୀର । - ୧

ତୁମେ ଥିଲ କବି ଜନନାୟକ
ଜନତା ହୃଦୟ ପାରିଛ ଜିଣି,
ତେରଟି ଦିନର ଶାସନ ଭିତରେ
ନୂଆ ଇତିହାସ ଗଢ଼ିଲ ପୁଣି । - ୨

ଏ ଦେଶର ମାଟି ପାଣି ପବନ
ଝୁରୁଛନ୍ତି କୋଟି ଦେଶର ଜନ
ଜିଣି ନେଇଥିଲ ଦେଶପ୍ରୀତି ଦେଇ
ଛୁଇଁଗଲ ତୁମେ ସବୁରୀ ମନ । - ୩

ତୁମେ ଭାରତର ଅମୂଲ୍ୟରତନ
ଭାରତ ରତ୍ନରେ ଅଭିମଣ୍ଡୀତ,
ତୁମକୁ ପାଇ ଏ ଦେଶର ନାୟକ
ଆମେ ସବୁ ଆଜି ବହୁ ଗର୍ବୀତ । - ୪

ଆଦର୍ଶ ନେତା ତୁମ ସମ ଆଉ
ଭାରତରେ କିଏ ହେବେ ଜନମ,
ତୁମ ବ୍ୟକ୍ତିତ୍ୱର ନାହିଁ ପଟାନ୍ତର
ତୁମପାଇଁ ଆମେ ହୋଇଛୁ ଧନ୍ୟ । - ୫

ଗାଁରୁ ସହର କେତେ ଯେ ଦୁର୍ଗମ
ପଥ ବି ନଥିଲା ଚାଲିବା ପାଇଁ,
ଦୁଆରେ ଦୁଆରେ ପକ୍କା ସଡ଼କ
ତୁମରି ଯୋଜନା ଏ ଦେଶ ପାଇଁ । - ୬

ତୁମ ଦେଶପ୍ରେମ କାହାଣୀ ନଥିଲା
ବାସ୍ତବ ରୂପରେ ଦେଇଛ ତୋଳି
ଅମର ରହିବ ସ୍ୱର୍ଣ୍ଣାକ୍ଷରେ ତୁମେ
ପ୍ରତି ହୃଦୟରେ ପ୍ରେରଣାଭରି । - ୭

 Magazine Downloaded from www.aahwaan.com

# ଫେରିବକି ଆଉ ଫେରିବକି



ରବୀନ୍ଦ୍ରନାଥ
ମହାରଣା

ଫେରିବକି ଆଉ ଫେରିବକି
ଫୁଲରାଣୀର ସେ ସୁଗନ୍ଧିତ ବାସ
ଦେଉଳ ବେଢ଼ାର ଚନ୍ଦନ ସୁବାସ
ମନ୍ଦ ମଳୟର ବଉଳ ମହକ
ଫଗୁଣ ଋତୁରେ ଫଗୁର ଝଲକ
ଫେରିବକି ଆଉ ଫେରିବକି ?

ଫେରିବକି ଆଉ ଫେରିବକି
ଗିରି ଶିଖରରେ ମୟୁରର ନୃତ୍ୟ
ଗାଁ ସରୋବରେ ହଂସରାଳୀ ଖେଳ
ନୀଳ ଆକାଶରେ ବଉଦର ଭେଳା
ସୋରିଷ କ୍ଷେତରୁ ଫୁଲର ସୌନ୍ଦର୍ଯ୍ୟ
ଫେରିବକି ଆଉ ଫେରିବକି ?

ଫେରିବକି ଆଉ ଫେରିବକି
ପିଲାବେଳ, ସେହି ବୋହୁଚୋରି ଖେଳ
ଗାଆଁ ବିଲମାଳେ ପତଙ୍ଗ ଉଡ଼ାଣ
କୁଆଁରୀ ଝିଅଙ୍କ ରଜଦୋଳି ଖେଳ
ଭାଇଭଉଣୀର ଥଟ୍ଟାମଜା ଯେତେ
ଫେରିବକି ଆଉ ଫେରିବକି ?

ଫେରିବକି ଆଉ ଫେରିବକି
ଆମ୍ବତୋଟା ମାଳେ କୋଇଲିର କୁହୁ
ଶରତ ଆକାଶେ ସଫେଦ ବାଦଲ
ନଈକୂଳେ କୂଳେ କାଶତଣ୍ଡୀ ଫୁଲ
ଝରଣା ପାଣିର ସଂଗୀତ ମୂର୍ଚ୍ଛନା
ଫେରିବକି ଆଉ ଫେରିବକି ?

 Magazine Downloaded from www.aahwaan.com

# ମେସେଜ୍



ବେବିସ୍ମିତା କର

ଅନ୍ଧାର ରାତିରେ
ନିଘୋଡ଼ ନିଦରେ
ସଭିଏଁ ଶୋଇଲାପରେ
ମେସେଜ୍ ତୁମର
ଆସିବା ପାଇଁ ମୁଁ
ନିଇତି ଅପେକ୍ଷା କରେ ।
ତୁମ ମେସେଜକୁ
ଚାହିଁ ଚାହିଁ ଯଦି
ଆଖି ମୋର ଲାଗିଯାଏ,
ସକାଳୁ ସକାଳୁ
ଝରକା ଫାଙ୍କରେ
ତୁମ ରାଗ ସବୁ
ଇସାରାରେ ଜାଣିନିଏ ।
ତୁମ ଅଭିମାନ
ଦିନେ ଦୁଇଦିନ
ଚୁପ୍ ଚାପ୍ ଯାଏ ସହି
କଥା ନ ହେଲେ ବି
ତୁମ ଅଭିମାନ
ଭାରି ଭଲଲାଗେ କାହିଁ ?

 Magazine Downloaded from www.aahwaan.com

# ତୁମେ ଆଉ ମୁଁ



ଜୟନ୍ତ କୁମାର ସାହୁ

ତୁମେ ତ ଆଲୋକ ଭରା ସକାଳ
ଆଉ ମୁଁ ଅନ୍ଧକାର ରାତି
ମୁଁ ଯଦି ଲିଭିଥିବା ଦୀପ ହୁଏ
ତୁମେ ତ ଜାଗରର ଜ୍ୟୋତି ।

ତୁମେ ତ ଆରମ୍ଭ ହେଲେ
ମୁଁ ହେଉଛି ଅଲୋଡ଼ା ଶେଷ
ମୁଁ ଯଦି ଶ୍ୱାସହୀନ ବାୟୁ ହୁଏ
ତୁମେ ତ ପ୍ରଥମ ପ୍ରଶ୍ୱାସ ।

ତୁମେ ତ ଆକାଶର ଚନ୍ଦ୍ରମା ହେଲେ
ମୁଁ ହେଉଛି କଳଙ୍କିତ ଅମାବାସ୍ୟା
ମୁଁ ଯଦି ଆଖି ଲୁହ ହୁଏ
ତୁମେ ତ ପ୍ରୀତିପୂର୍ଣ୍ଣ ଆଶା ।

ତୁମେ ତ ଭିଜା ଭିଜା ବର୍ଷା ହେଲେ
ମୁଁ ହେଉଛି ବାଲିଭରା ମରୁଭୂମି
ମୁଁ ଯଦି ଅସଜଡ଼ା ଅକ୍ଷର ହୁଏ
ତୁମେ ତ ଜ୍ଞାନର ଅନୁଗାମୀ ।

ତୁମେ ତ ସମୁଦ୍ରର ଢେଉ ହେଲେ
ମୁଁ ହେଉଛି ଭାସମାନ ତୃଣ
ମୁଁ ଯଦି କୋଳାହଳ ଶବ୍ଦ ହୁଏ
ତୁମେ ତ ଶାନ୍ତିବାର୍ତ୍ତାରେ ନିପୁଣ ।

 Magazine Downloaded from www.aahwaan.com

# ପରିବର୍ତ୍ତନ



ପ୍ରକାଶ ଚନ୍ଦ୍ର ପଣ୍ଡା


ଏ ଜାତି ଭୁଲିଛି ଆଜି ତା ମାଟିର ଭାଷା
ଏ ମାନବ ଭୁଲିଛି ତା କୂଳର ବେଉଷା
କୂଳବୋହୁ ଦେଉନାହିଁ ମୁଣ୍ଡରେ ଓଢ଼ଣୀ
ନାତି ଆଉ ଶୁଣୁନାହିଁ ଆଇମା' କାହାଣୀ ।
ଆଗପରି ଜଳୁନାହିଁ ଚଉଁରାରେ ଦୀପ
ସନ୍ଧ୍ୟାବେଳେ ବାଜୁନାହିଁ ମନ୍ଦିରରେ ଶଙ୍ଖ
ଶୁଭୁନାହିଁ ହୁଳୁହୁଳି ଶୁଭକାମ କାର୍ଯ୍ୟେ
ଆଧୁନିକତାର ତାଳେ ନିଜେ ନିଜେ ହଜେ ।
ଭାଗବତ ଟୁଙ୍ଗୀ ସବୁ ଭଗ୍ନାବଶେଷରେ
ଧର୍ମଶାସ୍ତ୍ର, ଗୀତାଯଜ୍ଞ କେ ଅବା ପଚାରେ
ଭୁଲିଛି ମାନବ ତା ପୁରୁଣା ସଂସ୍କୃତି
ବାଟବଣା ଆଜି ଭାଷା ଦିଗହରା ଜାତି ।

ଆଧୁନିକତା ନାଁରେ ଯେତେକ ଅନୀତି
କହିବାକୁ ଆକୁ ଆମ ଜାତିର ପ୍ରଗତି
ଆମ ପୂର୍ବପୁରୁଷଙ୍କୁ ଭୁଲିଯାଇ ଆମେ
ଜୟଧ୍ୱନୀ ଦେଉଛନ୍ତି ଆଉ କାହାନାମେ ।
କାହିଁକି ଏ ହତାଦର ତୋଷାମଦ ଗୁଣ
ନିଜ ଟାଙ୍ଗିଆରେ ନିଜେ ନିଜ ଗୋଡ଼ହାଣ
ଏହି ମାଟି ମାଆର ଟେକପାଇଁ ଥରେ
ଗାଇଯିବା ମିଳିମିଶି ଏକତାର ସୁରେ ।
ଏହି ମାଟିଠାରୁ ନୁହେଁ କେ ଆଉ ମହାନ
ଭୁଲିବିନି କେବେ ତାକୁ ରଖିବି ତା ମାନ...
ରଖିବି ତା ମାନ...

ବିଜ୍ଞାନ ଶିକ୍ଷକ, କଲ୍ୟାଣପୁର, ଭୁଇଁପୁର
ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

 Magazine Downloaded from www.aahwaan.com

# ରାଷ୍ଟ୍ରସେବକ



ଗୌରୀ ପଣ୍ଡା

ହିନ୍ଦୁ ସୈନିକ ହେ ରାଷ୍ଟ୍ର ସେବକ
ଉଡ଼ାଇଲ ଦେଶେ ଝଣ୍ଡା ଗୈରିକ ।
ସଂଘଧାରକ ହେ ହିନ୍ଦୁ ଯୁବକ
କରିଥିଲ ତୁମେ ହିନ୍ଦୁଙ୍କୁ ଏକ ।
ହିନ୍ଦୁ ରକ୍ତର ହେ ତୁମେ ପୁଲକ
ତୁମେ ଏ ଦେଶର ଚିର ସନ୍ତକ ।
ହିନ୍ଦୁରାଷ୍ଟ୍ରର ହେ ହିତଚିନ୍ତକ
କୋଟିଏ ଜନତା ଦେଶ ଯେ ଏକ ।
ଦେଶ ମାତୃକାର ବ୍ୟଥା ଧାରକ
ଝରୁଛି ଆଜି ହେ ଧାର ଲୋତକ ।
ପ୍ରଚାର କରିଲ କଥା ଅନେକ
ବଢ଼ାଇଲ ହାତ ଶାନ୍ତିର ଏକ ।
ଚୀର ଧାବକ ହେ ଶକ୍ତି ସାଧକ
ଆହ୍ୱାନ ଦିଏରେ ତୁମର ଡାକ ।
ଶାନ୍ତି, ମୈତ୍ରୀ, ଐକ୍ୟ ସହ ଧାରକ
ଉଚ୍ଚକୋଟୀର ହେ ତୁମେ ଲେଖକ ।
ଦେଲ ସାହାସ ହେ ସୀମା ରକ୍ଷକ
ଭୟଭୀତ ହେଲେ ପଡ଼ୋଶୀ ଶାସକ ।

ଅସ୍ତ୍ର ଚାଳକ ହେ ଲକ୍ଷ୍ୟ ଅନେକ
ଏ ଦେଶର ତୁମେ ଯୋଦ୍ଧା ଶାସକ ।
ରଖିଲ ତୁମେ ହେ ଶତ୍ରୁ ଅଟକ
ଦେଖିଲା ଏ ଦେଶ ହୋଇ ଚମକ ।
ତୁମେ ସୈନିକ ହେ, ତୁମେ ଦାମ୍ଭିକ
ପରାଜୟ ନାହିଁ ତୁମ ଜାତକ ।
ଭରିଦେଲ ଆଜି ଦୁଃଖ ଅନେକ
ଦେଖଲ ଦେଶେ ଅମାନ ଦୁଃଖ ।
ଭରିଥିଲ ଦେଶେ କେତେ ମହକ
ରହିଗଲା ସବୁ ହୋଇ ସନ୍ତକ ।
ତୁମେ ଏ ଦେଶର ବୀର ପୁତ୍ରକ
ଦେଶବାସୀ ଆଜି ନତମସ୍ତକ ।
ଚାଲିଗଲ ଦୂରେ ଦେଇ ଲୋତକ
ପାଳିଲା ଏ ଦେଶ ରାଷ୍ଟ୍ରୀୟ ଶୋକ ।
ଅଟଳ ହେ ତୁମେ ବୀର ସୈନିକ
ରାଷ୍ଟ୍ର ସେବକ ହେ ହିନ୍ଦୁ ଯୁବକ ।

ଜୟପୁର, କୋରାପୁଟ

 Magazine Downloaded from www.aahwaan.com

# ବସନ୍ତ ପବନ



ରମେଶ ରୋହିଦାସ

ହଲି ହଲି ନାଚି ନାଚି
ଆସିଲା ବସନ୍ତ
ସୁଲୁସୁଲୁ ପବନରେ
ମନ କଲା ଶାନ୍ତ ।
ନାଲି ନାଲି ରଙ୍ଗ ଦିଶେ
ଗଛ ପଳାଶରେ
ଧିରେ ଧିରେ ମନ ମୋହେ
ଆମ୍ବ ବଉଳରେ ।
ଦେଖୁ ଦେଖୁ ତରୁ ବନ
ସବୁଜ ଦିଶଇ ।
ଗୁଣୁ ଗୁଣୁ ଗୀତ ଗାଇ
ବିହଙ୍ଗ ନାଚଇ ।

 Magazine Downloaded from www.aahwaan.com

# ଜାତିର ସଂକଳ୍ପ



ବିକାଶଚନ୍ଦ୍ର ଧୁଙ୍ଗିଆ

ତୁମରି ପାଦକୁ ଧୌତ କରି,
ପ୍ରଣତି ବାଢୁଛି ଆଜି ।
ଘେନ ମୋ' ପ୍ରଣାମ କର ଆଶୀର୍ବାଦ,
ଅବୋଧ ମନକୁ ଆଜି ।।
ପୂର୍ବେ ତୁମ ପାଇଁ ନରନାରୀ କେତେ,
ଦେଇଗଲେ ନିଜ ପ୍ରାଣ ।
ମୋ'ପ୍ରାଣ ପଡିଲେ ତୁମପାଇଁ କେବେ,
ହସି ଦେଇଦେବି ଜୀବନ ।।
ତୁମରି ଛାତିକୁ କରି ବିଦାରିଣ,
ଝରାଇଲ କେତେ ରକତ ।
ଖାଇଲ ଲାଠି, କୋରଡା ମାଡ,
ତୋପ ବନ୍ଧୁକର ପ୍ରହାର ।।
ଶୋଣିତର ସୁଏ ଭାସିଗଲେ କେତେ,
ସଂଗ୍ରାମର ନରନାରୀ ।
ତୁମକୁ ଉଦ୍ଧାର କରିବା ପାଇଁ,
ସେଇ ସୁଏ ଗଲେ ଡେଇଁ ।।

 Magazine Downloaded from www.aahwaan.com

ଗାନ୍ଧୀ ବୋଲି ଏକ ନାମରେ ବଣିକ,
ଡରୁଥିଲେ କେତେ କେତେ ।
ଅହିଂସାର ବଂଶୀସ୍ୱନରେ ଭାରତ,
ଛାଡ ଛାଡ କହୁଥିଲେ ।।
ତୁମ ଅଖଣ୍ଡତା ଲାଗି ଆଜି ଯଦି,
ପ୍ରାଣ ଦରକାର ପଡେ ।
ହସି ହସି ଆମ ପ୍ରାଣ ଦେଇଦେବୁ,
ତୁମରି କୋଳରେ କେତେ ।
ସ୍ୱତନ୍ତ୍ରତା ପାଇଁ ସ୍ୱତନ୍ତ୍ର ହୋଇଲ,
ଦୁନିଆ ଦାଣ୍ଡରେ ତୁମେ ।
କାହିଁକି ମନରେ ରହିଗଲା ତୁମ,
ଦୁଃଖ ବେଦନାର କେତେ ?
ଆକୁମାରୀ ତୁମ ତିରଙ୍ଗାର ବାନା,
ଉଡୁଅଛି ଫର ଫର ।
ଦେବୁନାହିଁ କରି ଦୁନିଆ ଦାଣ୍ଡରେ,
ହେବନାହିଁ କେବେ ନତ ।।

 Magazine Downloaded from www.aahwaan.com

ନଥିଲା ଜଗତେ,ଥିଲା ଏ ଭାରତେ,
ଲୁଟିଲ ଆମରି ପାଖରୁ ।
ଛାତିକୁ ପଥର କରିଦେଇ ଆମେ,
ସହିଲୁ ଗୋଇଁଠା ମାଡକୁ ।।
ଜାଗ୍ରତ ହୁଅରେ ମାନବ ସମାଜ,
ଜାଗ୍ରତ ହୁଅରେ ଆଜି ।
ଦେଖେଇ ଦେବାର ବେଳ ଆସିଅଛି,
ଭୀରୁ ନୁହେଁ ଆମ ଜାତି ।।
ପ୍ରଗତିର ସୁଅ ଉଭା ହୋଇଅଛି,
ଆମରି ଦୁଆରେ ଆଜି ।
ସଭିଏଁ ବଢିବା ଦୁନିଆ ଦାଣ୍ଡରେ,
ସଂକଳ୍ପ ନେବାରେ ଆଜି ।।

"""ବିକାଶ ଚନ୍ଦ୍ର ଧୁଙ୍ଗିଆ""

 Magazine Downloaded from www.aahwaan.com

# ମୁଁ କବିତାର ନଈ



ଶ୍ରୀମତି ପୁଷ୍ପାଞ୍ଜଳୀ
ପଟ୍ଟନାୟକ

ମୁଁ କବିତାର ନଈ - ୦
ମୋ' ପାଇଁ ସମୟ, ବୟସ ଓ ବେଳା
ନକ୍ଷତ୍ର ବି କିଛି ନାହିଁ,
ଯେମିତି, ଯେଉଁଠି, ଯେଉଁ ଅବସ୍ଥାରେ
ଥିଲେ ବି ମୁଁ ଆସେ ବହି ।
ମୁଁ କବିତାର ନଈ - ୧
ଭାବ ଗମ୍ଭୀରାରେ ଭକତି ପଣନ୍ତେ
ଜମା ଶୋଇପାରେ ନାହିଁ
ସକାଳ, ଅକାଳ, ଦିନ କି ଦୁର୍ଦ୍ଦିନ
କିଛି ଜାଣିପାରେ ନାହିଁ ।
ମୁଁ କବିତାର ନଈ - ୨
ବିକି କି ପାରିବ ମତେ ହାଟ ବଜାରରେ
ଚଢ଼ା ଦରଦାମ ଦେଇ,
ବିରହ ବିଚ୍ଛେଦେ, ନିରାଶର ସ୍ରୋତେ
ସ୍ମୃତି ହୋଇଯିବି ରହି ।
ମୁଁ କବିତାର ନଈ - ୩
ନବଧା ଭକ୍ତିରେ ବୁଡ଼ାଇ ଦେବି ମୁଁ
ନଅଟି ସ୍ୱରୂପ ହୋଇ,
ସେଇ ନଅଟିର ନାମ କହୁଅଛି
ଶୁଣିଥାଅ ମନ ଦେଇ ।
ମୁଁ କବିତାର ନଈ - ୪
ଶ୍ରବଣ, କୀର୍ତ୍ତନ, ସ୍ମରଣ, ପୂଜନ,
ବନ୍ଦନ, ବିନୟ, ଭକ୍ତି,
ସେବା, ସେବ୍ୟ ଏଇ ନଅଗୋଟିକୁ
ନବଧା ଭକ୍ତି କହି ।
ମୁଁ କବିତାର ନଈ - ୫

ଗଜପତି ନଗର, ବ୍ରହ୍ମପୁର-୧୦, ଓଡ଼ିଶା

Magazine Downloaded from www.aahwaan.com

# ପଙ୍କଜ



ପଙ୍କଜ କୁମାର
ମାହାନା

ନଥାଏ କଳଙ୍କ ତୁମରି ଦେହରେ,
ସ୍ୱଚ୍ଛ ନିରିମଳ ଦେହ ।
ପଙ୍କରେ ଲୋଟିଲେ କି ହେବ ତୁମେ,
ବାରି ହୁଏ ତୁମ ଗୁଣ ।।୧।।
ତୁମେ ତ ସହିଲ ପଙ୍କରେ ଗଡିଲ,
ନଥାଏ ମନରେ ଦୁଃଖ ।
ଅନ୍ୟ ସୁଖ ଲାଗି କାକର ମାଡରେ,
ଉତ୍ସର୍ଗ କରିଲ ପ୍ରାଣ ।।୨।।
ଶୋଭାରେ ଅପୂର୍ବ ଅଟଇ ଧରଣୀ,
ତୁମକୁ କୋଳରେ ପାଇ ।
କରନ୍ତି ନିବାସ ତୁମରି କୋଳରେ,
ବିଷ୍ଣୁଙ୍କର ପାଟରାଣୀ ।।୩।।
ବିରାଜିତ ବେଧା ତୁମରି ଉପରେ,
ବସିଲେ ସଂସାର ରଚି ।
ଅସ୍ତିତ୍ୱ ସଂସାର ଜନ କେବେ ତୁମ,
ନ ପାରିବେ ଜମା ଭୁଲି ।।୪।।

 Magazine Downloaded from www.aahwaan.com

ଯାହା ପାଇଁ ଗଢେ ସଂସାରର ଚକ,
ପରାପୃର ସେହି ନାମ ।
ତାଙ୍କରି କରରେ ପାଉଅଛି ଶୋଭ ।,
ପଙ୍କଜ ତୁମରି ନାମ ।।୫ ।।
କହନ୍ତି ସଭିଏଁ ତୁମ ସ୍ୱାମୀ ବୋଲି,
କରତାର ନାମ ଏହି ।
ଖୋଲି ଦେଲେ ଆଖି ଖେଳିଯାଏ ତୁମ,
ଚହଟ ସଂସାର ପାଇଁ ।।୬ ।।
କେତେ କେତେ ଦେବ ପାଇଁ ତୁମେ ଲୋଡା,
ଦେଖୁଛି ସଂସାର ଜନ ।
କରିବାକୁ ମନ କରସ୍ୱର୍ଶ ତୁମ,
ହେଉଅଛି ଆଜି ଆନ ।।୭ ।।
ପଙ୍କଜରେ ପଙ୍କଜ ତୁମରି ଜାତ,
ହୋଇଅଛ ଆଜି ତୁମେ ।
ତୁମରି ଶ୍ରେଷ୍ଠତ୍ୱ ବଜାୟ ରହୁହେ,
ଏ ସଂସାର ଥିବା ଯାଏ ।।୮ ।।

ପଙ୍କଜ କୁମାର ମାହାନା

 Magazine Downloaded from www.aahwaan.com

# ଗୋଲାପ



ଆଲୋକ କୁମାର ରାୟ

ଗୋଲାପି ସଂଜରେ
ଗୋଲାପି ନିଶାରେ
ଗୋଲାପ ଦେଲି ମୁଁ
ରଖିବ ଯତନେ

ଗୋଲାପି ମନରେ
ଗୋଲାପି ଓଠରେ
ଗୋଲାପ ସମ ମୁଁ
ରଖିବ ସମ୍ମାନେ

ଗୋଲାପି ସ୍ୱପ୍ନରେ
ଗୋଲାପି ନିଦରେ
ଗୋଲାପ ଟିଏ ମୁଁ
ରଖିବ ମଥ ।ନେ

ଗୋଲାପି ଭାଷାରେ
ଗୋଲାପି ବାସ୍ନାରେ
ଗୋଲାପ ଇଛେ ମୁଁ
ରଖିବ ସ୍ୱସ୍ଥାନେ

ସ . ସଂ. @ ଆଲୋକ କୁମାର ରାୟ,

କେନ୍ଦ୍ରାପଡା । ୨୦୧୯

 Magazine Downloaded from www.aahwaan.com

# ଅବଳାର ଅନ୍ତରବ୍ୟଥା



ପ୍ରିୟଙ୍କା ସାହୁ

ବୁକୁତଳେ ଭୟ ଅଜଣା
ଥରିଉଠେ ଶରୀର,
ଭୀତିଭରା ଶୁଭେ ବାଜଣା
ନିୟମ ପୃଥିବୀର ।

ଥରେ ଅଧେ ନୁହେଁ ବହୁଧା
ନିଜକୁ ସେ ସଜାଏ,
ବି-ଅର୍ଥ ଜାଣିବା ମସୁଧା
ନଖରୁ ଶିଖ ଯାଏ ।

ଶରୀରୁ ହଟାଇ ବସନ
ଦେଖାହୁଏ ଗଢ଼ନ,
ଭାଙ୍ଗି ଯାଉଥାଏ ସପନ
ଜଳ ଢାଳେ ନୟନ ।

କେତେ ଦେଖାଦେଖି ଶେଷରେ
ସାଜେ ସେ ସିମାନ୍ତିନୀ,
ତଥାପି ତା ଦୁଃଖ ନ ସରେ
ତାକୁ କେ ବୁଝନ୍ତିନି ।

ଅପବାଦ ସହି ମଉନେ
ପିଉଥାଏ ଲୋତକ,
ନିନ୍ଦା ଜାଣି ଭାଗ୍ୟଲିଖନ
ଜୁଇ ଜଳିବା ଯାକ ।

ପ୍ରିୟଙ୍କା ସାହୁ
ସାହାନିଆଜପୁର, କଟକ

 Magazine Downloaded from www.aahwaan.com

# ଝଙ୍କଡ଼ବାସିନୀ ବିଦ୍ୟାଦାୟିନୀ



ସମ୍ବିତ
ସତ୍ୟପ୍ରକାଶ ମିଶ୍ର

ମଳୟର ନାନା ରଙ୍ଗୋଲି ଖେଳେ ଚୋରା ମଧୁ ଗୁଞ୍ଜରଣେ
ଅପୂର୍ବ ମଣ୍ଡିତ ସୁଶୋଭିତ ଧରା ଆଣେ ଆଲୋଡନ ପ୍ରାଣେ ।୧ ।
ଚହଟାଇ ବାସ ବକୁଳର ବାସ ମଧୁପଙ୍କ ପନ୍ତି ପନ୍ତି
କଅଁଳ ସକାଳ ପାହାନ୍ତି ଶୀତରେ ସୁରୁଜର ଫଗୁକାନ୍ତି ।୨ ।
ଚିତ୍ରିତ ରଙ୍ଗର ସବୁଜ ପତ୍ରରେ ଶିଶିର କାକର ଶେଯ
ବନାନୀ ଲତାର ଗହଳ ଫାଙ୍କରୁ କାକପିକ ରାଣୀ ସଜ ।୩ ।
ଭାଟ ବେଶେ ଗୀତ କୁମ୍ଭାଟୁଆ ଗାଏ ନାଚେ ହଳଦୀବସନ୍ତ
କୁସୁମ ବିକସେ ପୁରପଲ୍ଲୀ ହସେ ସ୍ୱାଗତ ନବବସନ୍ତ ।୪ ।
ବିଦ୍ୟାଦାୟିନୀଙ୍କ ପୂଜା ଆଗମନେ ଝଙ୍କଡପୁର ପ୍ରସ୍ତୁତି
ପ୍ରସନ୍ନ ହୁଅ ଗୋ ଝଙ୍କଡବାସିନୀ ଜାଳୁ ମଙ୍ଗଳ ଆଳତି ।୫ ।
ଆସ ମା ଶାରଦେ ମା ଗୋ ଭାରତୀ ଡାକେ ଏ ଶିଶୁ ସମ୍ବିତ
ତୁମ ବରଦାନେ ଗାଉଥିବି ଗୀତ ହୁଅଇ ତୁମ ଆଶ୍ରିତ ।୬ ।

ଠିକଣା – ଗୁଡିଆନାଳୀ, ଢେଙ୍କାନାଳ, ୭୫୯୦୦୧
ଇମେଲ ଠିକଣା :- sambitsm1987@gmail.com

 Magazine Downloaded from www.aahwaan.com

# ଅସ୍ପଷ୍ଟ ଜୀବନ



ଦିଲ୍ଲୀପ କୁମାର
ସାମଲ

ଫୁଲର ବାସ୍ନା ବାସିଗଲେ ରହିଯାଏ ତୃଷ୍ଣା
ସତରେ କଣ ଶାନ୍ତି ଅଛି
ସେଇ ସୁନ୍ଦର ଟହ ଟହ ଫୁଲର ବାସ୍ନା
ଜୀବନଟା ବୋଧେ ଖାଲଢ଼ିପ ପାଣି କାଦୁଅର ରାସ୍ତା ।
ଜହ୍ନର ଜ୍ୟୋସ୍ନା ଲାଗେ ଫିକା ଫିକା
ଲାଗେ କାହିଁ ନିସଙ୍ଗତା
ପାଖେ ପ୍ରେମିକା ଥିଲେ ଭାରି ଭଲ ଲାଗେ ତା ମିଠା କଥା
ଅସିଆ ମସିଆ କହିଉଠେ ଏ କି କଥା ।
ଯାତ୍ରା କେଡ଼େ ମନୋହର ଆଶା ନିରାଶର ଶୋଷ
ନାହିଁ ତାର ଶେଷ
ସେଇ ଜୀବନକୁ ଦେଖି ଭଲ ଲାଗେ ରହିଯାଏ କେତେ ଅବଶୋଷ
ବେଳେବେଳେ ଲାଗେ କାହିଁ ବିଷ ।
ଛୁକ୍ ଛୁକ୍ ଜୀବନର ଯାନ ଯାଏ ଗଡ଼ିଗଡ଼ି
ପୁଣି କେବେ ଯାଏ ବିଗିଡ଼ି
କିଏ କଣ ଭାବିପାରେ ବା ନପାରେ
ଜୀବନରେ ଜୀବନ ମାଡ଼ିଯାଇ ସବୁ ଦିଏ ବିଗାଡ଼ି ।

 Magazine Downloaded from www.aahwaan.com

ହରଣ ଗୁଣନ ଜୀବନରେ କେତେ ଆଗପଛ ହୁଏ ଜୀବନ

ରହେ କେତେ ବାଦ ବିବାଦ ମାନ ଅପମାନ

ପାଠପଢ଼ା କର୍ମ ଜଞ୍ଜାଳ ଜୀବନର ଉତଥାନ ପତନରେ

ବାରବୁଲା ହୁଏ ଏଇ ମନ ।

ପରଦାର ଆଗ ପଛ କୋରଡ଼ ଭିତରେ ଅବଶୋଷ କଣ ସତରେ ରୁହେ

କି ଅବ୍ୟବସ୍ଥିତ ଏ ମନର କୋହ

ବୈବାହିକ ସନ୍ୟାସୀ ଜୀବନରେ ଶ୍ରେଷ୍ଠ ସୁଖପାଏ କିଏ କହେ

ଏଠି ମୁଠା ମୁଠା ମୋହ ।

କୋରଡ଼ ଅନ୍ତରେ ଶାନ୍ତି କଣ ସୁଖ କଣ

କିଏ ଜାଣିପରେ ବା ନପାରେ

କିଏ ପୁଣି କହିଉଠେ ଶାନ୍ତି କଣ କ୍ଷଣସ୍ଥାୟୀ

ଉତ୍ତର ଥାଏ କୋରଡ଼ ଭିତରେ ।

ଜୀବନ କଣ ବହୁ ପ୍ରଶ୍ନବାଚୀ ରହେ ମନେ

କିଏ କହିପାରେ ବା ନପାରେ

ସୁଖ କଣ ଶାନ୍ତି କଣ ଅଙ୍ଗେନିଭା ମଣିଷ କଥା କୁହେ

ତଥାପି ଏକ ଅସ୍ୱଷ୍ଟ ପ୍ରଶ୍ନବାଚୀ ରହିଯାଏ ।

ରାଇପୁର, ନୟାଗଡ଼

ଭ୍ରାମ୍ୟଭାଷ : ୯୮୫୩୫୭୦୦୧୯

 Magazine Downloaded from www.aahwaan.com

# ପ୍ରେମ



ଚନ୍ଦ୍ରଶେଖର ଗୋ

ପ୍ରେମ ଏକ ଅସମାପିକା କ୍ରିୟା
ଦୁଇଟି ମନ ଓ ହୃଦୟର ଏକୀଭୂତ ଛାୟା ।।
ପ୍ରେମ ହସ ଲୁହର,
ଏବଂ ବିଶ୍ୱାସର ଏକ ଅଲୌକିକ କାୟା ।।
ପ୍ରେମ କା'ପାଇଁ 'ଜୀବନାମୃତ, ସ୍ୱର୍ଗସୁଖ, ଭାବାମୃତ'
କା'ପାଇଁ 'ବିଚ୍ଛେଦ, ବିମୁଖ, ଯନ୍ତ୍ରଣା' ।।
ପ୍ରେମ ଯୁଗେ ଯୁଗେ -
ଜୟ ପରାଜୟର କଳଙ୍କିତ ଟୀକା ।।
ପ୍ରେମ କା'ପାଇଁ ସତ
ପୁଣି କା'ପାଇଁ ତୁଚ୍ଛାମାୟା ।।
ପ୍ରେମ କା'ପାଇଁ ବର୍ଣ୍ଣାଢ୍ୟ ଇନ୍ଦ୍ରଧନୁ ପରି
କା'ପାଇଁ ଭଗ୍ନ କୋଣାର୍କର କାୟା ।।
ପ୍ରେମ କା'ପାଇଁ ପ୍ରତିଶ୍ରୁତିପୂର୍ଣ୍ଣ ପାର୍ବଣ
କା'ପାଇଁ ପ୍ରତାରଣାର ନିର୍ମମଘାୟା ।।

ପ୍ରେମ କା'ପାଇଁ ତରଙ୍ଗାୟିତ ସମୁଦ୍ର
କା'ପାଇଁ ଦଗ୍ଧମରୁ ବିଷାଦଗୁଳ୍ମ ଭରା ।।
ପ୍ରେମ ପାପପୁଣ୍ୟ ଊର୍ଦ୍ଧ୍ୱେ
ବିଭିନ୍ନ ସଂଜ୍ଞା ବହି ମର୍ତ୍ତ୍ୟେ ଅମୃତ ଧାରା ।।
ପ୍ରେମର କି ଜାତିଧର୍ମ, ସୂର୍ଯ୍ୟ ସକଳ ଶକ୍ତିର -
ପ୍ରେମ ଜୀବନର ଆଧାର ପରା ।।
ପ୍ରେମ ଚିରନ୍ତନ, ଅସମ୍ପୂର୍ଣ୍ଣ...
ମୋକ୍ଷପ୍ରାପ୍ତିର ଏକହିଁ ମାଧ୍ୟମ ।।

କର୍ଲାଖମାର, ନୂଆପଡ଼ା
ମୋ - ୮୭୫୮୧୮୦୭୫୬

 Magazine Downloaded from www.aahwaan.com

# ସପନ ନାୟିକା



ବସନ୍ତ କୁମାର ପ୍ରଧାନ

ତୁମେ ଅନାମିକା  ସପନ ନାୟିକା
ଦିଅ ଥରେ ଆସି ଦେଖା,
କେତେ ରାତି ଆଉ  ସପନରେ ଆସି
ସାଜୁଥିବ ମରିଚୀକା ।

ସପନରେ ଆସି  ପ୍ରେମ ରଙ୍ଗ ଲେସି
ଛାତିରେ ତୋଳିଛ ଘର,
ତୁମରି ରୂପର  ସୁନେଲି ସପନେ
ନିଦ ହଜିଯାଏ ମୋର ।

ସପନ ରାଇଜେ  ହଜି ମୋର ନିଦ
ଅବୁଝା ହେଲାଣି ମନ,
ଅବୁଝା ମନକୁ  ବୁଝାଇ ଦିଅ ଗୋ
ଦେଇ ପ୍ରୀତି ଆଲିଙ୍ଗନ ।

ଶୁଣିନିଅ ଥରେ  ମୋ ଛାତି ସ୍ପନ୍ଦନ
ତୁମ ନାମ ସେଠି ଲେଖା,
ତୁମେ ଅନାମିକା  ସପନ ନାୟିକା
ଦିଅ ଥରେ ଆସି ଦେଖା ।

ପ୍ରୀତି ପ୍ରଣୟର  ମଦିରାକୁ ପିଇ
ଆଖିରୁ ହଜିଛି ନିଦ,
ଗୋଲାପୀ ସପନେ  ଭାଙ୍ଗିଯାଏ ମୋର
ସଂଯମର ସେତୁବନ୍ଧ ।

ଦେହରେ ଲଗାଇ  କାମନାର ନିଆଁ
ଦୂରେ ଚାଲିଯାଅ ପ୍ରିୟା,
ଜୋଛନା ଭିଜା ଏ ଚାନ୍ଦିନୀ ରାତିରେ
ଲୁଚକାଳି ଖେଳ କିଆଁ ।

 Magazine Downloaded from www.aahwaan.com

ପ୍ରତୀକ୍ଷା କରିଛି   କେବେ ଆସିବ ସେ
ମିଳନର ଶୁଭବେଳା,
ଗୋଲାପୀ ଶେଯରେ   ତୋଳୁଥିବା ଆମେ
ପୀରତିର ପାନ୍ଥଶାଳା ।

ନଈଠୁ ଚଗଲି   ଫୁଲଠୁ ଫୁଲେଇ
ମୋ ମନର ଚିତ୍ରଲେଖା,
ତୁମେ ଅନାମିକା   ସପନ ନାୟିକା
ଦିଅ ଥରେ ଆସି ଦେଖା ।

ଶିକ୍ଷକ, ଶ୍ରୀ ପୁରୁଷୋତ୍ତମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ
ଡେଲାଙ୍ଗ, ପୁରୀ, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୩୭୨୧୯୫୫୦

 Magazine Downloaded from www.aahwaan.com

# ଧାମନିଧି ସ୍ତୁତି



ହୃଦୟାନନ୍ଦ ପଧାନ

ଉଦିତଭାନୁ ପ୍ରଦ୍ୟୁତ ଦିଶେ ଶୋଭାବନ
ଉଚ୍ଛକୁ ଉଠିଲେ ରବି ଶୋଭେ ଧାବଲିନ ! - ୧
ଉର୍ଧେଥାଇ ପ୍ରଦର୍ଶ ଆଲୁଲିତ କୁନ୍ତଳ
ଉର୍ଧେ ଦିସୁଥାଅ ଦୈତ୍ୟ ମୂର୍ତ୍ତିର କରାଳ ! - ୨
ଉଥାନକର ସମଗ୍ର ମାନବ ଜାତିର
ଉନ୍ମାଦନା ରୂପଧରି ଜଗତ ସଂହାର ! - ୩
ଉଦ୍ଭାସିତ ଚକ୍ଷୁ ତୁମେ ତ୍ୱସାମ୍ପତି ନାମ
ଉପ ପ୍ରଭାପୁଞ୍ଜ ଓ ପୁଞ୍ଜର ଅଟ ଧାମ ! - ୩
ଉତପ୍ତ ତୁଠ ଦେଶର ତୁମେ ଅଟ ଧ୍ୱଜା
ଉଡୁପ ଉଡ଼ ଦେବାଧି ଦେବ ମଧ୍ୟେ ରାଜା ! - ୪
ଉତ୍ପଳ  ଉଦକ ମଧ୍ୟେ ଜେହ୍ନେ ଶୋଭାତିତ
ଭାନୁମୂର୍ତ୍ତି ସେ ପ୍ରକାରେ ଅମ୍ବରେ ପ୍ରସ୍ଫୁଟିତ ! - ୫
ଉତୁଙ୍ଗର ମୂର୍ତ୍ତି ତବ ନାହିଁଟି ବର୍ଣନା
ଉପାନ୍ତେ କରୁଛି ଅନ୍ତିମ ସ୍ତୁତି ଗାଉଣା ! - ୬

ଅମରପାଲି , ବୀରମହାରାଜପୁର , ସୁବର୍ଣ୍ଣପୁର

 Magazine Downloaded from www.aahwaan.com

# ଏମିତି ଏ ପ୍ରେମ



ସୁଧାଂଶୁ ଶେଖର ମଣ୍ଡଳ

ଏମିତି ଏ ପ୍ରେମ

ତୋ ମୋ ପାଇଁ

ଏମିତି ଏ ମନ ମୋ ଦେହ ଦେଲା ଛୁଇଁ

ଭରସା ଥିଲା ତା ପାଖରେ

ବରଷା ହେଲା ମୋ ମନରେ

ମଳୟଟା ଧିରେ ଧିରେ ଆସି ମୋର

କାନରେ କହିଗଲା

ହେଇଗଲା ପ୍ରେମ ତୋରି ପାଇଁ

ଜାଣିନଥିଲି ମୋ ଜୀବନେ ତମେ କେବେ ଆସିବ

ଭାବିନଥିଲି ମୋ ଜୀବନେ ମୋ ବୋହୁ ସାଜିବ

ଆକାଶ ଥିଲା ଜହ୍ନ ବି ଥିଲା

ତାରା ମେଳରେ ଏ ମନ ତ ଥିଲା

ଫଗୁଣଟା ଧିରେ ଧିରେ ଆସି ମୋ କାନେ

କହି ଦେଇଗଲା

ପ୍ରେମ ତୋରି ପାଇଁ ।

 Magazine Downloaded from www.aahwaan.com

# ଶ୍ୟାମସୁନ୍ଦର



ଶ୍ରୀରାଜଶେଖର ସି

ହେ ଶ୍ୟାମସୁନ୍ଦର ! ତୁମେ ତ ସଦା ସୁନ୍ଦର !
ତୁମେ ସ୍ୱୟଂ ପ୍ରେମମୟ ମୋହନୀୟ ମହନୀୟ ମନ୍ଦିର ! ।୧।
ଦୈନନ୍ଦିନ ତୁମ ପାଇଁ ପ୍ରଜ୍ୱଳିତ ହୁଏ ଦେଦୀପ୍ୟମାନ ଦିବ୍ୟଦୀପ ,
ତୁମେ ସମସ୍ତ ଭକ୍ତଜନ ହେତୁ ଜାଜ୍ୱଲ୍ୟମାନ ଜ୍ୟୋତିସ୍ୱରୂପ ।୨।
ପଞ୍ଚଭୂତଙ୍କ ସମୂହ ରୁ ଗଢ଼ିଲ ଏହି ନଶ୍ୱର ଦେହ,
ପ୍ରାଣ ଥିବା ପର୍ଯ୍ୟନ୍ତ ରହିବ ତୁମ ପ୍ରତି ମୋହ ।୩।
ଭକ୍ତ ଜୟଦେବଙ୍କ ସୁକୃତ ଗୀତ ଗୋବିନ୍ଦର ଶୁଭୁଚି ନିନାଦ ,
ନିଜ ସାହାଯ୍ୟରୁ ଜଣେଇଲ ଭକ୍ତ-ଭଗବାନଙ୍କ ମଧ୍ୟରେ ନାହିଁ ଭେଦ ।୪।
ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଭାବରେ ପୁରୀରେ ନିତ୍ୟେ ହୋଉଛ ଅବତଂସିତ,
ପୌଷ ପୂର୍ଣ୍ଣିମା ପୁଷ୍ୟାଭିଷେକ ସ୍ୱର୍ଣ ବେଶର ସୌନ୍ଦର୍ଯ୍ୟ ବହୁ ବର୍ଣ୍ଣନାତୀତ ।୫।
ଜଗା ରୂପରେ ପ୍ରତି ଉତ୍କଳବାସୀଙ୍କ ମନରେ ବିଦ୍ୟମାନ ଅଛି ତୁମ ଶ୍ରୀନିଳୟ,
ଶ୍ରୀଦେବୀଙ୍କ ସହ ତୁମ ମହାପ୍ରସାଦ ପାଇଁ ସୁପ୍ରସିଦ୍ଧ ନୀଳାଚଳ ଦେବାଳୟ ।୬।
ଗୋକୁଳବାସୀଙ୍କ ସୁରକ୍ଷା ଲାଗି ଉଠେଇଲ ଗୋବର୍ଦ୍ଧନ ଗିରି,
ଭକ୍ତି-ଲହରୀ ପ୍ରବାହରେ ଭକ୍ତ ରଚିଲେ ତୁମ ପାଇଁ କବିତା ଝରୀ ।୭।
ତୁମ ସ୍ନେହ ସୌହାର୍ଦ୍ଧ୍ୟ ବିନା ଏହି ଜୀବନର ଅସ୍ତିତ୍ୱ ଶୂନ୍ୟ,
ତୁମ ବିଶ୍ୱରୂପ ଦର୍ଶନ ସାମ୍ପ୍ରାପ୍ତି ହେଲେ ଏହି ସୀମିତ ଜୀବନ ହେବ ଧନ୍ୟ ।୮।
ପଠନ ହୁଏ ଯେବେ ଶ୍ରୀ ଜଗନ୍ନାଥ ସହସ୍ରନାମ,
ଜ୍ଞାତ ହୁଏ ଯେ ପ୍ରତି ନାମ ସ୍ୱୟଂ ପରମପୂଣ୍ୟ ଧାମ ।୯।
ନନ୍ଦନବନ ଉଦ୍ୟାନବନର ସଂରକ୍ଷଣ କରେ ବନମାଳୀ,
ହେ ଶ୍ୟାମସୁନ୍ଦର ! ତୁମେ ତ ସମଗ୍ର ସୃଷ୍ଟି ସଂସାରର ବନମାଳୀ ! ।୧୦।

 Magazine Downloaded from www.aahwaan.com

# ତୋ ପ୍ରେମ



ଅନନ୍ୟା
ଅନ୍ୟତମା ମହାନ୍ତି

କାହା ପାଇଁ ପ୍ରେମ ଅର୍ଥ ମଥାର ସିନ୍ଦୁର

କିନ୍ତୁ ତୋ' ପ୍ରେମ ମନ୍ଦିର ବେଡାର ଫୁଲହାର ।

କିଏ କହେ ପ୍ରେମ ସରିଯାଏ ବିବାହ ବେଦୀରେ

ତୋ' ପ୍ରେମ ଦକ ଦକ ଜଳି-ଚାଲିଥାଏ ଜୁଇର ନିଆଁ ବି ଲିଭିଯିବା ପରେ ।

କାହା ଲାଗି ପ୍ରେମ ଅଟେ ଉପଭୋଗର ଭଣ୍ଡାର

ତୋ' ପ୍ରେମ ତ ତ୍ୟାଗର ମନ୍ଦିର ।

କାହା ମତେ ପ୍ରେମ ପ୍ରତାରଣାର ଗୋଟିଏ ପ୍ରତିଫଳନ

ତୋ' ପ୍ରେମ କିନ୍ତୁ ମୋ ବଞ୍ଚିବାର ଇନ୍ଧନ ।

ଆଭିଜାତ୍ୟର କୁହୁଡ଼ି ଘେରା ସମାଜରେ ଆଜିକାଲି ପ୍ରେମ ଏକ ନିର୍ଣ୍ଣାୟକ ଆଧୁନିକତାର,

ତୋ' ପ୍ରେମ କିନ୍ତୁ ସର୍ବଦା ସତ୍ୟ-ଶିବ-ସୁନ୍ଦର ।

ରଘୁନାଥପୁର, ନମାରୋ, ପୁରୀ, ୭୫୨୧୦୯

 Magazine Downloaded from www.aahwaan.com

# ବାହା ହୋଇଅଛି



ରମେଶଚନ୍ଦ୍ର ବେହେରା

ହାତ ଧରି ମୁହିଁ        ବାହା ହୋଇଅଛି
ହେଇପାରିବିନି ପର,
ପୁଅ ବୋହୁ ସିନା        ହେଲେ ନିରିଦୟ
କରିଦେଲେ ସାତପର ।
ଦୁଃଖ ଯାତନାକୁ        ଆପଣାର କରି
କାଟିବା ଆମର ଦିନ
ସ୍ନେହ, ପ୍ରେମ, ତ୍ୟାଗ        ବିଶ୍ୱାସ, ଭରସା
ରଖିବି ମୁଁ ପ୍ରତିଦିନ ।
ବିନତି କରୁଛି        ଶୁଣ ହେ ଠାକୁରେ
ସୁଖରେ ରଖିବ ତାଙ୍କୁ
ଯାତନାରେ ଆମେ        ରହିଛୁ ରହିବୁ
ଭୁଲିବିନି ସମ୍ପର୍କକୁ ।

 Magazine Downloaded from www.aahwaan.com

# ମୁଁ ଓଡ଼ିଆ



ସୁଶାନ୍ତ କୁମାର ଧଳ

ଓଡ଼ିଶା ରାଜ୍ୟର ଆମେ ସନ୍ତାନ
ସୂର୍ଯ୍ୟଠାରୁ ଆମେ ଅଟୁ ତେଜିୟାନ ।
ସଂସ୍କୃତି ଯାହାର ଆହା କି ସୁନ୍ଦର
ପରମ୍ପରା ଯା'ର ଅଟେ ମହାନ ।
ଯା' କୋଳେ ଜନମ ହୋଇ
ବୀରଦର୍ପେ ଦେଲେ ଛାରି ପତାଇ
ସ୍ୱାଧୀନ ଆମକୁ କରିବା ପାଇଁ ।
ବାର ବରଷର ବାଜି ରାଉତ
ଛାତିରେ ସହିଲା ଗୁଳିର ଚୋଟ
ରଖିଲା ଓଡ଼ିଆ ଜାତିର ଟେକ ।
ପୂର୍ବପୁରୁଷଙ୍କ କାରିଗରୀ ଗୁଣ
କୋଣାର୍କ ଛାତିରେ ମିଳେ ପ୍ରମାଣ ।

ଏ ମାଟିର ସୁତ ପଠାଣି ସାମନ୍ତ
ବାଉଁଶ ନଳୀରେ ଦେଖିଲା ନକ୍ଷତ୍ର
ଗ୍ରହ ତାରାଙ୍କର ଦେଖି ଗତିବିଦ୍ଧି
ସିଦ୍ଧାନ୍ତ ଦର୍ପଣେ ଦେଖାଇଲା ବୁଦ୍ଧି ।
ଯାହା ବୈଜ୍ଞାନିକ କରନ୍ତି ପରୀକ୍ଷା
ତାହା ଲେଖିଥିଲା ଅଚ୍ୟୁତ ଯେ ଏକା
୫୦୦ ବର୍ଷ ପୂର୍ବେ ଲେଖିଥିଲା ଯାହା
ଗୋଟି ଗୋଟି ସତ୍ୟ ହେଉଥାଏ ତାହା ।
ଓଡ଼ିଶା ମାଟିର କାହିଁ କେତେ ଗୁଣ
ସରିବନି କେବେ କରିଲେ ବଖାଣ
ଓଡ଼ିଆ ବୋଲି ତୁ ମନେ ଗର୍ବ ବହି
ତା ଟେକ ରଖିବା ମିଳିମିଶି ଭାଇ ।

 Magazine Downloaded from www.aahwaan.com

# ଅଗ୍ନିକନ୍ୟା



ଏମ୍. ବିଜୟ କୁମାର

ଅଗ୍ନିକନ୍ୟା
ଉଦ୍‌ଗିରଣ ଆଗ୍ନେୟଗିରି
ଜ୍ୱାଳାମୁଖୀ ମଶାଲଧରି
ଲାଲ୍ ଟହ ଟହ
ନିଆଁ ହୁଲା ହୁଲା
ଲାହା ଲାହା ନିଆଁ
ଶାନ୍ତ ଶୀଳା

ଦଙ୍ଗାରେ ରଜନୀ ଜୀବନ୍ତ ଦଗ୍ଧା
କୁମ୍ବି ଅପରେସନରେ ଆରତି ଧର୍ଷିତା
ଯୌତୁକ ଯଜ୍ଞରେ ସଞ୍ଜୁ ବଳି
ପ୍ରତାରିତା କୁଆଁରୀ ମା ମଲ୍ଲୀ

ପାଇକମାଲ ଅଚ୍ଛୁଆ ଗଣ ବଳାତ୍କାର
ପେଟ ପାଇଁ ମୁନ୍ନୀ ବିକେ ଦେହ ତା'ର
ବିଶ୍ୱ ଚର୍ଚ୍ଚିତ ନିର୍ଭୟା ଆଖି ବୁଜିଲା
ଲୋକ ଲଜ୍ଜା ହେତୁ କିଏ ଚୁପ୍ ରହିଲା ।

ମରଣ କୋଳେ ଆଜନ୍ମା କନ୍ୟା ଭ୍ରୂଣ
ଏ ସମସ୍ତଙ୍କର ଜୀବନ ଦୁଃଖପୂର୍ଣ୍ଣ
ହୁତୁ ହୁତୁ ହେଇ ଜଳୁଥିବା ନିଆଁ
ଆଖି ଲୁହରେ ଜନମ ଅଗ୍ନିକନ୍ୟା ।

ଅବଳା ଦୁର୍ବଳା ନୁହେଁ ଆଉ ନାରୀ
ରଖିବ ଆବଦ୍ଧ ଚାରିକାନ୍ଥ ଭିତରେ
ନାରୀ ହିଁ ନାରାୟଣୀ ସତୀ ସାବିତ୍ରୀ
ଦୁଷ୍ଟ ଦମନ ପାଇଁ ଦୁର୍ଗା ବି ହୋଇପାରେ ।

 Magazine Downloaded from www.aahwaan.com

ସହି ହେଉନାହିଁ ନାରୀ ଅତ୍ୟାଚାର
ଯାହା ହେଉ ପଛେ ମୁକ୍ତି କ୍ରାନ୍ତିକର
ଛେଳି ବୋଲି ତ ତଣ୍ଟି କଣା କରି
ପିଇ ଯାଉଥିଲ ଝିଅର ରକ୍ତ
ବ୍ରଏଲର ଭାବି ଟୁକୁରା ଟୁକୁରା କରି
ଖାଇ ଯାଉଥିଲ ନାରୀର କଞ୍ଚା ମାଂସ
ବୋକା ବନାଇ ଚଢ଼ାଉଥିଲ ବଳି
କୁହ ଝିଅକୁ କ'ଣ ଭାବ ?

ଗୋଟେ ମାଟି ପିତୁଳା, ଗୋଟେ ସଖୀ କଣ୍ଢେଇ
ଗୋଟେ ଯୌନ ଭୋଗବସ୍ତୁ ନା'
ଛୁଆ ଜନ୍ମ କରିବାର ଯନ୍ତ୍ର
ଅଗ୍ନି ସ୍ୱରୂପିଣୀ ପଚାରୁଅଛି
ଜବାବ ଦିଅ ମରଦ ପୁଅ
କିଏ ଅଛ ପୁରୁଷ ବ୍ୟାଘ୍ର ।

ଅଗ୍ନି ହାତରେ ଧରିବାକୁ
ଚେଷ୍ଟା କଲେ ସାବଧାନ
ଜଳି ପାଉଁଶ ହୋଇଯିବ
ଉତ୍‌ଫେଣ ସର୍ପକୁ ଆଘାତ କଲେ
ବିଷ ଚୋଟରେ ଆପେ ମରିଯିବ ।
ପଦ୍ମ ଅଁ ଯେହ୍ନେ ନ ଲାଗଇ ପାଣି
ସେହି ରୂପେ ମୁଁ ବିପ୍ଳବିନୀ
ପୁରୁଷର ଗର୍ବ ଅହମିକା ହେବ
ସଂପୂର୍ଣ୍ଣ ଧ୍ୱଂସ ଧୂଳିସାତ ।
ନିଆଁ ତରଙ୍ଗ ଅଗ୍ନିବଳୟ
ଭୂମିକମ୍ପ ସୁନାମୀ ରୂପ
ଅଗ୍ନିକନ୍ୟା ।

ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

 Magazine Downloaded from www.aahwaan.com

# କରମର ଫଳ ପାଉଛି



ଶିଶିର କୁମାର ପଣ୍ଡା

ବାହା ହୋଇ ଯିଏ ଘରକୁ ଆସିଲା
ମୋହରି ଭାରିଯା' ହୋଇକି
ଅଷ୍ଟମଙ୍ଗୁଳାଟା ଯାଉ ନ ଯାଉଣୁ
ବରାଦ କଲାଣି ଶୋଇକି ।

ପାଦରୁ ଅଳତା ଲିଭିନାହିଁ, ହେଲେ
ନଖରାମୀ ପଡ଼େ ବାହାରି
ପାନରୁ ଟିକିଏ ଚୁନ ଖସିଗଲେ
ମହତ ରଖୁନି କାହାରି ।

କଥା କଥାକରେ ଇଙ୍ଗରାଜୀ କହି
ଗାଳିଦିଏ ବାପା ବୋଉକୁ
ଭାକୁଡ଼ ଖାଉଛି, ପସନ୍ଦ କରୁନି
କେରାଣ୍ଡି, କଣ୍ଟିଆ କଉକୁ ।

ଲିପିଷ୍ଟିକ୍ ବୋଳା ଗୋଦରା ଓଠରୁ
ହସ ତା କାହିଁକି ଝରୁନି
ତିନି ବରଷର ଝିଆରୀକୁ ଯମା
କୋଳରେ ଟିକେ ସେ ଧରୁନି ।

ସୁଖଶାନ୍ତି ସବୁ ଚୁଲିକୁ ଗଲାଣି
ଆସିଲା ଦିନୁ ସେ ଘରକୁ
ଗୋଡ଼ ଚିପିବାକୁ କହିଲାଣି ଏବେ
ସୁହାଗିଆ ତା'ର ବରକୁ ।

ବାଛି ବାଛି ହାତ ଧରିଥିଲି ବୋଲି
ଅଖା ଧୋଇ ଗୁଣ ଗାଉଛି
କାହାକୁ କହିବି ସରମର କଥା
କରମର ଫଳ ପାଉଛି ।

କୁଆଁସ, ମେରଦାକାଟିଆ, ଯାଜପୁର
ଦୂରଭାଷ : ୮୯୮୧୭୩୭୨୨୮

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

 Magazine Downloaded from www.aahwaan.com

# କାଏଁଥିର୍ ଲାଗି



ପ୍ରସନ୍ନ ପ୍ରୟାସ ଭୁଏ

ଦେଇ ନି ପାରୁ ଥିର୍ ତୁକେ ଭାତ ଗର୍ସେ
ଆଏଁଖ୍ ପାରି ଦେଖୁ ଦୁଖେ,
ଛଟା ଦାଏକା ଚଟୋ ଚଟୋ ମୁଁହେ ମାରୁ
ନିଜେ ଥିଲେ ବନେ ସୁଖେ ।
ଉଛୁଲି ପଡେ ମୁହୁଁ ନୁ ଭର୍ତି ମାଠୁଲ୍ ହଁସି
କହତ ! କାଏଁଥିର୍ ଲାଗି ?
ନିଜର୍ ଖନ୍ କେ ଉସାସ୍ କରି
ଲଦୁ ଭାର ଆର୍ କାହାର୍ ଖନେ,
ଝାଲ୍ ଘମେ ଭିଜେ ଅଥୋଥାଲି ହଇ
ତତେ ଦେଖି ଲାଗେ ଗୁହେର ବନେ ।

ଉଛୁଲି ପଡେ ମୁହୁଁ ନୁ ଭର୍ତି ମାଠୁଲ୍ ହଁସି
କହତ ! କାଏଁଥିର୍ ଲାଗି ?
ଚିରାହ୍ ଦଦରା ଲେକେରି ପିନ୍ଧା
ଚାଲି ଯାଉଥିଲେ ଅଧା ଲଂଗଲା,
ଚଉକି ବସି ଛୁଆକୁ ଖଟଉ
ଅବାହାନ୍ ବଛାର୍ ଖନେ ଖନ୍ଦଲା ।
ଉଛୁଲି ପଡେ ମୁହୁଁ ନୁ ଭର୍ତି ମାଠୁଲ୍ ହଁସି
କହତ ! କାଏଁଥିର୍ ଲାଗି ?
ଉଧାର୍ କର୍ଜା ଭାର୍ ମୁଁଡେ ଲଦି
ଗୁଡ଼େ ବାନ୍ଧିଛୁ ମାକଡ଼ ନଚା ଡୋର୍,
ଭିଡି କସି କରି ଉଝୁନି ହଇ
କେତେ ଲଗାବୁ ଯେ ଲଗା ଜୋର୍ ।

 Magazine Downloaded from www.aahwaan.com

ଗୁନ୍ଦଲେଇ ହଇ ନାଚୁଥିବୁ ନୁହେ ପାଉ ସୋର
କହତ ! କାଏଁଥିର୍ ଲାଗି ?
ଯେତେଦିନ୍ ତୁଇ ମୁରୁଖ୍ ଥିବୁ
ରହିଥିବୁ ତୁଇ ଗୁଡି,
ବଲଦ୍ ଲେଖେ ଖଟ୍ ଦିନ୍ ରାଏତ୍
ମଦ୍ ପିଇ ଦେବୁ ମୁଡି ।
ଉଦୁଲା ସୁରୁଜ୍ ଦେଖି ନି ପାରୁ ବେଲ ଯାଉଥିବା ବୁଡି
କହତ ! କାଏଁଥିର ଲାଗି ?

ପ୍ରଧାନପାଲି, ସମ୍ବଲପୁର
ଭ୍ରାମ୍ୟଭାଷ : ୮୭୫୮୨୧୮୭୬୬

 Magazine Downloaded from www.aahwaan.com

# ଅମୂଲ୍ୟ ଝି



କବି ପ୍ରସାଦ

ଝି ଆଏ ରତନ

ଝି ର ବିନେ ସବୁ ପଖାନ

ଝି ଆଏ ସଁସାରେ ସୁନା

ଝି ର ବିନେ ସଁସାର୍ ଚୁନା

ଝି କେ କର ଗଲାର୍ ହାର୍

ତାହେଲେ ହେବା ସୁଖର୍ ସଁସାର୍ ।

ଝି ଆଏ ଆମର୍ ମହତ

ଝି ଠାନେ ବନ୍ଧା ଜଗତ

ଝି ଥିଲେ ମନ ମହକ

ଝି ହିରା କେ ପରଖ

ଝି ନୁହେଁ ଆମର୍ ବଇରି

ତାକେ ପେଟେ ନାଇଁ ଦିଅ ମାରି ।

ପୁଓ ପୁଓ କାଏଁ ହଉଛ

ଝି କେ ଅନାଦର୍ କରୁଛ

ଝି ଯଦି ନାଇଁ ଆଏବା ସଁସାରେ

ଭାବ କାଣା ହେବା ଇ ସଁସାରେ

ମୁନୁଷ ସମାଜ ମୂଲୁ ସରିଯିବା

ଆର୍ ଗୁଟେ ପିଢି କେ କିଏ ଜନମ୍ ଦେବା ।

ଫୁଲ ବିନେ କାଏଁ ଫଳ ହେସି

ବୀଜା ବିନେ କାଏଁ ଗଛ ହେସି

ମାଆ ନୁରୁଛ ବହ ନୁରୁଛ

ଝି କେ କାଇଁ ଫିକି ଆଉଛ

ଝି ଏକା ଦିନେ କା'ର୍ ବହ ହେବା

ବହ ହେଇ ଦିନେ ସେ ଭିଲ ମାଆ ହେବା ।

ଝି ଆଏ ଦୁହିତା

ସେ ଦୁହିଁ କୁଳର୍ ହିତା

 Magazine Downloaded from www.aahwaan.com

ଝି ନାଇଁ ଥାଏ ଯାହାର

ଜୀବନ ହେସି ଜହର

ପୁଓ କଲା ଯଦି ଧୁର୍ ଧାର୍

ଖୁଲା ଥିସି ଖାଲି ଝି ର ଦୁଆର୍ ।

ଯିଏ କଲା କନ୍ୟାଦାନ

ତା'କେ କହେଲେ ମହାନ

ଛାର କୁଲିହା କଲା କନ୍ୟାଦାନ

ପାଏଲା କେତେ ବରଦାନ

ସୂର୍ଯ୍ୟବଂଶେ ଜନମ ହେଲା

ଶଗର ରଜା ବଲି ନାମ୍ ପାଏଲା ।

ଝି ର ମହିମା ଜହ

ଝି କେ ଛି ନାଇଁ କହ

ଝି ରଖବା ତୁମର ଟେକ

ଝି ବଟାଲେ ହେବ ମୋକ୍ଷ

ଝି ର ଗୁନ କେ ଚିହ୍ନ ହୋ ଭାଇ

ଅମୂଲ୍ୟ ଝି ତା'ର୍ ତୁଲନା ନାଇଁ ।।

ସର୍ଗିଗୁଡା, ମଣ୍ଡଳ, ବେଲପଡା

ବଲାଙ୍ଗୀର, ଓଡିଶା, ପିନ୍-୭୬୭୦୨୭

ମୋବାଇଲ-୭୬୦୭୦୫୧୩୯୫

 Magazine Downloaded from www.aahwaan.com

# ବୈଶାଳୀ



ମନୋଜ ମହାନନ୍ଦ

ଶ୍ୟାମ କଥା ଖାଲି
ଝୁରି ବଇଶାଳୀ
ମନେ୍କ କରିଛେ ଉନା
କୁଆଁରୀ ଦିହେଁ ତାର୍
କୁଆଁରୀ ପନ୍
ଉହାତେ ଲାଗୁଛେ ଘୁନା । - ୧

ଦେଖୁଛେ ସପନ
ଉଆଁସ୍ ରାତି ଜହ୍ନ
ନଦୀନେ ଫୁଟିଛେ କଇଁ
ଦିହେଁ ପ୍ରୀତି ଜର
କରେ ଥର ହର
ସମ୍ଭାଳି ପାରୁଛେ ନାଇଁ । - ୨

ହୁଏ ହର୍ଲି ତର୍ଲି
ବଗିଚାର ମଲ୍ଲି
ଖରାନେ ପଡୁଛେ ଝଡି
ଗାଲେ ହାତ୍ ଦେଇ
ମନେ୍କ ବୁଝେଇ
ବସୁଛେ ମୁହୁଁକେ ମୁଡି । - ୩

ଭାଲେ ଆସିକରି
କୁଲେ ଛନେ ଧରି
ଚୁମା ଯଦି ଗାଲେ ଦେତେ
ପାଏତିଁ ସର୍ଗର୍ ସୁଖ୍
ଦୂର୍ ହେତା ଦୁଃଖ୍
ସବୁ ଉର୍ଘା ବଥା ଯେତେ । - ୪

ବାଗଯୋର, ସଇଁନ୍ତଲା, ବଲାଙ୍ଗିର, ଓଡିଶା
ପିନ - ୭୬୭୦୩୨ ମୋ - ୮୦୧୮୦୮୯୩୩୫

 Magazine Downloaded from www.aahwaan.com

# ଫଗୁନ୍ ଆର କେତେ ଦୂରେ



ଫିରୋଜ କୁମାର ପଟେଲ

ନିଲିଆ ଆକାଶେ ଚିରେଇ ନନୀ
କିଚିର ମିଚିର କରେ
ଖାଇ କରି ରାସଲ ଫୁଲ
କୁଇଲି ଗାଏଲାନ ସୁରେ
ଫଗୁନ ଆର କେତେ ଦୁରେ ।

ହଲି ହଲି କରି ଫୁଲର ଡାହି
ମଳୟ ଧୁକା କେ ନୁରେ
କୁଚି ଧରା ମହୁଲ ଗଛୁ
ମହୁଲ ଫୁଲ ଝରେ
ଫଗୁନ ଆର କେତେ ଦୂରେ ।

ଗଛ ଦେଇ କରି ପତର ଝରା
କଅଁଲି ପତର ପାରେ
ସାତ ରଙ୍ଗୀ ପରକୁତି ରାନୀ
ହୁଲି କେ ଡାକ ମାରେ
ଫଗୁନ ଆର କେତେ ଦୂରେ ।

ହେତେଇ ହେତେଇ ମୁନୁଷ ମନ
ଋତୁ ରାଜକେ ଝୁରେ
ଶୀତ ପାହାରଖିଆ ଇ ଜୀବନ
କେନ୍ତା ଆର ଦମ ଧରେ
ଫଗୁନ ଆର କେତେ ଦୂରେ ।

ଅବନକେଲା ,ସୁନ୍ଦରଗଡ଼-୧୯
ଅଧ୍ୟାପକ,ପଦାର୍ଥ ବିଜ୍ଞାନ
ପ୍ରୟାସ ଡ଼ିଗ୍ରୀ କଲେଜ,ସୁନ୍ଦରଗଡ଼
ଭ୍ରାମ୍ୟଭାଷ :-୯୭୭୭୬୩୨୩୩୦

 Magazine Downloaded from www.aahwaan.com

# ଟୀନ୍ ଟୀନ୍ ବଏସେ



ଏମ୍. ବିଜୟ କୁମାର

ଟୀନ ଟୀନ ବଏସେ

ଟିଗଂ ଟୀଗଂ ହେବାର

କାଏ ଦରକାର ?

ହେଡ଼ ଆଗ୍ୟା ଇ କଥା

କହୁଥିଲେ ବାରବାର

କିଏ ସୁନଲା

କେନ ମାନଲା

ଜାହାର ବାଟେ

ଜିଏ ପଲଲା

କାହାର କଥାକେ

ପଚନତେ ନାଇ

ଭୋଗଲା ଲୋକକେ

ଜାଇ ପଚାର...

ଭଲର ଲାଗି କହିଲେ

ଭଲର କଥାକେ

ଓଲଟିଆ ଦୋସ

ଦେବେ ସେତାକେ

ବଏସର ବକ ବକ

ଉତପାତ ନାଇ ହ

ଉଛୁଲି କରି

ନାଇ ଉତ ଜହ

ଉସତ ହେଇ

ଉସେ ନାଇ ପହର....

ଗୁରସ ଉତଲେ

ତଲେ ତୋ ପଡ଼ସି

ଉଛୁଲଲା ପାଏନ

 Magazine Downloaded from www.aahwaan.com

ବେକାର ଜାଏସି

ମୋର କିଛି ନାଇ ଜାଏ ଆସେ

ତମର ତୋ ଜିବା ଛୁଚା ନାସେ

କିଛି କରବାର ଆଘୋ

ସତ ପରିକ୍ଷା କର...

ଟିଭି ସିଡି ଫିଲିମ ଯାହା କଲା

ପାଟ ପଢା ଛାଡି ବାଏଁରି-ବଏଁରା

ଦଗା ଫଲସା ଦେଇ ମାଁ ବୁଆ

ପାଠ ବତାସି ବାଟ ଉକିଆ

ଫିଉଚର ବନାବାର ଟାଇମ

ନାଇ ଆସେ ଆର....

ଗୋରା ଚମ ସାଜୋ କଲେ

କାଏ ହେବା ସେମେଲଫୁଲ

ଭଲ ହେବା ଦିନେ ନା ଦିନେ

ଜିଏ ନୁରସି ନିଜର ଭୁଲ

କୁମହାର ଜେନତା

ହାତେ ହାତେ ହାଡିଁ ଗଢୁଛେ

ସେନତା ତର ଜୀବନକେ ଗଢ଼

ମନକେ ଆଏତ କରି

ବିବେକଥି ଚାଲଲେ

ଭଲ ମୁନୁସ ହେଇ

ଭଲେ ଭଲେ ହେବୁ ପାର .... । ।

ଏମ୍.ବିଜୟ କୁମାର

ମହୁଲପଲ୍ଲୀ/ବୁଢ଼ାବାହାଲ

ସଁଇନ୍ତଲା/ବଲାଙ୍ଗୀର-୩୨

ମୋ-୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ମନର ବଲ



ନାରେନ ପଂଚଭାୟା

ତେଲ ନୁନର ସଁସାର ଭିତରେ
ନିଜର କାମ କବାର ନୁ ଅଏତକା
କାହାର ପାଖେଁ
ସମିଆଁ ଅଛେ
କି ଫୁରସତ ଅଛେ

ତବି ମନ ନାଇଁ ମାନେ
ନିଜର ରାଏଜ ଲାଗି
ନିଜର ଭାଷା ଲାଗି
ନଲ ଆରୁ ନିଲ
ଗୁନଚା ମୁଷା ଲେଖଁ
ଦୁରବଲିଆ ହେଲେଁ ବି

ଆମର ରାଏଜର
ଆର ଆମର ଭାଷାର ସେତୁବନ୍ଧ
ବାନ୍ଧବାର କାମେ
ନିଜକେ ଲଗେଇ ପାରଲେ
ପରମ ସୁଖ ଆରୁ
ପରମ ଶାନ୍ତି

ପାଏବାର ଜେନ ଲୋଭ
ଟିକାକ ମନର
ସନ୍ଧି କରପନେ
ଲିବିର ଲିବିର ଜଲୁଛେ
ହେଁଟା ନ ମନକେ
ରହି ଦହି କରି ପକଉଛେ ।

 Magazine Downloaded from www.aahwaan.com

# ଝି



ନାରେନ୍ ପଂଚଭାୟା

କୁଟୁମ ଯାକିରର
    ଦୁଖ ଦରଦ ସାଆଁଟି
ଝି ଅବଗା ଜାନେ
    ସୁଖ ଶରଧା ବାଆଁଟି - ୧

ତନ ମନ ଦେଇ କରସି
    କୁଟୁମ ଜନର ତୁରା
ତାର ତୁରାର ଲାଗି
    ନାଇଁ କରେଁ କୁଁଥା କୁହୁଁରା - ୨

ସରବସହନୀ ଝି ପାଇ ମୋର
    ମନ ହୁଏ ଗହ ଗହ
ପୋ ଠାନୁ ବଢି ଝି ନୁ ସଁସେ ମାୟା
    ପାଏମି ଜହ ଜହ - ୩

ଇମେଲ୍ : Panchbhayan@gmail.com
ଭ୍ରାମ୍ୟଭାଷ : ୯୯୩୭୪୪୧୩୬୨
ପଂଚଭାୟା ଟେଲର
ଝାରବନ୍ଧ , ବରଗଡ-768042

 Magazine Downloaded from www.aahwaan.com

# ବେଟି ପଢ଼ାଓ ବେଟି ବଚାଓ



ସୁବାଷ ଭୁଏ

ମୁନୁଷ୍ ଭିତରେ ଦୁଇ କୂଲ୍ ହିତା
ଝି ଜନମଟା ସାର
ପେଟ୍ ଭିତରୁ ଭୃଣ ହତ୍ୟାକଲେ
ତୋର୍ ଜୀବନ୍‌ଟା ହେବା ଖାର୍ - ୧

ଝିର୍ ସେନ୍‌ଧୁ କଥା ସୁନ୍‌ବାର କେ
ଭାଗ୍ୟେ ଥିସି କାହାର୍
ମାଁ ବୁଆ ହେଇ ହାତ୍ ଧରାଲେ
ପାପ୍ ସଂସାରେ ହେବୁ ପାର୍ - ୨

ପୋ ପୋ ବଲି ହେଲୁନ ଘାଂଟି
ଝିର୍ ସଁଗେ କେଭେ ନାଇହୁଏ କଁଟି
ହେସୁ କେତେ ଡହଁଲ୍ ବିକଲ୍
ସମିଆ ପାଇଲେ ମାଡ଼ବା ଡଁଟି
ବୁଡ଼ିଯିବା ତୋର୍ ଅକଲ୍ - ୩

ଅଧା ବୟେସେ ବିହା ଦେସୁ
ଖଞ୍ଜିକରି ଦର ବୁଢ଼ା
ଆଗକେ ବଢ଼ତେ ଆଗକେ ବଢ଼ାତେ
ତାହାକୁ ତୁଇଁ ପାଠପଢ଼ା - ୪

ସରକାର କରିଛନ୍ କେତେ ଯୋଜନା
ବେଟି ବଚା ବେଟି ପଢ଼ା
ଝି ଶିକ୍ଷିତ ହେଲେ ଶିକ୍ଷିତ ସମାଜ୍
ନେହେତ କରମ୍ ପୁଡ଼ା - ୫

ପିଲା ଟୁକେଲ୍ ବଲି
ଭୁଲେ ଦେଇ ଗାଳି
ବାଛ ବିଚାର୍ କରସୁ କେତେ
ପିଲାଠାନୁ ବଳି ଝି ବଢ଼ିକରି
ଚାକରୀ କଲେନ ଯେତେ ତେତେ - ୬

 Magazine Downloaded from www.aahwaan.com

ପାନି ବୁଡ଼ି ଆକାଶେ ଉଡ଼ି
ସୈନ୍ୟ ହେଇ ଚଲାଲେ ଟେଁକ୍
ଦଉଡ଼ି ଧୁପୁଡ଼ି ମେଡ଼ାଲ୍ ଆନି
ବିଦେଶେ ରଖଲେ ରେଁକ୍ - ୭

ସଂସାର କେ ଚଲାସ ତୁମେ
ଜିଦ୍ ଭଁଗା ଦମ୍ ନାଇନ ଯମେ
ହେଇ ମାଁ ବୁହେନ୍ ଘରର୍‌ନୀ
ଦୁଖ୍ ପଡ଼ିଲେ ଛାତି କରସ ପଥର୍
ତୁମେ ପରେ ସରବ୍ ସହିନି - ୮

ଉଠରେ ସମାଜ ଉଠ
ଝି ବଲି କାନ୍ ନେ ଚୁଁଟ୍
ବଦଲେଇ କରି ମନର୍ ଖୁଟ୍
ବେଟି ବଚା ବେଟି ପଢ଼ା
ହେଇକରି ତୁଇ ଏକଯୁଟ୍ - ୯

କୂଲେ ଖେଳି ଗୁରସ୍ ପିଇ
କଥେନ୍ ଶୁନି ପେଟେ ସୁଇ
ହେଇଛୁ ଆମେ ମୁନୁଷ୍
ଦିନୁଦିନକେ ଭାବ ତୁଟବା
ଆଖିଁ ହଉଛେ ଦୁରୁସ୍ - ୧୦

ଝି ଜନମ୍ ଟା ବୋଝ ନୁହେ
ରଖସି ଜନମ୍ କୂଲ୍
ମାଁ ଶବଦଟା ଉଭିଜିବା ସଥେ
ନାଇଁ ପାଉ ବିଲକୁଲ୍
ନାଇଁ ପାଉ ବିଲକୁଲ୍
ନାଇଁ ପାଉ ବିଲକୁଲ୍ - ୧୧

ଅଧ୍ୟାପକ, ଡୁଙ୍ଗୁରିପାଲି ମହାବିଦ୍ୟାଳୟ
ଡୁଙ୍ଗୁରିପାଲି, ଓଡ଼ିଶା

 Magazine Downloaded from www.aahwaan.com

# ଦଏବ ଦେଇଛେ ଯୁଖି



ଶଙ୍ଖସିନ୍ଧୁ ପୁରୋହିତ

ମନ୍ଦିର ଆଘେ ତୁଲ୍‌ସି ଗଛ୍
ମାହାପୁରୁ ହେଇଯାଏସି ।
ମସାନ୍ ପଦାଥି ଇତାର୍ ଦିହେ
କୁକର୍ ବି ମୁତ୍‌ସି ।
ଜାଗର୍ ଥି ଜଲ୍‌ଲେ ନିଆଁ
ଦୀପ ହେଇ, ସଁସାର୍ ମଁଗଲ୍ କର୍‌ସି ।
ଛାନି ବର୍‌ଡ଼ାଥି ଲାଗିଗଲେ ଇଟା
ଦୁନିଆଁ ଦହନ୍ କରିନେସି ।
ଅରଖ୍, ଦୁଦ୍‌ରା ଦେବ୍‌ତାର୍ ମୁଡ଼େ
ବଡ଼ା ଅଏନ୍ ଦିସି
ଜଁଗଲ୍ ଭିତ୍‌ରେ କିଏ ଖାଇନେଲେ
ଠାନେ ଝୁମ୍‌ରି ପଡ଼ସି ।

ପାଏନ୍ ଜୀବନ୍, ପାଏନ୍ ମଁଗଲ୍
ପାଏନ୍ ସମକର ଦରକାର୍
ଦିନେ, ଦୁଇଦିନ୍ ନାଇଁ ପାଏଲେ
ହେଇଯିମା ସଭେଁ ଖାର୍ ।
ଅଏତ୍‌କା ହେଲେ ସେ ପାଏନ୍ ଫେନ୍
କାରନ୍ ହେବା ମର୍‌ବାର୍ ।
ଯାହାକେ ଯେନ୍ନେ, ଯେନ୍‌ତା କେ ସେଟା
ଦଏବ୍ ଦେଇଛେ ଯୁଖି
ଇଆଡ଼େ ସେଆଡ଼େ ଉପରକେ ତଲ୍
କରି ନାଇପାରୁ ବାବୁ
କାଁରି ହେଉଛୁ ଘାଁଟି ।

ବଡ଼ାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

 Magazine Downloaded from www.aahwaan.com

# ମହେନ୍ଦ୍ର କେତେ କଥା କହେସି



ଯୋଗେଶ୍ୱର ସାହୁ

ଦେଖ୍ ତ ଦଦା ଇ ମହେନ୍ଦ୍ର କଥା,
ଛୁଆ ନୁ ବୁଢ଼ା ସବ୍ ଗାଏଲେ ତାର୍ ଗାଥା ।
ଗରିବ ବୁଢ଼ା ମହେନ୍ଦ୍ର ଗାଳି ଗୁଲଜ୍ ଦେଇ
ରାତି ରାଏତ୍ ଫେମସ୍ ହେଲା ଭାଇ ।
ରାସ୍ତାଘାଟ୍ ନ ଗୁଟେ କଥା ଲେଖା ହେଇଛେ
ଇ ମହେନ୍ଦ୍ର କେତେ କଥା କହୁଛେ ।
ଯେନକେ ଯେ ଏଭେ ଗୁଟେ କଥା ଶୁଭସି
ଦେଖ ତ ମହେନ୍ଦ୍ର ହେଲେ କଥା କହେସି ।

ଘସିଏନ, ଓଡ଼ିଶା

 Magazine Downloaded from www.aahwaan.com

# ଝେର୍’ ଭିଜା ଶୀତ୍ ଦିନରେତ୍



ଚନ୍ଦ୍ରଶେଖର ଗୋ

ହେନ ତମେ ଭିଜୁଛ, ନା ଇନ ମୁଇଁ ଭିଜୁଛେଁ
ନା ଭିଜୁଛୁଁ ଦୁହିଝନ୍, ତ ଭିଜୁଛେ କିଏ ସେ ? ? - ୧
ଭିଜୁଛେ ଛାତିତଳର୍ ସୃତି ସୃତି ତଳର୍ ପୀରତି
ପୀରତି ତଳର୍ ମଧୁର୍ ଭାବନା ।।
ବିଛେଦର୍ ନିଆଁ ନିଆଁର୍ ନିସହା ବେଦନା
ଆର୍ ଶୀତ୍ ଶୀତେ ଥରୁତେଁନ୍ ଧରତି ।। - ୨
ଭିଜୁଛେ ଦିନ୍ ଦିନର୍ ସକାଲ୍
ସକାଲର୍ ଫୁଲ୍ ଫୁଲର୍ ମହକ୍ ।।
ଦିନର୍ ମେଁଧାନ୍ ମେଁଧାନର୍ ଭୋକଶୋଷ୍
ଦିନର୍ ସଁଜ୍ ସଁଜର୍ ସୁରୁଜ୍ ବାଦଲ୍ ଉହାଡ଼େ ।। - ୩
ତମେ ଶୋର୍ ପଡ଼ୁଛ ସତେ ଦୁଖିର୍ ଭଗବାନ୍
ସହି ନି ହଉଛେ ସତେ ଜେଠର୍ ଭୋକଶୋଷ୍ ।।
ଭିଜୁଛେ ରାଏତ୍ ରାଏତର୍ ଶେଯ୍ ଶେଯର୍ ତକିଆ
ମୋର୍ ଏଁଖ୍ ଏଁଖିର୍ ନିନ୍ଦ୍ ନିନ୍ଦର୍ ସପନ୍ ସପନେ ତୁଇଁମୁଇଁ ।। - ୪
ସପନ୍ ଭାଂଗଲେ ମନ୍ ମନର୍ ଭାବ୍ ଭାବର୍ ବିସୁଆସ୍
ବିସୁଆସର୍ ନିସୁଆସ୍ ନିସୁଆସର୍ ଆଶା ଆଶାର୍ ଭେଟ୍ ପଡ଼ବାର୍ ଅପେକ୍ଷା ।। - ୫

କର୍ଲାଖମାର, ନୂଆପଡ଼ା, ଭ୍ରାମ୍ୟଭାଷ : ୮୭୫୮୧୮୦୭୫୬

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

# ସାବରୀମାଲା ପ୍ରସଙ୍ଗ ଓ ସହିଷ୍ଣୁ ହିନ୍ଦୁ ସଂସ୍କୃତି



ପ୍ରତିଭା ପ୍ରିୟଦର୍ଶିନୀ

କିଛିଦିନ ପୂର୍ବେ କେରଳର ସବରୀମାଲା ମନ୍ଦିରରେ ଦୁଇଜଣ ଅନୁପ୍ରବେଶକାରୀ ମହିଳାଙ୍କ ଯୋଗୁଁ ମନ୍ଦିରର ଆଠଶହ ବର୍ଷଧରି ରହିଥିବା ପରମ୍ପରାରେ ବିଘ୍ନ ସୃଷ୍ଟି ହେଲା । ତେବେ, ସବୁ ବୟସର ମହିଳାଙ୍କ ମନ୍ଦିର ପ୍ରବେଶକୁ ଅନୁମୋଦିତ କରିଥିବା ସୁପ୍ରିମକୋର୍ଟଙ୍କ ବିବାଦାସ୍ପଦ ରାୟ ପରେ ବିଧର୍ମୀ ମହିଳାଙ୍କ ମନ୍ଦିର ପ୍ରବେଶ ଜିଦ୍‌କୁ ପ୍ରତିହତ କରିବାପାଇଁ ଅନେକ ଦିନ, ମାସ ମାସ ଧରି ଅନେକ ହିନ୍ଦୁ ମା, ଭଉଣୀ, ଝିଅ ମନ୍ଦିର ସୁରକ୍ଷା ପାଇଁ ଜାଗ୍ରତ ରହିଥିଲେ । କିନ୍ତୁ ନିଜକୁ କ୍ଳୀବ ବୋଲି ପରିଚୟ ଦେଇ (ଯେହେତୁ କ୍ଳୀବଙ୍କ ପ୍ରବେଶ ଉପରେ କୌଣସି ଅଙ୍କୁଶ ନାହିଁ), ଛଳନା ପୂର୍ବକ ୪୦-୪୨ ବର୍ଷ ବୟସର ଦୁଇଜଣ ମହିଳା ମନ୍ଦିର ଗର୍ଭଗୃହରେ ପ୍ରବେଶ କରିଥିଲେ । ସେମାନଙ୍କ ପାଖରେ କୌଣସି ପୂଜା ସାମଗ୍ରୀ ନଥିଲା କାରଣ ପୂଜା କରିବାର ଉଦ୍ଦେଶ୍ୟ ନଥିଲା ସେମାନଙ୍କର । ନା ଥିଲା ଭଗବାନ ଆୟପ୍ପାଙ୍କ ଉପରେ ଆସ୍ଥା । ଏକମାତ୍ର ଉଦ୍ଦେଶ୍ୟ ଥିଲା ମନ୍ଦିର ଗର୍ଭଗୃହରେ ପହଞ୍ଚି ତାହାର ପବିତ୍ରତା ଓ ଶହ ଶହ ବର୍ଷର ପରମ୍ପରାକୁ ନଷ୍ଟଭ୍ରଷ୍ଟ ଓ ବିଦୀର୍ଣ୍ଣ କରିବା ।

ଟିକେ ନିରେଖି ଦେଖିଲେ ବୁଝିହୁଏ, ବିଗତ ଶହେ ଦୁଇଶହ ବର୍ଷ ଭିତରେ ସନାତନ ଧର୍ମ ଉପରେ ହୋଇଥିବା ଏହା ସର୍ବବୃହତ୍ତ ଆକ୍ରମଣ । ତା'ର ଢେର୍ ପୂର୍ବରୁ ଗଜନୀ, ଘୋରୀ, ସିକନ୍ଦର ଲୋଦୀ, ବାବର, ଔରଙ୍ଗଜେବ ଓ ଟିପୁ ସୁଲତାନ ଇତ୍ୟାଦି ଏହିଭଳି ମନ୍ଦିର ମାନଙ୍କୁ ଭ୍ରଷ୍ଟ କରୁଥିଲେ ।

ମନ୍ଦିର ଭ୍ରଷ୍ଟହେବା କୌଣସି ବିରାଟ ବଡ ସମସ୍ୟା ନୁହେଁ । ସନାତନ ଧର୍ମକୁ ଏଭଳି

 Magazine Downloaded from www.aahwaan.com

ଅସଂଖ୍ୟ ଆକ୍ରମଣର ଅନୁଭବ ରହିଛି । ଆମର କୌଣସି ମନ୍ଦିର ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ । ଆମେ ପୁନରୁଦ୍ଧାର କରିବା ଜାଣୁ, ଶୁଦ୍ଧିକରଣ କରିବା ମଧ୍ୟ ଜାଣୁ । ସବରୀମାଲାର ମଧ୍ୟ ଶୁଦ୍ଧିକରଣ କରାଗଲା ସେହି ଅପପ୍ରୟାସ ପରେ ।

ଆପଣ ଜାଣନ୍ତିକି, କାଶୀ ବିଶ୍ୱନାଥ ମନ୍ଦିରକୁ କେତେଥର ଭଙ୍ଗା ଯାଇଛି ? ସାଧାରଣ ଜାଣିବାରେ ପ୍ରାୟ ୫ଥର । ଏହାଠାରୁ ଅଧିକଥର ଭଙ୍ଗାଯାଇ ଥାଇପାରେ । ତେବେ ଏକଥା ଖୁବ୍ କମ୍ ଲୋକ ଜାଣନ୍ତି ଯେ, ବାମପନ୍ଥୀ ଇତିହାସକାରମାନଙ୍କ ଦ୍ୱାରା ମହିମାମଣ୍ଡିତ ରଜିଆ ସୁଲତାନା ମଧ୍ୟ କାଶୀ ବିଶ୍ୱନାଥ ମନ୍ଦିର ଭାଙ୍ଗିଥିଲା । ମହାଦେବଙ୍କ ମନ୍ଦିର ବାରମ୍ବାର ଭଙ୍ଗାଗଲା, ଆଉ ଆମେ ବାରମ୍ବାର ତିଆରି କଲୁ । ଏଠାରେ ସୂଚାଇଦେବା ଉଚିତ ଯେ ବିଧର୍ମୀ ମହିଳାମାନେ ମଧ୍ୟ ଆମ ମନ୍ଦିର ଉପରେ ଆକ୍ରମଣ କରିବାରେ ଆଦୌ ପଛୁଆ ନୁହନ୍ତି ।

ଆପଣ ଜାଣନ୍ତି କି, ମଥୁରାର କୃଷ୍ଣ ଜନ୍ମଭୂମି ମନ୍ଦିର କେତେଥର ଭଙ୍ଗା ହୋଇଛି ? ଗଜନୀ ଦଶଥର ଭାଙ୍ଗିଥିବ, କିଛି ବର୍ଷ ପରେ ଜିଜ୍ଜୀ ନାମକ ଜଣେ ଅଖ୍ୟାତ ବ୍ୟକ୍ତି ମନ୍ଦିର ପୁନଃ ନିର୍ମାଣ କରାଇଲେ । ସିକନ୍ଦର ଲୋଦୀ ପୁଣିଥରେ ଭାଙ୍ଗିଲା, ତାକୁ ଓର୍ଛା ନରେଶ ବୀରସିଂହ ବୁନ୍ଦେଲା ତିଆରି କଲେ । ୧୬୬୯ ରେ ପୁଣି ଭଙ୍ଗାଗଲା..........ତିଆରି ହେଲା ।

ଆମେ ଖାଲିଟାରେ ଆଜିଯାଏଁ ତିଷ୍ଠି ନାହୁଁ । ଆମ ପରେ ଜନ୍ମ ନେଇଥିବା ଅନେକ ସଭ୍ୟତା ଓ ଧର୍ମ କାଳର ଗର୍ଭରେ ଲୀନ ନିଶ୍ଚିହ୍ନ ହୋଇଗଲେ । ଆଜି ପୃଥିବୀରେ ସନାତନର ସମସାମୟିକ କୌଣସି ଧର୍ମ ଜୀବିତ ନାହିଁ । ସମସ୍ତଙ୍କୁ ସାଂପ୍ରଦାୟିକ ଅସି ଖିନଭିନ କରି ସମାପ୍ତ କରିଦେଇଛି । ଏହି ମୂଳପୋଛ କରିବା ପ୍ରକ୍ରିୟା କେତେ ସହଜ ଦେଖନ୍ତୁ :

ଦିନଥିଲା ଯେବେ ପାର୍ସୀ ଯୋଦ୍ଧା ସବୁଠୁ କୁଶଳ ଯୋଦ୍ଧା ଭାବରେ ପରିଗଣିତ ହେଉଥିଲେ ଏବଂ ସମଗ୍ର ବିଶ୍ୱରେ ପାରସ୍ୟର ଖୁବ୍ ପ୍ରସିଦ୍ଧି ଓ ଦମ୍ଭ ଥିଲା । ସେହି ଦମ୍ଭ

 Magazine Downloaded from www.aahwaan.com

ପାରସ୍ୟ ଉପରେ ସପ୍ତମ ଶତାବ୍ଦୀରେ ଆରବୀ ଆକ୍ରମଣ ହେଲା, ଏବଂ ମାତ୍ର ଶହେ ବର୍ଷ ଭିତରେ ପାରସ୍ୟରୁ ପାର୍ସୀ ଧର୍ମ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଗଲା । ମାତ୍ର ଶହେ ବର୍ଷ ଭିତରେ ଶେଷ.....

କେବଳ ପାରସ୍ୟ ନୁହେଁ ମିଶର, ୟୁନାନ, ମଧ୍ୟଏ-ସିଆର ବୌଦ୍ଧ ସଂସ୍କୃତି ମଧ୍ୟ ସମାପ୍ତ ହୋଇଗଲା ମାତ୍ର ଗୋଟିଏ ଗୋଟିଏ ପ୍ରହାରରେ । କିନ୍ତୁ ଆମେ ହଜାର ବର୍ଷର ପରତନ୍ତ୍ରତା ଏବଂ ହଜାର ଆକ୍ରମଣର ପ୍ରହାର ପରେ ମଧ୍ୟ ପୂର୍ଣ୍ଣ ଶକ୍ତି, ଶୌର୍ଯ୍ୟ ଓ ସମ୍ମାନ ସହିତ ଏବେବି ସଗର୍ବେ ସ୍ଥାପିତ ଅଛୁ ।

କାହିଁକି ? ଓ କେମିତି ?

ଆମେ ଏଇଥିପାଇଁ ତିଷ୍ଠିଛୁ ଯେ ଆମ ଭିତରେ ପୁନରୁଦ୍ଧାରର ଜିଦ୍ ଥିଲା । ବାରମ୍ବାର ଉଠି ଠିଆ ହେବାର ସାହସ ଥିଲା ଆମର । ସେମାନେ ଆମ ମନ୍ଦିର ବାରମ୍ବାର ଭାଙ୍ଗୁଥିଲେ, ଆଉ ଆମେ ପୁଣିଥରେ ଗଢି ତୋଳୁଥିଲୁ । ତାଜମହଲ, କୁତବମିନାର ଭଳି ଉତ୍କୃଷ୍ଟ ଭାସ୍କର୍ଯ୍ୟ ଗଢିବାର ମିଥ୍ୟା ପ୍ରଳାପ କରୁଥିବା ଆରବୀ ମାନେ ଆଜିମଧ୍ୟ ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ଇଞ୍ଜିନିୟର କୁଶଳୀ କାରିଗରଙ୍କ ଉପରେ ନିର୍ଭରଶୀଳ ।

ବିନା ବ୍ୟୟରେ ମାତ୍ର ପଞ୍ଚଗବ୍ୟରେ ଧୋଇ ଆମେ ସବରୀମାଲାକୁ ଶୁଦ୍ଧ କରିନେବୁ । କୋଡିଏ ହଜାର ବର୍ଷର ସନାତନ ପରମ୍ପରା ଦୁଇଜଣ ବିଧର୍ମୀ ଅନୁପ୍ରବେଶକାରିଣୀଙ୍କ କୁକର୍ମରେ ଭାଙ୍ଗିଯିବ ନାହିଁ । ତେବେ ଏହି ଘଟଣା ବର୍ତ୍ତମାନର ସମସ୍ୟା ଓ ଆହ୍ୱାନ ସହିତ ଆମକୁ ପରିଚିତ ଓ ଅବଗତ କରାଇ ଦେଇଛି, ଏକଥା ନିଶ୍ଚିତ । ଏହି ଘଟଣା ଜଣାଇ ଦେଇଛି ଯେ ଆମ ସ୍ୱାଧୀନତା ପ୍ରକୃତରେ ଏକ ମିଥକ । କେରଳର ସମସ୍ତ ସନାତନୀ ମହିଳାଙ୍କ ବିରୋଧ ସତ୍ତ୍ୱେ ସୁପ୍ରିମକୋର୍ଟ ଓ କେରଳର ବାମପନ୍ଥୀ ସରକାର ମିଳିମିଶି ଆମ ମନ୍ଦିର ଓ ତାହାର ଶହ ଶହ ବର୍ଷର ପରମ୍ପରାକୁ ଭ୍ରଷ୍ଟ କରିବା ଦର୍ଶାଉଛି ଆମ ଧାର୍ମିକ

 Magazine Downloaded from www.aahwaan.com

ସ୍ୱତନ୍ତ୍ରତାର ସତ୍ୟତା ।

ଏହି ଚକ୍ରାନ୍ତରେ ବିଧର୍ମୀ ସହଯୋଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ଯେତେବେଳେ କେରଳର ସନାତନୀ ମହିଳାମାନେ ମନ୍ଦିର ସୁରକ୍ଷା ପାଇଁ ମାଇଲ ମାଇଲ ଲମ୍ବା ମାନବଶୃଙ୍ଖଳ ବନେଇ ଦୀପ ଜାଳି ଆନ୍ଦୋଳନ କରୁଥିଲେ (ଏଥିପାଇଁ ସେମାନଙ୍କ ନାମରେ FIR ମଧ୍ୟ ରୁଜୁ କରାଗଲା), ଠିକ୍ ତା ପରଦିନ ଖ୍ରୀଷ୍ଟିଆନ ଓ ମୁସଲିମ ମହିଳାମାନେ ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ପାଇଁ ଆନ୍ଦୋଳନ ଆରମ୍ଭ କଲେ । କିନ୍ତୁ ଏ ଦେଶର କାନୁନ ସେମାନଙ୍କୁ ପଚାରିବା କଷ୍ଟ କଲାନାହିଁ ଯେ, ହିନ୍ଦୁ ମାନଙ୍କ ତୀର୍ଥସ୍ଥଳରେ ପ୍ରବେଶ ପାଇଁ ସେମାନେ କାହିଁକି ଆନ୍ଦୋଳନ କରୁଛନ୍ତି ! ! ! ସେମାନଙ୍କୁ ଦେଶର ତଥାକଥିତ ବୁଦ୍ଧି(ମନ୍ଦବୁଦ୍ଧି)ଜିବୀମାନେ ପଚାରିଲେ ନାହିଁ ଯେ, ଯେତେବେଳେ ସ୍ୱୟଂ ସନାତନୀ ମହିଳାମାନେ ମନ୍ଦିର ପ୍ରବେଶ ବିରୋଧରେ, ସେତେବେଳେ ଏଇ ବିଧର୍ମୀମାନେ ମନ୍ଦିର ଭ୍ରଷ୍ଟ କରିବା ପାଇଁ ଅତି ଆଗ୍ରହ ଦେଖାଇବାର କାରଣ କ'ଣ ?

ସନାତନ ଧର୍ମ ଉପରେ ଆଜି ବି ମଧ୍ୟଯୁଗ ଭଳି ପ୍ରହାର ହେଉଛି । ଏତିକି ଅନ୍ତର ଯେ, ସେତେବେଳେ ଅସୁରମାନେ ପଶ୍ଚିମ ପଟୁ ଆସୁଥିଲେ ଆଉ ଏବେ ତାଙ୍କ ସ୍ଥାନ ଦେଶ ଭିତରେ ଥିବା ବାମପନ୍ଥୀ ମାନେ ନେଇଛନ୍ତି । ସେତେବେଳେ ହିନ୍ଦୁଙ୍କ ବିରୋଧରେ ବାବର, ଔରଙ୍ଗଜେବ ନିୟମ ନାଁ ରେ ଯାହା କରୁଥିଲେ ଏବେ କୋର୍ଟ ସେ କାମ କରିଦେଉଛି ।

ସମୟକୁ, ବିଧର୍ମୀ ଷଡଯନ୍ତ୍ରକାରୀଙ୍କ ଷଡଯନ୍ତ୍ରକୁ, ଆକ୍ରମଣର ନୂତନ ଅସ୍ତ୍ର ସବୁକୁ ଚିହ୍ନିବା ବେଳ ହୋଇଛି । ସତ୍ତା ବା ଶାସକ ପ୍ରଜାଙ୍କ ରକ୍ଷା କରନ୍ତୁ, ଧର୍ମକୁ ନୁହେଁ । ଧର୍ମର ରକ୍ଷା ପ୍ରଜାମାନେ କରନ୍ତି । ଧାର୍ମିକ ଆତଙ୍କବାଦୀଙ୍କ ଠାରୁ ରକ୍ଷା ପାଇବାପାଇଁ ସେମାନଙ୍କୁ ପ୍ରେମରେ ନୁହେଁ, ତାଙ୍କରି ଭାଷାରେ ଉତ୍ତର ଦେବାକୁ ହେବ । ଧର୍ମନିରପେକ୍ଷତାର ପ୍ରହସନ ତ୍ୟାଗ କରିବାକୁ ହେବ । ଧର୍ମରେ ନିରପେକ୍ଷ ହୁଆଯାଇ ନପାରେ । ଧର୍ମନିରପେକ୍ଷତା ଭାଷଣ

 Magazine Downloaded from www.aahwaan.com

ଦେଉଥିବା ଲୋକଙ୍କୁ ପାଲଟା ପ୍ରଶ୍ନ କରାଯାଉ ଯେ ଆମ ମନ୍ଦିର ଭ୍ରଷ୍ଟ କରିବା ପାଇଁ ଅନ୍ୟ ଧର୍ମର ମହିଳାମାନେ ଆନ୍ଦୋଳନ କାହିଁକି କରିଥିଲେ ? ଯେଉଁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆଜିଯାଏ କୌଣସି ମହିଳାଙ୍କୁ ପୋପ୍ କି ବିଶପ ବନେଇ ନାହାନ୍ତି, ସେମାନେ ଆମକୁ ଜ୍ଞାନ ଦେବାକୁ କିଏ ? ଯେତେବେଳେ କି ଆମେ କେବଳ ମହିଳା ନୁହେଁ, ବରଂ କିନ୍ନରଙ୍କୁ ମଧ୍ୟ ମହାମଣ୍ଡଳେଶ୍ୱର ବନେଇଛୁ । ତଥାପି ନାରୀବାଦ ନାଁରେ ଆମ ଧର୍ମୀୟ ଆସ୍ଥା ଉପରେ ଆକ୍ରମଣ କାହିଁକି ?

ରାଜନୀତିରୁ ଉପରକୁ ଉଠନ୍ତୁ । ମୋଦି, ରାହୁଲ, ଅଖିଳେଶ, ମାୟା, ମମତା, ଉଦ୍ଧବଙ୍କ ଭଳି କେତେ ନେତା ଆସିଛନ୍ତି ଆଉ ସମୟ ଗର୍ଭରେ ଲୀନ ହୋଇଛନ୍ତି । ହେଲେ ଏ ରାଷ୍ଟ୍ର ହଜାର ହଜାର ବର୍ଷଧରି ଜୀବନ୍ତ । ସଗର୍ବେ ଦଣ୍ଡାୟମାନ । ନେତା, ଦଳ, ସଂଗଠନ ମହତ୍ତ୍ୱପୂର୍ଣ୍ଣ ନୁହନ୍ତି, ରାଷ୍ଟ୍ର ମହତ୍ତ୍ୱପୂର୍ଣ୍ଣ, ଭାରତ ମହତ୍ତ୍ୱପୂର୍ଣ୍ଣ, ସନାତନ ମହତ୍ତ୍ୱପୂର୍ଣ୍ଣ । ଭାରତ ସେପର୍ଯ୍ୟନ୍ତ ରହିବ ଯେପର୍ଯ୍ୟନ୍ତ ସନାତନ ରହିବ । ଯେଉଁଠୁ ସନାତନ ସମାପ୍ତ ହୁଏ ସେଠାରୁ ଏ ଭୂଖଣ୍ଡ ପାକିସ୍ଥାନ, ବାଂଲାଦେଶ, ଆଫଗାନିସ୍ଥାନ ହୋଇଯାଏ, ଭାରତ ରହେନି ।

ବିପତ୍ତିର ଏହି ସଙ୍କଟମୟ କାଳଖଣ୍ଡରେ ମଧ୍ୟ ଯଦି ନିରପେକ୍ଷତାର ପ୍ରହସନ କରିବା ଜାରି ରହେ, ତେବେ ହଜାର ବର୍ଷର ଇସଲାମିକ ପ୍ରହାର ସହି ତିଷ୍ଠି ରହିଥିବା ଏ ସଭ୍ୟତା ମାତ୍ର ଶହେ ବର୍ଷର ଖ୍ରୀଷ୍ଟିୟ ପ୍ରହାରରେ ମରିଯିବ ।

ଆଉ ହଁ, ଭଗବାନ ଆୟପ୍ପାଙ୍କ ଘର ଆମେ ଶୁଦ୍ଧିକରଣ କରି ପବିତ୍ର କରିନେଲୁ ।

ସ୍ୱାମୀ ଶରଣମ୍

ଲିଙ୍କ ରୋଡ୍

କଟକ-୧୨

 Magazine Downloaded from www.aahwaan.com

# କୈବଲ୍ୟ



ପ୍ରମୋଦ କୁମାର ପଣ୍ଡା

(୧)

ଖାଦ୍ୟ ସମ୍ବନ୍ଧରେ ଭଗବତ ଗୀତା କହୁଛନ୍ତି:

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।

ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ ॥

(ଭ.ଗୀ ୩.୧୩)

ଅର୍ଥାତ୍ - ଯଜ୍ଞର ଅବଶିଷ୍ଟାଂଶକୁ ଗ୍ରହଣ କରି ଜୀବନ ନିର୍ବାହ କରୁଥିବା ଶ୍ରେଷ୍ଠ ପୁରୁଷ ମାନେ ସମସ୍ତ ପାପରୁ ମୁକ୍ତ ହୋଇ ଯାଆନ୍ତି । କିନ୍ତୁ ଯେଉଁମାନେ କେବଳ ନିଜ ପାଇଁ ହିଁ ରାନ୍ଧିଥାନ୍ତି, ସେମାନେ କେବଳ ପାପ ହିଁ ଭକ୍ଷଣ କରିଥାନ୍ତି ।

ପାପ-ପୁଣ୍ୟର ଖାଦ୍ୟ ସନ୍ଦର୍ଭରେ ବୁଦ୍ଧଦେବଙ୍କର କାଶୀ ଭରଦ୍ୱାଜଙ୍କୁ ଦେଇଥିବା ଉପଦେଶର ଉପାଖ୍ୟାନ ଅତୀବ ମନୋରମ ଓ ସୁପଠନୀୟ । (**ତଳେ ଦିଆ ଯାଇଛି**)

ସମଷ୍ଟି ଚରିତ୍ରରେ ବିଶ୍ୱାସ କରୁଥିବା ଶୀକୃଷ୍ଣଙ୍କ ଏହି ବ୍ୟାଖ୍ୟାରେ ସେ ସାମୁହିକ ଭୋଜନ ବ୍ୟବସ୍ଥାର ଶ୍ରେଷ୍ଠ ସେନାପତି । କାରଣ ଯଜ୍ଞର ଅବଶିଷ୍ଟାଂଶ ପ୍ରସାଦ ଅଟେ । ଜୀବନ ଯଜ୍ଞରେ ସମାଜ ପାଇଁ ଖର୍ଚ୍ଚ କରାଯାଇଥିବା ଅଂଶର ବଳକା ହିଁ ଆମ 'ସ୍ୱ' ନିମନ୍ତେ ଉଦ୍ଦିଷ୍ଟ । ତାହା ପୂଣ୍ୟର ରାସ୍ତା । କିନ୍ତୁ ନିଜ ଯଜ୍ଞର ପ୍ରସାଦ ନିଜେ ହିଁ ଉପଭୋଗ କରିବା ପାପ ଅଟେ । ତା ଦ୍ୱାରା ଅସ୍ତିତ୍ୱ 'ସ୍ୱ' ର ଆକାର ସଙ୍କୁଚିତ ହୋଇ ଅନ୍ଧକାର ଗର୍ଭା ହୋଇଯାଏ ।

 Magazine Downloaded from www.aahwaan.com

ବାହ୍ୟସ୍ତରର ପ୍ରଭାବରୁ ଉର୍ଦ୍ଧ୍ୱରେ ଉଠି ଏହି ଅସ୍ତିତ୍ୱର ଉଜାଗର ନିମନ୍ତେ ପତଞ୍ଜଳୀ ଯୋଗସୂତ୍ରରେ କୈବଲ୍ୟପାଦରେ ଏହାକୁ ଅତି ସୁନ୍ଦର ବ୍ୟାଖ୍ୟା କରା ଯାଇଛି ।

କୈବଲ୍ୟପାଦ (ପତଞ୍ଜଳୀ ଯୋଗସୂତ୍ର ଅନୁସାରେ) ହେଉଛି ;

"ସେଇ ଅବସ୍ଥା ଯେଉଁଠି ବାହ୍ୟ କାରଣମାନ ଜଣେ ଚାଷୀ ଧାନକ୍ଷେତରେ ଶସ୍ୟର ସଠିକ ବୃଦ୍ଧି ନିମନ୍ତେ ହିଁ ଖୋଲୁଥିବା ବରଣ କାନ୍ଥ ଭଳି ଅନ୍ତରରେ ପରିବର୍ତ୍ତନ ଆଣିବା ପ୍ରଭାବକୁ ନିୟନ୍ତ୍ରଣ କେବଳ ('କେବଳ' ଶବ୍ଦରୁ ଜାତ 'କୈବଲ୍ୟ') ନିଜ ଅସ୍ତିତ୍ୱର ପରିସରକୁ ବ୍ୟାପକ ଓ ବିସ୍ତରିତ କରି ସମୂହ ସ୍ୱାର୍ଥର ବିକାଶରେ ନିଜକୁ ନିୟୋଜିତ କରିବା ପାଇଁ ଏହା ଏକ ଚିରନ୍ତନ ସତ୍ୟ ।"

(୨)

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା । ମଗଧ ଅଧିକୃତ ଏକନାଳ ବ୍ରାହ୍ମଣ ଶାସନ ଦକ୍ଷିଣଗିରି ମଠରେ ଭାପକାଳ ସମୟରେ ଦିନେ ସକାଳେ କାଶୀ ଭରଦ୍ୱାଜ ବ୍ରାହ୍ମଣ ନିଜ କ୍ଷେତରେ ଚାଷ ଓ ହଳ କାମ କରି ସାରିଥିବା ଅନେକ ବ୍ରାହ୍ମଣଙ୍କୁ ଦୁଧ-ଭାତ ଦେଲା ବେଳେ ହାତରେ ଭିକ୍ଷାଥାଳ ଧରି ଆପଦ ବସ୍ତ୍ରାବୃତ ଅବତାରୀ ବୁଦ୍ଧଦେବ ସେମାନଙ୍କ ଧାଡିରେ ଯାଇ ବସିଲେ ।

ତାଙ୍କୁ ଦେଖି କାଶୀ ଭରଦ୍ୱାଜ ତାଚ୍ଛଲ୍ୟରେ କହିଲେ, "ମୁଁ ଚାଷ କଲି ଓ ଖାଇଲି । ଆପଣ ବି, ହେ ଭିକ୍ଷୁ, ହଳ କରି ରୁଅନ୍ତୁ । ତାପରେ ଖାଆନ୍ତୁ ।"

ବୁଦ୍ଧଦେବ ଉତ୍ତର ଦେଲେ,"ହେ ବ୍ରାହ୍ମଣ, ମୁଁ ବି ହଳ କରେ । ରୋଇ ସାରିଲା ପରେ ହିଁ ମୁଁ ଖାଦ୍ୟ ଗ୍ରହଣ କରେ ।"

କାଶୀ ଭରଦ୍ୱାଜ କହିଲେ,"କିନ୍ତୁ ହେ ପ୍ରଭୁ ଗୌତମ ! ମୁଁ ଆପଣଙ୍କ ହଳ ବଳଦ

 Magazine Downloaded from www.aahwaan.com

ଦେଖୁନି । ତଥାପି ଆପଣ କହୁଛନ୍ତି 'ହଳ କରି ରୋଇଲା ପରେ ହିଁ ମୁଁ ଖାଦ୍ୟ ଗ୍ରହଣ କରୁଛି' ।

କେମିତି ?"

ବୁଦ୍ଧ ଉତ୍ତର ଦେଲେ :

ପୂର୍ଣ୍ଣ ବିଶ୍ୱାସ ମୋ ବୀଜ, ସଂଯମତା ମୋର ବର୍ଷା । ବିବେକ ମୋ ହଳ-ବଳଦ । ଅନ୍ତରାତ୍ମା ମୋ ଫାରସା । ମନ ମୋର ବଳଦ-ଦଉଡି । ସଚେତନତା ମୋର ଲଙ୍ଗଳ ଓ ପାଞ୍ଚଣ ବାଡି । ପେଟ ଓ ଖାଦ୍ୟର ସଂଯମତା ମୋ ଶରୀର, ବାକ୍‌ଶକ୍ତିର ଚୌକିଦାରୀ କରୁଛନ୍ତି; ମନରେ ଉତ୍ପନ୍ନ ବିଚାରର ଉତ୍ପାଟନରେ ଓ ମାନସିକ ସନ୍ତୁଳନର ସ୍ୱତନ୍ତ୍ରତାରେ ସତ୍ୟକୁ ମୁଁ ବ୍ୟବହାର କରୁଛି । ବୋଝ ବୋହୁଥିବା ପଶୁ ଭଳି ମୋର ଦୃଢ ଆଗ୍ରହ ମୋତେ ବନ୍ଧନରୁ ଶାନ୍ତତା ଆଡକୁ ଟାଣେ, ବିନା ପଶ୍ଚାଦପଦରେ ନେଇଯାଏ ଯେଉଁଠି ଗଲା ପରେ ଜଣେ ଆଉ ଶୋକଗ୍ରସ୍ତ ହୋଇ ନ ଥାଏ ।

ଏହା ଶୁଣିଲା ପରେ କାଶୀ ଭରଦ୍ୱାଜ ସେହି ମହାନ ଆତ୍ମାଙ୍କ ସମ୍ମୁଖରେ ଦୁଧ-ଭାତର ପୂର୍ଣ୍ଣ ଥାଳି ଆଣି ରଖି କହିଲେ," ତା ହେଲେ ଯେହେତୁ ଗୁରୁ ଗୌତମ ନିର୍ବାଣ ପ୍ରାପ୍ତି ନିମନ୍ତେ ହଳ ଚାଷ କରୁଛନ୍ତି, ଏହି ଦୁଧ-ଭାତ ନିଅନ୍ତୁ ।"

ଦୁଧଭାତର ଥାଳି ଦେଖି ବୁଦ୍ଧ କହିଲେ – ଏହି ଖାଦ୍ୟ ଧର୍ମର ଅନୁରୂପ ନୁହେଁ । ବୌଦ୍ଧମାନେ ଏହାକୁ ଆଗ୍ରାହ୍ୟ କଲା ଭଳି ଅଭ୍ୟାସ ପାଳନ କରଥାନ୍ତି । ବିକୃତି ରହିତ, ଦ୍ୱନ୍ଦ-ନିସ୍ତବ୍ଧତାର ଜ୍ଞାନୀ ଦିବ୍ୟ ଦ୍ରଷ୍ଟା ସମ୍ପୂର୍ଣ୍ଣ ମୁକ୍ତ ଏହି ପ୍ରସାଦ ନିମନ୍ତେ ନିଶ୍ଚିତ ରୂପେ ଯୋଗ୍ୟ ଅଟନ୍ତି । ଏହା ମୋ ଦ୍ୱାରା ନୁହେଁ, ଧର୍ମ ଦ୍ୱାରା କୁହା ଯାଇଛି ।

ସେହି ସମୟ ଠାରୁ କାଶୀ ଭରଦ୍ୱାଜ ବୁଦ୍ଧଂ ଶରଣଂ ଗଛାମି, ଧର୍ମଂ ଶରଣଂ ଗଛାମି,

 Magazine Downloaded from www.aahwaan.com

ସଙ୍ଘଂ ଶରଣଂ ଗଛାମି ମନ୍ତ୍ରରେ ଦୀକ୍ଷିତ ହେଲେ ।

(୩)

କୈବଲ୍ୟର ବ୍ୟବହାରିକ ଅର୍ଥରେ ଜଗନ୍ନାଥ ସଂସ୍କୃତିରେ ଯେଉଁ ଚାଉଳ କେବଳ ଜଗନ୍ନାଥଙ୍କ ରୋଷ ଘରେ ରନ୍ଧା ଯାଏ, ତାହା ଅମୁଣିଆ ଅଟେ । ସେହି ଚାଉଳକୁ ରାନ୍ଧି ସରିଲା ପରେ ତାକୁ କେବଳ ଅନ୍ନ କହନ୍ତି । ସେହି ରନ୍ଧା ଅନ୍ନ ଯେତେବେଳେ ରୋଷ ଘରୁ ବାହାରକୁ ଆସେ ସେତେବେଳେ ଏହାକୁ ଛେକ କୁହନ୍ତି । ଯେତେବେଳେ ଏହା ଭୈରବୀଚକ୍ର ରେ ରହେ ସେତେବେଳେ ଏହାକୁ ଭୋଗ ବୋଲି କୁହନ୍ତି, ଯେବେ ଭୋଗ କୁ ତିନି ଠାକୁର ଙ୍କ ପାଖରେ ଲାଗି ହୁଏ ସେତେବେଳେ ଏହାକୁ ନୈବେଦ୍ୟ, ଯେତେବେଳେ ନୈବେଦ୍ୟ ବିମଳାଙ୍କ ପାଖରେ ଲାଗିହୁଏ ସେତେବେଳେ ଏହା ମହାପ୍ରସାଦ, ଏହି ମହାପ୍ରସାଦ ଯେତେବେଳେ ପଞ୍ଚ ପରମେଶ୍ୱର ଙ୍କ ଆଗରେ ରୁହେ ସେତେବେଳେ ଏହା କୈବଲ୍ୟ କୁହନ୍ତି ।

କୈବଲ୍ୟକୁ ଭକ୍ତ ମାନେ ଖାଇଲା ବେଳେ ଏହା ଅଭଡ଼ା ରୂପେ ଗଣା ହୁଏ । ଅଭଡ଼ାର ଯେ କୌଣସି ଛଡା ଯାଇଥିବା ଅଂଶକୁ ଶୁଖାଇ ରଖିଲେ ତାହା ନିର୍ମାଲ୍ୟ ବୋଲି କୁହାଯାଏ ।

ଏକ ନିର୍ଦ୍ଦିଷ୍ଟ ନୀତି-ନିୟମରେ ବନ୍ଧା ଏହି ରୋଷ-ବିଧି ଜୀବନ ମୃତ୍ୟୁର ଚକ୍ରରୁ ନିସ୍ତାର ପାଇବା ନିମନ୍ତେ ମୋକ୍ଷ ତୁଲ୍ୟ, ବୌଦ୍ଧଙ୍କ ନିର୍ବାଣ ଓ ଜୈନଙ୍କ କୈବଲ୍ୟ ତୁଲ୍ୟ । ଏକ ଛୋଟ ଅସ୍ତିତ୍ୱର ସ୍ତରରୁ ବିକଶିତ ହୋଇ ନିର୍ମାଲ୍ୟ-ଗଙ୍ଗାଜଳ ରୂପେ ଜଗନ୍ନାଥଙ୍କ ପରମ ଅସ୍ତିତ୍ୱରେ ପରିଣତ ହୋଇଥାଏ । ଜୀବର ମୃତ୍ୟୁବେଳେ ଏହି ନିର୍ମାଲ୍ୟ କଣିକାଏ ପାଇଁ ମରଣଶୀଳ ପ୍ରାଣୀର ପିଣ୍ଡତୃଷ୍ଣା ରହିଥାଏ ।

ପ୍ରକୃତିରେ ବ୍ରହ୍ମାଣ୍ଡ ଓ ଆତ୍ମନର ଅଭିବୃଦ୍ଧି ବି ଏହି ଶ୍ରେଷ୍ଠ ଶସ୍ୟବୀଜ ଭଳି ହୋଇଥାଏ ଯେଉଁଥିରୁ ଆୟ ହିଁ ଆୟ ହୋଇଥାଏ ତଥା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଉପସ୍ଥିତ ରହିଥାନ୍ତି

 Magazine Downloaded from www.aahwaan.com

ଏବଂ ପୁଣି ମୂଳ ଶ୍ରେଷ୍ଠ ଅବସ୍ଥା (ବ୍ୟାପକ ପରିସର) କୁ ଫେରି ଯାଇଥାନ୍ତି ।

**(ସ୍ୱାମୀ ବିବେକାନନ୍ଦ କଥନୀ ରୁ)**

ଏହି ଅନ୍ନମୟ, ପ୍ରାଣମୟ, ମନମୟ କୋଷର ସମୃଦ୍ଧି ପାଇଁ

ସେଥିପାଇଁ **ଭାଗବତ** କହନ୍ତି -

ସେ ଶ୍ୟାମ ସୁନ୍ଦର ଶରୀର । ସର୍ବ ସମ୍ପଦ ମନୋହର ॥

ଏ ରୂପ ଗୁଣ ଚିତ୍ତ ହରେ । କୈବଲ୍ୟ ଲଭେ ଅଭ୍ୟନ୍ତର ॥

**ଶେଷରେ**

ଥରେ ଶ୍ରୀରାମକୃଷ୍ଣ ଙ୍କ ପାଖକୁ ତାଙ୍କର ଜଣେ ବ୍ୟବସାୟୀ ଭକ୍ତ ଆସିଥିଲେ । ତାଙ୍କ ସହ ସେ କିଛି ମିଷ୍ଟାନ୍ନ ଭେଟି ଧରି ଯାଇଥିଲେ । ସେ ଚାଲିଗଲା ପରେ ପାଖରେ ଥିବା ଶିଷ୍ୟମାନେ ସେହି ମିଷ୍ଟାନ୍ନ କୁ ଖାଇବାକୁ ଚାହିଁଲେ । କିନ୍ତୁ ଶ୍ରୀରାମକୃଷ୍ଣ ସେମାନଙ୍କୁ ଖାଇବା ପାଇଁ ମନା କଲେ । କହିଲେ - ଏହି ଖାଦ୍ୟକୁ କେବଳ ନରେନ୍ଦ୍ର (**ସ୍ୱାମୀ ବିବେକାନନ୍ଦ**) ଖାଇ ହଜମ କରି ପାରିବ ।

ବାସ୍ତବରେ ତାହା ହିଁ ସତ ଥିଲା । ଜିତେନ୍ଦ୍ରିୟ ଥିଲେ ସ୍ୱାମୀ ବିବେକାନନ୍ଦ ।

(୨ୟ ତୋଟା ସାହି, ବିଜିପୁର, ବ୍ରହ୍ମପୁର,

ମୋ- ୮୭୬୩୨୪୮୮୮)

 Magazine Downloaded from www.aahwaan.com

# ନେତାଙ୍କର ନେତା ନେତାଜୀ



ନାରାୟଣ ଚନ୍ଦ୍ର ସେନାପତି

ପୁଣ୍ୟମୟୀ ଭାରତବର୍ଷର ଭାଗ୍ୟାକାଶରେ ଯେତେବେଳେ ପରାଧିନତାର କଳା ବାଦଲ ଘେରିଥିଲା ତାକୁ ପ୍ରତିହତ କରି ଜାଜୁଲ୍ୟ ଆଲୋକ ପ୍ରଦାନ ନିମିତ୍ତ ଦେଖାଗଲା ଏକ ଅମ୍ଳାନ ଜ୍ୟୋତିଷ୍କ । ସଂସ୍କୃତିସମ୍ପନ୍ନ ଓଡିଶା ମାଟିର ଐତିହାସିକ କଟକ ଭୂଇଁର ବୀରଭୂଇଁ ଓଡିଆ ବଜାରରେ ଜନ୍ମନେଲେ ଜଣେ ଅଦ୍ୱିତୀୟ ଅପ୍ରତିଦ୍ୱନ୍ଦୀ ପ୍ରତିଭା ଠିକ୍ ୧୮୯୭ ମସିହାର ଇଂରାଜୀ ପ୍ରଥମ ମାସର ୨୩ଦିନରେ ପ୍ରଖ୍ୟାତ ଓକିଲ ଜାନକୀ ନାଥ ବୋଷ ଓ ମହିୟସୀ ଧର୍ମପ୍ରାଣା ମାତା ପ୍ରଭାବତୀ ଦେବୀଙ୍କ ଔରସରୁ ।

ଏକ ଦିବ୍ୟ ପ୍ରତିଭା, ବିଚକ୍ଷଣ ବୁଦ୍ଧି ଜ୍ଞାନର ଅଧିକାରୀ, ସୌନ୍ଦର୍ଯ୍ୟର ରାଜକୁମାର ଥିଲେ ସେ । ସାଙ୍ଗ ସାଥି ମେଳରେ, ସାହି ପଡିଶାରେ, ବିଦ୍ୟାଳୟରେ.. ସବୁଠି ଭୁରି ପ୍ରଶଂସା, ସତରେ ଏ କ'ଣ ଜଣେ ମାନବ ଶିଶୁ ! ପିତାମାତାଙ୍କର ଶିବାଜୀ, ଅଭିମନ୍ୟୁଙ୍କ ବୀରତ୍ୱ ଗଳ୍ପ; ବିଦ୍ୟାଳୟରେ ସ୍ୱାମିଜୀଙ୍କ ଅସୀମ ଜ୍ଞାନ, ସାଧନା ଓ ବ୍ୟକ୍ତିତ୍ୱର ଆଲୋଚନା ତାଙ୍କ ରକ୍ତ ମାଂସକୁ ଅନୁପମ ସ୍ୱର୍ଶ କରିଥିଲା । ଗୁରୁଜୀଙ୍କ ପିତା ସ୍ୱର୍ଗ ପିତା ଧର୍ମ... ଶ୍ଳୋକ, ମାଆଙ୍କ ତ୍ୱମୈବ ମାତା ପିତା ତ୍ୱମୈବ.. ଅମୃତ ପରଶ ମନରେ ଆଲୋଡନ ଓ ନବ ଚେତନା ଆଣିଦେଇଥିଲା । ଆଙ୍ଗୋଲ୍ ବିଦ୍ୟାଳୟରେ ଖଡିଛୁଆଁ ଓ ବିଦ୍ୟାରମ୍ଭ, ରେଭେନ୍ସା କଲିଜିଏଟ୍ ସ୍କୁଲରେ ମୂଳଦୁଆ ଶକ୍ତ ଭିତ୍ତିପ୍ରସ୍ତର ପକାଇଥିଲା । ଦିନକର କଥା, ସରିଥାଏ ପରୀକ୍ଷା । କୌତୁହଳି ସୁଭାଷ ଗୁରୁଜୀଙ୍କ ପିଛା ଛାଡୁ ନ ଥାଏ । ଜିଜ୍ଞାସା ପରୀକ୍ଷାଫଳ ।

 Magazine Downloaded from www.aahwaan.com

ଗୁରୁଙ୍କ ବିସ୍ମୟ ଉତ୍ତର । ସୁଭାଷ, କାହିଁକି ଜାଣିବାକୁ ଚାହୁଁଛ.. ସମସ୍ତେ ଫେଲ୍ କେବଳ ଜଣେ ପାଶ୍, ତୁମେ କ'ଣ ଭାବୁଛ, ତୁମର ସ୍ଥାନ କେଉଁଠି ଥିବ ଜାଣିପାରୁଛ ? ଦାମ୍ଭିକ ବିଦ୍ୟାର୍ଥୀର ଶକ୍ତ ଉତ୍ତର ଚେତାଇ ଦେଇଥିଲା ତା ଭବିଷ୍ୟ ଭାସ୍ୟକାର ଉଚ୍ଚ ପ୍ରତିଭା । ସାର୍ ଯଦି ଜଣେ ପାଶ୍ କରିଥାଏ ତେବେ ସେ କେବଳ ମୁଁ । ସ୍ତମ୍ଭୀଭୂତ ଗୁରୁଜୀ ପିଠି ଥାପୁଡେଇ କହିଲେ, ଭବିଷ୍ୟତରେ ଏ ନିଶ୍ଚୟ ମଣିଷ ପରି ମଣିଷଟିଏ ହେବ । ସେଦିନର ସ୍ୱଷ୍ଟ ଆତ୍ମପ୍ରତ୍ୟୟ ନିର୍ଭୀକତାର ଅନ୍ତରାୟ ହୋଇ ନ ଥିଲା । ପ୍ରବେଶିକା ପରୀକ୍ଷାରେ ଫାଷ୍ଟ କ୍ଲାସ୍ ଫାଷ୍ଟ ଚମକାଇଦେଲା ସେଦିନର ପାଠକ ପାଠିକାଙ୍କୁ । କୋଲକାତାର ପ୍ରେସିଡେନ୍ସି ମହାବିଦ୍ୟାଳୟରେ କୃତିତ୍ୱ, ସ୍କଟିସ୍ ବିଶ୍ୱବିଦ୍ୟାଳୟରେ ଦର୍ଶନରେ ଦିଗଦର୍ଶନ ସମ୍ମାନର ସିଡି ଚଢୁଥାଏ । ପିତାଙ୍କ ଅକଳନ ଆଗ୍ରହ ଇସାରାରେ ଇଂଲଣ୍ଡରେ ଆଇ.ସି.ଏସ୍ ପରୀକ୍ଷାରେ ସମ୍ମାନସ୍ପଦ ଚତୁର୍ଥ ସ୍ଥାନ ଚକିତ କଲା ଭାରତୀୟଙ୍କ ମସ୍ତିସ୍କକୁ । ବିଜୟର ଉତ୍ତାଳ ତରଙ୍ଗରେ ପରାଧୀନତାର ହାହାକାରରେ କ୍ଷୁବ୍ଧ ହେଲେ ସୁଭାଷ । ତେଜ୍ୟ କଲେ ଆଇ ସି ଏସ୍ ତୁଣ୍ଡରୁ ଶୁଭୁଥିଲା ମୁଁ ଗୋଲାମଙ୍କ ଗୋଲାମି ପସନ୍ଦ କରେନା ।

ପରାଧିନତା ଭାରତୀୟଙ୍କ ଦୟନୀୟ ଅବସ୍ଥାରେ ଗାନ୍ଧୀଙ୍କ ଚିନ୍ତନ ଓ କାର୍ଯ୍ୟକୁ ସାଲୁଟ୍ ମାରି ହାତ ମିଶାଇଲେ । ମାନିଲାନି ମନ, କାନ୍ଦିଲା ଦଗ୍ଧ ହେଲା ତାଙ୍କ ପ୍ରାଣ । ବହିଲା ସ୍ପନ୍ଦନର ଫାଇଲିନ୍ । ଅଗ୍ନି ବର୍ଷି ଭାଷଣ, ଦୁଃସାଧ୍ୟ ଉଦ୍ୟମରେ ଚମକାଇଲେ ଯୁବପିଢ଼ୀଙ୍କୁ । ଏକଜୁଟ୍ କଲେ ଓଡିଶାଠୁ, ବଙ୍ଗଳାର କୃଷକ ଓ ଅନ୍ୟ ପ୍ରଦେଶର ସର୍ବସାଧାରଣ । ବିପ୍ଲବ, ସଂଗ୍ରାମ, ବିଦ୍ରୋହ ଆଉ ଆନ୍ଦୋଳନ । ୧୯୧୯ର ଜାଲିଆନାୱାଲାବାଗ୍‌ର ନିର୍ମମ ବ୍ରିଟିଶ୍‌ର ହତ୍ୟାକାଣ୍ଡ ପ୍ରଜ୍ୱଳିତ କଲା ତାଙ୍କ ହୃତପିଣ୍ଡର ଲେଲିହାନ ବହ୍ନି ଶିଖାକୁ । ଖୋଜିଲେ ଉପାୟ, କୌଶଳ.. ଯୋଜନା । ସ୍ୱରାଜ ପାର୍ଟି ଗଠନ, ବାରମ୍ବାର କାରାବରଣ, ଦ ଇଣ୍ଡିଆନ୍ ଷ୍ଟ୍ରଗଲ

 Magazine Downloaded from www.aahwaan.com

ନାମକ ପୁସ୍ତକ ରଚନା, ଫରୱାର୍ଡ ବ୍ଲକ୍ ଗଠନ.. ଇଂରେଜଙ୍କୁ ଚକ୍ରବ୍ୟୁହକୁ ଟାଣି ନେଇଥିଲା । କଂଗ୍ରେସର ସଭାପତି ପଦରେ ବ୍ରିଟିଶକୁ ସଚେତନତା ତାଙ୍କୁ ଘାଇଲା କଲା । ମାତ୍ର ଚରମପନ୍ଥୀଙ୍କୁ ଭଲ ଲାଗିଲାନି ଗାନ୍ଧୀ ବାହିନୀର ନରମପନ୍ଥି ନୀତି । ପ୍ରତିବାଦର ସ୍ୱର ଉଚ୍ଚ ଗଗନକୁ ଛୁଇଁଲା । ଅହିଂସା, ଅସହଯୋଗ ଶବ୍ଦର ତୀବ୍ର ବିରୋଧ କରି ଡାକଦେଲେ.. ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି । ଯେଶାକୁ ତେଶା । କଥାର ଯବାବ ଗୁଳିରେ ଦିଅ । ତୁମକୁ ଯେ ଅଙ୍ଗୁଳି ଦେଖାଉଛି ତାକୁ ପିସ୍ତଲ୍ ମାର । ଥରିଲା ମେଦିନୀ.. କମ୍ପିଲେ ଦେଶବାସୀ । ଲେଲିହାନ ବହ୍ନିଶିଖାପ୍ରାୟ ହଲ୍ ହଲ୍ କଲେ ନେତାଜୀ । ମାତ୍ର ଏ ନୀତି ଅନ୍ୟକୁ ସୁହାଇଲା ନାହିଁ । ଅଭିମାନର ଦୀପରେ ସ୍ୱାଭିମାନ ଦୀପ ଜଳାଇ ତ୍ୟାଗକଲେ କଂଗ୍ରେସ ପଦବୀ । ଯେ ସ୍ୱୟଂ ସିଂହ ତାଙ୍କର ପଦବୀ ବା କ'ଣ ଲୋଡା ?

ଚାଲିଲେ କାବୁଲ୍... ଯାତ୍ରାକଲେ ଜର୍ମାନର ରାଜଧାନୀ ବର୍ଲିନ୍ । ଜାପାନର ସହଯୋଗ ବହୁଗୁଣିତ କଲା ବିଜୟର ଦମ୍ଭ ଭାବନା । ଦ୍ୱିତୀୟ ହିଟଲର୍ ହୋଇ ନାଜୀ ସରକାରର ସାହାଯ୍ୟର ହାତମୁଠାରେ ସାହସର ଅଣୁ ଜାଗ୍ରତ କରି ସୃଷ୍ଟିକଲେ ଆଜାଦ୍ ହିନ୍ଦ୍ ଫୌଜ । ସ୍ଲୋଗାନ୍ ଦିଲ୍ଲୀ ଚଲୋ । ଗଗନ ପବନ ପ୍ରକମ୍ପିତ, ବ୍ରିଟିଶ୍ ଭୟର ମ୍ରିୟମାଣ । ଇନ୍‌କିଲାବ୍.. ଜିନ୍ଦାବାଦ୍ ଧ୍ୱନି, ଭାରତ ମାତାକୀ ଜୟ ଧ୍ୱନି ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ସତେ ଯେମିତି ସ୍ତବ୍ଧ କରିଦେଲା । ଥମି ନଥିଲା ନେତାଜୀଙ୍କ ବୈଶାଖି ବାଆ ।

ନାଜୀ ସରକାର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହେଲା ପରାସ୍ତ କଲା ସନ୍ଧି.. ହେଲେ ଜାପାନର ସନ୍ଧିରୁ ବଞ୍ଚିତ । ହେଲେ ସ୍ୱାଧୀନତାର ସ୍ୱାଦ ପାଇଁ କି ଅଭୀପ୍ସା ଥିଲା ତାଙ୍କର !ଜନ୍ମମାଟିକୁ ଶୃଙ୍ଖଳ ମୁକ୍ତ କରିବାର ଦୁର୍ବାର ଆଶା ! କିଏ ଜାଣିଥିଲା ଅବେଳରେ ସୁନେଲି ନିର୍ମଳ ଆକାଶକୁ ଢାଙ୍କିଦେବ କଳାହାଣ୍ଡିଆ ମେଘ । ୧୯୪୫ ମସିହା, ଦ୍ୱିତୀୟ ବିଶ୍ୱଯୁଦ୍ଧର

 Magazine Downloaded from www.aahwaan.com

ବିଭୀଷିକା । ଶକ୍ତିଶାଳୀ ଆମେରିକା ନିକ୍ଷେପ କଲା ପରମାଣୁବୋମା । ଘନିଷ୍ଠ ବନ୍ଧୁ ବନ୍ଧୁ ହରିବୁର୍ ରହମାନଙ୍କ ସହ ଟୋକିଓ ଅଭିମୁଖେ ନେତାଜୀ ବିମାନ ଯାତ୍ରା କରୁଥିବା ବେଳେ ଫାର୍ମାଜୀ ଦ୍ୱୀପର ଏକ ଦୟନୀୟ ଦୁର୍ଘଟଣାର ଶୀକାର ହେଲେ ସେ । ସେଇଦିନୁ ଭାରତମାତା ଆଖିରୁ ଲୁହ ଗଡାଇ ଅଣ୍ଡାଳି ଅଣ୍ଡାଳି ଖୋଜୁଛି ସେ ବୀରଙ୍କର ବୀରକୁ । ଭାରତୀୟ ଖୋଜୁଛି ତାଙ୍କୁ ଓ ତାଙ୍କ ରଣହୁଙ୍କାର ଗର୍ଜନକୁ ।

ବୀର ଯୋଦ୍ଧା ତ୍ୟାଗୀ ମହାପୁରୁଷ ମହାମନୀଷିଙ୍କ ଆପ୍ରାଣ ଉଦ୍ୟମ ତ୍ୟାଗ ନିଷ୍ଠା ଦେଶପ୍ରେମ ବଳରେ ଅବଶ୍ୟ ଭାରତ ଚାଖିଲା ସ୍ୱାଧିନତାର ମହୁ ହେଲେ ସେ ମହୁର ମିଠାର ସ୍ୱାଦ ବାରି ପାରିଲାନି ନେତାଙ୍କର ନେତା ନେତାଜୀଙ୍କ ଅନୁପସ୍ଥିତିରେ । ଝୁରି ଝୁରି ମୁହଁ ଲୁଚେଇ ଧକେଇ କାନ୍ଦିଲା ଦେଶ ସେହି ଶୌର୍ଯ୍ୟ ବୀର୍ଯ୍ୟ ନିଃସ୍ୱାର୍ଥପର ଦେଶପ୍ରେମୀଙ୍କୁ । ସତେ ଯେମିତି ଲାଗିଲା ଏ ଜାତି ଏକ ମସ୍ତବଡ କ୍ଷତି ପାଇଛି.. ଯା'ର ପ୍ରତିପୂରଣ ଅସମ୍ଭବ ।

ସେହି ଯୋଗଜନ୍ମା, ଦିବ୍ୟଦ୍ରଷ୍ଟା ମହାନାୟକ ଆମ ଗହଣରେ ନ ଥିଲେ ବି ଭାରତବର୍ଷର ପ୍ରତିଟି ପାଣି ପବନର ଅଣୁରେ ଶିହରଣ ପ୍ରତି ମୁହୂର୍ତ୍ତରେ ଜାଗ୍ରତ କରୁଛି । ଭାରତ ଆକାଶର ସେ ଜାଜୁଲ୍ୟମାନ ତାରକା ଶତ୍ରୁମାନଙ୍କ ପାଇଁ ଜ୍ୱଳନ୍ତ ଉଲକାପିଣ୍ଡ ହେବାର ପ୍ରେରଣା ଏବେ ବି ଜାଗ୍ରତ କରିବାକୁ ହାତ ବଢେଇ ଆମନ୍ତ୍ରଣ କରୁଛି । ସେ କେବଳ ଯେ ଓଡିଶାର ଲଡୁଆପୁଅ ନ ଥିଲେ ଦେଶ ଏପରିକି ଆନ୍ତର୍ଜାତିକ ଶ୍ରେଷ୍ଠ ବୀର ନିର୍ଭୀକ ନେତାଙ୍କର ନେତା ନେତାଜୀ ହୋଇ ଜନ ମାନସରେ ଅଛନ୍ତି ଓ ବିଶ୍ୱଥିବା ପର୍ଯ୍ୟନ୍ତ ରହିବେ ।

ଜୟ ହିନ୍ଦ.. ଭାତର ମାତା କୀ ଜୟ... ବନ୍ଦେ ମାତରଂ ॥

ଜମ୍ଭରା, କେନ୍ଦୁଝର

 Magazine Downloaded from www.aahwaan.com

# ଅଧ୍ୟବସାୟୀ ଓ ଅଧ୍ୟବସାୟ



ସତ୍ୟପ୍ରକାଶ ସେଠୀ

ଅଧ୍ୟୟନ ଓ ଅଧ୍ୟବସାୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବୈଭବ । ଦିନ ଥିଲା ଶିକ୍ଷା ଓ ସଭ୍ୟତା ମଣିଷକୁ ଛୁଇଁ ପାରିନଥିଲା । ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ସେ ଜୀବନ ଓ ଜୀବିକା ନିର୍ବାହ କରୁଥିଲା । ଜୀବନର ଅର୍ଥ କିଛି ବୁଝୁ ନଥିଲା ବା ତା'ର ଜୀବନ ସେପରି କିଛି ବୈଚିତ୍ରମୟ ନଥିଲା । ସ୍ୱାଭାବିକ ଜୀବନଶୈଳୀ ଭିତରେ ସେଇ ଆଦି ମାନବର ଆଦି କଥା ତା' ରି ଭିତରେ ତାହାର ଇତି ଓ ଆରମ୍ଭ । ପ୍ରକୃତିର ସୌନ୍ଦର୍ଯ୍ୟ ଦେଖି କେତେବେଳେ ସେ ଠୋ ଠୋ ହୋଇ ହସି ଉଠେ, ବିପର୍ଯ୍ୟୟର ଆଶଙ୍କା କରି ଚିତ୍କାର କରେ ବା ପୁଣି ମନର ଦୁଃଖ ଶୋକକୁ ପ୍ରକାଶ କରିବା ପାଇଁ ଗୁମୁରି ଗୁମୁରି କାନ୍ଦି ଉଠେ । ମନର ଭାବକୁ ପ୍ରକାଶ କରିବା ପାଇଁ ସେମିତି କିଛି ଶବ୍ଦ ବା ଶାବ୍ଦିକ ପ୍ରୟୋଗ ସେ ଖୋଜି ପାଏନା, ଖାଲି ଅଳ୍ପ କେତେକ ପାଣିର ଝର ଝର, କୁଳୁକୁଳୁ, ପତ୍ରର ଖସ୍ ଖସ୍, ପକ୍ଷୀର ଫଡ଼ ଫଡ଼ ଶବ୍ଦ ଛାଡିଦେଲେ । ପ୍ରକୃତି କୋଳରେ ସେ ଜନ୍ମ ନେଇ ସେହି ପ୍ରକୃତି କୋଳରେ ହସି, ଖେଳି, ବୁଲି ଜୀବନ ନିର୍ବାହ କରି ପୁଣି ସେଇ ପ୍ରକୃତି କୋଳରେ ପଚି ସଢ଼ି ଲୋଟି ଯାଏ । କେତେବେଳେ ପୁଣି ବନର ବାଘ ଭାଲୁ ଆଦି ହିଁସ୍ର ଜନ୍ତୁ ଦେଖି ଭୟ କାତର ହୋଇ ଜୀବନ ବିକଳରେ ପ୍ରକୃତି କୋଳରେ ଲୁଚି ଆଶ୍ରୟ ଖୋଜେ । ବାହାର ଦୁନିଆକୁ ଦେଖିବାର ବା ଜାଣିବାର ସୁଯୋଗ ତା' ପାଖରେ ନଥିଲା । ସେଇ ନିର୍ଦ୍ଦିଷ୍ଟ ଗୋଷ୍ଠୀରେ ବା ଇଲାକାରେ ତା ଜୀବନ ପରିକ୍ରମା ସରି ଯାଉଥିଲା ।

କ୍ରମଶଃ ସେ ସଭ୍ୟ ଓ ଶିକ୍ଷିତ ହେବାକୁ ଲାଗିଲା । ପ୍ରକୃତିର ଗୋଟେ ପରେ ଗୋଟେ

 Magazine Downloaded from www.aahwaan.com

ରହସ୍ୟ ଉନ୍ମୋଚନ କରିବା ତା ପାଇଁ ଏକ କୌତୁହଳ ହୋଇ ଉଠିଲା । ଧୀରେ ଧୀରେ ସବୁଟାକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଲା । ଜାଣିବାର ଇଛା ପ୍ରବଳ ହେବାରୁ ସେ ଗୁରୁକୂଳ ଆଶ୍ରମ ଯିବାକୁ ଲାଗିଲା । ପ୍ରଥମେ ପ୍ରଥମେ ଶ୍ରୁତି ମାଧ୍ୟମରେ ସେ ସବୁ କିଛି ଶୁଣି ଶୁଣି ମନେ ରଖିଲା । ପରେ ଭାଷା, ଲିପି ଓ ମୁଦ୍ରଣ ଜନ୍ତ୍ରର ଉଦ୍ଭାବନ ଓ ବ୍ୟାପକ ପ୍ରସାର ଫଳରେ ଅଧ୍ୟୟନ ସହଜ ଓ ସୁଖ ପାଠ୍ୟ ହେବାକୁ ଲାଗିଲା । ଏଥି ସହ ତା'ର ପଠନ ଅଭ୍ୟାସ ବୃଦ୍ଧି ଘଟିଲା ଓ ପାଠ ପ୍ରତି ଅନାଗ୍ରହ ହଟି ଆଗ୍ରହ ପରିପ୍ରକାଶ ପାଇଲା । ପୂର୍ବେ କେବଳ ରାଜା ରାଜୁଡ଼ା ବା ଅଳ୍ପ କେତକ ମୁଷ୍ଟିମେୟଙ୍କ ସନ୍ତାନ ସନ୍ତତି ଏପ୍ରକାର ଶିକ୍ଷା ଆହରଣର ସୁଯୋଗ ନେଇ ପାରୁଥିଲା । ରାଜା, ମହାରାଜ ବା ଏବର ସରକାରଙ୍କ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ଫଳରେ ଶହ ଶହ ଶିକ୍ଷା ଅନୁଷ୍ଠାନ ଗଢ଼ି ଉଠି ପାରିଛି । ବେସରକାରୀ ସଂସ୍ଥାର ମଧ୍ୟ ଆଜି ଅଭାବ ନାହିଁ । ଏବେ ପ୍ରାୟତଃ ସମସ୍ତେ ଅଧ୍ୟୟନ ଓ ଅଧ୍ୟାପନା ପ୍ରତି ରୁଚି ରଖନ୍ତି । ଜ୍ଞାନ ବିଜ୍ଞାନର ଭୂୟସୀ ପ୍ରସଂଶା ଫଳରେ ମଣିଷ ଅନେକ କିଛି ଜାଣି ପାରିଛି । ଚିନ୍ତା ଓ ଚେତନାର ବ୍ୟାପକ ପରିବର୍ତ୍ତନ ଘଟିଛି । ମଣିଷ ଜୀବନର ବେଶ୍ କିଛି ମୁହୂର୍ତ୍ତ ଅଧ୍ୟୟନ ଓ ଅଧ୍ୟବସାୟରେ କାଟେଇବାକୁ ଉଚିତ୍ ମଣିଛି । ତେଣୁ ଅଧ୍ୟୟନ ମଣିଷ ଜୀବନର ଏକ ବିଶେଷ ବିଭାବ ।

ଶିଶୁଟିଏ ଜନ୍ମ ହେବା କ୍ଷଣି ପରିବାରର ଲୋକ ବେଶ୍ ସଚେତନ ଓ ସତର୍କ ହୋଇ ପଡ଼ନ୍ତି । ବିଦ୍ୟାଳୟକୁ ସେ ଯାଇ ପାଠ ପଢିବ, ଅନ୍ୟ ମଣିଷ ପରି ଜଣେ ମଣିଷ ହୋଇ ସେ ଛିଡା ହେବ, ଅନ୍ୟ ଆଗେ ଭରସି କଥା କହିବ-ଏପରି ଚିନ୍ତାରେ ସମସ୍ତେ ମସଗୁଲ ହୋଇ ଉଠନ୍ତି । ପିଲାଟିକୁ ତିନି ବର୍ଷ ହେବା କ୍ଷଣି ତାକୁ ବିଦ୍ୟାଳୟ ପଠେଇ ଦିଅନ୍ତି । ବେଶ୍ କିଛି ଦିନ ଅଧ୍ୟୟନ କଲା ପରେ ସେ ବେଶ୍ ଆତ୍ମ ନିର୍ଭରଶୀଳ ହେବାକୁ ଚେଷ୍ଟା କରେ, ନିଜ

 Magazine Downloaded from www.aahwaan.com

ଗୋଡ଼ରେ ନିଜେ ଛିଡା ହୁଏ, ନିଜର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସେ ନିଜ ପାଇଁ ଗୋଟେ କର୍ମ ଓ କର୍ମ ସଂସ୍ଥାନ ବାଛି ନିଏ । ଏତେବେଳକୁ ଦୁନିଆର ଭଲ ମନ୍ଦ ବୁଝି ପାରିବାକୁ ସେ ବେଶ୍ ସକ୍ଷମ ମନେ ହୋଇଥାଏ । ଏଥିପାଇଁ ହୁଏତ ତାକୁ ଅନେକ ପ୍ରତିଦ୍ୱନ୍ଦିତାମୟ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ପଡ଼ି ଥାଏ । ସେଇଥିରେ ହିଁ ତା'ର ସାର୍ଥକତା ତଥା ଅନ୍ୟ ମଣିଷ ଠାରୁ ତାକୁ ନିଆରା କରି ଗଢି ତୋଳିବାର ଶେଷ ପ୍ରୟାସ ହୋଇଥାଏ । ତେଣୁ ମାନବ ଜୀବନର ୩୦/୪୦ ବର୍ଷ ଅଧ୍ୟୟନ ଓ ଅଧ୍ୟବସାୟରେ କଟିଯାଏ – ଯାହା ସହ ତା' ର ନିବିଡ ସମ୍ପର୍କ ରହିଥାଏ ।

ଏହି ଅଧ୍ୟୟନ ଓ ଅଧ୍ୟାପନା ସମସ୍ତଙ୍କ ଜୀବନରେ ଯେ ସୁରୁଖୁରୁରେ ଚାଲିଥାଏ – ତା' ନୁହେଁ । ସେଥିପାଇଁ ନାନା ବାଧା ବନ୍ଧନ, ଘାତ ପ୍ରତିଘାତ ଦେଇ ତାକୁ ଆଗକୁ ବଢିବାକୁ ହୋଇଥାଏ । କେହି କେହି ଯିଏ ଏ ସବୁକୁ ଅକ୍ଲେଶରେ ପ୍ରତିହତ କରି ପାରେ ନାହିଁ, ଜୀବନରେ ଅକୃତକାର୍ଯ୍ୟ ହୋଇ ପରେ ଅନୁଶୋଚନା ଓ ପରିତାପର ନିଆଁରେ ଝଲସି ହୁଏ – ଏକାନ୍ତରେ ବସି ଭାବେ ମୁଁ କାହିଁକି ଅନ୍ୟ ମାନଙ୍କ ଠାରୁ ଆଜି ଏତେ ପଛରେ ପଡ଼ିଛି । ଏଥିପାଇଁ ସେ ଏକାକୀ ହୁଏତ ଦାୟୀ ହୋଇ ନପାରେ, କେତେବେଳେ ବା ଆର୍ଥିକ ଅନାଟନର ବୋଝ ଓ ପରିସ୍ଥିତି ପରିବେଶର ବାମ ଗତି ଏ ଦିଗରେ ଅନ୍ତରାୟ ହୋଇ ଛିଡ଼ା ହୋଇଥାଏ ଅଥବା ପୁଣି ଜୀବନରେ ନାନା ସଂଘାତ ଓ ସଂଘର୍ଷ ମଧ୍ୟ ତା'ର କୁପ୍ରଭାବ ପକାଇ ଥାଏ ।

ପ୍ରାୟତଃ ଏବର ଶିକ୍ଷା ଆହରଣ ପଦ୍ଧତି ଏକ ବ୍ୟୟ ବହୁଳ କାର୍ଯ୍ୟକ୍ରମରେ ପରିଣତ ହୋଇ ସାରିଛି । ଘରୋଇକରଣ ଫଳରେ ଦରିଦ୍ର ପିତାମାତାର ସନ୍ତାନ ସନ୍ତତି ଉଚ୍ଚଶିକ୍ଷାରୁ ବଞ୍ଚିତ ରହିବାକୁ ବାଧ୍ୟ ହେଉଛନ୍ତି । ଶିକ୍ଷାକୁ ସରକାରୀ ପ୍ରୋତ୍ସାହନଯୁକ୍ତ ଓ ଫିଂ' ମୁକ୍ତ କରାଯିବା ଅପରିହାର୍ଯ୍ୟ ମନେ ହୁଏ । ଏହି ହେତୁ ଓ ଆର୍ଥିକ ନିଅଣ୍ଟିଆ ପରିସ୍ଥିତି ଯୋଗୁଁ

 Magazine Downloaded from www.aahwaan.com

ପିଲାଟି ଭଲ ଓ ବଡ଼ ଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇ ପାରେ ନାହିଁ, ଆର୍ଥିକ ଦୁର୍ଗତି ଏ ଦିଗରେ ବାଧକ ସାଜି ଥାଏ । ତଥାପି ତା'ର ଅଧ୍ୟୟନ ପିପାସା ତାକୁ ସମ୍ପୂର୍ଣ୍ଣ ରୋକି ପାରେ ନାହିଁ । ସେ ବିଦ୍ୟାଳୟ ଯିବା ଆରମ୍ଭ କରିଦିଏ ।

ବେଶ୍ କିଛି ଦିନ ପରିବାରର ଲୋକ ଓ ଗୁରୁଜୀଙ୍କ ଇସାରାରେ ନାଚିଥାଏ । ପାଠ କ'ଣ ଓ କାହିଁକି ବୁଝି ନଥାଏ । ତଥାପି ସମସ୍ତେ ପଢୁଛନ୍ତି ଦେଖି ସିଏ ବି ପଢି ପକାଏ । ପ୍ରାଥମିକ ଶିକ୍ଷା ସରି ସରି ଆସିଲା ବେଳକୁ ସେ ଧୀରେ ଧୀରେ ଏହାର ଗୁରୁତ୍ୱ ଉପଲବ୍ଧି କରି ଆସୁଥାଏ । ଶିଶୁର ଚପଳ ମନ କ୍ରମଶଃ ଅଧ୍ୟବସାୟୀ ହୋଇପଡେ । ମାତ୍ର ଖେଳ କୁଦରୁ ମନ ଛାଡି ନଥାଏ । ତେଣୁ ବାପା ମାଆ ଗୁରୁଜନ ଓ ଗୁରୁଜୀଙ୍କର ତତ୍ତ୍ୱାବଧାନ ଓ ପ୍ରେରଣା ଟିକକ ଆଗକୁ ଆଗକୁ ପଥ ପ୍ରଦର୍ଶନ କରି ବାଟ କଢେଇ ନିଏ । ଏଥିରେ ବିଶେଷ ତ୍ରୁଟି ବା ବ୍ୟତିକ୍ରମ ପରିଲକ୍ଷିତ ହେଲେ ପିଲାଟି ବିଗିଡି ଯାଏ । ତା'ର ଶୈକ୍ଷଣିକ ଜୀବନ ଆକାଶ ଜଟିଳ ଗଣିତରେ ପରିଣତ ହୋଇଯାଏ, ଠିକଣା ବାଟ ଓ ମାର୍ଗ ହରାଇ ବସି ସେ ନିଜର ଅଧ୍ୟୟନରୁ ଓହରି ଯାଏ । ମଧ୍ୟ ଇଂରାଜୀ ଓ ଉଚ୍ଚ ଇଂରାଜୀ ପଢିଲା ବେଳେ ହୁଏତ ତା' ଭିତରେ ଖେଳୁଆଡ଼ ମନୋବୃତ୍ତି ଟିକିଏ ଅଧିକ ଥାଏ । ମନ ଅହରହ ଚାହୁଁଥାଏ ସାଙ୍ଗ ସାଥୀ ଗହଣରେ ଖେଳିବାକୁ । ସେପଟେ ପାଠର ବୋଝଟା ବଢି ବଢି ଯାଉଥାଏ । ଟିକିଏ ଅବହେଳା କଲେ ପାଠଟା ଅବୁଝା ରହିଯାଏ । ଆଉ ଆଗକୁ ଉଢେଇବା କଷ୍ଟକର ହୋଇପଡ଼େ । ଏତେବେଳେ ବେଶୀ ସ୍ନେହାନ୍ଧ ହୋଇ ନଯାଇ ଲଗାମର ଅଙ୍କୁଶଟାକୁ ଟିକିଏ ଜୋହର୍ କରି ଭିଡ଼ି ଧରିବାର ଆବଶ୍ୟକତା ଥାଏ । ପିଲାର ଖୁବ୍ ପାଖାପାଖି ରହି, ନିକଟ ନୈକଟ୍ୟ ସମ୍ପର୍କ ସ୍ଥାପନ କରି ତାକୁ ଉଚିତ୍ ପରମର୍ଶ ଓ ମାର୍ଗ ଦର୍ଶନ ଜରିଆରେ କିଛିଟା ପ୍ରୋତ୍ସାହନ ଓ ଉନ୍ନତିର ମନ୍ତ୍ର ଦେବାକୁ ପଡ଼ି ଥାଏ । ଯାହାଦ୍ୱାରା ସେ ଅଧ୍ୟବସାୟୀ

 Magazine Downloaded from www.aahwaan.com

ହୋଇପଡ଼ିବ ଓ ସ୍କୁଲ୍ ଶିକ୍ଷା ସମାପ୍ତି କରି ତୁରନ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଭିମୁଖେ ଅଗ୍ରସର ହେବ ।

ଏହି କଲେଜଜୀବନ ଅଧିକତମ ଯୁକ୍ତ ଦୁଇ ଶିକ୍ଷା ବର୍ଷ ଜୀବନର ଏକ ସନ୍ଧିକ୍ଷଣ । ଏହି ମୁହୂର୍ତ୍ତରେ ମଣିଷ ବିଗିଡ଼ି ଯିବାର ଟିକିଏ ଅଧିକ୍ ସମ୍ଭାବନା ଥାଏ । ଏକେ ତ ଘର ପାଖ ଛାଡ଼ି ଶିକ୍ଷା ଆହରଣ ପାଇଁ ଦୂର ଦୂରାନ୍ତ ସ୍ଥାନରେ ରହିବାକୁ ପଡିଥାଏ, ଯେଉଁଠି ଘର ଲୋକଙ୍କର ଦେଖଭାଲ ଟିକିଏ କମ୍ ଥାଏ । ପୁଣି ଗୁରୁଜୀଙ୍କର ବିଶେଷ କର୍ତ୍ତୃତ୍ୱ ନଥାଏ । ନୂଆ ସାଙ୍ଗ ସାଥୀ ଗହଣରେ ପଡ଼ି ବିଗିଡ଼ି ଯିବାର ଅବସର ସୃଷ୍ଟି ହୋଇଥାଏ । ସ୍କୁଲ୍ ଜୀବନର ଶିକ୍ଷା ଓ କଲେଜ ଜୀବନର ଶିକ୍ଷା ମଧ୍ୟରେ ମଧ୍ୟ ଅନେକ ଫରକ ଓ ତାରତମ୍ୟ ପରିଲକ୍ଷିତ ହୁଏ । କିଛିଟା ଆୟସସାଧ୍ୟ ଓ କଷ୍ଟକର ମଧ୍ୟ ହୋଇଥାଏ । ଏଠି ଗୁରୁଜୀ ଓ ପରିବାରବାଲାଙ୍କର ଅଙ୍କୁଶର ଲଗାମ୍ ପ୍ରାୟତଃ ନଥାଏ କହିଲେ ଚଳେ । ସ୍ୱଚ୍ଛନ୍ଦ ବିହାର ଓ ନୂଆ କରି ବ୍ୟକ୍ତି ଜୀବନର ସ୍ୱାଧୀନତାର ସ୍ୱାଦ ପ୍ରଥମ କରି ମଣିଷ ପିଲା ଚାଖିଥାଏ । ତେଣୁ ବେଳେ ବେଳେ ଟିକିଏ ଉଶୃଙ୍ଖଳ ହୋଇ ଉଠେ । ନିଜକୁ ନିଜେ ଆୟତ୍ତରେ ରଖି ପାରେ ନାହିଁ । ହାତ ଟେକା ପଇସାରେ ଚଳୁଥିବା ପିଲାଟି ପକେଟରେ ମୋଟା ଅଙ୍କର ପଇସାର ପର୍ସ ଧରି ବୁଲିବା ଆରମ୍ଭ କରେ, ଯଦି ଧନୀକ ଘର ପିଲା ହୋଇଥାଏ । କୁସଙ୍ଗ ଓ କୁଅଭ୍ୟାସରେ ପଡ଼ି ବିଶୃଙ୍ଖଳ ଆଚରଣ କରି ବସେ । ଶିକ୍ଷା ପ୍ରତି ନଜର ହଟାଇ ଅନ୍ୟାନ୍ୟ  ଦିଗ ପ୍ରତି ଅଧିକ ଆଗ୍ରହୀ ହୋଇ ପଡ଼େ । ଶାରୀରିକ କ୍ରିୟାକ୍ଷମ ମଧ୍ୟ ତା' ମାନସିକ ସ୍ଥିତି ଉପରେ ଯଥେଷ୍ଟ ପ୍ରଭାବ ପକାଇ ଥାଏ । ନୂଆ ନୂଆ କରି ସେ ଯୁବକତ୍ୱ ପ୍ରାପ୍ତି କରୁଥିବାରୁ ଶରୀରରେ ନାନା ବିକାର ପରିଲକ୍ଷିତ ହୁଏ । ଚିତ୍ତ ଚାଞ୍ଚଲ୍ୟତା ସୃଷ୍ଟି ହୁଏ । ନୂଆ କରି ମନରେ ପ୍ରେମ ଭାବ ମଧ୍ୟ ଜାଗ୍ରତ ହେଉ ଥାଇ ପାରେ । ସବୁ ଜିନିଷକୁ ନିରେଖି ଦେଖିବାର କଳା ପାଟବତା

 Magazine Downloaded from www.aahwaan.com

ବଢ଼େ । ସବୁ କିଛି ଜାଣିବାର ପ୍ରବୃତ୍ତି ପ୍ରବଳ ହୁଏ । କୌତୂହଳୀ ଅନୁସନ୍ଧିତ୍ସୁ ମନ ଅନେକ କିଛି ନୂତନ ସମ୍ଭାବନା ଓ ଉଦ୍ଭାବନା ପଛରେ ପଡି ଯାଏ । ହରମୋନର କ୍ଷରଣ ଓ ତଜ୍ଜନିତ ପରିବର୍ତ୍ତନ ମଧ୍ୟ ଲକ୍ଷଣୀୟ । ଆଜି କାଲି ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର ପରିସରରେ ମଧ୍ୟ ହେରୋଇନ, ଚରସ, ଗଞ୍ଜା ପ୍ରଭୃତି ମାରାତ୍ମକ ନିଶା ଦ୍ରବ୍ୟର ଅବାଧ କାରବାର ଚାଲିଛି । ପୁନଶ୍ଚ ଇଣ୍ଟରନେଟ୍ ଓ ମୋବାଇଲର ମଧ୍ୟ ଆନେକଟା କୁପରିଣତି ବେଶ୍ ସୁସ୍ପଷ୍ଟ । ଏତେ ସତେ ଠିକଣା ରାସ୍ତାରୁ ମନ ନହଟିବା ଆବଶ୍ୟକ । ନୋହିଲେ ଚରିତ୍ର ଗଠନ ସମ୍ଭବ ନୁହେଁ । ଶିକ୍ଷାରେ ଅଯଥା ବାଧା ଉପୁଜି ଥାଏ । ଏତେବେଳେ ଉଚିତ୍ ପ୍ରଶିକ୍ଷକ ଓ ତତ୍ତ୍ୱାବଧାରକଙ୍କ ନିର୍ବିବାଦୀୟ ଭୂମିକାଟି ରହିଥାଏ । ନହେଲେ ବିପଥଗାମୀ ହେବା ସ୍ୱାଭାବିକ । ତେଣୁ କ୍ୟାରିଅର ବିଗିଡ଼ି ଯିବା କିଛି ବଡ଼ କଥା ନୁହେଁ । ପଛକୁ ଭାବିଲା ବେଳକୁ କିଛି ନଥାଏ । ଏଇ ଟିକକ ଅସତର୍କତା କାରଣରୁ କ୍ୟାରିଅର ସଙ୍କଟରେ ପଡ଼ି ସାରିଥାଏ । ଏଥିରୁ ମୁକ୍ତ ହେଲା ବେଳକୁ ଆଉ ଆଗକୁ ଏତେ ସହଜ ହୋଇ ନଥାଏ । ଏଥିପାଇଁ ସଚେତନତା ବୃଦ୍ଧି ଓ ସଠିକ୍ ଜ୍ଞାନ ମାର୍ଗ ପ୍ରଦର୍ଶନର ବହୁ ଆବଶ୍ୟକତା ଅଛି । ମନ ଭିତରେ ଉଚ୍ଚକିତ ସ୍ୱପ୍ନର ସମ୍ଭାର ଓ ଶିକ୍ଷାର ଗୁରୁତ୍ୱ ପିଲା ମୁଣ୍ଡରେ ଖୁନ୍ଦିଖାନ୍ଦି ପୂରାଇବା ନିହାତି ଜରୁରୀ । ଯାହା ଫଳରେ ତା'ର ବିଚ୍ୟୁତି ନଘଟି ସଳଖ ରାସ୍ତାରେ ସରଳ ମାର୍ଗରେ ସେ ଧାବମାନ ହେବ ।

ଏହି ପରିପ୍ରେକ୍ଷୀରେ ପରିସ୍ଥିତି ଓ ପରିବେଶର ମଧ୍ୟ ଗୋଟାଏ ବଡ଼ ଭୂମିକା ଥାଏ, ଯାହାକୁ ଆଦୌ ଅଣଦେଖା କରାଯାଇ ନପାରେ । ପ୍ରତିକୂଳ ପରିସ୍ଥିତି ଓ ପରିବେଶ ମଣିଷର ବିକାଶ ଦିଗରେ ଅନ୍ତରାୟ ହୋଇ ଛିଡ଼ା ହୁଏ । ଅନୁକୂଳ ପରିବେଶରେ ସେ ଯେତିକି ଲମ୍ବ ଲମ୍ବ ପଦ ପାତରେ ଆଗେଇ ଥାଏ, ପ୍ରତିକୂଳ ପରିସ୍ଥିତିରେ ତା'ର ଦିଗୁଣା ବ୍ୟବଚ୍ଛେଦ ଟାଣି ସେ ପଛକୁ ହଟି ଆସେ । ଏକ ଅଜଣା ଆତଙ୍କର କରାଳ ଛାୟା ତା ଚାରିପଟେ ଘୂରି

 Magazine Downloaded from www.aahwaan.com

ବୁଲିବାକୁ ଲାଗେ । ବିଷର୍ଣ୍ଣ ମନା ହୋଇ ସେ ନିଷ୍ପୃହ ହୋଇ ପଡ଼େ ।

ଅନେକ ସମୟରେ ଆମେ ଦେଖିଥାଉ, ମଣିଷ ସମାଜରେ ପରିବାର ଗଢି ରହିଥାଏ । ସେଇ ପରିବାର ଭିତରେ ନାନା ସମ୍ବାଦ ଓ ବିସମ୍ବାଦ ଦେଖାଦିଏ । କଳିତକରାଳ ସୃଷ୍ଟି ହୋଇ ଜଟିଳ ପରିସ୍ଥିତି ଉପୁଜି ଥାଏ । ବାପା ମାଆ ଓ ପରିବାରର ମନୋମାଳିନ୍ୟ ଓ ମାନସିକ ଉତ୍ପୀଡ଼ନ ପିଲା ମନ ଉପରେ ଯଥେଷ୍ଟ କୁପ୍ରଭାବ ପକାଇଥାଏ । ଯେତେ ଦୂରେଇ ରଖିଲେ ମଧ୍ୟ ପିଲା ମନ ଏଥିରୁ ସହଜରେ ହଟେ ନାହିଁ । ସେ ହୁଏତ ତହିଁରେ ପ୍ରତ୍ୟେକ୍ଷ ସମ୍ପୃକ୍ତି ଯୋଡ଼ି ନପାରେ, ମାତ୍ର ତା'ର ମାନସିକ ସ୍ଥିତି ଦୋହଲି ଯାଏ । ପାଠ ପ୍ରତି ଅନାଗ୍ରହ ଦେଖାଦିଏ । ପାଠରେ ତା ମନ କେନ୍ଦ୍ରିତ ନହୋଇ ଚାରିଆଡ଼େ ବିକେନ୍ଦ୍ରିତ ହୋଇ ବିଛୁରି ହୋଇପଡ଼େ । ପଢ଼ାରେ ବିଘ୍ନ ସୃଷ୍ଟି ହୁଏ ।

ଏଭଳି ଘଟଣାକ୍ରମ ଠାରୁ ପିଲାଟିକୁ ଯଥେଷ୍ଟ ଦୂରରେ ରଖିବା ପ୍ରୟୋଜନ । ତା ଉପରେ କୌଣସି ନକାରାତ୍ମକ ଚିନ୍ତାଧାରାର ଛାୟା ପଡ଼ିବାକୁ ନଦେବା ପାଇଁ ପ୍ରଯତ୍ନ ବିଧେୟ ।

ଅନ୍ୟ ଗୋଟିଏ ଘଟଣା ସାଙ୍ଘାତିକ ବ୍ୟତିକ୍ରମ ଆଣି ଦେଇଥାଏ, ଯହିଁରେ ମୃତ୍ୟୁ କାରଣ ହୋଇ ଛିଡ଼ା ହୋଇଥାଏ । କେତେବେଳେ କେମିତି ପରିବାର ଭିତରେ ଗୋଟିଏ ଅପମୃତ୍ୟୁ ଘଟିଯାଏ ବା ପିଲାଟି ସବୁଠାରୁ ଭଲ ପାଉଥିବା ଜେଜେବାପା/ଜେଜେମା ବା ଅଜା/ ଆଈଙ୍କର ସ୍ୱାଭାବିକ କାରଣ ବଶତଃ ମୃତ୍ୟୁ ହୋଇଯାଏ, ଯାହାକୁ ପିଲା ମୁଣ୍ଡ ସହଜରେ ଗ୍ରହଣ କରିପାରେ ନାହିଁ କିମ୍ବା ସେ ପରିସ୍ଥିତିରୁ ମୁକୁଳି ଶୀଘ୍ର ସ୍ୱାଭାବିକ ହୋଇ ପାରେ ନାହିଁ । ଫଳରେ ଅଭୁଲା ସ୍ମୃତିକୁ ମନେ ପକାଇ ସେ ମ୍ରିୟମାଣ ହୋଇ ପଡ଼େ ଓ ଅସାର ଜୀବନକୁ ବେକାର ମଣିଥାଏ । ଏତେବେଳେ ଜୀବନର କଠୋର ଓ ବାସ୍ତବ ସତ୍ୟ ସମ୍ପର୍କରେ ତାକୁ ସମ୍ୟକ୍ ଧାରଣା ଦେବା ଆବଶ୍ୟକ । ନହେଲେ ଅଜଣା ଆତଙ୍କରେ ମନ ଭାରକ୍ରାନ୍ତ ହୋଇ

 Magazine Downloaded from www.aahwaan.com

ଉଠିବ ଓ ଅଧ୍ୟୟନରେ ସମସ୍ୟା ଦେଖା ଦେବ ।

ଏହି ସବୁ ଦିଗ ଭାଗ ପ୍ରତି ନଜର ଦେଇ ଏକ ସରଳ ଶିଶୁର ବିରଳ ବ୍ୟକ୍ତିତ୍ୱ ପାଇଁ ଆମ୍ଭେମାନେ ଶତତଃ ପ୍ରଯତ୍ନଶୀଳ ହେବା ବାଞ୍ଛନୀୟ । ପିଲାଟିକୁ ସଠିକ୍ ସମୟରେ ସଠିକ୍ ପରାମର୍ଶ ବା ଠିକଣା ସମୟରେ ଉପଯୁକ୍ତ ପରାମର୍ଶ ଦେବା ଅପରିହାର୍ଯ୍ୟ । ଯେଉଁଥିରେ କି ଉଭୟ ବ୍ୟକ୍ତି ପରିବାର ଓ ସମାଜର ଗୁରୁ ଦାୟିତ୍ୱ ରହିଛି । ବ୍ୟକ୍ତି ଚରିତ୍ର ଗଠନରେ ମଧ୍ୟ ଗୁରୁଜୀଙ୍କର ଦାୟିତ୍ୱବୋଧ ଓ କର୍ତ୍ତବ୍ୟର କମ୍ ଭୂମିକା ନଥାଏ । ଅତଏବ ମାନବ ଜୀବନର ବିକାଶରେ ବହୁ ବିଧ ଉପକ୍ରମଣିକ ପ୍ରସାଧନ ସାମଗ୍ରୀର ଆବଶ୍ୟକତା ରହିଛି, ଯାହାକି ଏକ ଉନ୍ନତ ରାଷ୍ଟ୍ର ଓ ବିଶ୍ୱ ଗଠନରେ ସହାୟକ ହୋଇ ପାରେ ।

ଉପ ସହକାରୀ ନିବନ୍ଧକ,
ସମବାୟ ସମିତି ସମୂହ,
ଭଦ୍ରକ ସର୍କଲ
ଭ୍ରାମ୍ୟଭାଷ : ୯୯୩୭୦୧୮୧୮୪୬

 Magazine Downloaded from www.aahwaan.com

# ମୋ ବିଲେଇ ମୋତେ ମ୍ୟାଉଁ ?



ସୁବଳ ମହାପାତ୍ର

ଆଜି ସନ୍ଧ୍ୟାରେ ଚା ଦୋକାନରେ ନବ ଅଜାଙ୍କ ଶୁଖିଲା ମୁହଁ ଦେଖି ପଚାରିଦେଲି, "ଅଜା କଣ ଖବର ?"

ଅଜା କହିଲେ, "କହନିରେ ନାତି ଛୁଆ, ଆଜିକାଲି ବେଳକାଳ ଯାହା ହେଲାଣି ମଣିଷ ଓପାସରେ ମରିବ ।"

ଚା ଗ୍ଲାସଟିଏ ଦୋକାନୀଠୁ ଆଣି ତାଙ୍କୁ ବଢ଼େଇ ଦେଉ ଦେଉ ପଚାରିଲି, "କାହିଁକି ? କଣ ହେଲାକି ?"

କହିଲେ, "କାଲି ସନ୍ଧ୍ୟାରେ ମୋ ନାତି ଟୋକା ପଡ଼ିଶା ଘର ନାତି ଟୋକା ସହ ଖେଳ ଖେଳରେ କଣ ଟିକେ ପାଟିତୁଣ୍ଡ କଲା ଯେ, କଥା ବଢି ବଢି ତାଙ୍କ ବାପାମାନଙ୍କ ପାଖରେ ପହଁଚିଲା । ସେଠୁ ଗଣ୍ଡଗୋଳ ଆରମ୍ଭ ହେଇଛି ଯେ ଏବେ ଯାଏଁ ଘରେ ଚୁଲି ଜଳିନି । ରୋଷେଇ ବନ୍ଦ, ଖାଇବା ବନ୍ଦ ।"

ମୁଁ ପୁଣି ପଚାରିଲି, "ଆଛା ତମେ ଏକା ଖାଇନ ନା ଘର ଲୋକ କେହି ବି ଖାଇ ନାହାନ୍ତି ?"

ଅଜାଙ୍କ ଆଖି ଛଳ ଛଳ ହେଉ ହେଉ ରହିଗଲା । କହିଲେ, "ନା, ମୁଁ ଏକା ଖାଇନି । ସେମାନେ ସମସ୍ତେ ବାହାରେ ଖାଇଲେ । ମୁଁ ତ ବାହାର ଜିନିଷ ଖାଏନି । ଘରେ ରୋଷେଇ ହେଲେ ହିଁ ଖାଏ । ତେଣୁ ମୋର ଓପାସ । ସେମାନେ ସମସ୍ତେ ବାହାରେ ଖାଇକି ଆସିଲେ ।"

ମୁଁ ଟିକେ ରହି ଚିନ୍ତା କଲି ଓ କହିଲି, "ହଁ ଅଜା, ଆଜି କାଲି ସମସ୍ତଙ୍କ ଅବସ୍ଥା

 Magazine Downloaded from www.aahwaan.com

ସେଇଥି । ନିଜଘର ଖାଦ୍ୟ ବ୍ୟତୀତ ବାହାର ଖାଦ୍ୟ ଯେଉଁମାନେ ଖାଆନ୍ତି ନାହିଁ, ସେମାନଙ୍କୁ ଏମିତି ଦଶା ଭୋଗିବାକୁ ପଡେ । ଆମ ଜଗନ୍ନାଥଙ୍କୁ ଦେଖୁନ । ଜଣେ ପର୍ଯ୍ୟଟକ ପାଇଁ ପୋଲିସ ଆଉ ପଣ୍ଡାଙ୍କ ଭିତରେ ଝଗଡା ହେଲା ଯେ, ପଣ୍ଡାମାନେ ସକାଳୁ ମନ୍ଦିର ବନ୍ଦ କରି ରଖିଲେ । ଜଗନ୍ନାଥଙ୍କୁ ନା ଖାଇବାକୁ ଦେଲେ ନା ପାଣି ମୁନ୍ଦେ ପିଇବାକୁ ଦେଲେ । ହେଲେ ଅଜା ଏମିତି କେତେଦିନ ଚାଲିବ ? ଆଚ୍ଛା ଏ ଅବସ୍ଥା ତୁମର ଆଜି ହେଇଛି ନା ଆଗରୁ କେବେ ହେଇଛି ?”

କହିଲେ, “ବର୍ଷକୁ ବାରମାସ, ମାସକୁ ଥରେ ଏମିତି ଭୋଗିବାକୁ ପଡୁଛି । ଆଜି ଯାଏଁ ସହି ସହି ଆସୁଥିଲି । ଓପାସ କଲେ କୁଆଡେ ପେଟ ପାଇଁ ଭଲ ବୋଲି କୁହନ୍ତି । ସେଇଥି ଭାବି ମାସକୁ ଥରେ ଓପାସ କରି ଚଳେଇ ଦେଉଥିଲି । ତୁ ତ ଜାଣୁ ମୁଁ ଟିକେ ଖାଦ୍ୟ ରଙ୍କୁଣା । ଭୋକ ଜମା ସମ୍ଭାଳି ପାରେନି । ତଥାପି ମଝିରେ ମଝିରେ ମୋତେ ଓପାସ ରଖେଇ ବସି ପଡୁଛନ୍ତି । କିନ୍ତୁ ଆଉ ନୁହେଁ । ଘର ମୋର, ସମ୍ପତ୍ତି ମୋର, ଜମି ବାଡ଼ି ମୋର । ମୋ ପଇସାରେ ଚଳି ମୋତେ ନାଲି ଆଖି ଦେଖାଉଛନ୍ତି ? ଭୋକ ଲାଗିଲାଣି କହିଲେ କହୁଛନ୍ତି, ଆଜି ରୋଷେଇ ହେବନି, ଘର କାମ ବନ୍ଦ । କାଲି ସକାଳୁ ଯାଇ କୋର୍ଟରୁ ନୋଟିସ ନେଇ ଆସିବି । ମୋ କାମ ସବୁ କରିବ, ମୋ ଖାଇବା କଥା ବୁଝିବ ଯଦି ଏ ଘରେ ରୁହ, ନହେଲେ ବାହାର । ଆରେ...କଣ ବୋଲି ଭାବିଛନ୍ତି କି ମୋତେ ? ମୋ ବିଲେଇ ମୋତେ ମିଆଉଁ ?”

ଚା ପିଆ ସରି ଯାଇଥିଲା, ମୁଁ ଘରକୁ ଫେରିଲି । ଫେରିଲା ବେଳେ ଭାବୁଥିଲି, ଆମ ଜଗନ୍ନାଥଙ୍କ ମୁଣ୍ଡକୁ ଏମିତି ବୁଦ୍ଧି ଟିକେ ଜୁଟନ୍ତାନି ? ସେ ତ ଭଗବାନ, ଯାହା ଚାହିଁବେ କରିପାରିବେ । ପ୍ରଶାସନ ମୁଣ୍ଡରେ ବୁଦ୍ଧିଟିକେ ଦେଇ ନବ ଅଜାଙ୍କ ପରି ନିଷ୍ପତ୍ତି ଶୁଣେଇ

 Magazine Downloaded from www.aahwaan.com

ପାରନ୍ତେନି ?

ଯଦି ରାଜାଙ୍କ ହାତରୁ ସବୁ ଦାୟିତ୍ୱ ପ୍ରଶାସନ ନେଲା, ତେବେ ଏ ପଣ୍ଡାଙ୍କ ଦୌରାତ୍ମ୍ୟ କିଆଁ ସହୁଛି । ଯେଉଁଦିନ ଜଗନ୍ନାଥଙ୍କୁ ଓପାସ ରହିବାକୁ ପଡୁଛି, ପଣ୍ଡାମାନେ ଛାତିରେ ହାତ ରଖି କହିପାରିବେ, ସେତିକି ସମୟ ସେମାନେ ବି ଓପାସ ଥିଲେ ବୋଲି ? ସେମାନେ ନିଜ ନିଜ ଘରେ ଯାଇ ଖାଇଦେଇ ଆସିବେ, କିନ୍ତୁ ଆମ ଭଗବାନ ଓପାସ ରହିବେ ।

ଦୁନିଆଁରେ ଏମିତି କୌଣସି ମନ୍ଦିର ନାହିଁ, ଯେଉଁଠି କିଏ କାହା ଉପରେ ରାଗ ରଖି ମନ୍ଦିରର ନୀତିକାନ୍ତି ବନ୍ଦ କରିଛି । ଯଦି କାହାର ଭୁଲ ହୁଏ ତେବେ ମନ୍ଦିର ପ୍ରଶାସନ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ । ଦୁନିଆଁର ସବୁ ମନ୍ଦିରର ଟ୍ରଷ୍ଟ ଅଛି । ସେଠି ପୂଜାରୀ ବା ପଣ୍ଡା ଭାବେ ଯେଉଁମାନେ ନିଯୁକ୍ତି ପାଆନ୍ତି ସେମାନେ କୌଣସି ଏକ ବୈଦିକ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ରୀତିମତ ପରୀକ୍ଷା ଦେଇ ପାସ କରି ଆସିଥାନ୍ତି । ଉଚ୍ଚ ଶିକ୍ଷିତ ସେମାନେ । ଆମ ମନ୍ଦିର ପ୍ରଶାସନ ଯଦି ଏମିତି କିଛି କରନ୍ତା ତେବେ କଣ ହୁଅନ୍ତା ନାହିଁ ?

କାହିଁକି କେବଳ ମାତ୍ର ପୁରୀରେ ପିଢ଼ୀ ପରେ ପିଢ଼ୀ ବାପାଅଜା ସମ୍ପତ୍ତି ପରି ସେଇମାନେ ହିଁ ପଣ୍ଡା ଭାବେ ରହିବେ ? କାହିଁକି ଉଚ୍ଚ ଶିକ୍ଷିତ ପୂଜାରୀ ନିଯୁକ୍ତ ହୋଇ ପାରିବେ ନାହିଁ ? ଜଗନ୍ନାଥ ମନ୍ଦିର ଯିଏ ତିଆରି କରିଥିଲେ, ସେ ବି ମହାପ୍ରଭୁଙ୍କୁ ବର ମାଗିଥିଲେ, କହିଥିଲେ, "ହେ ପ୍ରଭୁ, ମୋତେ ଛୁଆପିଲା ଦରକାର ନାହିଁ । ମୋ ବଂଶରେ କେହି ନ ରୁହନ୍ତୁ । କାରଣ ଜଣେ ବି ଯଦି କିଏ ରହିଲା, ଏ ମନ୍ଦିର ମୋ ବଂଶଧର ତିଆରି କରିଛନ୍ତି ବୋଲି ଦାବି କରିପାରେ ।" ତେବେ ଏ ପଣ୍ଡାମାନେ କିଏ ? କାହିଁକି ବଂଶାନୁକ୍ରମେ ସେମାନେ ମନ୍ଦିରର ନୀତିକାନ୍ତି କରିବେ ?

ପ୍ରଶାସନକୁ ଅନୁରୋଧ, ଏ ବଂଶ ପରମ୍ପରା ବନ୍ଦ କରି ଅନ୍ୟ ମନ୍ଦିର ପରି ଉଚ୍ଚଶିକ୍ଷିତ

 Magazine Downloaded from www.aahwaan.com

ପଣ୍ଡାମାନଙ୍କୁ ନିଯୁକ୍ତି ଦିଅନ୍ତୁ । ମନ୍ଦିରରେ କେତେବେଳେ କ'ଣ ହେବ, ତାହା ପ୍ରଶାସନ ନିଷ୍ପତ୍ତି ନେଉ । ଯିଏ ଅମାନ୍ୟ କଲା ତାକୁ ତୁରନ୍ତ ଚାକିରୀରୁ ବହିଷ୍କାର କରାଯାଉ । ଯଦି କିଏ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରେ ତେବେ ତାକୁ ବି ବହିଷ୍କାର କରାଯାଉ ।

ଆଉ ଯଦି ପ୍ରଶାସନ ଏ ସବୁ କରିବାକୁ ଅସଫଳ, ଜଗନ୍ନାଥଙ୍କ ନୀତିକାନ୍ତିରେ ଏପଟ ସେପଟ ହେଲେ, ହାତରେ ହାତ ବାନ୍ଧି ବସିବା ଅପେକ୍ଷା ପ୍ରଶାସନର ସବୁ କର୍ମଚାରୀ ଇସ୍ତଫା ଦେଇ ମନ୍ଦିରର ସବୁ ଦାୟିତ୍ୱ ଗଜପତି ମହାରାଜାଙ୍କୁ ହସ୍ତାନ୍ତର କରନ୍ତୁ ।

ଜଗନ୍ନାଥ, ସବୁ ଓଡ଼ିଆଙ୍କ ସ୍ୱାଭିମାନ । ଓଡିଶାର ସବୁ ଲୋକ ଜଗନ୍ନାଥଙ୍କୁ ଭଲ ପାଆନ୍ତି । ଜଗନ୍ନାଥଙ୍କର କୌଣସି ନୀତିକାନ୍ତିରେ ଖିଲାପ ହେଲେ ଓଡ଼ିଆ ପ୍ରାଣକୁ ବାଧେ । ଜଗନ୍ନାଥ ଓପାସ ରହିଲେ ଅଧା ଓଡ଼ିଆଙ୍କ ଘରେ ଚୁଲି ଜଳେନି । ତେବେ ନିଜ ମନଇଚ୍ଛା ଜଗନ୍ନାଥଙ୍କ ନୀତିକାନ୍ତି କରିବାକୁ ପଣ୍ଡାମାନଙ୍କୁ ଅଧିକାର ଦେଲା କିଏ ?

ମନ୍ଦିର ଜଗନ୍ନାଥଙ୍କର, ସମ୍ପତ୍ତି ଜଗନ୍ନାଥଙ୍କର, ଭୋଗ ଜଗନ୍ନାଥଙ୍କର, ତାକୁ ଚଲେଇବା ପାଇଁ ତମେ କିଏ ?

ଆରେ.... ମୋ ବିଲେଇ ମୋତେ ମିଆଉଁ ? ? ?

ବି.ଦ୍ର. – ଲେଖାଟି ମୋର ନିଜସ୍ୱ ମତ....

ଖଲାରୀ, ଅନୁଗୁଳ, ଓଡିଶା

ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦

ଇମେଲ୍ : subal.mohapatra@gmail.com

 Magazine Downloaded from www.aahwaan.com

# ଓଡ଼ିଶା ରାଜ୍ୟ ବଜେଟ୍ ୨୦୧୯-୨୦ ସମୀକ୍ଷା



ରତ୍ନେଶ୍ୱର ସାହୁ

ଓଡିଶା ରାଜ୍ୟ ବଜେଟ୍ ୨୦୧୯-୨୦କୁ ସାଧାରଣ ଲୋକମାନଂକ ଦୃଷ୍ଟିଭଙ୍ଗିରେ ବିଶ୍ଲେଷଣ କରିବା ଉଦ୍ଧେଶ୍ୟରେ ଏକ ଅଧ୍ୟୟନ କରାଯାଇଥିଲା ।

ଗତ ୭ ତାରିଖ ଦିନ ଓଡିଶାର ଅର୍ଥ ମନ୍ତ୍ରୀ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ବଜେଟ୍ ବିଧାନ ସଭାରେ ଉପସ୍ଥାପନ କରିଥିଲେ । ୨୦୧୯-୨୦ ବର୍ଷର ବଜେଟ ଯଦିଓ ୧ ଲକ୍ଷ ୩୨ ହଜାର ୬୬୦ କୋଟି ଟଙ୍କାର ବଜେଟ୍ ତଥାପି ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦର ମୋଟ ୨୪.୫୩ % । ଯଦି ଆମେ ୨୦୧୩-୧୪ ଆର୍ଥିକ ବର୍ଷର ଆନୁମାନିକ ବଜେଟ୍ କୁ ଦେଖିବା ରାଜ୍ୟର ମୋଟ ଘରୋଇ ଉତ୍ପାଦର ପ୍ରାୟ ୨୦% ମୋଟ ଖର୍ଚ୍ଚ ଥିଲା । ମୋଟ ଖର୍ଚ୍ଚର ବୃଦ୍ଧିକୁ ହିସାବକୁ ନେଲେ ୨୦୧୮-୧୯ ସଂଶୋଧିତ ଅଟକଳ ତୁଳନାରେ ୨୦୧୯ -୨୦ ବର୍ଷରେ ପ୍ରାୟ ୧୦.୪୩ % ବୃଦ୍ଧି ଘଟିଛି । ଯଦି ୨୦୧୮-୧୯ ଆନୁମାନିକ ଅଟକଳକୁ ହିସାବକୁ ନେବା ତାହାହେଲେ ଗତବର୍ଷର ତୁଳନାରେ ୨୦୧୯-୨୦ ବର୍ଷରେ ପ୍ରାୟ ୧୦. ୫୨ % ବୃଦ୍ଧି ଘଟିଛି । କିନ୍ତୁ ଯଦି ଆମେ ଆନୁମାନିକ ଅଟକଳ ଓ ପ୍ରକୃତ ଖର୍ଚ୍ଚ ବିଷୟରେ ଆଲୋଚନା କରିବା ତାହାହେଲେ ୨୦୧୩-୧୪ ଆନୁମାନିକ ଅଟକଳ ତୁଳନାରେ ୨୦୧୩ -୧୪ ପ୍ରକୃତ ଖର୍ଚ୍ଚ ହେଉଛି -୭.୯୨%, ଠିକ୍ ସେହିପରି ୨୦୧୪-୧୫ ଆର୍ଥିକ ବର୍ଷରେ ସେମିତି -୧୬.୮%, ୨୦୧୬-୧୭ ଆର୍ଥିକ ବର୍ଷରେ -୭.୬% ଓ ୨୦୧୭-୧୮ ବର୍ଷରେ – ୮.୭୯% ଅର୍ଥାତ ମୋଟ ବ୍ୟୟ ବରାଦ ଭିତରେ ୨୦୧୩ -୧୪ ମସିହାରେ ୭.୯୨% ଶତକଡା କମ ରହୁଥିଲା

 Magazine Downloaded from www.aahwaan.com

ବେଳେ ୨୦୧୭-୧୮ ବର୍ଷରେ ୮.୭୯% କମ ରହିଛି ।

ବଜେଟ୍ ର ଆୟକୁ ନଜର ଦେଲେ ଜଣା ପଡ଼େ ଯେ, ୨୦୧୩-୧୪ ବର୍ଷରେ ବାସ୍ତବ ଆୟରେ ମୋଟ ରାଜସ୍ୱ ଆୟର ୫୧.୬୩% ରାଜ୍ୟ ନିଜସ୍ୱ ଆୟରୁ ସମ୍ମୁଖୀନ ହେଉଥିଲା ବେଳେ ୨୦୧୪-୧୫ ବର୍ଷରେ ୪୮.୯୫%, ୨୦୧୫-୧୬ ବର୍ଷରେ ୪୫.୩୧%, ୨୦୧୬-୧୭ ବର୍ଷରେ ୪୧.୫୮ % ଓ ୨୦୧୭-୧୮ବର୍ଷରେ ୪୨.୬୨% ନିଜସ୍ୱ ଅୟରୁ ସମ୍ମୁଖୀନ ହେଉଥିଲେ କିନ୍ତୁ ୨୦୧୯-୨୦ ବଜେଟ୍ ଆକଳନ ଅନୁସାରେ ଏହା ଆହୁରି ୪୦.୬୫% କୁ କମିଯାଇଛି । ରାଜ୍ୟ ପାଇଁ ଏହା ଏକ ଆହ୍ୱାନ ଯେ ନିଜସ୍ୱ ଆୟ ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡିବ ।

ବାର୍ଷିକ ଆର୍ଥିକ ବିବରଣୀ ନଥି ଅନୁସାରେ ସାମାଜିକ ସେବା କ୍ଷେତ୍ରକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ସାମାଜିକ ସେବା କ୍ଷେତ୍ର ର ଖର୍ଚ୍ଚ ୨୦୧୩-୧୪ ଆର୍ଥିକ ବର୍ଷର ପ୍ରକୃତ ଖର୍ଚ ର ୩୬.୪୩% ଥିଲା ବେଳେ ଓ ୨୦୧୫-୧୬ବେଳକୁ ୩୪.୮୫%, ୨୦୧୭-୧୮ ବେଳକୁ ୩୪.୬୨% ଓ ୨୦୧୯-୨୦ ଆର୍ଥକ ବର୍ଷର ଆନୁମାନିକ ଅଟକଳର ୩୬.୫୭% । ୨୦୧୪-୧୫, ୨୦୧୫-୧୬, ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷର ସାମାଜିକ ସେବା ବାବଦରେ ଖର୍ଚ୍ଚ ବିଷୟରେ ଆହୁରି ଟିକିଏ ଆଧିକ ଆଲୋଚନା କଲେ ଜଣାପଡେ ଯେ ପ୍ରକୃତ(ବାସ୍ତବ) ଖର୍ଚ୍ଚ, ବଜେଟ୍ ଆକଳନ ତୁଳନାରେ କମ୍ ରହୁଛି । ୨୦୧୪-୧୫ ବର୍ଷରେ -୧୮.୯୫%, ୨୦୧୫-୧୬ ବର୍ଷରେ -୫.୨୩%, ୨୦୧୬-୧୭ ବର୍ଷରେ -୯.୫୩% ରହିଥିଲା ବେଳେ ଓ ୨୦୧୭-୧୮ ପ୍ରକୃତ ଖର୍ଚ୍ଚ ୨୦୧୭-୧୮ ବଜେଟ୍ ଆକଳନ ଅନୁସାରେ ୧୩.୮୩ % କମ୍ ରହୁଛି ।

ଯଦି ବାର୍ଷିକ ଆର୍ଥିକ ବିବରଣୀ ନଥି ଅନୁସାରେ ଶିକ୍ଷା କ୍ଷେତ୍ରର ବଜେଟ୍ କୁ ହିସାବକୁ ନେବା ତାହାହେଲେ ଜଣାପଡେ ଯେ, ପ୍ରତିବର୍ଷ ବଜେଟ୍ ରେ ଶିକ୍ଷା କ୍ଷେତ୍ର ପାଇଁ ବ୍ୟୟ ବରାଦ ବଢି ଚାଲିଛି । କିନ୍ତୁ ବାର୍ଷିକ ଆର୍ଥିକ ବିବରଣୀ ନଥିକୁ ଦେଖିଲେ ଜଣାପଡେ ଯେ ୨୦୧୩-୧୪

 Magazine Downloaded from www.aahwaan.com

ବଜେଟ୍ ଆକଳନ ଅନୁସାରେ ମୋଟ ବ୍ୟୟର ୧୪.୮୬%, ୨୦୧୪-୧୫ ବର୍ଷର ୧୪.୯୦%, ୨୦୧୫-୧୬ ବର୍ଷର ୧୪.୭୫%, ୨୦୧୬-୧୭ ବର୍ଷର ୧୪.୭୧%, ୨୦୧୭-୧୮ ଆର୍ଥିକ ବର୍ଷର ମୋଟ ବ୍ୟୟର ୧୫.୩୧% , ୨୦୧୮-୧୯ ଆର୍ଥିକ ବର୍ଷରେ ୧୪.୨୯% ଶିକ୍ଷା କ୍ଷେତ୍ର ପାଇଁ ବ୍ୟୟ ବରାଦ ହୋଇଥିଲା ବେଳେ ଏବର୍ଷ ମୋଟ ବଜେଟ୍ ର ୧୪.୩୯% ଶିକ୍ଷା କ୍ଷେତ୍ର ପାଇଁ ଆକଳନ କରାଯାଇଛି । ଠିକ୍ ସେମିତି ବଜେଟ୍ ଆକଳନ ତୁଳନାରେ ବାସ୍ତବ ଖର୍ଚ୍ଚ କମ୍ ରହୁଛି । ୨୦୧୩-୧୪ ଆର୍ଥିକ ବର୍ଷରେ ବଜେଟ୍ ତୁଳନାରେ ପ୍ରାୟ ୫୨୪ କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା ବେଳେ, ୨୦୧୪-୧୫ ବର୍ଷ ରେ ପ୍ରାୟ ୧୭୯୧ କୋଟି, ୨୦୧୫-୧୬ ରେ ୯୫୪ କୋଟି, ୨୦୧୬-୧୭ ରେ ୧୮୪୦ କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା ବେଳେ୨୦୧୭-୧୮ ଆର୍ଥିକ ବର୍ଷରେ ୨୧୮୦ କୋଟି କମ୍ ଖର୍ଚ୍ଚ ହୋଇଥିଲା ।

ଅନୁଦାନ ଦାବୀ ନଥିକୁ ଦେଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗର ଖର୍ଚ୍ଚ କୁ ହିସାବ କଲେ ଜଣାଯାଏଯେ, ଏହି ବର୍ଷ ପ୍ରାୟ ୧୬୪୬୭ କୋଟି ଟଂକା ଖର୍ଚ୍ଚ କରାଯିବ ବୋଲି ଆକଳନହୋଇଛି । ୨୦୧୩-୧୪ ଆର୍ଥିକ ବର୍ଷରେ ମୋଟ ବଜେଟ ଖର୍ଚ୍ଚର ୧୧.୯୭%, ୨୦୧୪-୧୫ ରେ ୧୧.୮୧%, ୨୦୧୫-୧୬ରେ ୧୧.୪୩%, ୨୦୧୬-୧୭ରେ ୧୧.୨୪%, ୨୦୧୭-୧୮ରେ ୧୨.୩୬% ପ୍ରକୃତରେ ଖର୍ଚ୍ଚ ହୋଇଥିଲା ବେଳେ ଏହିବର୍ଷ ମୋଟ ବଜେଟ ଖର୍ଚ୍ଚର ୧୨.୪୧% ଆକଳନ କରାଯାଇଛି ।

ଆନୁଦାନ ଦାବୀ ନଥିକୁ ଦେଖି ଉଚ୍ଚତ୍ତର ଶିକ୍ଷା ବାବଦରେ ଖର୍ଚ୍ଚ ବିଷୟରେ ଆଲୋଚନା କଲେ ଜଣାପଡେ ଯେ, ୨୦୧୫-୧୬ ବର୍ଷରେ ପ୍ରକୃତ ଖର୍ଚ୍ଚ ପ୍ରାୟ ୧୯୦୭ କୋଟି ଟଙ୍କା ଥିଲା ବେଳେ ୨୦୧୬-୧୭ ବର୍ଷରେ ପ୍ରକୃତରେ ପ୍ରାୟ ୧୯୩୭ କୋଟି,୨୦୧୭-୧୮ ବର୍ଷରେ ୧୭୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ୨୦୧୯-୨୦ ବର୍ଷରେ ଏଥିପାଇଁ ପ୍ରାୟ ୨୩୨୭ କୋଟି

 Magazine Downloaded from www.aahwaan.com

ଟଙ୍କା ଖର୍ଚ୍ଚ ଆକଳନ ହୋଇଛି । କିନ୍ତୁ ଯଦି ରାଜ୍ୟର ମୋଟ ବ୍ୟୟକୁ ହିସାବକୁ ନେବା ୨୦୧୫ -୧୬ ବର୍ଷରେ ପ୍ରକୃତ ଖର୍ଚ୍ଚର ୨.୪୧% ଉଚ୍ଚତ୍ତର ଶିକ୍ଷା ବାବଦରେ ଖର୍ଚ୍ଚ ହୋଇଥିଲା ବେଳେ, ୨୦୧୬-୧୭ ବର୍ଷର ଆନୁମାନିକ ଅଟକଳର ୨.୨୩% ଉଚ୍ଚତ୍ତର ଶିକ୍ଷା ବାବଦରେ ଖର୍ଚ୍ଚ ହୋଇଥିଲା ବେଳେ ୨୦୧୯-୨୦ ଆର୍ଥିକ ବର୍ଷର ରାଜ୍ୟର ମୋଟ ଆନୁମାନିକ ଖର୍ଚ୍ଚର ୧.୭୫% ଉଚ୍ଚତ୍ତର ଶିକ୍ଷା ବାବଦରେ ଖର୍ଚ୍ଚ ହେବ ବୋଲି ଆକଳନ ହୋଇଛି ।

ଆନୁଦାନ ଦାବୀ ନଥିକୁ ଦେଖି ବୈଷୟିକ ଶିକ୍ଷା ବିଷୟରେ ଆଲୋଚନା କଲେ ଜଣାପଡ଼େ ଯେ, ୨୦୧୫-୧୬ ଆର୍ଥିକ ବର୍ଷରେ ବୈଷୟିକ ଶିକ୍ଷା ବାବଦରେ ୧୩୧.୬୯ କୋଟି ଟଙ୍କା ୨୦୧୬-୧୭ ବର୍ଷରେ ୧୫୧.୯୭ କୋଟି ଟଙ୍କା ଓ ୨୦୧୭-୧୮ ଆର୍ଥିକ ବର୍ଷରେ ବାସ୍ତବରେ ୧୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ଏହିବର୍ଷ ପ୍ରାୟ ୨୪୮ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଆକଳନ ହୋଇଛି ।

ବାର୍ଷିକ ଆର୍ଥିକ ବିବରଣୀ ନଥି ଅନୁସାରେ ସ୍ୱାସ୍ଥ୍ୟ କ୍ଷେତ୍ରର ବଜେଟ୍ କୁ ବିଶ୍ଳେଷଣ କଲେ ଜଣାପଡେ ଯେ, ବଜେଟ୍ ଆକଳନ ରେ ଗତ ବଜେଟ୍ ତୁଳନାରେ ଅଧିକ ବ୍ୟୟ ବରାଦ ରହୁଛି । ୨୦୧୪-୧୫ ଆର୍ଥିକ ବର୍ଷର ବଜେଟ୍ ଆକଳନ ୨୦୧୩-୧୪ ବଜେଟ୍ ଆକଳନ ତୁଳନାରେ ପ୍ରାୟ ୭୭.୬୮% ବଢ଼ିଛି, ଠିକ୍ ସେହିପରି, ୨୦୧୫-୧୬ ବର୍ଷର ଆନୁମାନିକ ଅଟକଳ ତୁଳନାରେ ୨୦୧୬-୧୭ ଆନୁମାନିକ ଅଟକଳ ପ୍ରାୟ ୨୩.୬୪%, ୨୦୧୭-୧୮ ଆନୁମାନିକ ଅଟକଳ ତୁଳନାରେ ୨୦୧୮-୧୯ ବଜେଟ୍ ପ୍ରାୟ ୭.୪୮% ବଢ଼ିଛି ଠିକ ସେହିପରି ଏହିବର୍ଷ ମଧ୍ୟ ଗତ ବଜେଟ ତୁଳନାରେ ୯.୭୦% ବଢିଛି । କିନ୍ତୁ ଆନୁମାନିକ ଅଟକଳ ଓ ବାସ୍ତବ ଖର୍ଚ୍ଚ ଭିତରେ କେତେ ଫରକ ରହୁଛି ତାହା ଆକଳନ କଲେ ଜଣାପଡେ ଯେ, ୨୦୧୩-୧୪ ବର୍ଷରେ ବାସ୍ତବ ଖର୍ଚ୍ ବଜେଟ୍ ଆକଳନ ତୁଳନାରେ -୯.୮୯%, ୨୦୧୪-୧୫

 Magazine Downloaded from www.aahwaan.com

ବର୍ଷରେ -୧୭.୩୯%, ୨୦୧୫-୧୬ ବର୍ଷରେ -୩.୩୨%, ୨୦୧୬-୧୭ ଆର୍ଥିକ ବର୍ଷରେ ୦.୪୭% ଫରକ ରହୁଥିଲା ବେଳେ ୨୦୧୭-୧୮ ବର୍ଷରେ ୧୩.୧୪% କମ ରହୁଛି । ଯଦି ପ୍ରକୃତରେ କେତେ ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା ତାହା ହିସାବକୁ ଆଣିବା ତାହାହେଲେ ୨୦୧୩-୧୪ ବର୍ଷରେ ପ୍ରାୟ ୨୧୫ କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା ,୨୦୧୪-୧୫ ବର୍ଷରେ ୬୭୧ ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା , ୨୦୧୫-୧୬ ଆର୍ଥିକ ବର୍ଷରେ ୧୨୬ କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା ବେଳେ ୨୦୧୬-୧୭ ବର୍ଷ ରେ ପ୍ରାୟ ୨୨ କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ୭୪୫କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଥିଲା । ତେଣୁ ମୋଟାମୋଟି ଭାବରେ ଦେଖିଲେ ସାଧାରଣ ଲୋକ ଏହାର ସୁଫଳ କେତେ ପରିମଣରେ ପାଉଛନ୍ତି ତାହା ସମୟ କହିବ ।

Source: Annual Financial Statement

ରତ୍ନେଶ୍ୱର ସାହୁ

ବି.ଡି.ପୁର, ବରଗାଁ, ଗଞ୍ଜାମ

ଭ୍ରାମ୍ୟଭାଷ : ୯୪୩୭୧୦୬୨୮୯

ଇମେଲ୍ : ratneswar77@gmail.com

 Magazine Downloaded from www.aahwaan.com


# ବିଶେଷ ଅନୁରୋଧ




ଆହ୍ୱାନ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.tathya

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।




ଆହ୍ୱାନ ଇ-ପତ୍ରିକା ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.aahwaanePatrika

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।

**ନିମ୍ନରେ ଦିଆଯାଇଥିବା ଆହ୍ୱାନ ପତ୍ରିକାର ଇମେଲ୍ ଗ୍ରୁପରେ ଯୋଗ ଦିଅନ୍ତୁ:-**

**https://groups.google.com/forum/#!forum/aahwaan-epatrika**

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : March 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com